# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୨/୨୦୨୫ (୧୮ ପୃଷ୍ଠା) | Bhubaneswar, Thursday, June 12/2025 | Page 18 | ₹ 7.00

୫୧ଶ ଭାଗ ୧୯୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 197 | ମୂଲ୍ୟ₹୭/-



DADLS-29



# କଥାଦେଇ କଥା ରଖିଲେ ଲୋକଙ୍କ ସରକାର



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଲୋକଙ୍କ ପାଇଁ, ଲୋକଙ୍କ ସରକାର

କାର୍ଯ୍ୟକ୍ଷମ ହେଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ଲୋକଙ୍କ ପାଖରେ ପହଞ୍ଚିଲା ସରକାର, ସମ୍ବଲପୁରରେ ହେଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରାୟ ୮୫% ଅଭିଯୋଗ ସମାଧାନ

ଜନଶୁଣାଣି ପୋର୍ଟାଲ୍ ମାଧ୍ୟମରେ ୫ଲକ୍ଷରୁ ଅଧିକ ଅଭିଯୋଗ ସମାଧାନ

## ମହିଳା ସଶକ୍ତିକରଣ

ସୁଭଦ୍ରାରେ ୧ କୋଟିରୁ ଅଧିକ ମହିଳା ଉପକୃତ

୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଆର୍ଥିକ ଅନଗ୍ରସର ପରିବାରର ଝିଅମାନଙ୍କୁ ସ୍ଥାନୀୟ ପରମ୍ପରା ଅନୁସାରେ ଗଣ ବିବାହ

## କୃଷି ଓ କୃଷକ ସଶକ୍ତିକରଣ

ସମୃଦ୍ଧ କୃଷକ ଯୋଜନାରେ ଧାନର କ୍ୱିଣ୍ଟାଲ ପିଛା MSP ଉପରେ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା

ପ୍ରତି ଉପଖଣ୍ଡରେ ଶୀତଳ ଭଣ୍ଡାର ପାଇଁ ନିଷ୍ପତ୍ତି

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୧୫ ଲକ୍ଷରୁ ଅଧିକ ଦୁଗ୍ଧ ଚାଷୀ ଉପକୃତ

## ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା

AB-PMJAY ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଦେଶର ୨୯ ହଜାରରୁ ଅଧିକ ଚିକିତ୍ସାଳୟରେ ନଗଦବିହୀନ ଚିକିତ୍ସା ସୁବିଧା

ପ୍ରତି ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କାର ଉନ୍ନତ ଚିକିତ୍ସା ସୁବିଧା

ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୭୦ ବର୍ଷ ଓ ତଦୁର୍ଦ୍ଧ ବୟସର ବରିଷ୍ଠ ନାଗରିକଙ୍କ ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା

## ଶିକ୍ଷା ବ୍ୟବସ୍ଥାର ରୂପାନ୍ତରଣ

ଜାତୀୟ ଶିକ୍ଷା ନୀତି – ୨୦୨୦ କାର୍ଯ୍ୟକାରୀ

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗୋଟିଏ ଲେଖାଏଁ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ

ଶତାୟୁ ବିଦ୍ୟାଳୟଗୁଡ଼ିକର ନବୀକରଣ ପାଇଁ ଐତିହ୍ୟ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ

## ଗ୍ରାମୀଣ ଭିତ୍ତିଭୂମି ବିକାଶ

ଗ୍ରାମ ଗୁଡିକର ସର୍ବାଙ୍ଗୀନ ବିକାଶ ପାଇଁ ବିକଶିତ ଗାଁ, ବିକଶିତ ଓଡ଼ିଶା

୩ ଲକ୍ଷ ୬୫୮ ଘରୋଇ ଟ୍ୟାପ ସଂଯୋଗୀକୃତ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧୀନରେ ୨.୬୭ ଲକ୍ଷ ଘର ନିର୍ମିତ ଓ ୩୬ ଲକ୍ଷ ନୂତନ ହିତାଧିକାରୀ ଚିହ୍ନଟ

ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରାୟ ୬୦ ହଜାର ହିତାଧିକାରୀଙ୍କୁ ଘର ମଞ୍ଜୁର

## ଜନଜାତି ବିକାଶ

ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ ୧,୭୨,୩୫୬ ଜଣ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଉପକୃତ

ଆବାସିକ ବିଦ୍ୟାଳୟଗୁଡ଼ିକ ପାଇଁ ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ଯୋଜନା

ଜନଜାତି ଶିଶୁମାନଙ୍କ ଶିକ୍ଷା ଏବଂ ଜ୍ଞାନାତ୍ମକ ବିକାଶ ଉଦ୍ଦେଶ୍ୟରେ "ଆମେ ପଢ଼ିବା ଆମ ଭାଷାରେ" ଅଭିଯାନ କାର୍ଯ୍ୟକାରୀ

## ଯୁବବର୍ଗଙ୍କ ପାଇଁ ଅପାର ସୁଯୋଗ

ଅଦ୍ୟାବଧୀ ୨୭,୩୮୨ ମୂଳ ସରକାରୀ ପଦବୀ ପୂରଣ

ସରକାରୀ ଚାକିରୀ ବୟସ ସୀମା ୪୨ କୁ ବୃଦ୍ଧି

ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚ ଶିକ୍ଷାରେ ୧୧.୨୫% ସ୍ଥାନ ସଂରକ୍ଷଣ

## ସମୃଦ୍ଧ ଓଡ଼ିଶା ପାଇଁ ଶିଳ୍ପାୟନ

ଉତ୍କର୍ଷ ଓଡ଼ିଶା-୨୦୨୫ କନକ୍ଲେଭରେ ୫୯୩ଟି ପ୍ରକଳ୍ପ ପ୍ରସ୍ତାବ ଗ୍ରହଣ, ୧୬.୭୩ ଲକ୍ଷ କୋଟି ଟଙ୍କାର ନିବେଶ ଲକ୍ଷ୍ୟ, ୧୨.୮୮ ଲକ୍ଷ ନିଯୁକ୍ତି ସୃଷ୍ଟି

କଳିଙ୍ଗନଗରରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ସମୁଦାୟ ୨୦ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ; ଶୁଭ ଉଦ୍‌ଘାଟନ; ୩୬ ହଜାର ନୂଆ ନିଯୁକ୍ତି ସୃଷ୍ଟି

ଖୋର୍ଦ୍ଧାରେ ୫,୭୭୦ କୋଟି ଟଙ୍କାର ୧୪ଟି ପରିବର୍ତ୍ତନକାରୀ ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ; ଭିତ୍ତି ପ୍ରସ୍ତର ସ୍ଥାପନ; ୩୭ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି




OIPR-15001/13/0683/2526

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

# ଆଜି ପ୍ରକାଶ ପାଇବ +୩ ନାମଲେଖା ମେଧା ତାଲିକା

ଭୁବନେଶ୍ୱର,୧୧।୬(ସୁଚିସ୍ମିତା ସାହୁ)

+୩ ନାମଲେଖା ପାଇଁ ମେଧା ତାଲିକା ଗୁରୁବାର ପ୍ରକାଶ ପାଇବ। ପ୍ରଥମ ପର୍ଯ୍ୟାୟରେ ୪ଟି ରାଉଣ୍ଡ୍‌ରେ ନାମ ଲେଖାଯିବ। ଏଥିପାଇଁ ଚୟନ ହୋଇଥିବା ଛାତ୍ରୀଛାତ୍ର ୧୨ରୁ ୧୭ତାରିଖ ମଧ୍ୟରେ ନାମଲେଖା ଫି' ଜମା କରିବା ସହ ନାମଲେଖାଇ ପାରିବେ। ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ୨୨ ତାରିଖରେ ପ୍ରକାଶ ପାଇବ। ଏହି ପର୍ଯ୍ୟାୟରେ ଚୟନ ହୋଇଥିବା ଛାତ୍ରୀଛାତ୍ର ୨୫ ତାରିଖ ମଧ୍ୟରେ ଫି' ଜମା କରି ନାମଲେଖାଇ ପାରିବେ। ସେହିପରି ଜୁଲାଇ୧ରେ ତୃତୀୟ ପର୍ଯ୍ୟାୟ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ

## ଜୁଲାଇ ୧୦ରୁ ପ୍ରଥମ ବର୍ଷ ପାଠପଢ଼ା

ପାଇବ ଓ ଚୟନ ହୋଇଥିବା ଛାତ୍ରୀଛାତ୍ର ୪ ତାରିଖ ସୁଦ୍ଧା ନାମଲେଖା ଫି' ଜମା ସହ ନାମଲେଖାଇବେ। ଏହାପରେ ବଳକା ସିଟ୍‌ରେ ନାମଲେଖା ପାଇଁ ଚତୁର୍ଥ ପର୍ଯ୍ୟାୟ ଆବେଦନ ହେବ। ଏଥିପାଇଁ ପିଲାମାନେ ଜୁଲାଇ ୭ରୁ ୧୦ ତାରିଖ ମଧ୍ୟରେ ଅନ୍‌ଲାଇନ୍ ଆବେଦନ କରିବେ। ୧୨ ତାରିଖରେ ଇ-ସ୍ପେସ୍‌ରେ ମେଧା ତାଲିକା ପ୍ରକାଶ ପାଇବ ଓ ୧୩ ତାରିଖରେ ଚୟନ ହୋଇଥିବା ଉଚ୍ଚଶିକ୍ଷାନୁଷ୍ଠାନର ନୋଟିସ୍ ବୋର୍ଡରେ ତାଲିକା ପ୍ରକାଶ ପାଇବ। ସେମାନେ ୧୪ରେ ନାମଲେଖା ଫି' ଜମା କରିବା ସହ ୧୫ରେ ନାମଲେଖାଇବେ। ଜୁଲାଇ ୧୦ରୁ +୩ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଚୟନ ହୋଇଥିବା କଲେଜରେ ପଢ଼ିବା ପାଇଁ ଆଗ୍ରହୀ ଥିଲେ ଛାତ୍ରୀଛାତ୍ରମାନେ ଫ୍ରିଜ୍ ଅପସନ୍ ଦେବେ। ଅନ୍ୟଥା ସ୍ଲାଇଡ୍ ବା ଫ୍ଲୋଟ୍ ଅପସନ୍ ଦେଇପାରିବେ। ଫ୍ରିଜ୍ ଅପସନ୍ ଦେଇଥିବା ଛାତ୍ରୀଛାତ୍ର କଲେଜକୁ ଯାଇ ନାମଲେଖାଇବେ। ସ୍ଲାଇଡ୍ ବା ଫ୍ଲୋଟ୍ ଅପସନ୍ ଦେଲେ କଲେଜକୁ ନ ଯାଇ କେବଳ ଅନ୍‌ଲାଇନ୍‌ରେ ଫି' ଜମା କରିବେ।

# ପଦ୍ମବନ ପୀଠ: ଦୀପ ଷ୍ଟାଣ୍ଡରୁ ନିଆଁ ଉଠି ଟେଣ୍ଟ ଜଳିଲା



ଦେବସ୍ନାନ ଉତ୍ସବ



ନେମାଳ/ନିଶ୍ଚିନ୍ତକୋଇଲି, ୧୧।୬(କିରଣ ଶଙ୍କର ନାୟକ/ଅଶୋକ କୁମାର ମହାପାତ୍ର)

କଟକ ଜିଲା ନେମାଳ ଥାନା ପଦ୍ମବନ ପୀଠ ମାଳିକା ବର୍ଣ୍ଣିତ ପ୍ରସିଦ୍ଧ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପବିତ୍ର ନିର୍ବିକଳ୍ପ ଶୂନ୍ୟ ସମାଧି ଦିବସ ଓ ଦେବସ୍ନାନ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ରାଜ୍ୟର କୋଣ ଅନୁକୋଣରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି। ପ୍ରଶାସନର ଦୂରଦୃଷ୍ଟି ଅଭାବ ତଥା ଟ୍ରଷ୍ଟ କର୍ମକର୍ତ୍ତାଙ୍କ ଅବହେଳା ଯୋଗୁ ପୀଠ ଉପରେ ଥିବା ଦୀପ ଷ୍ଟାଣ୍ଡରୁ ଅଗ୍ନିକାଣ୍ଡ ଘଟିଥିଲା। ଦୀପ ଷ୍ଟାଣ୍ଡ ଉପରେ ଥିବା ଟେଣ୍ଟରେ ନିଆଁ ଲାଗିଯାଇଥିଲା। ନେମାଳ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପାଣି ପକାଇବା ସହ ଟେଣ୍ଟକୁ ଖୋଲିଦେବାରୁ ନିଆଁକୁ ଆୟତ୍ତ କରାଯାଇଥିଲା।

ଅପରପକ୍ଷରେ ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ପାରମ୍ପରିକ ରୀତିନୀତି ଅନୁଯାୟୀ ସ୍ନାନନୀତି ସମାପନ ପରେ ଚନ୍ଦନ ଓ ତୁଳସୀ ଲାଗି କରାଯାଇଥିଲା। ପରେ ମହାପୁରୁଷଙ୍କୁ ନୂତନ ବସ୍ତ୍ର ପରିଧାନ ପରେ ମସ୍ତକରେ ସ୍ୱର୍ଣ୍ଣ ଓ ରୁପା ମିଶ୍ରିତ ମୁକୁଟକୁ ଲାଗି କରାଯାଇଥିଲା। ସନ୍ଧ୍ୟାରେ ଚିତ୍ରୋତ୍ପଳା ନଦୀ ତଟରେ ବାଲୁକା ଚିତ୍ର ପ୍ରଦର୍ଶନ କରାଯାଇଥିଲା। ରାସ କୀର୍ତ୍ତନ, ମାଳିକା ଆଲୋଚନା, ପ୍ରବଚନ ଓ ପାରମ୍ପରିକ ନୃତ୍ୟ ଗୀତର ସମ୍ଭାର ଦେଖିବାକୁ ମିଳିଥିଲା। କଟକ ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ନିଶ୍ଚିନ୍ତକୋଇଲି ତହସିଲଦାର ଅନୀତା ନାୟକ ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ପ୍ରମୁଖ ପୀଠରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ଯୁବକ, ସ୍ୱେଚ୍ଛାସେବୀ ସଂଘର କର୍ମକର୍ତ୍ତା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ସେବାୟତ ଧରଣୀଧର ପୂଜାରୀ, ପ୍ରସନ୍ନ ବେଉରିଆ, ଅଜୟ ପୃଷ୍ଟି, ହରେକୃଷ୍ଣ ପୂଜାରୀ, ହିମାଂଶୁ ଶେଖର ଦାସ, ବଳଦେବାନନ୍ଦ ଦାସ, ସେବାୟତ ସଂଘ ସଭାପତି କ୍ଷମାନିଧି ପୂଜାରୀ ପ୍ରମୁଖ ଉପସ୍ଥିତ ରହି ଉତ୍ସବ ପରିଚାଳନା କରିଥିଲେ।

# ୭ ଦିନ ବର୍ଷିବ, ଆଜିଠୁ ତାତି କମିବ

ଭୁବନେଶ୍ୱର,୧୧।୬
(ଅନୁରାଧା ମହାରଣା)

ରାଜ୍ୟରେ କିଛିଦିନ ହେବ ଖରା, ଗୁଳୁଗୁଳି ସହ ବର୍ଷା ହେଉଛି। ହେଲେ ଗୁରୁବାରଠାରୁ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇବ। ତା'ସହ ଗୁଳୁଗୁଳି ବି କମିବ। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ। ଅନେକ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହିତ ବର୍ଷା ହେବାକୁ ଥିବା ବେଳେ କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ଗୁରୁବାର ସକାଳ ସୁଦ୍ଧା ସବୁ ଜିଲାରେ ବିଜୁଳି, ଘଡ଼ଘଡ଼ି ଓ ପବନ ସହ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ମୟୂରଭଞ୍ଜ, ବାଲେଶ୍ୱର, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଆଦି ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ୧୩ ତାରିଖ ସକାଳ ପର୍ଯ୍ୟନ୍ତ ରାଜ୍ୟର ସବୁ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଘଡ଼ଘଡ଼ି, ବିଜୁଳି ସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ୧୪ ତାରିଖରେ ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ଗଞ୍ଜାମ ଓ ଗଜପତି ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ୧୫ ତାରିଖରେ ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ ଓ ଗଜପତି ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷାହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୬ ତାରିଖରେ ମାଲକାନଗିରି ଓ କୋରାପୁଟ ଏବଂ ୧୭ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଥିବାରୁ ଏସବୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଆଧାର କାର୍ଡ ନ ଥିଲେ ସ୍କୁଲରେ ନାମଲେଖାଇ ହେବ

ଭୁବନେଶ୍ୱର,୧୧।୬ (ସୁଚିସ୍ମିତା ସାହୁ)

ଚଳିତ ବର୍ଷରୁ ସ୍କୁଲରେ ନାମଲେଖା ପାଇଁ ଆଧାର କାର୍ଡ ବାଧ୍ୟତାମୂଳକ କରାଯାଇଥିଲା। କିନ୍ତୁ ଏବେ ସେଥିରେ କୋହଳ କରାଯାଇଛି। ଯେଉଁ ପିଲାଙ୍କର ଆଧାର କାର୍ଡ ନାହିଁ, ସେମାନେ ମଧ୍ୟ ଆଡ୍‌ମିଶନ କରିପାରିବେ। ପରବର୍ତ୍ତୀ ସମୟରେ ପିଲାମାନେ ସ୍କୁଲରେ ନିଜ ଆଧାର କାର୍ଡର କପି ଦାଖଲ କରିପାରିବେ। ଯେଉଁ ପିଲାଙ୍କର ଆଧାର କାର୍ଡ ନାହିଁ ଓ କେମିତି ସେମାନଙ୍କର ଆଧାର କାର୍ଡ ହୋଇପାରିବ, ସେଥିପାଇଁ ସରକାର ବ୍ୟବସ୍ଥା କରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଏଥିସହ ମନ୍ତ୍ରୀ କହିଲେ, ସ୍କୁଲ ଡ୍ରପ୍ ଆଉଟ ହାର କମାଇବା ପାଇଁ ଚେଷ୍ଟା କରାଯାଉଛି। ଏନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ଚାଇଲ୍ଡ ଟ୍ରାକିଂ ସର୍ଭେ ଆରମ୍ଭ କରାଯାଇଛି। କେଉଁ କାରଣରୁ ପିଲାମାନେ ଡ୍ରପ୍ ଆଉଟ ହେଉଛନ୍ତି। ଅଭିଭାବକମାନେ କାହିଁକି ପିଲାଙ୍କୁ ସ୍କୁଲକୁ ଛାଡୁନାହାନ୍ତି। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ୧୮ ବର୍ଷ ବୟସର ପିଲାଙ୍କୁ ଏହି ସର୍ଭେରେ ସାମିଲ କରାଯାଇଛି। ଶିକ୍ଷକମାନେ ଘର ଘର ବୁଲି ପିଲାଙ୍କ ତଥ୍ୟ ଆଣୁଛନ୍ତି। ସର୍ଭେ ରିପୋର୍ଟ ଅନୁସାରେ ପଦକ୍ଷେପ ନେବାକୁ ସରକାର ପ୍ରସ୍ତୁତ ହେଉଛନ୍ତି। ଡ୍ରପ୍ ଆଉଟ୍ କମାଇବା ପାଇଁ ସରକାରଙ୍କ ପକ୍ଷରୁ ନୂଆ ନୂଆ ପଦକ୍ଷେପ ଗ୍ରହଣ କରାଯାଉଛି।







DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୨/୨୦୨୫
Bhubaneswar, Thursday, June 12/2025




ପୁରୀ ଶ୍ରୀମନ୍ଦିର ସ୍ନାନମଣ୍ଡପରେ ବୁଧବାର ସ୍ନାନବେଶରେ ଦାରୁଦିଅଁ। ମହାପ୍ରଭୁଙ୍କ ସ୍ନାନ ପାଇଁ ସେବାୟତମାନେ ସୁନାକୂଅରୁ ଜଳ ନେଇ ଆସୁଛନ୍ତି। (ରିପୋର୍ଟ ଓ ଅଧିକ ଫଟୋ: ପୃଷ୍ଠା-୬)

**ଆଜିର ସମ୍ପାଦକୀୟ** ବୌଦ୍ଧ କାହାଣୀରେ ଭିନ୍ନତା

# ସ୍ନାନଯାତ୍ରା ଦିନ ସେବାୟତଙ୍କୁ ହତ୍ୟା

**ମହାପ୍ରଭୁଙ୍କ ସ୍ନାନଯାତ୍ରା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ପୁରୀରେ ବୁଧବାର ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପୂରା ସହର ପୋଲିସ ଛାଉଣୀ ପାଲଟିଥିଲା। ଏଭଳିସ୍ଥଳେ ସ୍ପଷ୍ଟ ଦିବାଲୋକରେ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଶ୍ରୀମନ୍ଦିରର ବରିଷ୍ଠ ସୂପକାର ସେବାୟତ ଜଗନ୍ନାଥ ଦୀକ୍ଷିତ (୮୦)ଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଜଗନ୍ନାଥଙ୍କ ଘର ପୁରୀ ଟାଉନ ଥାନା ଅନ୍ତର୍ଗତ ମହାସୁଆର ସାହିରେ ହୋଇଥିବାବେଳେ ସ୍ଥାନୀୟ ଗୁଡ଼ିଆ ସାହିର ରାବେଣି ଚଉରା ନିକଟରେ ତାଙ୍କୁ ହତ୍ୟା କରାଯାଇଛି। ପୂର୍ବ ଶତ୍ରୁତା ଓ ଟଙ୍କା କାରବାର ଏହି ଘଟଣା ପଛର କାରଣ ବୋଲି ସନ୍ଦେହ କରାଯାଉଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଥିବାବେଳେ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।**

ପୁରୀ,୧୧।୬ (ଅଜିତ କୁମାର ମହାନ୍ତି)

ହତ୍ୟାକାଣ୍ଡର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବାବେଳେ ଘଟଣାରେ ସମ୍ପୃକ୍ତ ଥିବା ଗୁଡ଼ିଆ ସାହିର ନାରାୟଣ ପାଢୀଯୋଶୀଙ୍କୁ ପୋଲିସ ଚିହ୍ନଟ କରିଛି। ସେ ଫେରାର

**ପୁରୀରେ ଚାଞ୍ଚଲ୍ୟ**

ହୋଇଯାଇଥିବାବେଳେ ତାଙ୍କୁ ରାତି ପ୍ରାୟ ୮ଟାରେ ତାଙ୍କ ଶ୍ୱଶୁର ଘର ତଥା ପୁରୀ ସଦର ଥାନା ଅନ୍ତର୍ଗତ ଶାସନ ଦାମୋଦରପୁର ଗ୍ରାମରୁ ଗିରଫ କରାଯାଇଛି। ନାରାୟଣ ଓ ଜଗନ୍ନାଥ ସମ୍ପର୍କୀୟ ହେବେ ବୋଲି ଜଣାପଡ଼ିଛି। ଘଟଣାରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ହତ୍ୟାର ପ୍ରକୃତ କାରଣ ଖୋଜୁଛି।

ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ପ୍ରାୟ ୨ଟାରୁ ୨ଟା ୩୦ ମଧ୍ୟରେ ଏହି ଘଟଣା ଘଟିଛି। ଖବର ପାଇ ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରିଛି। ତେବେ ନାରାୟଣ ନିଜ ଘର ଆଗରେ ଜଗନ୍ନାଥଙ୍କ ରକ୍ତ ଜୁଡୁବୁଡୁ ମୃତଦେହକୁ ପକାଉଥିବାର ଦୃଶ୍ୟ ନିକଟସ୍ଥ ସିସିଟିଭିରେ କଏଦ ହୋଇଛି। ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରାଯାଇଥିବା କୁହାଯାଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଘଟଣାକୁ ନେଇ ମୃତକଙ୍କ ପୁତୁରା ଭୀମସେନ ଦୀକ୍ଷିତ କହିଛନ୍ତି, ବୁଧବାର ପୂର୍ବାହ୍ନରେ ଜଗନ୍ନାଥ ସ୍ନାନଯାତ୍ରାରେ ତାଙ୍କର ସେବା ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ସେବା ସାରି ଫେରିବାବେଳକୁ ଏହି ଘଟଣା ଘଟିଛି। ତେବେ କିଏ ଓ କାହିଁକି ତାଙ୍କୁ ହତ୍ୟା କରିଛନ୍ତି ତାହା ଜଣାପଡ଼ିନାହିଁ। ଅନ୍ୟପକ୍ଷରେ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ କହିଛନ୍ତି, ବ୍ୟକ୍ତିଗତ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡୁଛି। ଆଗକୁ ଅଧିକ ତଦନ୍ତ ପରେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ।

# ଆଧାର ନ ଥିଲେ ତତ୍କାଳ ଟିକେଟ ମନା





ନୂଆଦିଲ୍ଲୀ,୧୧।୬

ଆଧାର କାର୍ଡ ନ ଥିଲେ ଯାତ୍ରୀମାନେ ଟ୍ରେନ୍‌ରେ ତତ୍କାଳ ଟିକେଟ ପାଇପାରିବେ ନାହିଁ। ଆସନ୍ତା ଜୁଲାଇ ୧ରୁ କେବଳ ଆଧାର ପ୍ରମାଣୀକୃତ ୟୁଜର୍ସ ହିଁ ତତ୍କାଳ ଟିକେଟ ପାଇବେ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି।

ଜୁନ୍ ୧୦ରେ ଜାରି ଏକ ବିଜ୍ଞପ୍ତିରେ ରେଳ ମନ୍ତ୍ରଣାଳୟ ସମସ୍ତ ଜୋନ୍‌କୁ ଏନେଇ ଜଣାଇଦେଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ତତ୍କାଳ ସ୍କିମ୍‌ର ଏହି ସୁବିଧା ସାଧାରଣ ୟୁଜର୍ସଙ୍କୁ ପ୍ରଦାନ କରିବା ନେଇ ସୁନିଶ୍ଚିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ୨୦୨୫ ଜୁଲାଇ ୧ରୁ ତତ୍କାଳ ସ୍କିମ୍ ଅଧୀନରେ ଇଣ୍ଡିଆନ୍ ରେଲୱେ କ୍ୟାଟରିଂ ଆଣ୍ଡ୍ ଟୁରିଜମ୍ କର୍ପୋରେଶନ୍ (ଆଇଆର୍‌ସିଟିସି) ୱେବ୍‌ସାଇଟ୍ କିମ୍ବା ଆପ୍ ଜରିଆରେ ଟିକେଟ ବୁକ୍ କରାଯାଇପାରିବ। କେବଳ ଆଧାର ଅଥେଣ୍ଟିକେଟେଡ୍ ୟୁଜର୍ସ ହିଁ ଏହି ସୁବିଧା ପାଇପାରିବେ ବୋଲି ମନ୍ତ୍ରଣାଳୟ କହିଛି। ଆଧାରଭିତ୍ତିକ ୱାନ୍-ଟାଇମ୍ ପାସ୍‌ୱାର୍ଡ (ଓଟିପି) ଅଥେଣ୍ଟିକେଶନ୍‌କୁ ମଧ୍ୟ ତତ୍କାଳ ବୁକିଂ ପାଇଁ ଜୁଲାଇ ୧୫ରୁ ବାଧ୍ୟତାମୂଳକ କରାଯାଇଛି।

ବୁକିଂ ସମୟରେ ୟୁଜର୍ସ ଦେଇଥିବା ନିଜ ମୋବାଇଲ୍ ନମ୍ବରକୁ ଆସିଥିବା ସିଷ୍ଟମ୍-ଜେନେରେଟେଡ୍ ଓଟିପିର ଅଥେଣ୍ଟିକେଶନ୍ ପରେ ହିଁ ଇଣ୍ଡିଆନ୍ ରେଲୱେର କମ୍ପ୍ୟୁଟରୀକୃତ ପାସେଞ୍ଜର ରିଜର୍ଭେଶନ୍ ସିଷ୍ଟମ୍ (ପିଆର୍‌ଏସ୍) କାଉଣ୍ଟର/ଅଧିକୃତ ଏଜେଣ୍ଟଙ୍କ ନିକଟରେ ତତ୍କାଳ ଟିକେଟ ଉପଲବ୍ଧ ହୋଇପାରିବ। ଜୁଲାଇ ୧୫ରୁ ଏହା କାର୍ଯ୍ୟକାରୀ ହେବ ବୋଲି ଉକ୍ତ ସର୍କୁଲାରରେ ଉଲ୍ଲେଖ କରାଯାଇଛି। ଏଥିରେ ଆହୁରି କୁହାଯାଇଛି ଯେ, ଇଣ୍ଡିଆନ୍ ରେଲୱେର ଅଧିକୃତ ଟିକେଟ ଏଜେଣ୍ଟମାନଙ୍କୁ ତତ୍କାଳ ବୁକିଂ ୱିଣ୍ଡୋ ଖୋଲିବାର ପ୍ରଥମ ୩୦ ମିନିଟ୍ ଭିତରେ ସେହିଦିନ ପାଇଁ ଟିକେଟ ବୁକିଂ ନିମନ୍ତେ ଅନୁମତି ଦିଆଯିବ ନାହିଁ। ନିର୍ଦ୍ଦିଷ୍ଟ ଭାବେ ବାତାନୁକୂଳ (ଏସି) ଶ୍ରେଣୀ ପାଇଁ ପୂର୍ବାହ୍ନ ୧୦ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ଏବଂ ନନ୍-ଏସି କ୍ଲାସ୍ ଲାଗି ପୂର୍ବାହ୍ନ ୧୧ଟାରୁ ୧୧ଟା ୩୦ ମିନିଟ ଯାଏ ସେମାନଙ୍କୁ ତତ୍କାଳ ଟିକେଟ ବୁକିଂ କରିବାକୁ ବାରଣ କରାଯିବ। ରେଳପଥର ସମସ୍ତ ଜୋନ୍‌ରେ ଏନେଇ ଆବଶ୍ୟକ ପରିବର୍ତ୍ତନ ଦିଗରେ ପଦକ୍ଷେପ ନେବା ପାଇଁ ସେଣ୍ଟର ଫର୍ ରେଲୱେ ଇନ୍‌ଫର୍ମେଶନ୍ ସିଷ୍ଟମ୍ସ (ସିଆର୍‌ଆଇଏସ୍) ଏବଂ ଆଇଆର୍‌ସିଟିସିକୁ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ନୂଆ ନିୟମ ସମ୍ପର୍କରେ ସାଧାରଣ ଜନତାଙ୍କୁ ଅବଗତ କରାଇବା ପାଇଁ ସବୁ ପ୍ରକାର ଉପଲବ୍ଧ ମାଧ୍ୟମ ବ୍ୟବହାରକରି ସଚେତନତା ସୃଷ୍ଟିକରିବାକୁ ମଧ୍ୟ ରେଲୱେ ପକ୍ଷରୁ ନିର୍ଦ୍ଦେଶ ରହିଛି।

# ଟ୍ରେନ୍ ଛାଡ଼ିବାର ୨୪ ଘଣ୍ଟା ପୂର୍ବରୁ ଯାତ୍ରୀ ତାଲିକା

ନୂଆଦିଲ୍ଲୀ,୧୧।୬

ଟ୍ରେନ୍ ଷ୍ଟେଶନ୍ ଛାଡ଼ିବାର ୨୪ ଘଣ୍ଟା ପୂର୍ବରୁ ଯାତ୍ରୀମାନଙ୍କ ତାଲିକା ଜାରି କରାଯିବ। ଭାରତୀୟ ରେଳପଥ ଖୁବ୍‌ଶୀଘ୍ର ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଚିନ୍ତା କରୁଛି। ଯାତ୍ରୀ ବୁକ୍ କରିଥିବା ସିଟ୍ କନ୍‌ଫର୍ମ ହୋଇଛି କି ନାହିଁ/ ସେମାନେ ୱେଟ୍-ଲିଷ୍ଟରେ ରହିଛନ୍ତି କି ସେନେଇ ଟ୍ରେନ୍ ଷ୍ଟେଶନ୍ ଛାଡ଼ିବାର ୪ ଘଣ୍ଟା ପୂର୍ବରୁ ବର୍ତ୍ତମାନ ପ୍ରକାଶ ପାଉଥିବା ଚାର୍ଟରେ ଉଲ୍ଲେଖ

**ଖୁବ୍‌ଶୀଘ୍ର ଆସିପାରେ ନିୟମ**

ରହୁଛି। ନୂଆ ଯୋଜନା କାର୍ଯ୍ୟକାରୀ ହେଲେ ଯାତ୍ରୀମାନେ ସେମାନଙ୍କ ଟିକେଟ ଷ୍ଟାଟସ୍ ସମ୍ପର୍କରେ ଦିନକ ପୂର୍ବରୁ ଜାଣିପାରିବେ। ଫଳରେ ସେମାନେ ଟିକେଟ ରଦ୍ଦ, ପୁନଃ ବୁକିଂ କିମ୍ବା ଅନ୍ୟ ଯାତ୍ରା ବିକଳ୍ପ ସନ୍ଧାନ ପାଇଁ ଆଗୁଆ ସୁଯୋଗ ପାଇପାରିବେ। ରିପୋର୍ଟ ଅନୁଯାୟୀ ରେଳ ମନ୍ତ୍ରଣାଳୟ ରାଜସ୍ଥାନର ବିକାନେର ଡିଭିଜନ୍‌ରେ ଏହି ନୂଆ ନିୟମକୁ ପରୀକ୍ଷାମୂଳକ ଭାବେ ଆରମ୍ଭ କରିସାରିଛି। ଉକ୍ତ ପାଇଲଟ୍ ପ୍ରୋଜେକ୍ଟରେ କେତୋଟି ଟ୍ରେନ୍‌କୁ ସାମିଲ କରାଯାଇଛି। ୨୪ ଘଣ୍ଟିଆ ସିଷ୍ଟମ୍ ପ୍ରକୃତପକ୍ଷେ କେତେ କାର୍ଯ୍ୟକାରୀଯୋଗ୍ୟ ଏବଂ ତ୍ରୁଟିମୁକ୍ତ ହୋଇପାରୁଛି ତାହା ଅନୁଧ୍ୟାନ କରାଯାଉଛି। ଏଥିରେ ସଫଳତା ମିଳିଲେ ସାରା ଦେଶରେ ନୂଆ ନିୟମ କାର୍ଯ୍ୟକାରୀ କରାଯିବ।








# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବିକାଶ ବାହନର ଶୁଭାରମ୍ଭ, ସ୍ଥାନ: ମହାତ୍ମା ଗାନ୍ଧୀ ମାର୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ରଜ ପ୍ରତିଭା ଉତ୍ସବ, ସ୍ଥାନ: ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ବିଶାଖାପାଟଣା ଷ୍ଟିଲ ପ୍ଲାଣ୍ଟ ଶ୍ରମିକଙ୍କ ଧର୍ମଘଟକୁ ସମର୍ଥନ ଜଣାଇ ଏଆଇଟିୟୁସି ପକ୍ଷରୁ ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମାସିକ ଓଡ଼ିଆ ଖବରକାଗଜ 'ଶାନ୍ତିସ୍ତୁପ'ର ଚତୁର୍ଥ ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ଶିକ୍ଷା ବିକାଶ ସମିତି, ଓଡ଼ିଶାର ପ୍ରାଦେଶିକ ସମ୍ପାଦକ ଓ ପ୍ରଧାନଆଚାର୍ଯ୍ୟଙ୍କ ସମ୍ମିଳନୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁମନ୍ଦିର, ଗତିରାଉତ ପାଟଣା, କେଶବଧାମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କବି ନନ୍ଦକିଶୋର ସାମଲଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା
କବି ଅନନ୍ତ ପଟ୍ଟନାୟକଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ଉତ୍ସବ, ସ୍ଥାନ: ବାଗଦେବୀ ବିଦ୍ୟା ମନ୍ଦିର ସଭାଗୃହ, ବାଲିପାଟଣା, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ବିକାଶ ବାହନ କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଆତିଥ୍ୟ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଭଦ୍ରକ
- ବିକାଶ ବାହାନ ଉତ୍ସବ, ସ୍ଥାନ: ବ୍ଲକ କାର୍ଯ୍ୟଳୟ ପରିସର, ତିହିଡ଼ି, ସମୟ: ସକାଳ ୭ଟା୧୫।
- ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ସାଳନ୍ଦୀ ଓ ବୈତରଣୀ ବଞ୍ଚାଅ ଅଭିଯାନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ପାଟଣା ବ୍ଲକ୍ ରାଜନଗର ଦଧିବାମନଜୀଉଙ୍କ ରଥଯାତ୍ରା ପ୍ରସ୍ତୁତି, ସ୍ଥାନ: ରାଜନଗର ପଞ୍ଚାୟତ ଅଫିସ, ପାଟଣା, ସମୟ: ସକାଳ ୯ଟା।

- ବିକାଶ ବାହନ ଯାତ୍ରା ଆରମ୍ଭ, ସ୍ଥାନ: ବଡ଼ ପାଟଣା ପଞ୍ଚାୟତ, ପାଟଣା, ସମୟ: ସକାଳ ୭ଟା ୩୦।

## ମୟୂରଭଞ୍ଜ
- ବିକାଶ ବାହାନ ରଥର ଶୁଭରାମ୍ଭ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ବାରିପଦା, ସମୟ: ସକାଳ ୭ଟା।
- ଶିଶୁ ଶ୍ରମ ନିରାକରଣ ସଚେତନତା ରଥର ଶୁଭାରମ୍ଭ ଓ ରାଲି, ସ୍ଥାନ: ଶ୍ରମିକ କାର୍ଯ୍ୟାଳୟ ପରିସର, ପାଲବଣି ,ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ମୟୂର କଳା ଭୂମି ପକ୍ଷରୁ ଡ୍ୟାନ୍ସ ତାଲିମ ଶିବିର, ସ୍ଥାନ:ତୁଳସୀ ମଣ୍ଡପ, ଡାରଗାଡାହି ଗୋଲେଇ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ବିଜୁଜନତା ଦଳ ପକ୍ଷରୁ କଳାଦିବସ ପାଳନ, ସ୍ଥାନ: ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ,ସମୟ:ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ ପ୍ରସାଦ ସେବନ, ସ୍ଥାନ: ଚିତ୍ରଡ଼ା ମାର୍କେଟ ସାହି, ମୋରଡ଼ା, ସମୟ:ଅପରାହ୍ନ ୧ଟା।
- ଡିଆର୍‌କେ କ୍ଲବ୍ ଆନୁକୂଲ୍ୟରେ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡିୟମ, ବାରିପଦା, ସମୟ: ଅପରାହ୍ନ ୫ଟା।
- ସ୍ୱରତାଲ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା,ସ୍ଥାନ:ନିତୁଆପଦା ଛଉ ପଡ଼ିଆ, ମୋରଡ଼ା, ସମୟ:ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ମୋହନ ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ଖବରଦାତା ସମ୍ମିଳନୀ, ସ୍ଥାନ: ଗାନ୍ଧୀନଗର ଛାୟା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଗଞ୍ଜାମ
- ବିକାଶ ବାହନ ରଥ ପରିକ୍ରମା ଶୁଭାରମ୍ଭ, ସ୍ଥାନ : ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ : ସକାଳ ୭ଟା ୩୦।
- ବିକାଶ ବାହନ ଯାତ୍ରାର ଶୁଭାରମ୍ଭ, ସ୍ଥାନ: ଗଞ୍ଜାମ ଜିଲାପାଳ ଅଫିସ ପରିସର, ସମୟ: ସକାଳ ୮ ଟା।
- ଅଧ୍ୟାତ୍ମିକ ଜ୍ଞାନ ଯଜ୍ଞ କାର୍ଯ୍ୟକ୍ରମ, ସ୍ଥାନ: ସରସତୀ ଶିଶୁ ବିଦ୍ୟାମନ୍ଦିର ବୁଗୁଡ଼ା, ସମୟ: ସନ୍ଧ୍ୟା ୭ ଟା।

## କନ୍ଧମାଳ
- ବିକାଶ ବାହାନ ଯାତ୍ରା, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ବାଲିଗୁଡ଼ା, ସମୟ: ସକାଳ ୭. ୩୦।
- ବିଶ୍ୱ ଶିଶୁ ଶ୍ରମିକ ବିରୋଧୀ ଦିବସରେ ସଭା ଓ ଶୋଭାଯାତ୍ରା, ସ୍ଥାନ : ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳ. ସମୟ : ସକାଳ ୮ଟା ୩୦ ।

## ଅନୁଗୋଳ
- ପି.ଏମ୍. ଆବାସ ଯୋଜନାରେ କାର୍ଯ୍ୟାଦେଶ ଲାଗୁ, ସ୍ଥାନ: ଆଠମଲ୍ଲିକ ସହରସ୍ଥିତ କଲ୍ୟାଣମଣ୍ଡପ, ସମୟ: ସକାଳ ୮ଟା ୩୦।

## କେନ୍ଦ୍ରାପଡ଼ା
- ଶ୍ରୀବଳଦେବଜୀଉଙ୍କ ପଟି ଦିଅଁ ଦର୍ଶନ, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ଶ୍ରୀ ଦଧିବାମନଜୀଉଙ୍କ ପଟି ଦିଅଁ ଦର୍ଶନ, ସ୍ଥାନ: ଚଉଦକୁଲାଟ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୮ଟା।
- ଶ୍ରୀ ଦଧିବାମନଜୀଉଙ୍କ ପଟି ଦିଅଁ ଦର୍ଶନ, ସ୍ଥାନ: ଡେରାବିଶ, ସମୟ: ସକାଳ ୯ଟା।
- ଇସ୍କନ ରାଜନଗର ପକ୍ଷରୁ ନାମଯଜ୍ଞ, ସ୍ଥାନ: ବ୍ରାହ୍ମଣ ସାହି, ଗଜରାଜପୁର, ରାଜନଗର, ସମୟ: ସକାଳ ୯ଟା।
- ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ, ସ୍ଥାନ: ପଞ୍ଚାୟତ ସମିତି ଗୃହ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ବିକାଶ ମେଳା ଓ ପଲ୍ଲୀଶ୍ରୀ ମେଳା, ସ୍ଥାନ: ମାଉସୀ ମାଆ ମନ୍ଦିର ସମ୍ମୁଖ ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।
- ମା'ପାଟଦେଇ ମଙ୍ଗଳାଙ୍କ ପୀଠରେ ନାମ ଯଜ୍ଞ, ସ୍ଥାନ: ବଡମଙ୍ଗ, ଆଳି, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ବିକଶିତ କୃଷି ସଙ୍କଳ୍ପ ଅଭିଯାନ,ସ୍ଥାନ : ବିଞ୍ଝାରପୁର ବ୍ଲକ ଅନୁରି ପଞ୍ଚାୟତ କରପଡା, କୁଆଁରପୁର ଓ ବଳଭଦ୍ରପୁର ଗ୍ରାମ, ପ୍ରୀତିପୁର ପଞ୍ଚାୟତର ପ୍ରୀତିପୁର ଓ ଅଳକୁଣ୍ଡ ଗ୍ରାମ, ସମୟ : ପୂର୍ବାହ୍ନ ୯ଟା।

## ନୟାଗଡ଼
- ନୟାଗଡ ମ୍ୟୁନିସିପାଲିଟି ପକ୍ଷରୁ ବିକାଶ ଯାତ୍ରା ପାଇଁ ରଥର ଶୁଭାରମ୍ଭ, ସ୍ଥାନ: ନୟାଗଡ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।

## ରାୟଗଡ଼ା
- ବିକାଶ ବାହନ ପରିକ୍ରମା, ସ୍ଥାନ: ବିଷମ କଟକ, ସମୟ: ସକାଳ ୭ଟା ୩୦ ।
- ବିକାଶ ବାହନ ଶୁଭାରମ୍ଭ, ସ୍ଥାନ: ରାଗଡା ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: ଅଶୋକ କଲ୍ୟାଣ ମଣ୍ଡପ, ରାୟଗଡା, ସମୟ: ପୂର୍ବାହ୍ନ ୧୧ଟା ।
- ବିକାଶ ମେଳା ଉଦ୍‌ଘାଟନ, ସ୍ଥାନ: ଜିସିଡି ଖେଳ ପଡିଆ, ରାୟଗଡା, ସମୟ: ଅପରାହ୍ନ ୫ଟା ।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜିସିଡି ଖେଳ ପଡିଆ,ରାୟଗଡା, ସମୟ: ସନ୍ଧ୍ୟା ୬ଟା ।

## ନବରଙ୍ଗପୁର
- ସେବା ଓ ବିକାଶ ର ଜୟଯାତ୍ରା ରଥ ଶୁଭାରମ୍ଭ, ସ୍ଥାନ: ତେନ୍ତୁଲିଖୁଣ୍ଟି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ବାହାନ ଶୁଭାରମ୍ଭ, ସ୍ଥାନ: ମଣ୍ଡେଇ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ
- ଶିଶୁ ଶ୍ରମିକ ସଚେତନତା ରଥ ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ପୋଲିସ ପଡ଼ିଆ, ସମୟ: ସକାଳ ୯ ଟା।
- ଜିଲାସ୍ତରୀୟ କୁଇ (କନ୍ଧ) ସମ୍ମିଳନୀ, ସ୍ଥାନ: ଲକ୍ଷ୍ମୀପୁର ବାସନ୍ତୀ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟନ, ସ୍ଥାନ : କୋରାପୁଟ ପୋଲିସ ପଡ଼ିଆ, ସମୟ : ସନ୍ଧ୍ୟା ୭ଟା।

## ମାଲକାନଗିରି
- ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ:ଡିଏନ୍‌କେ ଖେଳ ପଡିଆ, ମାଲକାନଗିରି,ସମୟ: ପୂର୍ବାହ୍ନ ୧୦ଟା୩୦ ।

## ସମ୍ବଲପୁର
- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ସକାଳ ୬ଟା ।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦ ।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ ଅନାମିକା କ୍ଲବ ବନାମ ସହଯୋଗ କ୍ଲବ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦ ।
- ଜିଲାସ୍ତରୀୟ ଫୁଟବଲ ମ୍ୟାଚ ଇଷ୍ଟ କୋଷ୍ଟ ରେଲୱେ ଦଳ ଫୋରସି ପ୍ରତିଭା, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା ୩୦ ।
- ଏକତା ଅନ୍ୱେଷା ଓ ଗୁଲୁଣ୍ଡା ଗ୍ରାମବାସୀ ଆୟୋଜିତ ଦ୍ୱିତୀୟ ଶିବରାମ ମହୋତ୍ସବ, ସ୍ଥାନ ଗୁଲୁଣ୍ଡା ଗ୍ରାମ, ସମୟ : ସନ୍ଧ୍ୟା ୫ଟା ୩୦ ।
- ବ୍ରହ୍ମପୁରା ଠାକୁରଙ୍କ ଅଣସର ନୀତି ଓ ପଟ୍ଟ ଦିଅଁ ଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ବ୍ରହ୍ମପୁରା ମନ୍ଦିର, ସମୟ : ସନ୍ଧ୍ୟା ୫ଟା୩୦ ।

## ବଲାଙ୍ଗୀର
- ବିକାଶ ବାହନର ଶୁଭାରମ୍ଭ, ସ୍ଥାନ: ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।

## ରାଉରକେଲା
- ଆର୍‌ଏମ୍‌ସି ପକ୍ଷରୁ ବିକାଶ ବାହାନ ଯାତ୍ରା, ସ୍ଥାନ: ଛେଣ୍ଡ ଓ ବୁରୁଟୋଲା ସରକାରୀ ସ୍କୁଲ, ସମୟ: ସକାଳ ୭ଟା।
- ବେଦବ୍ୟାସ ଗୁରୁକୁଳ ସଂସ୍କୃତ ଆଶ୍ରମରେ ରାମପ୍ରସାଦଙ୍କ ଜୟନ୍ତୀ ପାଳନ, ସ୍ଥାନ: ବେଦବ୍ୟାସ,ସମୟ: ପୂର୍ବାହ୍ନ ୧୦ଟା।
- ହରିଆଲି ତୀଜ୍ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ଜିଲା ସ୍ତରୀୟ ବିକାଶ ମେଳାର ଶୁଭାରମ୍ଭ, ପୂର୍ବାହ୍ନ୧୨ଟା, ସ୍ଥାନ: ଯତରା ପଡିଆ,ସୁନ୍ଦରଗଡ।

## ବରଗଡ଼
- ଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ ସମାରୋହ, ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ:ସକାଳ ୯ଟା।
- ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ଖାଦ୍ୟ ପ୍ରତିଯୋଗିତା, ସ୍ଥାନ:କଲ୍ୟାଣ ମଣ୍ଡପ, ଗାନ୍ଧିଛକ, ବରଗଡ଼, ସମୟ:ଅପରାହ୍ନ ୪ଟା।
- ଜିଲାସ୍ତରୀୟ ପାରମ୍ପରିକ ସୁସ୍ୱାଦୁ ଖାଦ୍ୟ ମେଳା, ସ୍ଥାନ:ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼,ସମୟ:ସନ୍ଧ୍ୟା ୭ଟା।

## ବୌଦ୍ଧ
- ଜିଲାସ୍ତରୀୟ ବିକାଶ ମେଳା ଶୁଭାରମ୍ଭ, ସ୍ଥାନ: କଚେରୀ ଖେଳପଡ଼ିଆ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଯୋଗ ପ୍ରଶିକ୍ଷଣ ଶିବିର, ସ୍ଥାନ: ସୋନପୁର ସ୍ମାର୍ଟ ପାର୍କ, ସମୟ: ସକାଳ ୬ଟା।
- ବ୍ଲକସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ : ବୀରମହାରାଜପୁର ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ମେଳାର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୩ଟା।

# ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ କାର୍ଯ୍ୟ କର: ମୁଖ୍ୟମନ୍ତ୍ରୀ



କାବ୍ୟାଞ୍ଜଳି କବିତା ସଂକଳନକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନ୍ୟ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

- କାବ୍ୟାଞ୍ଜଳି କବିତା ସଂକଳନ ଉନ୍ମୋଚିତ
- ମହାପ୍ରଭୁଙ୍କୁ ଦର୍ଶନ କଲେ, ରଥଖଳା ବୁଲିଲେ ମୁଖ୍ୟମନ୍ତ୍ରୀ

ପୁରୀ,୧୧ା୬ (ଅଜିତ କୁମାର ମହାନ୍ତି)

ପବିତ୍ର ମହାକୁମ୍ଭ ଆଧାରରେ ପ୍ରସ୍ତୁତ ଆଧ୍ୟାତ୍ମିକ କବିତା ସଂକଳନ ବା କଫି ଟେବୁଲ ବୁକ୍ ଓଡ଼ିଆ ସାହିତ୍ୟ ଆକାଶରେ ଏକ ଜାଜ୍ୱଲ୍ୟମାନ କୀର୍ତ୍ତି ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବୁଧବାର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ମୁଖ୍ୟମନ୍ତ୍ରୀ ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଓଡ଼ିଶାବାସୀ ଓ ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା କରିଛନ୍ତି। ପରେ ରଥଖଳାରେ ପହଞ୍ଚି ରଥ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ପୁରୀ ସର୍କିଟ ହାଉସରେ ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ପ୍ରସ୍ତୁତ କାବ୍ୟାଞ୍ଜଳି କଫି ଟେବୁଲ ବୁକ୍‌ର ଅନାବରଣ କରିଥିଲେ। ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ, ଗତ କୁମ୍ଭମେଳାରେ ୬୬ କୋଟି ଶ୍ରଦ୍ଧାଳୁ ସ୍ନାନ କରିଥିଲେ। ମୁଁ ମଧ ସେଠାରେ ସ୍ନାନ କରି ସାଧୁ, ସନ୍ଥ, ମହାତ୍ମାମାନଙ୍କ ସହିତ ମିଶିବାର ସୁଯୋଗ ପାଇଥିଲି। ସ୍ନାନ ମନ୍ତ୍ରକୁ ଉଚ୍ଚାରଣ କରି ଆମେ ନଦୀ, ପୋଖରୀ ବା ସ୍ନାନାଗାରରେ ସ୍ନାନ କରିଥାନ୍ତି। କିନ୍ତୁ ମହାକୁମ୍ଭର ପବିତ୍ର ଓ ପ୍ରାକୃତିକ ପରିବେଶରେ ପବିତ୍ର ସ୍ନାନ ଅଦ୍ଭୁତ ଓ ଅବିସ୍ମରଣୀୟ।

ସେହି ମହାକୁମ୍ଭ ଆଧାରରେ ପ୍ରସ୍ତୁତ ଏହି ଆଧ୍ୟାତ୍ମିକ କବିତାଞ୍ଜଳି କଫି ଟେବୁଲ ବହିଟି ଓଡ଼ିଆ ଓ ହିନ୍ଦୀ ଭାଷାରେ ରଚିତ, ଯାହା ଆମ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଅସ୍ମିତାର ପ୍ରତୀକ। ସାରଳା ଦାସ, ଜଗନ୍ନାଥ ଦାସ, ଗଙ୍ଗାଧର ମେହେର, ଫକୀରମୋହନଙ୍କ ସାହିତ୍ୟ କୃତି ଆମ ଭାଷା ସାହିତ୍ୟକୁ ସମୃଦ୍ଧ କରିଛି। ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଏହି ପୁସ୍ତକ ଉନ୍ମୋଚନ ଏକ ବିରାଟ ଉପଲବ୍ଧି। ୨୦୩୬ ବିକଶିତ ଓଡ଼ିଶା ଏବଂ ୨୦୪୭ ବିକଶିତ ଭାରତ ପାଇଁ ଆମେ ସମସ୍ତେ ସମବଦ୍ଧ ଭାବେ କାର୍ଯ୍ୟ କରିବା ବୋଲି ମୁଖ୍ୟମନ୍ତ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି। ଏହି ଉପାଦେୟ କଫି ଟେବୁଲ ବହିଟି ଏୟାରପୋର୍ଟଗୁଡ଼ିକରେ ରଖିଲେ ଏହା ଅନେକ ଲୋକଙ୍କୁ ନୂତନ ଦିଶା ଦେଖାଇ ପାରିବ ବୋଲି ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର କହିବା ସହ ରଥଯାତ୍ରା ଅବସରରେ ଏଭଳି ପୁସ୍ତକ ପ୍ରକାଶନ ପାଇଁ ଅନୁରୋଧ କରିଥିଲେ। ବରିଷ୍ଠ ଭାଜପା ନେତା ସଜ୍ଜନ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଦିଲ୍ଲୀପ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ମଠର ମହନ୍ତମାନଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। ସାହିତ୍ୟିକ ଭବାନୀ ପ୍ରସାଦ ମିଶ୍ର, ସୁରେଶ କୁମାର ସାହୁ, ଡ. ପ୍ରୀତିପ୍ରତିଭା ଭୋଳ, ଡ. ହାଡ଼ିବନ୍ଧୁ ପାଣିଗ୍ରାହୀ, ସୁବ୍ରତ ନାୟକ, କୁଳମଣି ରାଉତ, ଡ. ଅମୀୟ ମହାପାତ୍ର, ମାତୃଦତ୍ତ ମହାନ୍ତି, ନିରଞ୍ଜନ ରଥ, ଶ୍ୟାମ ପ୍ରକାଶ ସେନାପତି, ଚିନ୍ମୟ ବିବେକ, ଦୟାନିଧି ଲେଙ୍କା ଏବଂ ଦିଲ୍ଲୀପ ମହାନ୍ତିପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଦ୍ରୁତ ସହରୀକରଣର ପ୍ରଭାବ: ସେମି କ୍ରିଟିକାଲ ଜୋନ୍‌ରେ ରାଜଧାନୀର ଭୂତଳ ଜଳସ୍ତର

ଭୁବନେଶ୍ୱର,୧୧ା୬ (ରବିନାରାୟଣ ଜେନା)

ରାଜ୍ୟରେ ଭୂତଳ ଜଳସ୍ତର ଦିନକୁଦିନ ହ୍ରାସ ପାଉଥିବାବେଳେ ଏବେ ଦ୍ରୁତ ସହରୀକରଣ ଯୋଗୁ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ତା'ର ପ୍ରଭାବ ପଡ଼ିଛି। କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ପକ୍ଷରୁ ଏନେଇ ଚିନ୍ତା ପ୍ରକଟ କରାଯିବା ସହ ଏକ ଗୁରୁତ୍ୱପୂର୍ଣ୍ଣ ସର୍ଭେ ପାଇଁ ରାଜ୍ୟ ସରକାରଙ୍କ ସହଯୋଗ ଲୋଡ଼ାଯାଇଛି।

କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ(ସିଜିଡବ୍ଲୁବି)ର ଆଞ୍ଚଳିକ ନିର୍ଦ୍ଦେଶକ ଡ. ବି.କେ. ସାହୁ ଗତ ମେ'୨୭ରେ ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି ଯେ, କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ(ସିଜିଡବ୍ଲୁବି) ଜାତୀୟ ଜଳଭଣ୍ଡାର ମ୍ୟାପିଂ ଓ ପରିଚାଳନା କାର୍ଯ୍ୟକ୍ରମ(ନାକୁଇମ) ଅଧୀନରେ ଏକ ଗୁରୁତ୍ୱପୂର୍ଣ୍ଣ ସର୍ଭେ ହୋଇଛି, ଯେଉଁଥିରେ ଭୁବନେଶ୍ୱର ଓ ତା'ର ଆଖପାଖ ଅଞ୍ଚଳରେ ଦ୍ରୁତ ସହରୀକରଣର ଫଳରେ ଭୂତଳ ଜଳ ସ୍ଥିତି ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି। ଏହାର ପୁନଃଭରଣା ଆବଶ୍ୟକ। ଭୁବନେଶ୍ୱର ବ୍ଲକକୁ ଭୂତଳ ଜଳ ସମ୍ପଦ ସ୍ଥିତାବସ୍ଥା ରିପୋର୍ଟ (ଜିଡବ୍ଲୁଆର୍‌ଇ-୨୦୨୪) ଅନୁସାରେ, ସେମି-କ୍ରିଟିକାଲ ଜୋନ୍ ଭାବେ ଶ୍ରେଣୀଭୁକ୍ତ କରାଯାଇଛି। ଏହି ଅଧ୍ୟୟନ ୨୦୨୫-୨୬ ବାର୍ଷିକ କାର୍ଯ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି।

ଏହି ବାର୍ଷିକ କାର୍ଯ୍ୟଯୋଜନା ଅନୁସାରେ, ଭୁବନେଶ୍ୱର ଅଞ୍ଚଳରେ ଭୂତଳ ଜଳ ପୁନଃଭରଣା ପାଇଁ ଅଞ୍ଚଳ ଚିହ୍ନଟ କରାଯିବ, ଭୂତଳ ଜଳର ସ୍ଥିତି ମୂଲ୍ୟାଙ୍କନ କରାଯିବା ସହ ଭୂତଳ ଜଳ ପରିଚାଳନା ଲାଗି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବା ଆବଶ୍ୟକ। ଏହା ଭୁବନେଶ୍ୱରର ଦ୍ରୁତ ବୃଦ୍ଧି ପାଉଥିବା ନଗର ଜନସଂଖ୍ୟା ପାଇଁ ଦୀର୍ଘକାଳୀନ ଜଳ ସୁରକ୍ଷା ନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ଏ ନେଇ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗର ଅନୁସଚିବ ବିଭାଗୀୟ ଅଧିକାରୀମାନଙ୍କୁ ଚିଠି ଲେଖି ଦର୍ଶାଇଛନ୍ତି। ସିଜିଡବ୍ଲୁବି ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷାକରି ଆବଶ୍ୟକ ବୈଷୟିକ ସହଯୋଗ ଏବଂ ତଥ୍ୟ ଯୋଗାଇଦେବାକୁ ସେ କହିଛନ୍ତି।

## ଠଗଠମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦରହସୁରା, ମୁଖ ଦାନ୍ତୁରା, ମୁହଁଟି ଚେପା, ଏମାନଙ୍କୁ ପରତେ ନ ଯିବୁରେ ବୋପା।**

ଦର ହସୁରା ବ୍ୟକ୍ତି ବିଶ୍ୱାସଯୋଗ୍ୟ ହୋଇନଥାନ୍ତି। ତାଙ୍କର ମନ ଆଦୌ ଖୋଲା ନ ଥାଏ। ସେହିପରି ଦାନ୍ତୁରା ବ୍ୟକ୍ତି ତଥା ମୁହଁର ଆକୃତି ସାମାନ୍ୟ ବଙ୍କା ଥିବା ବ୍ୟକ୍ତି ମଧ ଭରସାଯୋଗ୍ୟ ହୋଇ ନ ଥାନ୍ତି। ଏହି ଧରଣର ବ୍ୟକ୍ତିଙ୍କୁ ବିଶ୍ୱାସ ନେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦିଅଁଙ୍କୁ ଖାଇ ଖଟୁଲି ଖାଇ ଆହୁରି ପଚାରେ ପୂଜାହାରୀ କାହିଁ ?**

ଠକ ବା ଧୂର୍ତ୍ତ ଶ୍ରେଣୀର ବ୍ୟକ୍ତି ଟିକିଏ ସୁବିଧା ସୁଯୋଗ ପାଇଲେ ସବୁକିଛି ଅନାୟାସରେ ଚଳୁ କରିଦେଉଥିବା ଦେଖିବାକୁ ମିଳିଥାଏ। ଏକାଥରକେ ସବୁ ଆତ୍ମସାତ୍ କରିନେବା ସେମାନଙ୍କ ମନ୍ଦ ପ୍ରକୃତି ହୋଇଥାଏ। ଉପରକୁ ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତି ଦେଖାଉଥିବା ବ୍ୟକ୍ତି ସମସ୍ତଙ୍କ ଅଗୋଚରରେ ଲାଭ ସହ ମୂଳଧନ ଲୁଟି ଖାଇବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କୌଣସି ପରିସ୍ଥିତିରେ ମଧ ନିଜକୁ ଆଡଜଷ୍ଟ କରି ଚଳାଇ ନେଇ ପାରିବେ ନାହିଁ। ଯଦିଓ ବିଶେଷ କିଛି ସମସ୍ୟା ନାହିଁ , ତଥାପି ସାମୟିକ ଭାବେ ଅସୁସ୍ଥତା ଅନୁଭବ କରିବେ। କୃଷି, ବାଣିଜ୍ୟ ବ୍ୟବସାୟ, ପ୍ରଶାସନ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ନିର୍ମାଣ କାମ ଆଗେଇ ଚାଲିବ ଓ ଜଣେ ବନ୍ଧୁଙ୍କ ଅବଦାନକୁ ଭୁଲି ପାରିବେ ନାହିଁ।

**ବୃଷ** ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ କାମ କଲେ ସମାଲୋଚିତ ହୋଇପାରନ୍ତି। ରାଜନୀତି ତଥା ସାମାଜିକ କ୍ଷେତ୍ରରେ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଆନୁଷ୍ଠାନିକ କାମରେ ଲିପ୍ତ ରହିବା ହେତୁ ଟେନ୍‌ଶନ୍ କିଛି ମାତ୍ରାରେ ଲାଗିରହିବ। ପାରିବାରିକ ଭୁଲ୍ ବୁଝାମଣା ମାନସିକ ଅଶାନ୍ତିର କାରଣ ହୋଇପାରେ।

**ମିଥୁନ** ଦୀର୍ଘଦିନରୁ ସ୍ଥଗିତ କାମ ଆଜି ବନ୍ଧୁଙ୍କ ସାହାଯ୍ୟରେ ସମ୍ପନ୍ନ କରିବେ। ଅଫିସରେ ଅଟକି ରହିଥିବା କାମ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ସନ୍ତୋଷଜନକ ରହିବ ଏବଂ ଲାଭ ମଧ କିଛି କମ୍ ହେବନି। ସମ୍ପର୍କୀୟଙ୍କ ସହଯୋଗରେ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କର୍କଟ** କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ ନେଇ ମାନସିକ ଅସ୍ଥିରତା ସୃଷ୍ଟି ହେବ। ବନ୍ଧୁଙ୍କ ପକ୍ଷପାତିତାକୁ ଦେଖି ମଧ ନ ଦେଖିଲା ପରି ରହିବା କାରଣରୁ ସମାଲୋଚିତ ହେବେ। ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନେବା ଭଲ। ଅଫିସିଆଲି କାର୍ଯ୍ୟବ୍ୟସ୍ତତା ଯୋଗୁ ଘର କଥା ବୁଝିବାକୁ ସମୟ ମଧ ପାଇବେ ନାହିଁ।

**ସିଂହ** ଆଜି ପରିବାରରେ କିଛି ଅଭାବ ଅସୁବିଧାକୁ ନେଇ ସରଗରମ ଆଲୋଚନା ହେବ। ଜମିଜମା, ଯାନବାହନ, ଦିଆନିଆ ପ୍ରଭୃତିକୁ କେନ୍ଦ୍ରକରି ବିତର୍କ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ ଦ୍ୱାରା ଚାପଗ୍ରସ୍ତ ହୋଇ କିଛିଟା ହଇରାଣ ହୋଇ ପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ରହିଥିଲେ ମଧ ତାହା ନିୟନ୍ତ୍ରଣ ମଧରେ ହିଁ ରହିବ।

**କନ୍ୟା** କେନ୍ଦ୍ରସ୍ଥ ଚନ୍ଦ୍ରଙ୍କ ସୁପ୍ରଭାବରୁ ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସଫଳତା ନିଶ୍ଚିତ। ଅତୀତରେ ଉପକୃତ ହୋଇଥିବା ବନ୍ଧୁଙ୍କ ନିକଟରୁ ପ୍ରତିଉପକାର ଆଶା ନିରର୍ଥକ ହେବ ନାହିଁ। ଦୀର୍ଘଦିନ ହେଲା ଯେଉଁ କାମଟିକୁ ଆରମ୍ଭ କରିବାକୁ ଚାହୁଁଥିଲେ ଆଜି ତାହା ସମ୍ପନ୍ନ ହେବ। ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇପାରେ।

**ତୁଳା** ସାଧାରଣ କଥାକୁ ନେଇ କର୍ମକ୍ଷେତ୍ରରେ ଯୁକ୍ତିତର୍କଜନିତ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହେବ। ସାହିତ୍ୟ, ନୃତ୍ୟ, ସଙ୍ଗୀତ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ସରକାରୀ ସ୍ତରରୁ ଅର୍ଥ ପାଇବା ସକାଶେ ଉଦ୍ୟମ କରି ସଫଳ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବେ।

**ବିଛା** ଅତୀତ ସମସ୍ୟା ବିଷୟରେ ଚିନ୍ତା କରି ମନ ଅସ୍ଥିର ରହିପାରେ। ଯାହାଙ୍କଠାରୁ ଯାହା ପାଇବା ପାଇଁ ପ୍ରତିଶ୍ରୁତି ପାଇଥିଲେ ତାହା ନ ପାଇ କ୍ଷୁବ୍ଧ ହୋଇପାରନ୍ତି। ଜମିଜମା, ଆଇନ, ଅଦାଲତ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଦୈହିକ ସ୍ୱାସ୍ଥ୍ୟ ସମସ୍ୟା ରହିଥିଲେ ମଧ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**ଧନୁ** ପରିବାରରେ ଆତ୍ମୀୟଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ବନ୍ଧୁଙ୍କ ସମ୍ମୁଖରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯାଇପାରନ୍ତି। ଆଶା କରୁଥିବା ବିଷୟରେ ସାୟାହ୍ନେ ଶୁଭ ଖବରପାଇ ଉଲ୍ଲସିତ ହେବେ। ଆଜିର ଯାତ୍ରା, ବାଣିଜ୍ୟ, ପରିବହନ ଓ ନୂତନ କର୍ମାରମ୍ଭରେ କୌଣସି ଅସୁବିଧା ହେବନାହିଁ।

**ମକର** ମନ ଭଲ ନ ଥିବାରୁ ସାଧାରଣ କଥାରୁ ଗୃହରେ କଳହ ଲାଗିପାରେ। ବନ୍ଧୁ ଗହଣରେ ଅନ୍ୟମାନଙ୍କ ନିକଟରୁ ଶ୍ରଦ୍ଧା ଓ ସମ୍ମାନ ପାଇ ଦୁଃଖକୁ ଭୁଲିଯିବେ। ସେବା ଓ ପରୋପକାର ହେତୁ କିମ୍ବା ସାମାଜିକ ସ୍ତରରେ ପ୍ରଶଂସା ହେତୁ ଖୁସି ରହିପାରନ୍ତି। ସଭାସମିତିରେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ** ବିଭିନ୍ନ ଅମୀମାଂସିତ ସମସ୍ୟାକୁ କେନ୍ଦ୍ରକରି ମନରେ ଅସ୍ଥିରତା ସୃଷ୍ଟି ହୋଇପାରେ। ବୈବାହିକ କର୍ମ ସକାଶେ ନୂତନ ପ୍ରସ୍ତାବ ସ୍ଥିରୀକୃତ ହେବାରେ ବନ୍ଧୁଙ୍କ ଭୂମିକା ରହିବ। ଆକସ୍ମିକ ଅସୁବିଧା ଉପୁଜିବା କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବହୁତ ଦିନର ନୂଆ ଯୋଜନାଟିକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେବେ।

**ମୀନ** ଆଜି ଆପଣ ଆର୍ଥିକ ଦୃଷ୍ଟିକୋଣରୁ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। କର୍ମକ୍ଷେତ୍ରରେ ମନ୍ଥର ଗତି ଦେଖାଦେଇପାରେ କିନ୍ତୁ କୌଣସି କାମ ଅଟକିବ ନାହିଁ। ବନ୍ଧୁଙ୍କ ସହାୟତାରେ ବ୍ୟବସାୟ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

ଆଜି ଜୁନ୍ ୧୨ ତାରିଖ, ଅନ୍ତଃରାଷ୍ଟ୍ରୀୟ ଶିଶୁ ଶ୍ରମ ନିଷେଧ ଦିବସ, ଆଷାଢ଼ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ଗୁରୁବାର। ବ୍ରହ୍ମଗିରିରେ ଅଲାରନାଥଙ୍କ ଦର୍ଶନ ଆରମ୍ଭ। ରାଶିନକ୍ଷତ୍ର-ମୂଳା/ଧନୁ, ପ୍ରତିପଦାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ଦିବା ଘ.୦୫.୧୧ ଗତେ ଘ.୦୬.୦୩ ମଧ୍ୟେ, ଘ. ୦୯.୩୪ ଗତେ ଘ.୧୧.୨୦ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ. ୦୧.୨୫ ଗତେ ଘ. ୦୩.୦୪ ମଧ୍ୟେ ରାହୁ କାଳ ।

ଧରିତ୍ରୀ 51 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୨/୨୦୨୫ | Bhubaneswar, Thursday, June 12/2025 | ପୃଷ୍ଠା-୧

DADLS-30
ବର୍ଷ ଏକ ଉପଲବ୍ଧି ଅନେକ
ଖାଦ୍ୟ ସୁରକ୍ଷା ଆମ ପ୍ରାଥମିକତା
• ୨୦୨୪-୨୫ ଖରିଫ ଋତୁରେ ଚାଷୀଙ୍କ ଠାରୁ ରେକର୍ଡ଼ ପରିମାଣର ୭୩.୪୭ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ
• ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଅତିରିକ୍ତ ୮୦୦ ଟଙ୍କାର ଇନପୁଟ ସହାୟତା
• ୭ ଲକ୍ଷ ନୂତନ ହିତାଧିକାରୀଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ମଞ୍ଜୁରୀ

OIPR-15001/13/0689/2526

# ଆମ ପ୍ରତିଶ୍ରୁତି ପଥରରେ ଅଙ୍କା ଅଲିଭାଗାର: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର ଇଡ଼୍କୋ ପ୍ରଦର୍ଶନୀ ପଡ଼ିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟସ୍ତରୀୟ ବିକାଶ ମେଳାକୁ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏବଂ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ।

## ରାଜ୍ୟସ୍ତରୀୟ ବିକାଶ ମେଳା ଉଦ୍‌ଘାଟିତ

ଭୁବନେଶ୍ୱର, ୧୧।୬(ସୁନିତ୍ ମିଶ୍ର)

ବର୍ଷକ ତଳେ ରାଜ୍ୟବାସୀ ଯେଉଁ ଆଶା ଆକାଂକ୍ଷା ନେଇ ଶାସନରେ ପରିବର୍ତ୍ତନ ଆଣିଥିଲେ ଓ ଆମକୁ ଦାୟିତ୍ୱ ଭାର ଦେଇଥିଲେ,ତାହା ପୂରଣ କରିବା ଲାଗି ଦୃଢ଼ ପ୍ରତିବଦ୍ଧତାର ସହ କାର୍ଯ୍ୟ ଜାରି ରଖିଛୁ। ଏହି ସମୟ ମଧ୍ୟରେ ଆମେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛୁ ଏବଂ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକୁ ବାସ୍ତବତାରେ ପରିଣତ କରିଛୁ। ଆମ ପ୍ରତିଶ୍ରୁତି ପାଣିର ଗାର ନୁହେଁ, ପଥରରେ ଅଙ୍କା ଯାଇଥିବା ଅଲିଭାଗାର। କଥା ଦେଇଥିଲୁ କଥା ରଖିଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟ ସରକାରଙ୍କ ୧ ବର୍ଷପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ବୁଧବାର ଭୁବନେଶ୍ୱର ଇଡ଼୍କୋ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିକାଶ ମେଳା ୨୦୨୫ର ଉଦ୍‌ଘାଟନ କରିଛନ୍ତି। ମେଳାରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ତଥା ହସ୍ତତନ୍ତ, ହସ୍ତଶିଳ୍ପ ଓ ସ୍ଥାନୀୟ ଉତ୍ପାଦ ସମ୍ପର୍କିତ ପ୍ରଦର୍ଶନୀ ଏବଂ ଫୁଡ୍ କୋର୍ଟର ଶୁଭାରମ୍ଭ କରିବା ସହ ବୁଲି ଦେଖିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗଣତନ୍ତ୍ରରେ ଲୋକଙ୍କ କଥା ହେଉଛି ଭଗବାନଙ୍କ ସ୍ୱର। ଯଦି ଲୋକେ ସେମାନଙ୍କ ନିର୍ବାଚିତ ସରକାରଙ୍କୁ ନିଜର କଥା, ନିଜର ବ୍ୟଥା କହିପାରିବେନାହିଁ, ସେ ପ୍ରକାର ଗଣତନ୍ତ୍ର ଆତ୍ମାହୀନ। ସରକାର ଆସିବା ପରେ ବ୍ୟକ୍ତିଗତ ଭାବେ ଲୋକଙ୍କୁ ଭେଟି ଛୋଟବଡ ସମସ୍ୟା ଅନ୍ ଦି ସ୍ପଟ୍ ସମାଧାନ କରିବା ପାଇଁ ମନସ୍ଥ କଲି। ଗତ ବର୍ଷେ ମଧ୍ୟରେ ଓଡ଼ିଶାର ସବୁ ଜିଲା ଗସ୍ତକରି ଲୋକଙ୍କ ସହ କଥାବାର୍ତ୍ତା କରିଛି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛି। ପୂରା ସରକାରକୁ ସମ୍ବଲପୁର ନେଇ ଲୋକଙ୍କ କଥା ଶୁଣିଥିଲି। ଆଗାମୀ ଦିନରେ ବିଭିନ୍ନ ନିର୍ବାଚନମଣ୍ଡଳୀ ଗସ୍ତ କରିବା ଯୋଜନା ରହିଛି। ଦୁର୍ନୀତି ବିରୋଧରେ ଯୁଦ୍ଧଂ ଦେହି ଡାକରା ଦିଆଯାଇଛି। ଗୋଟିଏ ବର୍ଷରେ ପିଅନଠାରୁ ଆଇଏଏସ୍ ଅଧିକାରୀ ପର୍ଯ୍ୟନ୍ତ କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀ ସୁରକ୍ଷିତ ନୁହନ୍ତି।

ସେ ଆହୁରି କହିଛନ୍ତି, ଲୋକଙ୍କୁ ଦେଇଥିବା ୨୧ଟି ପ୍ରତିଶ୍ରୁତି ମଧ୍ୟରୁ ପ୍ରାୟ ସମସ୍ତ ପ୍ରମୁଖ ପ୍ରତିଶ୍ରୁତି ସଫଳତାର ସହ କାର୍ଯ୍ୟକାରୀ କରିଛୁ। ବିରୋଧୀ କେବଳ ବିରୋଧ କରିବା ଉଦ୍ଦେଶ୍ୟରେ ଅନେକ କଥା କରୁଛନ୍ତି। ୨୪ ବର୍ଷରେ ସେମାନେ ଯେଉଁ କାମ କରି ନ ଥିଲେ, ଆମେ ୨୪ ମିନିଟ୍ ଭିତରେ କରି ଦେଖାଇପାରିଛୁ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି, ଓଡ଼ିଶାକୁ ପ୍ରତ୍ୟେକ ସ୍ତରରେ ଆତ୍ମନିର୍ଭରଶୀଳ କରିବା ପାଇଁ ଆମେ ମଧ୍ୟ ନିଷ୍ଠାପର ଉଦ୍ୟମ କରୁଛୁ। ଆମ ଲକ୍ଷ୍ୟ ହେଉଛି ଏକ ଆତ୍ମନିର୍ଭରଶୀଳ ଓ ସମୃଦ୍ଧ ଓଡ଼ିଶା। ଗାଁର ବିକାଶ ହେଲେ, ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର ହେବ ବୋଲି ସେ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ଏହି ଅବସରରେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଏହି ବିକାଶ ମେଳା କାର୍ଯ୍ୟକ୍ରମ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମେଳାରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରାୟ ୭୫ରୁ ଅଧିକ ଷ୍ଟଲ୍‌ରେ ଜନସାଧାରଣଙ୍କୁ ସୂଚନା, ଶିକ୍ଷା ଓ ଯୋଗାଯୋଗ ପଦ୍ଧତି ମାଧ୍ୟମରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରାଯାଉଛି। ଏଥିସହ ସୁଭଦ୍ରା ଶକ୍ତି ମହିଳା ଦ୍ୱାରା ୪୦ରୁ ଅଧିକ ଷ୍ଟଲ୍‌ରେ ଓଡ଼ିଆ ପାରମ୍ପରିକ ଖାଦ୍ୟର ବିବିଧତାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଫୁଡ୍ ଫେଷ୍ଟିଭାଲ ମଧ୍ୟ ଆୟୋଜନ କରାଯାଇଛି।

# ଯାଜପୁରରେ ଝାଡ଼ାବାନ୍ତି ଅଣାୟତ୍ତ

**■ ଆଉ ୬ ମୃତ ■ ମୃତକଙ୍କ ସଂଖ୍ୟା ୮ ହେଲା ■ ପୁଣି ୫୦୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ**

ଯାଜପୁର,୧୧।୬ (ହର୍ଷବର୍ଦ୍ଧନ ବେହେରା)

ଯାଜପୁରରେ ସୋମବାର ରାତିରୁ ଆରମ୍ଭ ହୋଇଥିବା ଝାଡ଼ାବାନ୍ତି ଅଣାୟତ୍ତ ହେବାରେ ଲାଗିଛି। ମଙ୍ଗଳବାର ରାତିରୁ ବୁଧବାର ସନ୍ଧ୍ୟା ପର୍ଯ୍ୟନ୍ତ ପୁଣି ୫୦୦ରୁ ଊର୍ଦ୍ଧ୍ୱ ରୋଗୀ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। କୋରେଇ, ଧର୍ମଶାଳା, ରସୁଲପୁର, ଦାନଗଦି, ବଡ଼ଚଣା ବ୍ଲକ୍ ସହିତ ବ୍ୟାସନଗର ପୌରାଞ୍ଚଳରେ ରୋଗୀ ସଂଖ୍ୟା ବଢ଼ି ଚାଲିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମୃତ୍ୟୁସଂଖ୍ୟା ୮ରେ ପହଞ୍ଚିଛି। ମଙ୍ଗଳବାର ଦାନଗଦି ବ୍ଲକର ସନାତନ ପାତ୍ର, ବ୍ୟାସନଗର ପୌରାଞ୍ଚଳ ମାରଓ୍ୱାଡିପଡ଼ାର ତୋଳାରାମ ଶର୍ମାଙ୍କ ମୃତ୍ୟୁ ଘଟିଥିଲା। ବୁଧବାର କୋରେଇ ବ୍ଲକ ସୁନ୍ଦରପୋଖରୀ ଗ୍ରାମର ଅଞ୍ଜନା ଜେନା, ଜଳନ୍ଦା ଗ୍ରାମର ଜାନକୀ ମଲିକ, ବଡ଼ଚଣା ବ୍ଲକ ସମିଆ ପଞ୍ଚାୟତ କଳକଳା ଗ୍ରାମର ମଦନମୋହନ ମଲିକ ଓ ଶାଳପଡ଼ା ପଞ୍ଚାୟତ ତିଳପଦା ଗ୍ରାମର ଦିଲୀପ ମଲିକ, ଦାନଗଦି ବ୍ଲକ୍ ତରେଇଲୋ ଗ୍ରାମର ସୁଦର୍ଶନ ପାତ୍ର ଓ ଦାନଗଦି ବ୍ଲକ୍ ତରେଇଲୋ ଗ୍ରାମର ବସନ୍ତ ପାତ୍ରଙ୍କ ମୃତ୍ୟୁ ଘଟିଛି। ସୁଦର୍ଶନଙ୍କ ଆନନ୍ଦପୁର ସିଏଚ୍‌ସିରେ ଓ ବସନ୍ତଙ୍କ କଟକ ବଡ଼ ଡାକ୍ତରଖାନରେ ମୃତ୍ୟୁ ଘଟିଛି। ତେବେ ସରକାରୀ ଭାବେ ତୋଳାରାମ ଏବଂ ସନାତନଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଥିବା ଦର୍ଶାଯାଉଛି। ଅଞ୍ଜନା ଏବଂ ଜାନକୀଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ସରକାରୀ ଭାବେ ସୂଚନା ମିଳିଛି। ତେବେ ମୃତକଙ୍କ ପରିବାର ଲୋକଙ୍କ କହିବା ଅନୁସାରେ ଝାଡ଼ବାନ୍ତିରେ ଆକ୍ରାନ୍ତ ହୋଇ ଉଭୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଧର୍ମଶାଳା ବ୍ଲକରେ ଅନେକ ଆକ୍ରାନ୍ତ ହୋଇଛନ୍ତି। କଟକ ବଡ଼ ମେଡିକାଲରୁ ଏକ ଡାକ୍ତରୀ ଟିମ୍ ସେଠାରେ ପହଞ୍ଚି ଚିକିତ୍ସା ଜାରି ରଖିଛନ୍ତି। ଅନ୍ୟପକ୍ଷେ ୩ ମେଡିକାଲ ଟିମ୍ ଯାଜପୁରର ବିଭିନ୍ନ ବ୍ଲକରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ କେଉଁ କାରଣ ପାଇଁ ଝାଡ଼ାବାନ୍ତି ବ୍ୟାପୁଛି ତାହାର ତଦନ୍ତ ଚଳାଇଛନ୍ତି।

ବୁଧବାର ସନ୍ଧ୍ୟାରେ କଟକ ଆରଡିସି ଭି.ପରମେଶ୍ୱରମ୍, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ରଥ, ଯାଜପୁର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ଜିଲା ଖାଦ୍ୟ ନିରୀକ୍ଷକ ରାକେଶ କୁମାର ସାହୁ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲା ଖାଦ୍ୟ ସୁରକ୍ଷା ନିରୀକ୍ଷକ ରାକେଶ କୁମାର ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ବିଭିନ୍ନ ଅଞ୍ଚଳରୁ ପାଣି, ଖାଦ୍ୟ ଓ ମାଛ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ଗୁରୁବାର ଏକ ମୋବାଇଲ ଟିମ୍ ପହଞ୍ଚି ଖାଦ୍ୟ ଓ ପାଣିର ପରୀକ୍ଷା କରିବ। ପରୀକ୍ଷା ରିପୋର୍ଟ ଆସିବା ପରେ ଝାଡ଼ାବାନ୍ତି ସଂକ୍ରମଣ ସମ୍ପର୍କରେ ସ୍ପଷ୍ଟ ଜଣାପଡ଼ିବ।

Government of India
ନୂଆ ଭାରତର ଡିଜିଟାଲ ଶକ୍ତି।


ସେମିକଣ୍ଡକ୍ଟର ହବ୍ ହେବା ଦିଗରେ ଭାରତର ବ୍ୟାପକ ପ୍ରଗତି ; ୨୦୨୪ରେ ବଜାର ଆକାର **୪+ ଲକ୍ଷ କୋଟିରେ** ପହଞ୍ଚିଲା
**୪୨+ ଲକ୍ଷ ରୁଟ୍ କିମିରେ** ପହଞ୍ଚିଲା ଅପ୍ଟିକାଲ ଫାଇବର କେବୁଲ ଲମ୍ବ ; **୨.୧୪ ଲକ୍ଷ ଗ୍ରାମ ପଞ୍ଚାୟତକୁ ସଂଯୋଗ**
ଡିଜିଟାଲ ଇଣ୍ଡିଆ ଅଧୀନରେ **୫.୭୬ ଲକ୍ଷ କାର୍ଯ୍ୟକ୍ଷମ ଜନସେବା କେନ୍ଦ୍ର**
**ଜିଇଏମ୍ ପୋର୍ଟାଲ** ଜରିଆରେ **୧୩.୪+ ଲକ୍ଷ କୋଟି ଟଙ୍କା** ମୂଲ୍ୟର ଅର୍ଡର ଦିଆଯାଇଛି, ଯାହା ସରକାରୀ କ୍ରୟରେ ପାରଦର୍ଶିତା, ଦକ୍ଷତା ଏବଂ ଗତି ବଢ଼ାଇଛି
ଡିବିଟି ଜରିଆରେ ଗରିବ ଓ ବଞ୍ଚିତଙ୍କୁ **ପ୍ରାୟ ୪୪ ଲକ୍ଷ କୋଟି ଟଙ୍କା ସ୍ଥାନାନ୍ତର**
ଡିଜି ଲକରରେ, **୫୨+ କୋଟି ବ୍ୟବହାରକାରୀ ୯୪୩+ କୋଟି ଦସ୍ତାବିଜ** ଅପଲୋଡ୍ କରିଛନ୍ତି, ଯାହାଦ୍ୱାରା ଏବେ ଡିଜିଟାଲ ଦସ୍ତାବିଜକୁ ଯେକୌଣସି ସମୟରେ ଏବଂ ଯେକୌଣସି ସ୍ଥାନରେ ବ୍ୟବହାର କରାଯାଇପାରିବ
**୨୨୦୦+ ସରକାରୀ ସେବା ଉମଙ୍ଗ ଆପ୍ ଜରିଆରେ ଉପଲବ୍ଧ ହେଉଛି,** ଦେଶବ୍ୟାପୀ ସେବା ସୁବିଧା ପାଇଁ ଏହା ଏକକ ପ୍ଲାଟଫର୍ମ ; ବର୍ତ୍ତମାନ ସୁଦ୍ଧା **୮.୨୫ କୋଟି ପଞ୍ଜୀକରଣ** ହୋଇଛି
**ଜୀବନ ପ୍ରମାଣ** ଅଧୀନରେ ପେନସନଭୋଗୀଙ୍କ ଦ୍ୱାରା **୧୦.୨+ କୋଟି ଜୀବନ ପ୍ରମାଣପତ୍ର** ଡିଜିଟାଲ ମାଧ୍ୟମରେ **ଅପଲୋଡ୍ ହୋଇଛି**

ବିଶ୍ୱର ଦୁଇଟି ମଧ୍ୟରୁ ଗୋଟିଏ **ବାସ୍ତବ ସମୟ ଡିଜିଟାଲ ନେଣଦେଣ ଭାରତରେ ହେଉଛି**
ଏପ୍ରିଲ ୨୦୨୫ରେ **୨୪ ଲକ୍ଷ କୋଟି ଟଙ୍କାର ୟୁପିଆଇ ନେଣଦେଣ** ହୋଇଛି
ଡିଜିଟାଲ **କୋୱିନ ପ୍ଲାଟଫର୍ମ** ଜରିଆରେ **୨୨୦ କୋଟି ଡୋଜ କୋଭିଡ-୧୯ ଟିକା** ଦେବାରେ ଉଲ୍ଲେଖନୀୟ ସଫଳତା ହାସଲ
CBC 37101/13/0009/2526

**ପ୍ରତି ଜିବି ଡାଟା ମୂଲ୍ୟ ୨୦୧୪ରେ ୩୦୦+ ଟଙ୍କା**ରୁ ହ୍ରାସ ପାଇ **୧୦ ଟଙ୍କା** ହେଲା
ମାତ୍ର **୨୨ ମାସରେ ୯୯.୬% ଜିଲ୍ଲାରେ** ପହଞ୍ଚିଲା **5ଜି,** ବିଶ୍ୱରେ ସବୁଠୁ ଦ୍ରୁତ କାର୍ଯ୍ୟକାରିତା
ଭାରତ ବିଶ୍ୱର **ଦ୍ୱିତୀୟ ସର୍ବବୃହତ୍ ମୋବାଇଲ ଫୋନ ଉତ୍ପାଦନକାରୀ**
Viksit Bharat ka Amrit Kaal
Seva, Sushasan, Garib Kalyan ke
11 SAAL
5G




# ବୌଦ୍ଧ କାହାଣୀରେ ଭିନ୍ନତା

ଦେବଦତ୍ତ ପଟ୍ଟନାୟକ

ଭାରତରେ ଗୋଟିଏ ରାମାୟଣ ଗ୍ରନ୍ଥ ନାହିଁ, ଅତିକମ୍‌ରେ ୩୦୦ଟି ଥିବା ଆମେ ଶୁଣିଛେ। ସେହିଭଳି ପୁରାତନ ବୌଦ୍ଧ ଗ୍ରନ୍ଥ ଅନୁଯାୟୀ, କେବଳ ଜଣେ ନୁହେଁ ଅନେକ ଡଜନ କିମ୍ବା ଅନେକ ହଜାର ଏପରିକି ଅନେକ ଲକ୍ଷ ବୁଦ୍ଧ ଅଛନ୍ତି ବୋଲି ଆମକୁ କେହି କହନ୍ତି ନାହିଁ। ଏମିତିକି ବୁଦ୍ଧଙ୍କ କାହାଣୀକୁ ନେଇ ଶହ ଶହ ପୁସ୍ତକ ରହିଛି। ସେଗୁଡ଼ିକ ପାଲି, ସଂସ୍କୃତ, ଚାଇନିଜ୍ ଓ ଜାପାନିଜ୍ ଭାଷାରେ ରଚିତ। କେହି ମଧ୍ୟ ଦର୍ଶାନ୍ତି ନାହିଁ ଯେ, ଆମେ ଯେଉଁ ଊନବିଂଶ ଶତାବ୍ଦୀର ଐତିହାସିକ ବୁଦ୍ଧଙ୍କୁ ଜାଣିଛେ, ତାଙ୍କୁ ୟୁରୋପୀୟମାନେ ହିଁ ପ୍ରଥମେ ଆମ ସାମ୍ନାକୁ ଆଣିଥିଲେ। ଇଂରେଜମାନେ ଆସିବାବେଳକୁ ଭାରତ ପ୍ରାୟତଃ ବୁଦ୍ଧଙ୍କୁ ଭୁଲି ଯାଇଥିଲା। ଏଣୁ ଇଂରେଜମାନେ ତାଙ୍କୁ ପୁନର୍ବାର ଆବିଷ୍କାର କରିଥିଲେ। ଶ୍ରୀଲଙ୍କାରୁ ପାଲି ଗ୍ରନ୍ଥ ଏବଂ ଗାଙ୍ଗେୟ ସମତଳ ଅଞ୍ଚଳରୁ ବୌଦ୍ଧ ସ୍ଥଳୀଗୁଡ଼ିକର ଆବିଷ୍କାର ଥିଲା ଏସିଆଟିକ୍ ସୋସାଇଟି ଓ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ବଡ଼ ବିଜୟ। ବୁଦ୍ଧଙ୍କୁ ଜାଣିଶୁଣି ଭାରତୀୟଙ୍କ ମାନସପଟରୁ ଦୂରେଇ ଦିଆଯାଇଥିଲା ଏବଂ ଏହା ପଛରେ ବ୍ରାହ୍ମଣୀୟ ଷଡ଼ଯନ୍ତ୍ର ରହିଥିଲା ବୋଲି ଇଂରେଜ ଗବେଷକମାନେ ହୃଦୟଙ୍ଗମ କରିଥିଲେ। ସେମାନେ ଅଜ୍ଞାନ ହିନ୍ଦୁ ବୁଦ୍ଧିଜୀବୀଙ୍କୁ ରକ୍ଷା କରିବା ଲାଗି ବୁଦ୍ଧଙ୍କୁ ବ୍ୟବହାର କରିଥିଲେ ଏବଂ ତାହା କାମ ଦେଇଥିଲା। ବୌଦ୍ଧଧର୍ମ ସମ୍ବନ୍ଧିତ ସଂଗ୍ରହ ହୋଇଥିବା ବିଶାଳ ଗ୍ରନ୍ଥସମୂହରେ ଗୌତମ ବୁଦ୍ଧ ତାଙ୍କ ଜୀବନକାଳରେ ଶ୍ରୀଲଙ୍କା, ମ୍ୟାନ୍‌ମାର ଓ ଥାଇଲାଣ୍ଡ ଯାତ୍ରା କରିଥିବା କାହାଣୀ ଦେଖିବାକୁ ମିଳେ। କାମନାର ରାକ୍ଷସ ମାରା ସହ ସେ ଯୁଦ୍ଧ କରିଥିବାର କାଳ୍ପନିକ କାହାଣୀ ରହିଛି ଏବଂ ଏକ ବାସ୍ତବ କାହାଣୀ ଅଛି, ଯେଉଁଥିରେ ସେ ଛତୁ ଖାଇବା ପରେ ଡିସେଣ୍ଟ୍ରି ଯୋଗୁ ମୃତ୍ୟୁ ହୋଇଥିବା କୁହାଯାଇଛି। ୟୁରୋପୀୟ ଐତିହାସିକମାନେ ଏହି କାହାଣୀଗୁଡ଼ିକ ମଧ୍ୟରୁ କେଉଁଟି ସତ, ତାହା ସ୍ଥିର କରିବା ପାଇଁ ନିଜ ଆଡୁ ଅନୁଧ୍ୟାନ କରିଥିଲେ। ଏଣୁ ଜଣେ ଐତିହାସିକ ବୁଦ୍ଧ କାଳ୍ପନିକ ଥିଲେ ବୋଲି କହିଛନ୍ତି।

ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଜାପାନ ଗବେଷକମାନେ ବୁଦ୍ଧଙ୍କ ଜନ୍ମ ମୃତ୍ୟୁ ସମ୍ପର୍କିତ ୪୦ରୁ ଊର୍ଦ୍ଧ୍ୱ ସିଦ୍ଧାନ୍ତର ତାଲିକା ପ୍ରସ୍ତୁତ କରିଥିଲେ। ପାରମ୍ପରିକ ତୀର୍ଥପଥକୁ ଆଧାର କରି ତାଙ୍କ ଜନ୍ମ ଓ ମୃତ୍ୟୁ ସ୍ଥିର କରାଯାଇଥିଲା, କୌଣସି ପ୍ରାମାଣିକ ତଥ୍ୟକୁ ଭିତ୍ତିକରି ଏହା କରାଯାଇ ନ ଥିଲା। ଭାଷା ବିଶେଷଜ୍ଞମାନେ ଦାବି କରନ୍ତି ଯେ, ସବୁଠୁ ପୁରୁଣା, ଅଧିକ ରକ୍ଷଣଶୀଳ ଓ ଐତିହାସିକ ପାଲି ଗ୍ରନ୍ଥ ପରେ ସଂସ୍କୃତ ଗ୍ରନ୍ଥଗୁଡ଼ିକ କାହାଣୀକୁ ଏପାଖସେପାଖ କରାଯାଇଥିଲା। କିନ୍ତୁ ଏହା ପଛରେ କୌଣସି ପ୍ରମାଣ ନାହିଁ। ନିକଟରେ ଖ୍ରୀଷ୍ଟପୂର୍ବ ୧୦୦ର



ବୌଦ୍ଧ ଧର୍ମର ସବୁଠୁ ପୁରୁଣା ପାଣ୍ଡୁଲିପିଗୁଡ଼ିକ ଗାନ୍ଧାରରେ ଆବିଷ୍କାର ହୋଇଥିଲା, ଯେଉଁଥିରୁ ଅନେକ ସଂସ୍କୃତରେ ଲେଖାଯାଇଛି। ସେଥିରେ ଅନେକ ବୁଦ୍ଧଙ୍କ କଥା ବର୍ଣ୍ଣନା କରାଯାଇଛି। ସେହି ସମୟର ଜୈନ ପୁରାଣ ଏପରିକି ବାଲ୍ମୀକି ରାମାୟଣରେ ଏହା ମଧ୍ୟ ଦୋହରାଯାଇଛି। ସେଗୁଡ଼ିକ ମଧ୍ୟ ବିଶେଷ ଭାବେ ବୁଦ୍ଧଙ୍କର ୪ଟି ନୀତିବାଣୀ ବିଷୟରେ କିଛି ଉଲ୍ଲେଖ କରିନାହାନ୍ତି। କେହି ଜାଣନ୍ତି ନାହିଁ ବୁଦ୍ଧ କେଉଁ ଭାଷାରେ କଥା ହେଉଥିଲେ। ଖ୍ରୀଷ୍ଟାବ୍ଦ ୫୦୦ ପାଖାପାଖି ଶ୍ରୀଲଙ୍କାର ବୌଦ୍ଧ ସନ୍ୟାସୀମାନେ ମହାଯାନ ବିଚାରଠାରୁ ନିଜକୁ ଭିନ୍ନ ଭାବେ ଦର୍ଶାଇବା ପାଇଁ ପାଲି ଭାଷା ବ୍ୟବହାର କରୁଥିଲେ।

ବୁଦ୍ଧଙ୍କ ପୁରାତନ ଜୀବନୀ କାହାଣୀଗୁଡ଼ିକ (ବୁଦ୍ଧ ଚରିତ, ଲଳିତ ବିସ୍ତାର ସୂତ୍ର, ମହାବାସ୍ତୁ) ଖ୍ରୀଷ୍ଟାବ୍ଦ ୨୦୦ ସୁଦ୍ଧା ରଚନା କରାଯାଇଥିଲା। ଏହି ସମୟରେ ବୁଦ୍ଧଙ୍କ ବିଚାର, ତାଙ୍କ ଜନ୍ମ, ନିର୍ବାଣ ଏବଂ ମୃତ୍ୟୁର ଛବିଗୁଡ଼ିକ ସାଞ୍ଚି, ଭାରହୁତ, ମଥୁରା ଓ ଗାନ୍ଧାରରେ ଥିବା ସ୍ତୂପ ଚାରିପାଖ ରେଲିଂରେ ପ୍ରଥମେ ଦେଖିବାକୁ ମିଳିଥିଲା। ତାଙ୍କୁ ମାନବ ରୂପରେ ଦର୍ଶାଇବା ଆରମ୍ଭ ହୋଇଥିଲା। କୌଣସି ପୁରାତନ ଜୀବନୀ କାହାଣୀରେ ତାଙ୍କର ମୃତ୍ୟୁ କିମ୍ବା ଅନ୍ତିମ ନିର୍ବାଣକୁ ସୂଚିତ କରାଯାଇନାହିଁ। ୫୦୦ ଶତାବ୍ଦୀର ମହାପରିନିର୍ବାଣ ସୂତ୍ର ଗ୍ରନ୍ଥରେ ଏ ସମ୍ପର୍କରେ ବର୍ଣ୍ଣନା ଆରମ୍ଭ ହୋଇଥିଲା। ପ୍ରାରମ୍ଭିକ ଜୀବନୀ କାହାଣୀଗୁଡ଼ିକରେ ବୁଦ୍ଧଙ୍କ ସ୍ତ୍ରୀଙ୍କ ନାମ ନାହିଁ, କେବଳ ରାହୁଲଙ୍କ ମା' ବୋଲି ଦର୍ଶାଯାଇଛି। ଅନେକ କାହାଣୀ ଅଛି, ଯେଉଁଥିରେ ଶାକ୍ୟ ବଂଶର ରାଜକୁମାର (ସିଦ୍ଧାର୍ଥ ଗୌତମ)ଙ୍କର ଦୁଇଟି ଓ କେତେକରେ ତିନୋଟି ସ୍ତ୍ରୀ ଥିବା ଉଲ୍ଲେଖ କରାଯାଇଛି। ଯଶୋଧାରା ଏକ ପ୍ରତିଯୋଗିତାରେ ଜିତିଥିଲେ ; ମ୍ରିଗଜା ରାଜକୁମାରଙ୍କ ସୌନ୍ଦର୍ଯ୍ୟ ପ୍ରତି ଆକୃଷ୍ଟ ହୋଇଥିଲେ ଏବଂ ଗୋପା ତାଙ୍କ ପ୍ରେମରେ ପଡ଼ିଥିଲେ। ଯଶୋଧାରାଙ୍କ ଶୁଦ୍ଧ ପ୍ରେମ ଥିବାବେଳେ ଗୋପାଙ୍କର ପ୍ରେମ ଥିଲା ଦୈହିକ। ସମ୍ଭବତଃ ଏଥିରୁ ବୁଝାପଡୁଛି, ତାନ୍ତ୍ରିକ ବୌଦ୍ଧଗ୍ରନ୍ଥସବୁ କୃଷ୍ଣ ପୁରାଣ ଦ୍ୱାରା ପ୍ରଭାବିତ ହୋଇଥିଲେ। ପାଲି ଗ୍ରନ୍ଥଗୁଡ଼ିକରେ ଉଲ୍ଲେଖ ଅଛି, ବୁଦ୍ଧଙ୍କ ଦେହାନ୍ତ ଦିନ ତାଙ୍କ ପୁତ୍ର ରାହୁଲ ଜନ୍ମ ହୋଇଥିଲେ। କିନ୍ତୁ ସଂସ୍କୃତ ଗ୍ରନ୍ଥରେ ଦର୍ଶାଯାଇଛି ସେହି ଦିନ ରାତିରେ ସେ ମାତୃଗର୍ଭରେ ରହିଥିଲେ। ଏହା ବ୍ୟତୀତ ଅନେକ କାହାଣୀ ରହିଛି, ଯେଉଁଥିରେ ବୁଦ୍ଧଙ୍କ ନିର୍ବାଣପ୍ରାପ୍ତି ଦିନ ଯଶୋଧାରା ରାହୁଲଙ୍କୁ ଜନ୍ମ ଦେଇଥିଲେ ବୋଲି କୁହାଯାଇଛି। ତାଙ୍କ ବିରୋଧରେ ଅସତୀର ଅଭିଯୋଗ ଆସିବାରୁ ସୀତାଙ୍କ ଭଳି ତାଙ୍କୁ ସତୀତ୍ୱର ପରୀକ୍ଷା ଦେବାକୁ ପଡ଼ିଥିଲା।

ଊନବିଂଶ ଶତାବ୍ଦୀରେ ୟୁରୋପୀୟ ଭାଷାବିତ୍‌ମାନେ ବୁଦ୍ଧଙ୍କୁ ଖ୍ରୀଷ୍ଟିଆନ୍ ଜଗତ ବାହାରେ ଏବଂ ହିନ୍ଦୁ ମୂର୍ତ୍ତିପୂଜା ବାହାରେ ଜଣେ ଆର୍ଯ୍ୟ ସନ୍ୟାସୀ ଭାବେ ଦେଖିଥିଲେ। ସେମାନେ ବୌଦ୍ଧଧର୍ମକୁ ଏକ ପ୍ରୋଟେଷ୍ଟାଣ୍ଟ ଆନ୍ଦୋଳନ ଭାବେ ଦର୍ଶାଇଥିଲେ ଏବଂ ବୈଦିକ କର୍ମକାଣ୍ଡ ଏହାକୁ ଅସ୍ୱୀକାର କରେ ବୋଲି ସୂଚିତ କରିଥିଲେ। ସେମାନେ ୟୁରୋପର ଖ୍ରୀଷ୍ଟିଆନ୍ ଇତିହାସ ଢାଞ୍ଚାରେ ଭାରତର ଇତିହାସକୁ ଗଢ଼ିଥିଲେ। ସେମାନେ ହିନ୍ଦୁଙ୍କ ପୌରାଣିକ ରାମ ଓ କୃଷ୍ଣଙ୍କୁ ଲକ୍ଷ୍ୟ କରି ଐତିହାସିକ ବୁଦ୍ଧଙ୍କୁ ପ୍ରତିପାଦିତ କରିଥିଲେ। ଏଯାବତ୍ ଅନେକ ବିଦ୍ୱାନ୍ ଏବଂ ଆଭିଜାତ୍ୟ ୟୁରୋପୀୟଙ୍କ ଆବିଷ୍କାରକୁ ସତ୍ୟ ବୋଲି ଧରି ନେଇଥିବାରୁ ସେହି କ୍ଷତ ଏବେ ଆହୁରି ସଂକ୍ରମିତ ହୋଇଛି। କେହି କେବେ ଚାହେଁ ନାହିଁ, ସେମାନଙ୍କ ଧର୍ମୀୟ ନେତା କେବଳ ଏକ ପୁରାଣ କଥା, ବିଶ୍ୱାସ ଓ ବିଶ୍ୱସ୍ତତାର ସୃଷ୍ଟି ହୋଇ ରହିଯାଆନ୍ତୁ ; କିନ୍ତୁ ଏହା ପ୍ରାୟତଃ ସବୁବେଳେ ହେଉଛି।

-devduttofficial@gmail.com

# ଲୋକଙ୍କ ସରକାର



ମୋହନ ଚରଣ ମାଝୀ

କାଲି ଭଳି ଲାଗୁଛି। ନୂଆ ସରକାରକୁ ଏକ ବର୍ଷ ଆଜି ପୂରିଛି। ଗତକାଲି ଥିଲା ପବିତ୍ର ସ୍ନାନପୂର୍ଣ୍ଣିମା। ମୁଁ ସ୍ନାନବେଦିରେ ମହାପ୍ରଭୁଙ୍କୁ ଆଖିରେ ଆଖି ମିଳାଇ ସାରା ଓଡ଼ିଶାବାସୀଙ୍କ ମଙ୍ଗଳ କାମନା କରି ପ୍ରାର୍ଥନା କଲି। ରତ୍ନସିଂହାସନ ଛାଡ଼ି ସ୍ନାନବେଦିରେ ବିଦ୍ୟମାନ ପ୍ରଭୁଙ୍କୁ ଅପଲକ ନୟନରେ ଦେଖିଲି। ଆତ୍ମସନ୍ତୋଷ ଓ ଖୁସି ମନରେ ମହାପ୍ରଭୁଙ୍କଠାରୁ ମେଲାଣି ନେଲି। ମହାପ୍ରଭୁ ଆମ ସମସ୍ତଙ୍କର ମାଲିକ, ଆମେ ସମସ୍ତେ ତାଙ୍କର ସେବକ। ତାଙ୍କର ଆଶୀର୍ବାଦ ହିଁ ଆମର ଶକ୍ତି।

ପୁରୀରୁ ଭୁବନେଶ୍ୱର ଫେରିବା ବେଳେ ମୋ ଜୀବନର ସୁଖଦୁଃଖ ଓ ଅଙ୍ଗେନିଭା କଥା। ରାଜନୈତିକ ସଂଘର୍ଷ-ଜୟ-ପରାଜୟ ତଥା ସଫଳତା ବିଫଳତାର କାହାଣୀ। ବର୍ଷକର ସରକାରରେ ମୋ ନେତୃତ୍ୱ। ତିକ୍ତ-ମଧୁର ଅନୁଭୂତି। ବର୍ଷକରେ ଆମେ କଲୁ କ'ଣ ? ୪ ବର୍ଷରେ ଆମର ଆଉ କ'ଣ କରିବାକୁ ବାକି ରହିଲା ? ୨୦୩୬ ଆମର ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ସମୟରେ ଆମର ଲକ୍ଷ୍ୟ ପୂରଣ ପାଇଁ କ'ଣ କ'ଣ ପଦକ୍ଷେପ ଆଜିଠାରୁ ଆବଶ୍ୟକ? ୨୦୪୭ ମସିହାରେ ଆମ ଦେଶ ଯେତେବେଳେ ସ୍ୱାଧୀନତାର ଶତାବ୍ଦୀ ପାଳନ କରିବ-ଦେଶକୁ ବିଶ୍ୱ ଦରବାରରେ ଶ୍ରେଷ୍ଠ କରିବାରେ ଓଡ଼ିଶାର କ'ଣ ଓ କେତେ ବଡ଼ ଭୂମିକା ରହିବ ତାକୁ ନେଇ ମୋ ମନରେ ଅନେକ କଳ୍ପନା, ଯୋଜନା ତଥା ସଂକଳ୍ପ ମୋ ମନ ଭିତରେ ଉଙ୍କି ମାରୁଥିଲା।

ଠିକ୍ ବର୍ଷେ ତଳେ ଆଜି ଦିନରେ ଭୁବନେଶ୍ୱର ଜନତା ମଇଦାନରେ ଶପଥ ଗ୍ରହଣ ଉତ୍ସବ ପରେ ଲୋକସେବା ଭବନ ଆସି ପ୍ରଥମ କ୍ୟାବିନେଟ୍ ବୈଠକ କଲୁ। ୨୪ ମିନିଟ୍‌ରେ ଆମେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲୁ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଭକ୍ତଙ୍କ ମଧ୍ୟରେ ପ୍ରାଚୀର ସୃଷ୍ଟି କରିବାର ଓଡ଼ିଆ ଭାବାବେଗ ବିରୋଧୀ ୪ ଦ୍ୱାରରୁ ୩ ଦ୍ୱାର ବନ୍ଦ ନିଷ୍ପତ୍ତିକୁ ବଦଳାଇ ୪ ଦ୍ୱାର ଖୋଲିବାର ନିର୍ଣ୍ଣୟ ନେଲୁ। ମହାପ୍ରଭୁଙ୍କ ପାଇଁ ୫୦୦ କୋଟିର କର୍ପସ ଫଣ୍ଡ କଲୁ। ଆମ ସୁଭଦ୍ରା ସ୍ୱରୂପ ମା' ଭଉଣୀଙ୍କ ପାଇଁ ସୁଭଦ୍ରା ଯୋଜନା ତଥା ଅନ୍ନଦାତା କୃଷକ ଭାଇ-ଭଉଣୀଙ୍କ ପାଇଁ ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ମାଧ୍ୟମରେ ଧାନ କୁଇଣ୍ଟାଲର ଦାମ୍ ୩,୧୦୦ ଟଙ୍କାରେ ପହଞ୍ଚାଇବାକୁ ନିର୍ଣ୍ଣୟ କଲୁ। ପୂରା କ୍ୟାବିନେଟ୍ ସହ ସେଦିନ ରାତିରେ ପୁରୀରେ ରହିଲୁ। ମହାପ୍ରଭୁଙ୍କ ମଙ୍ଗଳ ଆଳତି ସହ ୪ ଦ୍ୱାର ଖୋଲିଲା।

ଆଜି ଯେତେବେଳେ ସେହି ଦିନଗୁଡ଼ିକର ଏକବର୍ଷ ପୂର୍ତ୍ତି ହେଉଛି ମୋ ନେତୃତ୍ୱରେ ବର୍ଷକରେ କ'ଣ କ'ଣ ଜନହିତକର କାମ ହୋଇଛି ତା'ର ଚର୍ଚ୍ଚା ହେବା ସ୍ୱାଭାବିକ। ଆମର ସଂକଳ୍ପ ପତ୍ରରେ ଆମେ ଯେଉଁ ଯେଉଁ ସଂକଳ୍ପକୁ ଜନତା ଦରବାରରେ ଉପସ୍ଥାପନ କରିଥିଲୁ, ସେଥିପାଇଁ ମୋ ସରକାର ଓ ମୁଁ ଉତ୍ତରଦାୟୀ।

ବର୍ଷକରେ ଆମ କାମର ହିସାବ ଦେବା ମୋ ସରକାର ଏବଂ ବ୍ୟକ୍ତିଗତ ଭାବରେ ମୋର ଦାୟିତ୍ୱ। ମାତ୍ର ହିସାବ ଦେବା ଆଗରୁ ଗୋଟିଏ କଥା କହିବି, ଏ ଜାତିର ନମସ୍ୟ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ କହିଥିଲେ, ଉତ୍କଳେ ନେତାର ନାହିଁ ପ୍ରୟୋଜନ-ଉତ୍କଳର ନେତା ସ୍ୱୟଂ ନାରାୟଣ। ମୁଁ ଆଦିବାସୀ ଘରେ ଜନ୍ମ। ଦାରିଦ୍ର୍ୟ-ଅନଟନ-ଅଭାବ ଓ ଅସୁବିଧାକୁ ସାମ୍ନା କରି ଆଗକୁ ବଢ଼ିଛି। ଯେବେ ପଡ଼ିଛି ଆହୁରି ଦୃଢ଼ ଓ ଆତ୍ମବିଶ୍ୱାସର ସହ ଛିଡ଼ା ହୋଇଛି। ଆମର ମହାପ୍ରଭୁ ଆଦିବାସୀ ଓ ଗରିବର ଦେବତା। ବୋଧହୁଏ ମୋ ଭଳି ଗରିବ ଆଦିବାସୀ ପରିବାରରୁ ଆସିଥିବା ସାଧାରଣ-ସରଳ ମଣିଷଟିଏ ହାତରେ ତାଙ୍କର ସେବାପାଇଁ ସୁଯୋଗ ଦେଇଥିବାରୁ ତାଙ୍କର ସେବକ ଭାବରେ ତାଙ୍କରି ହିଁ କାମ କରୁଛି। ଏହି ଭାବାବେଗ ସହ ଏହି ଆଲେଖ୍ୟ ତାଙ୍କୁ ହିଁ ସମର୍ପଣ କରୁଛି।

ଓଡ଼ିଶାର ପ୍ରିୟ ଭାଇଭଉଣୀମାନେ! ଆଜି ଓଡ଼ିଶାରେ ଭାଜପା ଶାସନ ଆସିବାର ପ୍ରଥମ ବର୍ଷ ପୂର୍ତ୍ତି ସତ। ମାତ୍ର ଏହା ସହ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ଶାସନର ୧୧ ବର୍ଷ ପୂର୍ତ୍ତି ମଧ୍ୟ ହୋଇଛି। ନରେନ୍ଦ୍ର ମୋଦି ତାଙ୍କ ଶାସନରେ ପୂର୍ବ ଭାରତକୁ ପ୍ରାଥମିକତା ଦେଇଛନ୍ତି ଓ ଓଡ଼ିଶା ପୂର୍ବଭାରତ ବିକାଶର ପ୍ରବେଶ ପଥ ହୋଇଛି। ଦିଲ୍ଲୀ ଓ ଭୁବନେଶ୍ୱରରେ ଭାଜପା ଶାସନ ନୁହେଁ, ଆମେ ଏହାକୁ ଡବଲ ଇଞ୍ଜିନ୍ ସରକାର ବୋଲି କହୁଛୁ। ଓଡ଼ିଶାକୁ ମୋଦିଜୀ ସାରା ଦେଶରେ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଅଧିକ ପ୍ରାଧାନ୍ୟ ଦେବା କାରଣରୁ ଓଡ଼ିଶା ଜାତୀୟ ସ୍ତରରେ ବି ନାଁ କରିଛି।

ଗତ କିଛିଦିନ ତଳେ ଦିଲ୍ଲୀରେ ନୀତି ଆୟୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ମୋଦିଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଁ ଏଥିରେ ଓଡ଼ିଶାର କାର୍ଯ୍ୟକ୍ରମ-କେନ୍ଦ୍ର ସରକାରଙ୍କ ଅପେକ୍ଷା ଆଲୋଚନା ସମୟରେ ଦୁଇଟି ପ୍ରସଙ୍ଗ ଗୁରୁତ୍ୱର ସହ ଉଲ୍ଲେଖ କରିଥିଲି। ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ମହିଳା ସଶକ୍ତୀକରଣକୁ ଆଗକୁ ନେଇ ଆମେ ଓଡ଼ିଶାରେ ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ଲକ୍ଷ୍ୟ ହାସଲ କରିବା କଥା କହିଥିଲି। ଦେଶର ୨୦୪୭ର ଲକ୍ଷ୍ୟ ପୂର୍ବରୁ ଆମ ରାଜ୍ୟ ଗଠନର ୨୦୩୬ ମସିହା ସୁଦ୍ଧା ଆମର ବଡ଼ ଲକ୍ଷ୍ୟର କଥା ଉଲ୍ଲେଖ କରିଥିଲି। ମୋଦିଜୀ ତାଙ୍କ ଭାଷଣ ସମୟରେ ମୁଁ ଉଲ୍ଲେଖ କରିଥିବା ଏହି ଦୁଇ ପ୍ରସଙ୍ଗକୁ ଉଲ୍ଲେଖ କରି ଆମ କାମକୁ ସମ୍ମତି ପ୍ରଦାନ କରିଥିଲେ।

ବର୍ଷକ ପୂର୍ବରୁ ନିର୍ବାଚନ ପରେ ଏନ୍‌ଡିଏ ସାଂସଦମାନଙ୍କୁ ଉଦ୍‌ବୋଧନ ଦେଇ ଓଡ଼ିଶା ଦେଶର ଗ୍ରୋଥ୍ ଇଞ୍ଜିନ୍ ହେବ ବୋଲି କହିଥିଲେ ମୋଦିଜୀ। ଏହା ଭିତରେ ମୋଦିଜୀ ଓଡ଼ିଶାକୁ ବର୍ଷକରେ ୫ ଥର ଆସିବା ପରେ ପୁଣି ଆସନ୍ତା ୨୦ ତାରିଖରେ ରାଜ୍ୟ ସରକାରର ବର୍ଷପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସଦୟ ସମ୍ମତି ପ୍ରଦାନ କରିଛନ୍ତି। ଓଡ଼ିଆ ଜନତାଙ୍କ ସ୍ନେହ, ଶ୍ରଦ୍ଧା, ଶୁଭେଚ୍ଛା ଓ ଦେଶର ପ୍ରଧାନମନ୍ତ୍ରୀ ମୋଦିଜୀଙ୍କର ଓଡ଼ିଶା ପ୍ରତି ଅଧିକ ସମ୍ବେଦନଶୀଳତା ଆମକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବ ବୋଲି ମୁଁ ମୋର ପ୍ରିୟ ରାଜ୍ୟବାସୀଙ୍କୁ ଭରସା ଦେଉଛି।

ମୋଦିଜୀଙ୍କ ଭାଷାରେ ଆମର ମୋଟ ୪ ଜାତି। ଜାତି-୧ ଗରିବ। ଜାତି-୨ କୃଷକ। ଜାତି- ୩ ଯୁବପିଢ଼ି। ଜାତି-୪ ମହିଳା। ୨୦୧୪ରୁ ଦେଶରେ ଗାନ୍ଧୀ-ଦୀନ୍‌ଦୟାଲଙ୍କ ଗରିବ କଲ୍ୟାଣ ଓ ଅନ୍ତ୍ୟୋଦୟର ଶାସନ ଚାଲୁଛି। ଏବେ ସଦ୍ୟତମ ବିଶ୍ୱବ୍ୟାଙ୍କ ରିପୋର୍ଟ କହୁଛି ମୋଦିଜୀଙ୍କ ନେତୃତ୍ୱରେ ଆମ ଦେଶରେ ଗରିବୀ ହଟାଅ ସ୍ଲୋଗାନ ନୁହେଁ, ଗରିବ କଲ୍ୟାଣ ଦେଶବାସୀଙ୍କ ପାଇଁ ଜନ ଆଶୀର୍ବାଦ ହୋଇଛି। ସବ୍‌କା ସାଥ୍ ସବ୍‌କା ବିକାଶ, ସବ୍‌କା ପ୍ରୟାସ, ସବ୍‌କା ବିଶ୍ୱାସ ଓଡ଼ିଶାରେ ବି ଆମ ଶାସନର ମୂଳ ମନ୍ତ୍ର ହୋଇଛି।

ସୁଭଦ୍ରାରେ ୧ କୋଟିରୁ ଅଧିକ ମହିଳା, ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଗରିବ ପରିବାରର ଝିଅମାନଙ୍କର ବିବାହକୁ ଜାକଜମକରେ କରିବାର ବ୍ୟବସ୍ଥା। ସ୍ୱୟଂସହାୟକ ଗୋଷ୍ଠୀର ବିକାଶ ମାଧ୍ୟମରେ ରାଜ୍ୟର ଅର୍ଥନୀତିକୁ ବଡ଼ କରିବାର ବଡ଼ ଯୋଜନା କ୍ରିୟାନ୍ୱିତ ହେଉଛି।

୮୦୦ ଟଙ୍କାର ଧାନ ଉପରେ ଇନ୍‌ପୁଟ୍ ସବ୍‌ସିଡି ଦେଇ ଧାନର କୁଇଣ୍ଟାଲ ପିଛା ମୂଲ୍ୟ ୩,୧୦୦ ଟଙ୍କା କରିବା ଆମର ବଡ଼ ନିଷ୍ପତ୍ତି। କୃଷି-ମତ୍ସ୍ୟ ପଶୁପାଳନ-ସମବାୟ ଓ ଜଳସେଚନ ଏହି ସବୁ ବିଭାଗର ଯୋଜନାକୁ ଏକୀକୃତ କରି ଚାଷୀମାନଙ୍କର ବଡ଼ ବିକାଶର କାମରେ ଲାଗିଛି ଆମ ସରକାର।

ଶିଳ୍ପ ପ୍ରସ୍ତାବ ଆସୁଥିଲା। ଉପଯୁକ୍ତ ଉଦ୍ୟମ ଅଭାବରୁ ଫେରି ଯାଉଥିଲା। ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ମୋଦି ଯୋଗଦେଲେ ଓ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଅନୁରୋଧ କରି ସେମାନଙ୍କୁ ମୋଦି ଗ୍ୟାରେଣ୍ଟିର ପ୍ରତିଶ୍ରୁତି ଦେଲେ। ଏବେ ଆମ ରାଜ୍ୟକୁ ପାଖାପାଖି ୧୭ ଲକ୍ଷ କୋଟି ପୁଞ୍ଜିନିବେଶର ପ୍ରସ୍ତାବ ଆସିଛି। ସେଥିମଧ୍ୟରୁ ଅନେକଙ୍କର କାମ ଆରମ୍ଭ ହୋଇ ସାରିଲାଣି। ଆମର ନିଷ୍ଠାପର ଉଦ୍ୟମ ଯେତେ ପ୍ରସ୍ତାବ ଆସୁଛି ତାକୁ ସବୁ ଏବଂ କମ୍ ସମୟରେ କିପରି କ୍ରିୟାନ୍ୱିତ ହୋଇପାରିବ ତା'ର ପ୍ରବନ୍ଧନ କରିବା ଓ ଆମ ଯୁବପିଢ଼ି ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରିବା।

୫ ବର୍ଷରେ ଦେଢ଼ ଲକ୍ଷ ସରକାରୀ କର୍ମଚାରୀ ପଦବୀ ପୂରଣ ପାଇଁ ଆମେ ସଂକଳ୍ପ ପତ୍ରରେ କହିଥିଲୁ। ତୃଣମୂଳ ସ୍ତରରେ ଯୋଜନା କ୍ରିୟାନ୍ୱୟନ ହେବାରେ ବଡ଼ ପ୍ରତିବନ୍ଧକ କର୍ମଚାରୀ ଅଭାବ। ଗତ ବର୍ଷକରେ ସ୍ୱଚ୍ଛ ନିର୍ମଳ ପ୍ରକ୍ରିୟାରେ ୨୭ ହଜାର କର୍ମଚାରୀ ପଦବୀ ପୂରଣ କରିଛୁ। ଆଗାମୀ ବର୍ଷ ଆଉ ୪୦ ହଜାର ପଦବୀ ପୂରଣ କରିବାର ଲକ୍ଷ୍ୟ ରଖିଛୁ।

୨୪ ବର୍ଷ ସରକାରରେ ପଛୁଆବର୍ଗଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ନିଷ୍ପତ୍ତି ହୋଇପାରୁ ନ ଥିଲା। ଏବେ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ହୋଇଛି। ଇତିମଧ୍ୟରେ ଇଞ୍ଜିନିୟରିଂ ଓ ମେଡିକାଲ ଶିକ୍ଷା କ୍ଷେତ୍ରରେ ସମାନ ସଂରକ୍ଷଣ ପାଇଁ ମୋ ପାଖକୁ ଅନେକ ଦାବି ଆସୁଛି। ଆମେ ତର୍ଜମା କରି ନିଶ୍ଚିତ ନିର୍ଣ୍ଣୟ କରିବୁ।

ଏବେ ଆୟୁଷ୍ମାନ୍ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲାଗୁ ହେବା କାରଣରୁ ମାଗଣା ସ୍ୱାସ୍ଥ୍ୟସେବା ଲୋକଙ୍କ ପାଖରେ ପହଞ୍ଚିଛି। ଏଥିପାଇଁ ଆମର ପ୍ରବାସୀ ଶ୍ରମିକମାନେ ବିଶେଷ ଲାଭବାନ୍ ହୋଇଛନ୍ତି। ଏବେ କେନ୍ଦ୍ରାପଡ଼ା ଗସ୍ତ ସମୟରେ ବିରୋଧୀ ଦଳର ଜଣେ ବିଧାୟକ ଓ ନେତୃବୃନ୍ଦ କେନ୍ଦ୍ରାପଡ଼ାର ପ୍ରବାସୀମାନଙ୍କର ଆୟୁଷ୍ମାନ୍ ଯୋଜନା ପାଇଁ ଖୁସି ପ୍ରସଙ୍ଗ ଉଲ୍ଲେଖ କରୁଥିଲେ। ମୋଦିଙ୍କୁ ଶ୍ରେୟ ଚାଲିଯିବ ବୋଲି ଗରିବ ଓଡ଼ିଆଙ୍କୁ କଷ୍ଟ ଦେଇ ରାଜନୈତିକ ସ୍ୱାର୍ଥ ହାସଲ କରିବାକୁ ମୁଁ ଗ୍ରହଣ କରିପାରୁନାହିଁ। ସ୍ୱାସ୍ଥ୍ୟ ସହ ଶିକ୍ଷା ଓ ଏଥିପାଇଁ ନୂତନ ଶିକ୍ଷାନୀତି-୨୦୨୦ର କ୍ରିୟାନ୍ୱୟନ ପୂରା ନିଷ୍ଠାର ସହ ଚାଲିଛି।

୮୦ ବର୍ଷରୁ ଊର୍ଦ୍ଧ୍ୱ ଓ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କ ଭତ୍ତା ରାଶି ୩,୫୦୦କୁ ବୃଦ୍ଧି କରାଯାଇଛି। ଆୟୁଷ୍ମାନ୍ ଯୋଜନାରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ବୟୋବନ୍ଦନା ଯୋଜନାରେ ମାଗଣା ସ୍ୱାସ୍ଥ୍ୟସେବା ଦେବାର ବ୍ୟବସ୍ଥା ହୋଇଛି।

ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ, ଉପାନ୍ତ ଓ ଦୁର୍ଗମର ବାସିନ୍ଦା, ଯେଉଁମାନେ ମୋଟାମୋଟି ରାଜ୍ୟର ଗରିବମାନଙ୍କର ପ୍ରମୁଖ ଭାଗ ସେମାନେ ଆମର ପ୍ରାଥମିକତାରେ ଅଛନ୍ତି ଏବଂ ଏକବର୍ଷର ସରକାରରେ ସେମାନଙ୍କର ସେବାପାଇଁ ଆମେ ଉଦ୍ୟମରେ କେବେ ଅବହେଳା କରିନୁ।

ମୋତେ ଜଣା ଆମ ରାଜ୍ୟରେ ପିଇବା ପାଣି ଏକ ସମସ୍ୟା ଭାବରେ ମୁଣ୍ଡ ଟେକିଛି। ଦକ୍ଷିଣ ଭାରତରୁ ଠିକାଦାର ଆଣି ପ୍ୟାକେଜ୍ ମାଧ୍ୟମରେ କାମ ପୂର୍ବ ସରକାରରେ ଦେଇଥିଲେ। ପାଇପ୍ ପାଣି ଯୋଗାଣ ଆମ ରାଜ୍ୟରେ ବିଡ଼ମ୍ବନା ହୋଇଛି। ଆମେ ଆମର ମା'ମାନଙ୍କର ଏହି ପ୍ରମୁଖ ଆବଶ୍ୟକତାକୁ ଯୁଦ୍ଧକାଳୀନଭିତ୍ତିରେ କ୍ରିୟାନ୍ୱୟନ କରୁଛୁ। ୨୦୨୬ ସୁଦ୍ଧା ରାଜ୍ୟର ୯୦ ପ୍ରତିଶତ ଘରେ ଶୁଦ୍ଧ ପିଇବା ପାଣି ପାଇପ ଯୋଗେ ପହଞ୍ଚାଇବାର ବ୍ୟବସ୍ଥା କରୁଛୁ। ଉପାନ୍ତ ଅଞ୍ଚଳରେ ଗମନାଗମନ ପାଇଁ ସଡ଼କ ବ୍ୟବସ୍ଥାକୁ ଆମେ ଗୁରୁତ୍ୱ ଦେଇ କାମ କରୁଛୁ।

ମୋ ଦୁଆର ସମସ୍ତଙ୍କ ପାଇଁ ଖୋଲା। ଛୋଟିଆ କଥା, ଜଣେ ଭିକ୍ଷାବୃତ୍ତି କରୁଥିବା ଲୋକ ମୋ ବାସଭବନ ପାଖକୁ ଆସେ ଓ ମୋ ସୁରକ୍ଷାକର୍ମୀ ମୋତେ ଦେଖା କରିବାର ସୁଯୋଗ ଦେଇପାରିଲେନି। ବାରମ୍ବାର ଆସୁଥିବା ଏହି ବ୍ୟକ୍ତି ସମ୍ବନ୍ଧରେ ଜାଣିବା ପରେ ତାଙ୍କୁ ଡାକିଲି। ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇ ତାଙ୍କ ଆପତ୍ତି ଅଭିଯୋଗ ତର୍ଜମା କରି ସମାଧାନ କରିବାକୁ କହିଲି। ଅଭିଯୋଗ ଶୁଣାଣି-ଲୋକଙ୍କ ସହ ମିଶିବା କାରଣରୁ ଆପଣ ମୋତେ ଲୋକଙ୍କ ମୁଖ୍ୟମନ୍ତ୍ରୀ ଓ ସରକାରଙ୍କୁ ଲୋକଙ୍କ ସରକାର କହୁଥିବାରୁ ହୃଦୟରୁ ଧନ୍ୟବାଦ ଦେଉଛି।

ମୁଁ ମୁଖ୍ୟମନ୍ତ୍ରୀ ଆସନରେ ବସି ଥାଇପାରେ। ମାତ୍ର ମୁଁ ଆପଣଙ୍କ ମଧ୍ୟରୁ ଆସିଥିବା ଜଣେ ସାଧାରଣ ଓଡ଼ିଆ। ଦୃଢ଼ ନିଷ୍ଠା-କଠିନ ପରିଶ୍ରମ ଓ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ମୋର ପ୍ରତିବଦ୍ଧତାକୁ ପୁଣିଥରେ ଦୋହରାଇ ରହୁଛି।

**ଜୟ ଜଗନ୍ନାଥ**

**(ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର)**

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧୨ ଜୁନ୍ ୧୯୭୬**

- ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏବଂ ରୁଷ୍ କମ୍ୟୁନିଷ୍ଟ ଦଳର ସାଧାରଣ ସମ୍ପାଦକ ଲିଓନିଡ୍ ବ୍ରେଜନେଭ ପ୍ରକାଶିତ ମିଳିତ ଘୋଷଣାପତ୍ର ବା ବିବୃତିରେ ସ୍ୱାକ୍ଷର ଦେଇଛନ୍ତି।
- ଭାରତରେ ସୋମାଲିଆର ପ୍ରଥମ ରାଷ୍ଟ୍ରଦୂତ ରୂପେ ମହମ୍ମଦ ଇବ୍ରାହିମ୍ ଇଗଲ ମନୋନୀତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | 9 | 3 | | | | 6 |
| | 4 | 3 | | | | | | |
| | | | | | | 8 | | 1 |
| | 9 | | 4 | | | | | |
| 1 | 2 | | 8 | 5 | | | | |
| | | | 6 | 1 | 3 | | 9 | |
| 7 | | | | | | 2 | | |
| | | 9 | | 7 | 2 | | | |
| | | | | | | | 6 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 3 | 6 | 8 | 4 | 1 | 7 | 5 |
| 7 | 4 | 6 | 5 | 3 | 1 | 9 | 8 | 2 |
| 8 | 1 | 5 | 2 | 9 | 7 | 4 | 3 | 6 |
| 3 | 5 | 2 | 4 | 7 | 8 | 6 | 9 | 1 |
| 4 | 8 | 9 | 1 | 6 | 5 | 3 | 2 | 7 |
| 1 | 6 | 7 | 3 | 2 | 9 | 5 | 4 | 8 |
| 9 | 2 | 1 | 7 | 4 | 6 | 8 | 5 | 3 |
| 6 | 7 | 8 | 9 | 5 | 3 | 2 | 1 | 4 |
| 5 | 3 | 4 | 8 | 1 | 2 | 7 | 6 | 9 |

ଗତକାଲିର ଉତ୍ତର

# ବିଶ୍ୱ ପାଇଁ ଶାନ୍ତିର ମାର୍ଗ



ଉମାଶଙ୍କର ପ୍ରସାଦ

ଯୁଗେ ଯୁଗେ ମଣିଷ ଚାହିଁଛି ଶାନ୍ତି। ସମଗ୍ର ମଣିଷଜାତିକୁ ଗୋଟିଏ ପରିବାର ମନେକରି ସେ ଶାନ୍ତି ଓ ପ୍ରଗତି ପାଇଁ ସତତ ଚେଷ୍ଟିତ। ମାତ୍ର ବିଜ୍ଞାନର ଅଗ୍ରଗତି ଫଳରେ ମଣିଷ ବିଶ୍ୱଧ୍ୱଂସୀ ମାରଣାସ୍ତ୍ର ନିର୍ମାଣ କରି ସମଗ୍ର ବିଶ୍ୱରେ ସୃଷ୍ଟି କରିଛି ଆତଙ୍କରାଜ। ବିଂଶ ଶତାବ୍ଦୀର କବି ଇଲିଏଟଙ୍କ ଭାଷାରେ- ଏ ଶତାବ୍ଦୀ ବିଜ୍ଞାନର ଅଭିନବ ପ୍ରଗତି କରିଛି ସତ, କିନ୍ତୁ ବିଶ୍ୱ ଧ୍ୱଂସ ପାଇଁ ଏହା ପଥ ପରିଷ୍କାର କରିଦେଇଛି। ପ୍ରାଚୀନ କାଳରେ ମଧ୍ୟ ମଣିଷ ଯୁଦ୍ଧ କରୁଥିଲା ଏବଂ ଏବେ ମଧ୍ୟ କରୁଛି। ମାତ୍ର ପ୍ରାଚୀନ ଏବଂ ଆଜିର ଯୁଦ୍ଧ ମଧ୍ୟରେ ଆକାଶ ପାତାଳ ପ୍ରଭେଦ। ପ୍ରାଚୀନ କାଳର ଯୁଦ୍ଧ ଥିଲା ସୀମାବଦ୍ଧ। ସାଧାରଣ ଜନତା ସେ ଯୁଦ୍ଧ ଦ୍ୱାରା କ୍ଷତିଗ୍ରସ୍ତ ହେଉ ନ ଥିଲେ, ମାତ୍ର ସାମ୍ପ୍ରତିକ କାଳରେ ଯୁଦ୍ଧ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ମଧ୍ୟରେ ସୀମାବଦ୍ଧ ହୋଇ ରହୁନାହିଁ। ଏହା ହେଉଛି ବିଶ୍ୱବ୍ୟାପୀ। ବିଭିନ୍ନ ସହର ଏବଂ ଜନପଦ ଉପରେ ବୋମା ମାଡ଼ ହୋଇ ଧ୍ୱଂସସ୍ତୂପରେ ପରିଣତ ହେଉଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ହିରୋସୀମା ଏବଂ ନାଗାସାକୀରେ ଆମେରିକା ଯେଉଁ ପରମାଣୁ ବୋମା ନିକ୍ଷେପ କରିଥିଲା ତା'ର କରୁଣ ପରିଣତି ଏବେ ମଧ୍ୟ ହୃଦୟରେ ଆତଙ୍କ ସୃଷ୍ଟି କରେ। ଏହା ସତ୍ତ୍ୱେ ଆଜିର କ୍ଷମତା ମଦ-ମତ୍ତ ମଣିଷ ପରମାଣୁ ଯୁଦ୍ଧ କରିବାକୁ ଚେଷ୍ଟା କରୁଛି। ଦୀର୍ଘଦିନ ଧରି ଚାଲିଥିବା ୟୁକ୍ରେନ ଓ ରୁଷିଆ ଯୁଦ୍ଧ ଦିନକୁଦିନ ଗମ୍ଭୀର ହେବାରେ ଲାଗିଛି। ପୃଥିବୀର ଦୁଇଟି ବୃହତ୍ ଶକ୍ତି ଆମେରିକା ଓ ରୁଷିଆ ପରମାଣୁ ବୋମା ପ୍ରୟୋଗ କରିବାକୁ ସବୁବେଳେ ପ୍ରସ୍ତୁତ ହୋଇ ରହୁଛନ୍ତି। ବର୍ତ୍ତମାନ ଯେତେ ମାରଣାସ୍ତ୍ର ନିର୍ମାଣ କରାଯାଇଛି ସେମାନଙ୍କ ମଧ୍ୟରେ ପରମାଣୁ ବୋମା ଓ ଉଦ୍‌ଜାନ



ବୋମା ଭୟଙ୍କର ମାରଣାସ୍ତ୍ର। ଆମେରିକା ପାଖରେ ଆଜିର ତଥ୍ୟାନୁସାରେ ୫୦୪୪ ପରମାଣୁ ବୋମା ଥିଲାବେଳେ ୧୭୭୦ ସକ୍ରିୟ ଓ ୧୯୩୮ ଗଚ୍ଛିତ ଏବଂ ୧୩୩୬ ଯୁଦ୍ଧ ପାଇଁ ପ୍ରସ୍ତୁତ। ଆମେରିକା ହେଉଛି ପରମାଣୁ ବୋମା ପ୍ରସ୍ତୁତ କରିବାରେ ପ୍ରଥମ ଦେଶ। ଆମେରିକା ତୁଳନାରେ ରୁଷିଆ ପାଖରେ ୫୫୮୦ଟି ପରମାଣୁ ବୋମା ଅଛି। ସେଥି ମଧ୍ୟରୁ ସକ୍ରିୟ ଭାବରେ ଯୁଦ୍ଧ ପାଇଁ ପ୍ରସ୍ତୁତି ଅବସ୍ଥାରେ ଅଛି। ରୁଷିଆ ପାଖରେ ଗଣ ସଂହାର ପାଇଁ ତିନି ପ୍ରକାର ଯଥା ପରମାଣୁ ବୋମା, ବାୟୋଲଜିକାଲ ଅସ୍ତ୍ର ଓ ଉଦ୍‌ଜାନ ବୋମାର ରହିଛି। ନିକଟରେ ଜେଲେନସ୍କି ରୁଷିଆର ୨୪ଟି ଏଆରକ୍ରାଫ୍ଟକୁ ଡ୍ରୋନ୍ ମାଡ଼ରେ ଧ୍ୱଂସ କରି ପୁଟିନଙ୍କ କ୍ରୋଧକୁ ପଞ୍ଚମକୁ ଉଠାଇଛି, ଯାହା କୌଣସି ସମୟରେ ଭୟଙ୍କର ସ୍ଥିତି ଉପୁଜିପାରେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମୀର ପୁଟିନଙ୍କ ମଧ୍ୟରେ ପ୍ରାୟ ଦେଢ଼ଘଣ୍ଟା କାଳ ସୌଜନ୍ୟମୂଳକ ଆଲୋଚନା ହୋଇଥିଲେ ମଧ୍ୟ ଜେଲେନସ୍କି ଭିନ୍ନ ପନ୍ଥା ଅପଣାଇବା ଲକ୍ଷ୍ୟ କରାଯାଉଛି, ଯିଏ ଆମେରିକା ବଳରେ ରୁଷିଆର ସମ୍ମୁଖୀନ ହେବାକୁ ସାହସ କରିଥିଲେ । ସେ ଆଜି ତୃତୀୟ ବିଶ୍ୱଯୁଦ୍ଧକୁ ଆମନ୍ତ୍ରଣ କରି ସମଗ୍ର ବିଶ୍ୱକୁ ଯୁଦ୍ଧର ଭୟଙ୍କର ଓ ଲୋମହର୍ଷଣକାରୀ ପରିସ୍ଥିତିକୁ ଠେଲିଦେବାକୁ ବସିଛନ୍ତି। ମାନବୀୟ ମୂଲ୍ୟବୋଧର ଅବକ୍ଷୟ ଯୋଗୁ ଏପରି ଘଟୁଛି। ନିଜ ଭିତରେ ଥିବା ଅହଂକୁ ପରିତ୍ୟାଗ କରି ବିଶ୍ୱ କଲ୍ୟାଣ ପାଇଁ ଶାନ୍ତି ମାର୍ଗ ଆପଣାଇବା ସମାଜ ପାଇଁ ମଙ୍ଗଳମୟ ହେବ। ଶାନ୍ତିର ଅମୀୟବାଣୀର ପ୍ରସାର ହେବ। ବିଶ୍ୱକୁ ଅମୃତମୟ ଓ ମଧୁମୟ କରି ଗଢ଼ିବାକୁ ହେଲେ ମାରଣାସ୍ତ୍ର ବିରୋଧରେ ବିଶ୍ୱ ଜନମତ ସୃଷ୍ଟି ହେବା ଉଚିତ।

**ଖୋର୍ଦ୍ଧା**
**ମୋ: ୬୩୭୦୬ ୭୫୫୬୨**

## ଏଇ ଭାରତରେ

ସେନାରୁ ଅବସର ନେବା ପରେ କେରଳର ଡିନିଲ ପ୍ରସାଦ କେଜ୍ ଫିଶ୍ ଫାର୍ମିଂ(ଜାଲି ଭିତରେ ମାଛଚାଷ)ରେ ପୂରା ସମୟ ଦେଇଛନ୍ତି। ଏହି ପଦ୍ଧତିରେ ସେ ମାଛଚାଷ କରିବା ସହ ତାଙ୍କ ଅଞ୍ଚଳରେ ଅନ୍ୟ କୃଷକମାନଙ୍କୁ ଏଥିପ୍ରତି ଆକୃଷ୍ଟ କରିପାରିଛନ୍ତି। କୁନ୍ନୁର ନିକଟବର୍ତ୍ତୀ ପରପରାମ୍ବ ଗାଁରେ ଜନ୍ମିତ ଡିନିଲ ଏହି ଚାଷରେ ଏବେସୁଦ୍ଧା ୫୦ ଚାଷୀଙ୍କୁ ସାମିଲ କରିସାରିଲେଣି। କନ୍ନୁରରେ ୨୦୧୮ରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟା ପରେ ସେ ଚାଷୀଙ୍କୁ ସହଯୋଗ କରିବା ଲାଗି ନିଷ୍ପତ୍ତି ନେଇଥିଲେ ଏବଂ ନିଜ ଘରେ ଏକ ସୀମିତ ଜାଗା ଅର୍ଥାତ୍ ଜାଲି ମଧ୍ୟରେ ମାଛଚାଷ ଆରମ୍ଭ କରିଥିଲେ। ପ୍ରଥମେ ପରିବାର ପକ୍ଷରୁ ଏହାକୁ କେହି ସମର୍ଥନ ଦେଇ ନ ଥିଲେ, କିନ୍ତୁ ଦୁଇ ତିନି ବର୍ଷ ପରେ ଡିନିଲ ଏଥିରୁ ସଫଳତା ପାଇଲେ। ୪ ମିଟର ଚଉଡ଼ା, ୪ ମିଟର ଲମ୍ବ ଓ ୨.୫ ମିଟର ଗଭୀରର ଗୋଟିଏ ଜାଲିରେ ମାଛଚାଷ କରି ୨ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ମାଛ ଉତ୍ପାଦନ କରୁଛନ୍ତି। ସେ ମଧ୍ୟ ଚାଷୀମାନଙ୍କୁ ଶସ୍ତାରେ ଯାଆଁଳ ଯୋଗାଇ ଦେଉଛନ୍ତି ଏବଂ ଚାଷ ପାଇଁ ଆବଶ୍ୟକ ଭିତ୍ତିଭୂମି ଲାଗି ମଧ୍ୟ ସହାୟତା କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଡିନିଲ କୃଷକମାନଙ୍କ ଆୟ ବୃଦ୍ଧି କରିବା ସହ ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିଛନ୍ତି।

## ଚିରନ୍ତନୀ

ଆଦର୍ଶ ଯାହାର ମହା
ସାମ୍ୟ-ନୀତି ନାହିଁ ଭେଦଜ୍ଞାନ,
ମାନବ-ଶିଶୁର ଯହିଁ ନାହିଁ
ଜାତି ଦ୍ୱେଷ ଅପମାନ।
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଫଳ ଦୋକାନୀଙ୍କ ପ୍ରତି ସାବଧାନ

ମହାଶୟ,

ଫଳ ଦୋକାନୀମାନେ ସାଧାରଣତଃ କଳା ପଲିଥିନ୍ ପ୍ୟାକେଟ୍‌ରେ ଫଳ ଓଜନକରି ଦିଅନ୍ତି। ଆପଣ ଯେଉଁ ଫଳ ବାଛିକରି ଦିଅନ୍ତି ସେମାନେ ତାହାକୁ ପଲିଥିନରେ ପୂରାଇ ଓଜନକରି ଆପଣଙ୍କୁ ଦେଇଦିଅନ୍ତି ଏବଂ ସେମାନଙ୍କ ପ୍ରାପ୍ୟ ନେଇଯାନ୍ତି। କିନ୍ତୁ ଆପଣ ଜାଣନ୍ତି କି ଓଜନ ପୂର୍ବରୁ ସେ ପଲିଥିନ୍‌ରେ କେତେ ପଚାଫଳ ଚତୁରତାର ସହ ରଖିଦେଇଥାନ୍ତି। ଆପଣ ତାକୁ ଘରକୁ ନେଇ ଆସିବା ପରେ ସେମାନଙ୍କ ବିଶ୍ୱାସଘାତକତାର କଥାକୁ ବେଶ୍ ଉପଲବ୍ଧି କରିପାରିବେ। ଅବଶ୍ୟ ସବୁ ବ୍ୟବସାୟୀ ସେଭଳି କରନ୍ତି ନାହିଁ। କେତେଜଣ ଅସାଧୁ ବ୍ୟବସାୟୀ ଗ୍ରାହକଙ୍କୁ ଏଭଳି ଠକିଥାନ୍ତି। ତେଣୁ ସତର୍କତା ଅବଲମ୍ବନ କରିବାକୁ ଅନୁରୋଧ।

**-ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୨ ରେଳ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରୀ

**ଭୁବନେଶ୍ୱର,୧୧।୬ (ଅନୁରାଧା ମହାରଣା)**

କେନ୍ଦ୍ର କ୍ୟାବିନେଟ ରେଳ ମନ୍ତ୍ରଣାଳୟ ମୋଟ ୬ ହଜାର ୪୦୫ କୋଟି ଟଙ୍କାର ଦୁଇଟି ପ୍ରକଳ୍ପକୁ ମଞ୍ଜୁରି ଦେଇଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ୩ ହଜାର ୬୩ କୋଟି ଟଙ୍କା ବ୍ୟୟରେ କୋଡରମା–ବରକାକାନା ରେଳ ଲାଇନର ଦୋହରୀକରଣ ଓ ୩ ହଜାର ୩୪୨ କୋଟି ଟଙ୍କା ବ୍ୟୟରେ ବଲ୍ଲାରୀ–ଚିକଜାଜୁର ରେଳ ଲାଇନର ଦୋହରୀକରଣକୁ ମଞ୍ଜୁରି ଦିଆଯାଇଛି। କ୍ୟାବିନେଟ ବୈଠକ ପରେ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ରେଳ, କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ୧୩୩ କି.ମି. କୋଡରମା–ବରକାକାନା ଦୋହରୀକରଣ ପ୍ରକଳ୍ପ ୯୩୮ଟି ଗ୍ରାମ ଏବଂ ୧୫ ଲକ୍ଷ ଜନସଂଖ୍ୟାକୁ ଉନ୍ନତ ସଂଯୋଗ ପ୍ରଦାନ କରିବ। ଏହି ପ୍ରକଳ୍ପଗୁଡ଼ିକ ଝାଡ଼ଖଣ୍ଡର ଚାରୋଟି ଜିଲା କୋଡରମା, ଚତରା ହଜାରିବାଗ ଏବଂ ରାମଗଡ଼କୁ ଯୋଡ଼ିବା ସହ ଏକ ପ୍ରମୁଖ କୋଇଲା ଉତ୍ପାଦନ କ୍ଷେତ୍ର ଦେଇଯିବ। ଦ୍ୱିତୀୟ ପ୍ରକଳ୍ପ ବଲ୍ଲାରୀ–ଚିକଜାଜୁର ଦ୍ୱିଗୁଣିତ ରେଳ ଲାଇନ୍ ୧୮୫ କି.ମି. ବିଶିଷ୍ଟ, ଯାହା ମଙ୍ଗାଲୋର ବନ୍ଦରକୁ ସିକନ୍ଦରାବାଦ ସହିତ ସଂଯୋଗ କରିବ। ଏହି ପ୍ରକଳ୍ପ ଲାଇନ କର୍ଣ୍ଣାଟକର ବଲ୍ଲାରୀ ଏବଂ ଚିତ୍ରଦୁର୍ଗ ଜିଲ୍ଲା ଓ ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲା ଦେଇ ଯିବ। ଏହା ଲୁହା, କୋଇଲା, ଇସ୍ପାତ ଏବଂ ସାରର ପରିବହନକୁ ପୂରଣ କରିବ। ତିନି ବର୍ଷ ମଧ୍ୟରେ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଥିଲା। ଝାଡ଼ଖଣ୍ଡ, କର୍ଣ୍ଣାଟକ ଏବଂ ଆନ୍ଧ୍ର ପ୍ରଦେଶର ସାତଟି ଜିଲାକୁ ସଂଯୋଗ କରୁଥିବା ଏହି ଦୁଇଟି ପ୍ରକଳ୍ପ ଭାରତୀୟ ରେଳପଥର ବର୍ତ୍ତମାନର ନେଟୱର୍କକୁ ପ୍ରାୟ ୩୧୮ କିଲୋମିଟର ବୃଦ୍ଧି କରିବ। ବର୍ଦ୍ଧିତ ଲାଇନ କ୍ଷମତା ଗତିଶୀଳତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ, ଫଳସ୍ୱରୂପ ଭାରତୀୟ ରେଳବାଇ ପାଇଁ ପରିଚାଳନା ଦକ୍ଷତା ଏବଂ ସେବା ବିଶ୍ୱସନୀୟତାରେ ଉନ୍ନତି ହେବ। ଏହା ୨୮ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଏକ ହଜାର ୪ଶହରୁ ଅଧିକ ଗ୍ରାମକୁ ସଂଯୋଗ ବୃଦ୍ଧି କରିବ। ପ୍ରକଳ୍ପର ନିର୍ମାଣ ସମୟରେ ପ୍ରାୟ ୧୦୮ ଲକ୍ଷ ମାନବ ଦିବସ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବ। ନରେନ୍ଦ୍ର ମୋଦୀ ସରକାରଙ୍କ ତୃତୀୟ କାର୍ଯ୍ୟକାଳରେ ପରିବହନ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବା ପାଇଁ ୪ ଲକ୍ଷ ୫୮ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ପ୍ରକଳ୍ପ ହାତକୁ ନିଆଯାଇଛି। ପରିବହନ କ୍ଷେତ୍ରରେ ପୁଞ୍ଜି ନିବେଶ କାରଣରୁ ଲଜିଷ୍ଟିକ୍ସ ଖର୍ଚ୍ଚ ୪% ହ୍ରାସ ପାଇଛି ବୋଲି ରେଳମନ୍ତ୍ରୀ କହିଥିଲେ।

## ଆଜିଠାରୁ ଆବୁଧାବି ଉଡ଼ିବ ବିମାନ

**ଭୁବନେଶ୍ୱର,୧୧।୬(ଅନୁରାଧା ମହାରଣା)**

ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଆବୁଧାବିକୁ ଗୁରୁବାରଠାରୁ ସିଧାସଳଖ ବିମାନ ସେବା ଆରମ୍ଭ ହେବ। ସପ୍ତାହର ତିନିଦିନ ଅର୍ଥାତ ବୁଧବାର, ଶୁକ୍ରବାର ଏବଂ ରବିବାର ବିମାନ ସେବା ଉପଲବ୍ଧ ହେବ। ଯାତ୍ରୀମାନେ ମାତ୍ର ସାଢ଼େ ଚାରି ଘଣ୍ଟାରେ ଆବୁଧାବିରେ ପହଞ୍ଚିପାରିବେ। ଇଣ୍ଡିଗୋ ଏୟାର ଲାଇନ୍ସ ଏହି ସେବା ପ୍ରଦାନ କରିବ। ବିମାନଟି ଭୁବନେଶ୍ୱରରୁ ଗୁରୁବାର ପୂର୍ବାହ୍ନ ୯ଟା ୩୫ରୁ ଉଡ଼ାଣ ଆରମ୍ଭ କରି ସ୍ଥାନୀୟ ସମୟ ଅନୁସାରେ ମଧ୍ୟାହ୍ନ ୧୨ଟା ୩୫ରେ ୟୁଏଇର ରାଜଧାନୀ ଆବୁଧାବିରେ ଅବତରଣ କରିବ। ସେହିପରି ଆବୁଧାବିରୁ ସ୍ଥାନୀୟ ସମୟ ରାତି ୨ଟା ୩୫ରେ ବିମାନ ଯାତ୍ରା ଆରମ୍ଭ କରି ସକାଳ ୮ଟା ୩୫ରେ ଭୁବନେଶ୍ୱରରେ ପହଞ୍ଚିବ। ଏଥିପାଇଁ ବିମାନ ଭଡ଼ା ୧୨,୬୮୫ ଟଙ୍କାରୁ ଆରମ୍ଭ ହେଉଥିବାବେଳେ ଫେରିବା ଭଡ଼ା ୧୬,୧୩୨ ଟଙ୍କା ରହିଛି।

## ପାଣିରେ ବୁଡ଼ି ୨ ନାବାଳିକା ମୃତ

**ମୋରଡ଼ା,୧୧।୬(ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅମର୍ଦା ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମରେ ବୁଧବାର ପାଣିରେ ବୁଡ଼ି ୨ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳିକା ଦ୍ୱୟ ନବ କୁମାର ଜେନାଙ୍କ ନାତୁଣୀ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଅପରାହ୍ନ ୫ଟା ସମୟରେ ନବଙ୍କ ଘରେ ଭଗବତୀ ପୂଜା ଚାଲିଥିଲା। ଏହି ସମୟରେ ତାଙ୍କର ୨ ନାବାଳିକା ନାତୁଣୀ ସ୍ଥାନୀୟ ପୋଖରୀକୁ ଯାଇଥିବାବେଳେ ଅସାବଧାନତା ଯୋଗୁ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାରକରି ଜଳେଶ୍ୱର ଡାକ୍ତରଖାନାରେ ଭର୍ତ୍ତିକରିଥିଲେ ମଧ୍ୟ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## ଲାଗୁରିଙ୍କୁ ପିସିସି ପକ୍ଷରୁ ସ୍ୱାଗତ

**ଭୁବନେଶ୍ୱର,୧୧।୬(ରବିନାରାୟଣ ଜେନା)**

ନବନିଯୁକ୍ତ ପିସିସି ଅନୁସୂଚିତ ଜନଜାତି ବିଭାଗ ଅଧ୍ୟକ୍ଷ ଯଶୋବନ୍ତ ସିଂ ଲାଗୁରିଙ୍କୁ ପିସିସି ପକ୍ଷରୁ ସ୍ୱାଗତ କରାଯାଇଛି। ବୁଧବାର ଅଖିଳ ଭାରତ କଂଗ୍ରେସ କମିଟି ଅନୁସୂଚିତ ଜନଜାତି ବିଭାଗ ଅଧ୍ୟକ୍ଷ ଡ. ଭିକ୍ରାନ୍ତ ଭୁରିଆଙ୍କୁ ଦିଲ୍ଲୀଠାରେ ଲାଗୁରୀ ସାକ୍ଷାତ୍ କରି ଅପରାହ୍ନରେ କଂଗ୍ରେସ ଭବନରେ ପହଞ୍ଚିବା ପରେ ତାଙ୍କୁ ବାଜା ବଜାଇ କଂଗ୍ରେସ କର୍ମୀମାନେ ସ୍ୱାଗତ କରିଥିଲେ। ଏହି ଅବସରରେ ସେ ଜନଜାତିମାନଙ୍କର ସମସ୍ୟା ସମାଧାନ ନିମନ୍ତେ ଆଗାମୀ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଜନଜାତି ବିଭାଗକୁ ସୁଦୃଢ଼ କରାଯିବ ବୋଲି କହିଥିଲେ।

## ଶୁକ୍ରବାର ପ୍ରକାଶ ପାଇବ ପିଜି ନାମଲେଖା ମେଧା ତାଲିକା

**ଭୁବନେଶ୍ୱର,୧୧।୬(ସୁଚିସ୍ମିତା ସାହୁ)**

ପିଜି ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ଆସନ୍ତା ୧୩ ତାରିଖ ଶୁକ୍ରବାର ପ୍ରକାଶ ପାଇବ। ୧୮ ତାରିଖ ମଧ୍ୟରେ ଛାତ୍ରୀଛାତ୍ର ଫ୍ରିଜ, ସ୍ଲାଇଡ୍ ବା ଫ୍ଲୋଟ୍ ଅପସନ ଦେବା ସହ ନାମଲେଖା ଫି ଜମା କରିବେ। ୧୬ରୁ ୧୮ ମଧ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ନାମଲେଖା ଅନୁଷ୍ଠିତ ହେବ। ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ୨୩ ତାରିଖରେ ପ୍ରକାଶ ପାଇବ ଓ ୨୬ ତାରିଖ ମଧ୍ୟରେ ଫି ଜମା କରି ନାମଲେଖାଇ ପାରିବେ। ସେହିପରି ଜୁଲାଇ ୩ରେ ତୃତୀୟ ତଥା ଶେଷ ପର୍ଯ୍ୟାୟ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ଚୟନ ହୋଇଥିବା ଛାତ୍ରୀଛାତ୍ର ୮ ତାରିଖ ସୁଦ୍ଧା ନାମଲେଖାଇବେ। ୩ଟି ପର୍ଯ୍ୟାୟ ସରିବା ପରେ ବଳକା ସିଟ୍‌ରେ ନାମଲେଖାଇବାକୁ ୱେଟିଂ ଲିଷ୍ଟ ରାଉଣ୍ଡ ହେବ। ଏଥିପାଇଁ ପିଲାମାନେ ଜୁଲାଇ ୧୪ରୁ ୧୭ ତାରିଖ ମଧ୍ୟରେ ଅନ୍‌ଲାଇନରେ ଆବେଦନ କରିବେ। ଜୁଲାଇ ୨୧ ତାରିଖରେ ଇ–ସ୍ପେସ ଏବଂ ୨୨ରେ ଚୟନ ହୋଇଥିବା ଉଚ୍ଚଶିକ୍ଷାନୁଷ୍ଠାନର ନୋଟିସ ବୋର୍ଡରେ ମେଧା ତାଲିକା ପ୍ରକାଶ ପାଇବ। ୨୩ରୁ ୨୫ ତାରିଖ ସୁଦ୍ଧା ଛାତ୍ରୀଛାତ୍ର ନାମଲେଖାଇ ପାରିବେ ବୋଲି ସୂଚନା ଦିଆଯାଇଛି।






## ସ୍ନାନମଣ୍ଡପରେ ଅଣସେବାୟତ ଥିଲେ କାର୍ଯ୍ୟାନୁଷ୍ଠାନ

ପୁରୀ,(ଅଜିତ୍ କୁମାର ମହାନ୍ତି): ଶ୍ରୀମନ୍ଦିର ସ୍ନାନମଣ୍ଡପରେ ଅଣସେବାୟତ ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି। ଏ ନେଇ ଭିଡିଓ ଚିତ୍ରରେ ଚିହ୍ନଟ କରାଯିବ। ସେହିପରି ଜୁନ୍ ୨୮ରୁ ପୁଣି ରତ୍ନଭଣ୍ଡାର ମରାମତି କରାଯିବ ଯିବ ବୋଲି ପାଢ଼ୀ ସୂଚନା ଦେଇଛନ୍ତି।




ସ୍ନାନପୂର୍ଣ୍ଣିମା ଅବସରରେ ଆର୍‌ସିଏମ୍ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ହାତୀବେଶ।


କିସ୍ ଜଗନ୍ନାଥ ମନ୍ଦିର।


ସୁନ୍ଦରପଦା ଜଗନ୍ନାଥମନ୍ଦିର।

# ସ୍ନାନବେଦିରୁ ଅଣସର ଘରକୁ ଗଲେ ଶ୍ରୀଜୀଉ

## ଇସ୍କନ ସମେତ ବିଭିନ୍ନ ଜଗନ୍ନାଥ ମନ୍ଦିରରେ ସ୍ନାନପୂର୍ଣ୍ଣିମା

ଭୁବନେଶ୍ୱର,୧୧।୬(ସୌମ୍ୟରଞ୍ଜନ ରାଉତ)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଉତ୍ସବର ଆଦ୍ୟ ପର୍ବ କୁହାଯାଉଥିବା ସ୍ନାନପୂର୍ଣ୍ଣିମା ମହାଆଡ଼ମ୍ବରରେ ବୁଧବାର ଇସ୍କନ ମନ୍ଦିରରେ ପାଳିତ ହୋଇଯାଇଛି। ପୁରୀ ଶ୍ରୀମନ୍ଦିର ପରମ୍ପରା ଅନୁସାରେ ଇସ୍କନରେ ମଧ୍ୟ ଶ୍ରୀଜୀଉଙ୍କ ସ୍ନାନ ଉତ୍ସବ ସମ୍ପନ୍ନ ହୋଇଛି। ପରେ ଠାକୁର ଅଣସର ଘରକୁ ବିଜେ କରିଛନ୍ତି। ଏଥିପାଇଁ ଇସ୍କନ ମନ୍ଦିରରେ ସକାଳୁ ରାତି ପର୍ଯ୍ୟନ୍ତ ଭକ୍ତଙ୍କ ଗହଳିଚହଳି ଲାଗି ରହିଥିଲା। ସକାଳ ୯ଟା ୩୦ରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର, ଭଉଣୀ ଦେବୀ ସୁଭଦ୍ରା ଓ ପ୍ରଭୁ ସୁଦର୍ଶନଙ୍କୁ ଘଣ୍ଟଘଣ୍ଟା, କାହାଳୀ, ମୃଦଙ୍ଗ ବଜାଇ ମହାସଂକୀର୍ତ୍ତନ କରି ପହଣ୍ଡିରେ ସ୍ନାନମଣ୍ଡପକୁ ନିଆଯାଇଥିଲା। ୧୦ଟା ୩୦ରେ ବିଭିନ୍ନ ତୀର୍ଥକ୍ଷେତ୍ରରୁ ଅଣାଯାଇଥିବା ୧୦୮ କଳସୀର ପବିତ୍ର ଜଳରେ ଶ୍ରୀଜୀଉମାନଙ୍କୁ ସ୍ନାନାଭିଷେକ କରାଯାଇଥିଲା। ମଧ୍ୟାହ୍ନ ୧୨ଟା ୩୦ରେ ଶ୍ରୀଜୀଉଙ୍କ ପାଖରେ ଭୋଗ ଲାଗି ସହ ଶୃଙ୍ଗାର କରାଯାଇଥିଲା। ଅପରାହ୍ନ ୧ଟାରେ ଶ୍ରୀଜୀଉଙ୍କୁ ଆରତି କରାଯିବା ପରେ ୧ଟା ୪୫ରେ ଉପସ୍ଥିତ ଭକ୍ତଙ୍କୁ ସ୍ନାନଯାତ୍ରାର ସୁସ୍ୱାଦୁ ପ୍ରସାଦ ବିତରଣ କରାଯାଇଥିଲା। ସନ୍ଧ୍ୟା ୬ଟା ୩୦ରେ ଶ୍ରୀଜୀଉଙ୍କ ପାଖରେ ଆରତି କରାଯାଇ ୭ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରାତି ୯ଟାରେ ଶ୍ରୀଜୀଉମାନଙ୍କୁ ପହଣ୍ଡି କରାଯାଇ ଅଣସର ଗୃହରେ ବିଶ୍ରାମ ଦିଆଯାଇଥିଲା। ଶେଷରେ ଭକ୍ତଙ୍କୁ ପ୍ରସାଦ ବିତରଣ କରାଯାଇ ସ୍ନାନଯାତ୍ରା ଉତ୍ସବ ସମାପନ କରାଯାଇଥିଲା। ସେହିପରି ଭୁବନେଶ୍ୱର ୟୁନିଟ୍-୫ କେଶରୀ ନଗରସ୍ଥିତ ଜଗନ୍ନାଥ ମନ୍ଦିର, ୟୁନିଟ୍ -୮ ସୂର୍ଯ୍ୟନଗର ସମେତ ବିଭିନ୍ନ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିରରେ ପରମ୍ପରା ଅନୁସାରେ ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଥିଲା।


ଭୁବନେଶ୍ୱରସ୍ଥିତ ଇସ୍କନରେ ବୁଧବାର ସ୍ନାନପୂର୍ଣ୍ଣିମାରେ ଶ୍ରୀଜୀଉଙ୍କୁ ପବିତ୍ର ଜଳରେ ସ୍ନାନ କରାଯାଉଛି।


ୟୁନିଟ୍-୮ ଜଗନ୍ନାଥ ମନ୍ଦିର।


ବାଲିଅନ୍ତାରେ ଶ୍ରୀପତିତପାବନଙ୍କ ଗଜାନନ ବେଶ।


ଧର୍ମବିହାର ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କୁ ସ୍ନାନ କରାଯାଉଛି।


ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ବିକାଶମେଳାର ଏକ ଷ୍ଟଲରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳାକୃତି ଦେଖୁଛନ୍ତି।

## ଗିରଫଦାରିକୁ ନେଇ ୨ ସାହି ମଧ୍ୟରେ ଗଣ୍ଡଗୋଳ

ବାଲିପାଟଣା,୧୧।୬(ଅଭିମନ୍ୟୁ ନାୟକ)

ବୋଧଖଣ୍ଡି ଗ୍ରାମର ଜୟୀରାମ ସାହୁଙ୍କ ଘରୁ ସୁନା, ଟଙ୍କା ଚୋରି ଅଭିଯୋଗରେ ସେହି ଗ୍ରାମର ଭାଲୁ ଭୋଇଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାକୁ କେନ୍ଦ୍ର କରି ବୁଧବାର ଦଳିତ ଓ ସବର୍ଣ୍ଣ ସାହି ମଧ୍ୟରେ ଗଣ୍ଡଗୋଳ ହେବା ସହ ୨ଟି ପୃଥକ୍ ପୃଥକ୍ ମାମଲା (୨୭୨/୨୫,୨୭୩/୨୫) ରୁଜୁହୋଇଛି। ସୂଚନା ମୁତାବକ, ଜୟୀରାମଙ୍କ ଘରୁ ଚୋରି ଘଟଣାରେ ଭାଲୁଙ୍କୁ ପୋଲିସ ଗିରଫ କରିବା ପ୍ରତିବାଦରେ ସାହି ସାହି ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଅଭିଯୁକ୍ତଙ୍କ ପରିବାର ଓ ତାଙ୍କ ଗାଁର କେତେଜଣ ଯୁବକ ବୁଧବାର ସକାଳେ ଜୟୀରାମଙ୍କ ଘର ଆଗରେ ଗାଳିଗୁଲଜ କରିବା ସହ ତାଙ୍କ ସମର୍ଥକମାନେ ସବର୍ଣ୍ଣ ସାହିର କେତେଜଣ ଯୁବକଙ୍କୁ ମାଡ଼ ମାରିଥିବା ଜୟୀରାମ ଥାନାରେ ଅଭିଯୋଗ କରିଛନ୍ତି। ଏହି ଆଧାରରେ ପୋଲିସ ଏକ ମାମଲା ରୁଜୁ କରିଛି। ସେହିପରି ଅଭିଯୁକ୍ତଙ୍କ ମା' ରେଖା ଭୋଇ ବୁଧବାର ବାଲିପାଟଣା ଥାନାରେ ତାଙ୍କ ପୁଅଙ୍କୁ ଫସାଇ ଦିଆଯାଇଥିବା ନେଇ ଅଭିଯୋଗ କରିଛନ୍ତି। ସେହିପରି ଦଳିତ ସାହିର ମିନତି ଭୋଇଙ୍କ ସମେତ ଏକାଧିକ ଲୋକ ଜାତିଆଣ ପରି ସଂକୀର୍ଣ୍ଣ ମାନସିକତାରେ ଦଳିତ ଲୋକଙ୍କୁ ସବର୍ଣ୍ଣ ସାହିର ଜୟୀରାମ ଓ ତାଙ୍କ ସମର୍ଥକମାନେ ଗାଳିଗୁଲଜ କରି ଟାହିଟାପରା ଓ ଟଣାଓଟରା କରିଥିବା ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀ କହିଛନ୍ତି।

## ନୀଳାଚଳ ହସ୍ପିଟାଲର ୨୨.୨୮ ଲକ୍ଷ ଟଙ୍କା ହଡ଼ପ

ଭୁବନେଶ୍ୱର,୧୧।୬ (ସତ୍ୟଜିତ୍ ରାଉତ)

### ପୂର୍ବତନ ଆକାଉଣ୍ଟସ ମ୍ୟାନେଜର ଗିରଫ

ନୀଳାଚଳ ହସ୍ପିଟାଲର ୨୨.୨୮ ଲକ୍ଷ ଟଙ୍କା ହଡ଼ପ ମାମଲାରେ ସମ୍ପୃକ୍ତ ପୂର୍ବତନ ଆକାଉଣ୍ଟସ ମ୍ୟାନେଜରଙ୍କୁ ଖାରବେଳନଗର ଥାନା ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ଢେଙ୍କାନାଳ ଜିଲା ଟାଉନ ଥାନା ଅଞ୍ଚଳର ସତ୍ୟରଞ୍ଜନ ସ୍ୱାଇଁ (୪୫)। କୋର୍ଟଚାଲାଣ ପରେ ସତ୍ୟରଞ୍ଜନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ସତ୍ୟରଞ୍ଜନ ୨୦୧୧ରୁ ନୀଳାଚଳ ହସ୍ପିଟାଲରେ ଚାକିରି କରୁଥିଲେ। ତାଙ୍କୁ ହସ୍ପିଟାଲର ଦେୟ ପ୍ରକ୍ରିୟାକରଣ ଏବଂ ନଗଦ ବହି ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଗତ ଡିସେମ୍ବର ୧୧ରେ ଫାର୍ମାସି ଯୋଗାଣକାରୀଙ୍କୁ ଦେୟ ବାବଦକୁ ୮ ଲକ୍ଷ ୭୯ ହଜାର ୫୯୩ ଟଙ୍କା ମଞ୍ଜୁର କରାଯାଇଥିଲା। ସେ ପେମେଣ୍ଟ ଟେମ୍ପଲେଟ୍‌ରେ ହିତାଧିକାରୀଙ୍କ ବିବରଣୀକୁ ବଦଳାଇ



ନିଜ ବ୍ୟାଙ୍କ ଆକାଉଣ୍ଟକୁ ୨୨.୨୮ ଲକ୍ଷ ଟଙ୍କା ଟ୍ରାନ୍ସଫର୍ କରି ନେଇଥିଲେ। ଏହା ଜଣାପଡିବା ପରେ ସତ୍ୟରଞ୍ଜନଙ୍କୁ ଟଙ୍କା ମଗାଯାଇଥିଲା। ହେଲେ ସେ ଚାକିରି ଛାଡି ଫେରାର ହୋଇଯାଇଥିଲେ। ହସ୍ପିଟାଲର ମୁଖ୍ୟ ପରିଚାଳନା ଅଧିକାରୀ ପ୍ରଦୀପ କୁମାର ରାଉତଙ୍କ ଏତଲାକ୍ରମେ ପୋଲିସ ଜାନୁଆରୀ ୨୫ରେ ମାମଲା (ନଂ.୩୫/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

## ସ୍ୱଭାବକବି ଭୁଲିଆ ସମାଜର ଗର୍ବ, ଗୌରବ

ଭୁବନେଶ୍ୱର, ୧୧।୬(ସୌମ୍ୟରଞ୍ଜନ ରାଉତ)

ଗଙ୍ଗାଧର ମେହେର ପ୍ରତିଷ୍ଠାନ ବରପାଲି ଓ ଭୁବନେଶ୍ୱର ପକ୍ଷରୁ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ମହାବିଶ୍ରାମର ଶତବାର୍ଷିକୀ ଅବସରରେ ପ୍ରଥମ ଜାତୀୟ ଭୁଲିଆ ସମ୍ମିଳନୀ ଓ ଆଲୋଚନାଚକ୍ର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ମିହିର ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରି କହିଲେ, ସ୍ୱଭାବକବି ହେଉଛନ୍ତି ଭୁଲିଆ ସମାଜର ଗର୍ବ ଓ ଗୌରବ। ଭୁଲିଆ ସମାଜ ହେଉଛି ସ୍ୱତନ୍ତ୍ର କଳା କୌଶଳର ଅଧିକାରୀ। ଏମାନେ ନିଜ କଳାକୁ ବଞ୍ଚାଇ ରଖିବା ସହ ଆଧୁନିକ ବଜାର ସହିତ ତାଳ ମିଶାଇପାରିଲେ ପ୍ରତ୍ୟେକ ଭୁଲିଆ ଜଣେ ଜଣେ ଲକ୍ଷପତି ହୋଇପାରିବେ। ସମ୍ମାନିତ ଅତିଥିଭାବେ ପୂର୍ବତନ ପାଟଣାଗଡ଼ ବିଧାୟକ ସରୋଜ ମେହେର, ଇଂ. ଶୁକଦେବ ମେହେର ଓ ନରେନ୍ଦ୍ର କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଭୁଲିଆ ଜାତିର ପରିଚୟ ଓ ଭାବବିନିମୟ ଉପରେ ଆଲୋଚନା କରାଯାଇଥିଲା। ଏହି ସମ୍ମିଳନୀ ଓ ଆଲୋଚନାଚକ୍ରରେ ଛତିଶଗଡ଼, ଝାଡ଼ଖଣ୍ଡ, ବେଙ୍ଗାଲୁରୁ, ହାଇଦ୍ରାବାଦ ଏବଂ ଦିଲ୍ଲୀରେ ଥିବା ଭୁଲିଆମାନଙ୍କ ସହିତ ବରଗଡ଼, ସମ୍ବଲପୁର, ନୂଆପଡ଼ା, ବଲାଙ୍ଗୀର, ବାଲେଶ୍ୱର, ସୋନପୁର, କଳାହାଣ୍ଡି ଓ ପାଟଣାଗଡ଼ ଆଦି ଜିଲାରୁ ପ୍ରତିନିଧିମାନେ ଯୋଗଦେଇଥିଲେ। କାର୍ଯ୍ୟକାରୀ ଅଧ୍ୟକ୍ଷ ମହେନ୍ଦ୍ର କୁମାର ମେହେର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରତିଷ୍ଠାନର ଅଧିବକ୍ତା ଦିଲୀପ ଦାଶଶର୍ମା ସଂଯୋଜନା କରିଥିଲେ। ମନୋରଞ୍ଜନ ମେହେର ଧନ୍ୟବାଦ ଦେଇଥିଲେ।



ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅମରେଶ


@ ବିଭୁ


@ ପ୍ରଣତି


@ ସୁରକ୍ଷା।

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଛୁଆଙ୍କୁ ଗ୍ରହଣ କଲାନି ବାଘୁଣୀ ମୌସୁମୀ

ବାରଙ୍ଗ,୧୧।୬(ଲିଙ୍ଗରାଜ ରାଉତ)

ନନ୍ଦନକାନନରେ ଧଳା ବାଘୁଣୀ ମୌସୁମୀ ଜନ୍ମ ଦେବାର ୪ ଦିନ ନ ପୂରୁଣୁ ତା' ଛୁଆଙ୍କୁ ଗ୍ରହଣ କରିନାହିଁ। ଫଳରେ ଛୁଆଙ୍କ ଜୀବନ ବଞ୍ଚାଇବାକୁ ଯାଇ ବୁଧବାର ମା'ଠାରୁ ଅଲଗା କରାଯାଇ ଲାଳନ ପାଳନକେନ୍ଦ୍ରକୁ ଅଣାଯାଇଛି। ଗତ ୭ ତାରିଖରେ ମୌସୁମୀ ଗୋଟିଏ ଧଳା ରଙ୍ଗର ଅଣ୍ଡିରା ଏବଂ ଗୋଟିଏ ସାଧାରଣ ରଙ୍ଗର ମାଈଛୁଆ ଜନ୍ମ ଦେଇଥିଲା। ମା' ପ୍ରଥମେ ଛୁଆମାନଙ୍କୁ ଗ୍ରହଣ କରିବା ସହ ପାଖରେ ରଖିଥିଲା। କିନ୍ତୁ ବୁଧବାର ଅପରାହ୍ନ ୧ଟା ୩୦ ସୁଦ୍ଧା ଧଳା ଅଣ୍ଡିରା ଛୁଆଟିକୁ ଗ୍ରହଣ ନ କରିବା ସହ ସ୍ତନ୍ୟପାନ କରାଇ ନ ଥିଲା। ଫଳରେ ୨ ଛୁଆଙ୍କୁ ବଞ୍ଚାଇ ରଖିବାକୁ ମା'ଠାରୁ ସେମାନଙ୍କୁ ଅଲଗା କରାଯାଇଛି। ରାତି ୭ଟାରେ ଛୁଆ ଦୁଇଟିଙ୍କୁ ଚିଡ଼ିଆଖାନାର ଲାଳନପାଳନ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଅଣ୍ଡିରା ଧଳାଛୁଆର ଓଜନ ୬୫୦ ଗ୍ରାମ୍, ସାଧାରଣ ରଙ୍ଗର ମାଈଛୁଆର ଓଜନ ୮୧୦ ଗ୍ରାମ୍ ରହିଛି। ଅଣ୍ଡିରା ଛୁଆର ଶରୀର ତାପମାତ୍ରା ଠିକ୍ ରଖିବାକୁ ତାକୁ ଇନ୍‌କ୍ୟୁବେଟରରେ ରଖାଯାଇଛି। ଅନ୍ୟପଟେ ସାଧାରଣ ରଙ୍ଗର ମାଈ ଛୁଆଟି ବୋତଲ ମାଧ୍ୟମରେ ଭଲ ଭାବରେ ଖାଦ୍ୟ ଖାଉଛି ବୋଲି ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।


ଲାଳନପାଳନ କେନ୍ଦ୍ରରେ ବାଘଛୁଆକୁ ଖାଦ୍ୟ ଦିଆଯାଉଛି।

## ସଂକ୍ଷେପରେ

### ହାତୀ ବେଶରେ ଦାରୁବିଗ୍ରହ



ଜଟଣୀ,୧୧।୬(ରବୀନ୍ଦ୍ରନାଥ ମହାକୁଡ଼)

ପବିତ୍ର ଦେବସ୍ନାନ ପୂର୍ଣ୍ଣମୀରେ ଜଟଣୀ ପୌରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ପବିତ୍ର ପରିବେଶ ମଧ୍ୟରେ ସ୍ନାନୋତ୍ସବ ପାଳିତ ହୋଇଯାଇଛି। ଜଟଣୀ ବ୍ଲକ ଅଧୀନ ଛଘର କୁମାଟି ଶ୍ରୀଜଗନ୍ନାଥ ମନ୍ଦିର, ଲବଣଗିରି ଶ୍ରୀଜଗନ୍ନାଥ ମନ୍ଦିର, କୁଦିଆରୀ, ତିରିମଲ, କନ୍ତିଆ ଆଦି ମନ୍ଦିରରେ ମହାପ୍ରଭୁଙ୍କ ଦେବସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ନୀତିକାନ୍ତିରେ ପୂଜାର୍ଚ୍ଚନା କରାଯିବା ସହ ଦାରୁ ଦେବତା ୧୦୮ ସୁବାସିତ ଜଳରେ ସ୍ନାନ କରିଥିଲେ। ସ୍ନାନ ପରେ ମହାପ୍ରଭୁ ଗଜାନନ ବେଶରେ ଶ୍ରଦ୍ଧାଳୁ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଲବଣଗିରିସ୍ଥ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପ୍ରାତଃ ସମୟରୁ ସମସ୍ତ ନୀତିକାନ୍ତିରେ ପୂର୍ବାହ୍ନ ୯ଟା ସମୟରେ ସ୍ନାନବେଦି ଉପରକୁ ବିଜେ କରାଯାଇଥିଲା। ପ୍ରଥମେ ସୁଦର୍ଶନ, ଦେବୀ ସୁଭଦ୍ରା ପରେ ବଡ଼ଠାକୁର ବଳଭଦ୍ର ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସ୍ନାନ ମଣ୍ଡପକୁ ବିଜେ କରିଥିଲେ। ମଙ୍ଗଳ ଆଳତି ସହ ସମସ୍ତ ପୂଜା ସମାପନ କରାଯାଇ ଅପରାହ୍ନ ୧ଟା ସମୟରେ ୧୦୮ କଳସୀ ପାଣିରେ ମହାସ୍ନାନ କରାଯାଇଥିଲା। ସ୍ନାନ ପରେ ମହାପ୍ରଭୁ ଗଜବେଶ ଧାରଣ କରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଶ୍ରଦ୍ଧାଳୁ ଭକ୍ତଙ୍କୁ ଆଧ୍ୟାତ୍ମିକ ପରିବେଶରେ ବାନ୍ଧି ରଖିବା ପାଇଁ ବିଭିନ୍ନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଭଜନ ଓ କୀର୍ତ୍ତନର ଆୟୋଜନ କରାଯାଇଥିଲା।

### ସ୍ନାନ ମଣ୍ଡପକୁ ବିଜେ କଲେ ପ୍ରଭୁ ଜଗନ୍ନାଥ

ଟାଙ୍ଗୀ–ଖୋର୍ଦ୍ଧା,୧୧।୬(ରଘୁନାଥ ସାହୁ)

ଟାଙ୍ଗୀ ନିକଟସ୍ଥ ଚାନ୍ଦପୁର ହରଚଣ୍ଡୀ ସାହିରେ ଜଗନ୍ନାଥ ଧାମ ପୁରୀର ସମସ୍ତ ନୀତିକାନ୍ତି ନିୟମ ଅନୁସାରେ ଦେବସ୍ନାନ ପୂର୍ଣ୍ଣିମା ପାଳନ ହୋଇଯାଇଛି। ୨୦୧୫ ଜଗନ୍ନାଥ ନବକଳେବର ହେବା ବର୍ଷଠାରୁ ହରଚଣ୍ଡୀ ସାହିରେ ଥିବା ଜଗନ୍ନାଥ ମନ୍ଦିରର ୩ ଠାକୁରଙ୍କୁ ଗୌରଚନ୍ଦ୍ରପୁରଠାରୁ ଦାରୁ କାଷ୍ଠ ଅଣାଯାଇ ନବକଳେବର କରାଯାଇଥିଲା। ସେବେଠାରୁ କେବଳ ରଥଯାତ୍ରାକୁ ଛାଡ଼ି ସମସ୍ତ ନୀତିକାନ୍ତିକୁ ପାଳନ ହୋଇଆସୁଛି। ଦେବସ୍ନାନ ପୂର୍ଣ୍ଣିମାରେ ଉକ୍ତ ସାହିର ସମସ୍ତ ଯୁବକ ବନ୍ଧୁମାନେ ପୂର୍ଣ୍ଣାନନ୍ଦ ବେହେରାଙ୍କ ନେତୃତ୍ୱରେ ଠାକୁରଙ୍କୁ ରତ୍ନସିଂହାସନରୁ ପହଣ୍ଡି କରି ଶଙ୍ଖ ହୁଳହୁଳି ଖୋଳ ସଂକୀର୍ତ୍ତନ ବଜାଇ ସ୍ନାନ ମଣ୍ଡପକୁ ପାଛୋଟି ନେଇଥିଲେ। ସ୍ନାନ ମଣ୍ଡପରେ ପ୍ରଭୁ ଜୀଉମାନଙ୍କ ସ୍ନାନ ତର୍ପଣ ପରେ ଗଜାନନ ବେଶରେ ବିଜେ କରିଥିଲେ। ସାନ୍ଧ୍ୟା ଆଳତି, ଆନନ୍ଦ ବଜାରରେ ମହାପ୍ରସାଦ ସେବନ ପରେ ଶତାଧିକ ଜନସମାଗମରେ ରାମନାଟକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚାନ୍ଦପୁର ସମେତ ଆଖପାଖ ଅଞ୍ଚଳରୁ ବହୁ ଜନସାଧାରଣ ସାମିଲ ହୋଇଥିଲେ। ପଣ୍ଡିତ ପ୍ରକାଶ ଆଚାର୍ଯ୍ୟ ଓ ପୂଜକ ରାଜକିଶୋର ଦାଶ ପୂଜା ହୋମ କରିଥିବାବେଳେ ସୁଦାମ ବେହେରା ଦୁଃଶାସନ ମଲ୍ଲିକ ସହଯୋଗ କରିଥିଲେ। କର୍ତ୍ତା ଭାବେ ନରେନ୍ଦ୍ର ସେନାପତି ବସିଥିବାବେଳେ ହରଚଣ୍ଡୀ ଯୁଥ୍ ମାସ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

# ସ୍ନାନମଣ୍ଡପରେ ପୂର୍ଣ୍ଣବିଗ୍ରହ

ଖୋର୍ଦ୍ଧା,୧୧।୬(ପ୍ରଭାତ ପାଣିଗ୍ରାହୀ)

ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ବୁଧବାର ଖୋର୍ଦ୍ଧା ଜାଗୁଳିପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ ଦେବ(ପୂର୍ଣ୍ଣବିଗ୍ରହ)ଙ୍କ ପବିତ୍ର ସ୍ନାନଯାତ୍ରା ସମାପନ ହୋଇଛି। ଏଠାରେ ହାତ ବେଶ ହୋଇ ନ ଥାଏ। ଏଣୁ ଚତୁର୍ଦ୍ଧାବିଗ୍ରହ ପାରମ୍ପରିକ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଜୟ ଜଗନ୍ନାଥ ଧ୍ୱନିରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା।

ଭୋର ୪ଟାରେ ଦ୍ୱାରଫିଟା, ୪ଟା ୩୦ରେ ମଙ୍ଗଳ ଆଳତି, ମଇଲମ, ଅବକାଶ, ତଡ଼ପଲାଗି ଆଦି ନୀତି ବଢ଼ି ସ୍ନାନଯାତ୍ରା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ସକାଳ ସାଢେ ୮ଟାରେ ଧାଡ଼ିପହଣ୍ଡିରେ ଶ୍ରୀସୁଦର୍ଶନ, ପରେ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶେଷରେ ଶ୍ରୀଅନନ୍ତ ପୁରୁଷୋତ୍ତମ ସ୍ନାନମଣ୍ଡପରେ ବିଜେ କରିଥିଲେ। ଚାମର ଆଲଟ ସେବା, ଘଣ୍ଟଘଣ୍ଟା କାହାଳୀ, ମୃଦଙ୍ଗ ତାଳେ ତାଳେ ପ୍ରକମ୍ପିତ ହୋଇଥିଲା ପରିବେଶ। ୧୦ଟାରେ ପହଣ୍ଡି ସରିଥିଲା। ଏହି ସମୟରେ କାରୁଣ୍ୟ କୁଣ୍ଡରୁ ସେବକମାନେ

## ଭିନ୍ନ ପରମ୍ପରା: ଏଠାରେ ହୁଏନି ହାତୀବେଶ



୪ଟି ପିତ୍ତଳ ହାଣ୍ଡିରେ ଜଳ ସ୍ନାନମଣ୍ଡପକୁ ଆଣିଥିଲେ। ବର୍ଷସାରା ଏହି କାରୁଣ୍ୟ କୁଣ୍ଡ ଅବ୍ୟବହୃତ ହୋଇ ରହିଥାଏ। ବର୍ଷକୁ ଥରେ ଜ୍ୟେଷ୍ଠ ମାସ ପୂର୍ଣ୍ଣିମାରେ ସ୍ନାନଯାତ୍ରା ପୂର୍ବରୁ ଏହାକୁ ପୁନରୁଦ୍ଧାର କରାଯାଇଥାଏ। ଏହି ଜଳ ଠାକୁରଙ୍କ ସ୍ନାନଯାତ୍ରାରେ ବ୍ୟବହାର କରାଯାଏ। ବିଧି ପୂର୍ବକ ପୂଜାର୍ଚ୍ଚନା କରାଯାଇ ସେବକମାନେ ସ୍ନାନଜଳ ଧରି ମଣ୍ଡପରେ ପହଞ୍ଚିଥିଲେ। ସେଥିରେ ଚନ୍ଦନ, କର୍ପୂର, ଅଗୁରୁ, ସୁଗନ୍ଧିତ ପୁଷ୍ପ ପକାଯାଇ ଷୋଡ଼ଶ ଉପଚାରରେ ସ୍ନାନଜଳକୁ ଅଭିମନ୍ତ୍ରିତ କରାଯାଇଥିଲା। ପୂର୍ବାହ୍ନ ୧୧ଟାରେ ଚତୁର୍ଦ୍ଧାବିଗ୍ରହଙ୍କ ମହାସ୍ନାନ ହୋଇଥିଲା। ବର୍ଷସାରା ବିମ୍ବ (ଦର୍ପଣ) ସ୍ନାନ କରୁଥିବା ପୂର୍ଣ୍ଣବିଗ୍ରହ ସ୍ନାନବେଦିରେ ପ୍ରତ୍ୟକ୍ଷ ସ୍ନାନ କରିଥିଲେ। ପରେ ବେଶ ସମ୍ପୂର୍ଣ୍ଣ ହୋଇ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ସକାଳଠାରୁ ରାତି ପର୍ଯ୍ୟନ୍ତ ଭକ୍ତଙ୍କ ଗହଳି ଲାଗିରହିଥିଲା।

ରାତି ୮ଟାରେ ବାହୁଡ଼ା ପହଣ୍ଡି ଆରମ୍ଭ ହୋଇଥିଲା। ଠାକୁରମାନେ ଗୋଟି ପହଣ୍ଡିରେ ଅଣସର ପିଣ୍ଡିକୁ ବିଜେ କରିଥିଲେ। ବୁଧବାରଠାରୁ ୧୪ ଦିନ ବ୍ୟାପୀ ଶ୍ରୀଜୀଉମାନଙ୍କ ଗୁପ୍ତ ନୀତି ଚାଲିବ। ଅଣସର ପିଣ୍ଡିରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇ ଆରମ୍ଭ ହୋଇଛି ଅଣସର ନୀତି। ଶ୍ରୀଅନନ୍ତ ପୁରୁଷୋତ୍ତମ ଦେବଙ୍କ ପଟିଦିଅଁ ପୂଜା ପରମ୍ପରା ନାହିଁ। ଠାକୁରଙ୍କ ବିଜେ ପ୍ରତିମା ପୂଜା ପାଇଥାନ୍ତି। ମନ୍ଦିରର ମୁଖ୍ୟ ପୂଜକ ମହନ୍ତ କମଳ ଲୋଚନ ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ବୈକୁଣ୍ଠନାଥ ମହାପାତ୍ର, ଗଗନ ବିହାରୀ ଦାଶ, କୃଷ୍ଣଚନ୍ଦ୍ର ଦାସ, ଅଯୋଧ୍ୟା ଦାସ, ଧନେଶ୍ୱର ପଣ୍ଡାଙ୍କ ସମେତ ୧୫ଜଣ ସେବକଙ୍କ ଉପସ୍ଥିତିରେ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା। ମନ୍ଦିର ପରିଚାଳନା କମିଟି ସମ୍ପାଦକ ବିରେନ ଛୋଟରାୟ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ହାତୀବେଶରେ ଦର୍ଶନଦେଲେ ଶ୍ରୀଜୀଉ



ଭକ୍ତ ଓ ସେବାୟତଙ୍କ ମେଳରେ ଶ୍ରୀଜୀଉ।

ଖୋର୍ଦ୍ଧା,୧୧।୬(ପ୍ରଭାତ ପାଣିଗ୍ରାହୀ)

## ଲୀଳାକ୍ଷେତ୍ର ଗଡ଼ଖୋର୍ଦ୍ଧା

ଦେବସ୍ନାନ ପୂର୍ଣ୍ଣିମାରେ ବୁଧବାର ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଗଡ଼ଖୋର୍ଦ୍ଧାରେ ଭକ୍ତିମୟ ପରିବେଶରେ ସ୍ନାନଯାତ୍ରା ସମ୍ପନ୍ନ ହୋଇଛି। ପ୍ରତିଦିନ ବିମ୍ବ ସ୍ନାନ କରୁଥିବା ମହାପ୍ରଭୁ ପ୍ରତ୍ୟକ୍ଷ ସ୍ନାନ କରିବା ସହ ଭକ୍ତଙ୍କୁ ହାତୀବେଶରେ ଦର୍ଶନ ଦେଇଛନ୍ତି। ଭୋର ୫ଟାରେ ଦ୍ୱାରଫିଟା, ମଙ୍ଗଳ ଆଳତି, ଅବକାଶ ଓ ମଇଲମ ଆଦି ନୀତି ବଢ଼ି ପୂର୍ବାହ୍ନ ୯ଟାରେ ପହଣ୍ଡି ଆରମ୍ଭ ହୋଇଥିଲା। ଧାଡ଼ିପହଣ୍ଡିରେ ପ୍ରଥମେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ପରେ ଶ୍ରୀଜଗନ୍ନାଥ ଝୁଲି ଝୁଲି ଆସି ସ୍ନାନ ମଣ୍ଡପରେ ବିଜେ କରିଥିଲେ। ଅନ୍ୟାନ୍ୟ ନୀତି ବଢ଼ି ପୂର୍ବାହ୍ନ ୧୧ଟାରେ ଶ୍ରୀଜୀଉମାନଙ୍କୁ ୧୦୮ ଗରା ସୁବାସିତ ଅଭିମନ୍ତ୍ରିତ ଜଳରେ ସ୍ନାନ କରାଯାଇଥିଲା। ଟେରା ପକାଯାଇ ଠାକୁର ବେଶ ଓଲାଗି ପରେ ନୂତନ ବସ୍ତ୍ର ଲାଗି କରାଯାଇ ହାତୀବେଶ କରାଯାଇଥିଲା। ସନ୍ଧ୍ୟା ଆଳତି ପରେ ବାହୁଡ଼ା ପହଣ୍ଡିରେ ଠାକୁରମାନେ ଅଣସର ଗୃହକୁ ବିଜେ କରିଥିଲେ। ୧୪ ଦିନ ଠାକୁରଙ୍କ ଗୁପ୍ତ ନୀତି ଚାଲିବ। ଜୁନ ୨୬ରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ ରହିଛି। ଜୁନ ୨୭ରେ ଠାକୁର ନବଦିନାତ୍ମକ ଯାତ୍ରାରେ ବାହାରି ଗଡ଼ଖୋର୍ଦ୍ଧାସ୍ଥିତ ଅସ୍ଥାୟୀ ଗୁଣ୍ଡିଚା ଘରେ ବିଜେ କରିବେ। ମନ୍ଦିର ପରିଚାଳନା କମିଟି ସଭାପତି ଅଜିତ ପଟ୍ଟନାୟକ, ସମ୍ପାଦକ ଗୋପାଳକୃଷ୍ଣଦାସଙ୍କ ସମେତ ଅନ୍ୟ ସଦସ୍ୟ, ଗ୍ରାମ୍ୟ କମିଟି ସଦସ୍ୟ, ମନ୍ଦିର ସେବକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜବରଦଖଲ ଜାଗାରେ ଗୃହ ନିର୍ମାଣ ଅଭିଯୋଗ

ନିରାକାରପୁର,୧୧।୬(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନରଣଗଡ଼ ପଞ୍ଚାୟତ ଗଜମାରଣ ପୋଖରୀ ନିକଟରେ ଏକ ଜବରଦଖଲ ଜମି ଉପରେ ଗୃହ ନିର୍ମାଣକୁ ନେଇ ପାଟିତୁଣ୍ଡ ହେବା ସହ ଗୃହ ନିର୍ମାଣ ବିରୋଧରେ ମା' ମଙ୍ଗଳା ଶାନ୍ତି କମିଟି ପକ୍ଷରୁ ବୁଧବାର ଜଙ୍କିଆ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ନିକଟ ଶରଧାପୁର ଗ୍ରାମର ଜଣେ ବ୍ୟକ୍ତି ନରଣଗଡ଼ ମୌଜାର ଗଜମାରଣ ପୋଖରୀ ନିକଟରେ ଏକ ଜବରଦଖଲ ଜାଗାରେ ବଳପୂର୍ବକ ଗୃହ ନିର୍ମାଣ କରୁଥିବା ନରଣଗଡ଼ ପଞ୍ଚାୟତବାସୀ ଶୁଣିବାକୁ ପାଇଥିଲେ। ପରେ ଗ୍ରାମ୍ୟ ଶାନ୍ତି କମିଟି ପକ୍ଷରୁ ଉକ୍ତ ଜାଗାକୁ ମାପଚୁପ କରାଯାଇଥିଲା। ଏହି ସମୟରେ ଜବରଦଖଲକାରୀ ଓ ତାଙ୍କ ଭାଇ ମାରଣାସ୍ତ୍ର ଧରି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଏ ଜାଗାକୁ ଆସିଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିବା ଥାନାରେ ଶାନ୍ତି କମିଟି ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି। ଥାନା ଆଇଆଇସି ସୁଶାନ୍ତ କୁମାର ବେହେରାଙ୍କୁ ପଚାରିବାରେ, ଏମିତି ଏକ ଅଭିଯୋଗ ହୋଇଛି। ପୋଲିସ ଏହାର ତଦନ୍ତ କରି ପଦକ୍ଷେପ ନେବ ବୋଲି କହିଥିଲେ।

# ଗଡ଼ଖୋର୍ଦ୍ଧାକୁ 'ମହାପୁରୁଷ ଆଦର୍ଶ ଗାଁ' ଯୋଜନାରେ ସାମିଲ ଦାବି

ଖୋର୍ଦ୍ଧା,୧୧।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାର ଗଡ଼ଖୋର୍ଦ୍ଧା ଗ୍ରାମକୁ 'ମହାପୁରୁଷ ଆଦର୍ଶ ଗାଁ' ଯୋଜନାରେ ସାମିଲ କରିବାକୁ ଦାବି କରାଯାଇଛି। ଏ ନେଇ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ 'ମହାପୁରୁଷ ଆଦର୍ଶ ଗାଁ' ଯୋଜନାରେ ଗଡ଼ଖୋର୍ଦ୍ଧାକୁ ସାମିଲ ପାଇଁ ମଞ୍ଚ ପକ୍ଷରୁ ଦାବି କରାଯାଇଛି।

ଖୋର୍ଦ୍ଧାଗଡ଼ ଭାରତର ଶେଷ ସ୍ୱାଧିନ ଦୁର୍ଗ। ଏହି ଗଡ଼ ଓଡ଼ିଆ ଜାତିର ଅସ୍ମିତା ଏବଂ ପାଇକ ବିଦ୍ରୋହର ଅନ୍ତୁଡିଶାଳ ଭାବେ ପରିଚିତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ

## ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର

ଲୀଳାକ୍ଷେତ୍ର ଭାବେ ପରିଚିତ ଗଡ଼ଖୋର୍ଦ୍ଧା। ଗଜପତି ପ୍ରଥମ ରାମଚନ୍ଦ୍ରଦେବ ଖ୍ରୀ୧୫୬୮ରେ ଗଡ଼ଖୋର୍ଦ୍ଧାରେ ଓଡ଼ିଶାର ରାଜଧାନୀ ସ୍ଥାପନ କରିଥିଲେ। ମାଦଳାପାଞ୍ଜି ଅନୁଯାୟୀ ମୋଗଲ ଆକ୍ରମଣ ସମୟରେ ଖ୍ରୀ.୧୫୭୫ରେ କୁଜଙ୍ଗ ଗଡ଼ରୁ ଶ୍ରୀଜଗନ୍ନାଥଙ୍କ ବ୍ରହ୍ମ ଅଣାଇ ଗଡ଼ଖୋର୍ଦ୍ଧାସ୍ଥିତ ମନ୍ଦିରରେ ନବକଳେବର କରାଇ (କଳାପାହାଡ ଆକ୍ରମଣ ଯୋଗୁ ୮ବର୍ଷ ଶୂନ୍ୟ ରହିଥିବା ଶ୍ରୀମନ୍ଦିର) ଚତୁର୍ଦ୍ଧାବିଗ୍ରହଙ୍କୁ ପୁନଃ ଶ୍ରୀମନ୍ଦିରରେ ସ୍ଥାପନା କରାଇଥିଲେ। ୧୬୦୭ ଓ ୧୭୩୩ରେ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ର ଛାଡ଼ି ଏଠାରେ ଅବସ୍ଥାନ କରିଥିଲେ। ଏହି ସମୟରେ ଭକ୍ତ ସାଲବେଗ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଆସିଥିବାରୁ ଏହି ସ୍ଥାନର ଗୁରୁତ୍ୱ ବହନ କରେ। ଗଡଖୋର୍ଦ୍ଧାଠାରେ ମହାପ୍ରଭୁ ୩ଥର ପଦାର୍ପଣ କରିଛନ୍ତି। ୨୦୧୪ ଜୁନ ୨୬ରେ ରଥଯାତ୍ରା ଦିନ ମୁକ୍ତିମଣ୍ଡପ ପଣ୍ଡିତଙ୍କ ଦ୍ୱାରା ଚତୁର୍ଦ୍ଧା ବିଗ୍ରହ ସ୍ଥାପନ କରାଯାଇଛି। ଏଠାରେ ଅନେକ ଐତିହାସିକ ମଠ, ମନ୍ଦିର, ରହିଛି। ଶ୍ରୀକୁଞ୍ଜବିହାରୀ ମନ୍ଦିର, ଶ୍ରୀରାଧାକାନ୍ତ ଶ୍ରୀକପିଳେଶ୍ୱର ମନ୍ଦିର, ଶ୍ରୀରଘୁନାଥ, ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର, ମଙ୍ଗଳା ମନ୍ଦିର, ଗଡ଼ଚଣ୍ଡୀ ମନ୍ଦିର, ନବଗ୍ରହ ମନ୍ଦିର, ବଡ଼ ଓଡ଼ିଆ ମଠ, ବଙ୍କି ପୋଖରୀ, ରାଣୀ ପୋଖରୀ ପ୍ରଭୃତି ଐତିହ୍ୟସିକତାର ପ୍ରମାଣ ଦେଉଛି। ଏହାର ପାଦଦେଶରେ ଖୋର୍ଦ୍ଧା ରାଜାଙ୍କ ଇଷ୍ଟଦେବୀ ମା' ବରୁଣେଇ, କରୁଣେଇ ପୀଠ ଏବଂ ଐତିହାସିକ ପ୍ରମାଣ ସ୍ୱରୂପ ବରୁଣେଇ ପାହାଡ ଦଣ୍ଡାୟମାନ ରହିଥିବାବେଳେ ପାହାଡ଼ ଉପରେ ସୀତା, ପାଣ୍ଡବ ଗୁମ୍ଫା, ବୌଦ୍ଧ କୀର୍ତ୍ତିରାଜି, ଶିଳାଲେଖ ଏହାର ଐତିହାସିକତା ପ୍ରମାଣ ବହନ କରେ ବୋଲି ଦାବି କରାଯାଇଛି। ଏହି ସ୍ମାରକପତ୍ର ପ୍ରଦାନ ବେଳେ ମଞ୍ଚ ସଭାପତି ଆଇନଜୀବୀ ନରେନ୍ଦ୍ର ପୃଷ୍ଟି, ସାମାଜିକ କର୍ମୀ ବାସନ୍ତୀ ମହାପାତ୍ର, କୃଷ୍ଣଚନ୍ଦ୍ର ହରିଚନ୍ଦନ, ବିମଳଚନ୍ଦ୍ର ଷଡ଼ଙ୍ଗୀ, ସୁନିଲ ପ୍ରଧାନ ଏବଂ ଆଇନଜୀବୀ ନିରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ବନ୍ଦକୁ ନେଇ ଉଦ୍‌ବେଗ

ବେଗୁନିଆ,୧୧।୬(ହରପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବୁଧବାର ପଞ୍ଚାୟତ ସମିତି ପକ୍ଷରୁ ସପ୍ତମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଏଥିରେ ସଭାପତିତ୍ୱ କରିଥିଲେ। ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଏବଂ ଖୋର୍ଦ୍ଧା ବିଧାୟକ ତଥା ଅନୁପସ୍ଥିତ ଥିବା ଏମ୍‌ପିଙ୍କ ଅସ୍ଥାୟୀ ପ୍ରତିନିଧି ପ୍ରଶାନ୍ତ କୁମାର ଜଗଦେବ, ବ୍ଲକ ଉପାଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ଜିଲା ପରିଷଦ ସଭ୍ୟ ଅନାଦି ସାହୁ, ବିଡିଓ ସନ୍ତୋଷ କୁମାର ଜେନା ଏବଂ ତହସିଲଦାର ତାପସ କୁମାର ବିଶି ପ୍ରମୁଖ ଅଧିବେଶନରେ ଉପସ୍ଥିତ ଥିଲେ। ବ୍ଲକର ୨୧ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏବଂ ଉନ୍ନୟନ ବିଭାଗର ସମସ୍ତ ଅଧିକାରୀ ଏବଂ ସହକର୍ମୀ ଯୋଗ ଦେଇଥିଲେ। ଏବିଡିଓ ସୁମିତ୍ରା ଜେନା





ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ପୂର୍ବ ବୈଠକର ସମସ୍ତ ବିବରଣୀ ପାଠ କରିଥିଲେ। ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥାର ସମସ୍ୟା ଏବଂ ସମାଧାନ ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା। ପାନୀୟ ଜଳ ବ୍ୟବହାର ପାଇଁ ବ୍ଲକ ଅଞ୍ଚଳବାସୀଙ୍କ ହିତରେ ନିର୍ମାଣ ହେଉଥିବା ବୃହତ ମେଗା ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଅନ୍ୟପକ୍ଷେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ନିର୍ମାଣାଧୀନ ପ୍ରକଳ୍ପ କାର୍ଯ୍ୟକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷରୁ ବିଭିନ୍ନ ପ୍ରକଳ୍ପ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଏପରିକି ୨୦୨୫-୨୬ ଆର୍ଥିକ ବର୍ଷର ଆରମ୍ଭ ହୋଇଥିବା ପ୍ରକଳ୍ପ କାର୍ଯ୍ୟକୁ ବେଆଇନ ଭାବେ ନିର୍ମାଣ କରାଯାଇଥିଲା। ଏହି ବେଆଇନ କାର୍ଯ୍ୟକୁ ନେଇ ଶ୍ରମିକ ଏବଂ ବୁଦ୍ଧିଜୀବୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଇଥିଲା। ଏହାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରକଳ୍ପ କାର୍ଯ୍ୟକୁ ଅଧାରୁ ବନ୍ଦ କରିଦିଆଯିବାରୁ ଅସନ୍ତୋଷ ତୀବ୍ର ହୋଇଥିଲା। କାର୍ଯ୍ୟ କରୁଥିବା ଜନପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ବୈଠକରେ ଛକାପଞ୍ଝା ଦେଖିବାକୁ ମିଳିଥିଲା। ବୈଠକରେ ଏପିଇଓ ଏବଂ ଆଶିଷ୍ଟାଣ୍ଡ ଇଂ ସ୍ପଷ୍ଟ ଜବାବ ଦେଇପାରିନ ଥିଲେ। ବୈଠକର ପୂର୍ବରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଜନସମାଗମ ହୋଇଥିଲା। ବିଶୃଙ୍ଖଳା ପରିସ୍ଥିତି ଉପୁଜିବାର ଆଶଙ୍କା କରି ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ସେହିପରି ସରକାରୀ ନିୟମ ଅନୁଯାୟୀ ସମିତି ବୈଠକରେ କେବଳ ସରପଞ୍ଚ, ସମିତି ସଭ୍ୟ, ଜିଲାପରିଷଦ ସଭ୍ୟ ଏବଂ ବିଭାଗୀୟ ଅଧିକାରୀ ଯୋଗ ଦେବାକଥା, ମାତ୍ର ଏକ ନିର୍ଦ୍ଦିଷ୍ଟ ଦଳର ପତାକା ମୁଣ୍ଡରେ ଭିଡ଼ି କେତେଜଣ ସରପଞ୍ଚ ଏବଂ ସମିତି ସଭ୍ୟ ଯୋଗଦେଇଥିଲେ। ତେବେ ପ୍ରଶାସନ ପକ୍ଷରୁ ଏହାକୁ ପ୍ରସୟ କିପରି ଦିଆଗଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅମରେଶ



@ ବିଭୁ



@ ପ୍ରଣତି



@ ସୁରକ୍ଷା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗୋଶାଳାରେ ଆକ୍ରମଣ: ୨ ଗୋରୁ ମୃତ

ନିରାକାରପୁର,୧୧।୬(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତର ବାଳିକା ବିଦ୍ୟାଳୟ ପଡ଼ିଆଠାରେ ଅସ୍ଥାୟୀ ଭାବେ ଯୁବକ ସଂଘ ପକ୍ଷରୁ ନିର୍ମିତ ଏକ ବେସରକାରୀ ଗୋଶାଳାରେ ଗାଈ ଗୋରୁଙ୍କ ଏକ ଅଦୃଶ୍ୟ ଆକ୍ରମଣରେ ମୃତ୍ୟୁ ହୋଇଛି। ଯାହାକୁ ନେଇ ଅଞ୍ଚଳରେ ଭୟ ସୃଷ୍ଟି ହୋଇଛି। ବୁଲା ଗାଈଗୋରୁଙ୍କ ସୁରକ୍ଷା ଦୃଷ୍ଟିରୁ ସ୍ଥାନୀୟ କେତେଜଣ ଯୁବକ ସଂଘ ପକ୍ଷରୁ ଉକ୍ତ ସ୍ଥାନରେ ଏକ ଗୋଶାଳା ନିର୍ମାଣ ହୋଇଛି। ବାହ୍ୟ ପ୍ରାଣୀଙ୍କ ଆକ୍ରମଣରୁ ଗୋରୁଙ୍କ ସୁରକ୍ଷା ନିମନ୍ତେ ଚତୁପାର୍ଶ୍ୱ ଜାଲରେ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏହା ସତ୍ତ୍ୱେ ଗତ ସପ୍ତାହ ସୋମବାର ଗୋଟିଏ ବାଛୁରୀର ଆଗ ପାର୍ଶ୍ୱ ଗୋଡ଼ର ପେଟକୁ ଗଭୀର କ୍ଷତ କରାଯାଇ ଆକ୍ରମଣ ହୋଇଥିବାବେଳେ ସମାନ ଢଙ୍ଗରେ ଗତ ମଙ୍ଗଳବାର ଆକ୍ରମଣ ଫଳରେ ୨ଟି ବାଛୁରୀଙ୍କ ମୃତ୍ୟୁ ହୋଇଛି। କିନ୍ତୁ ସେହି ସ୍ଥାନରେ କୌଣସି ରକ୍ତ ନ ପଡ଼ିବାକୁ ନେଇ ଅନେକ ପ୍ରଶ୍ନ ଉଙ୍କି ମାରୁଛି। ଏନେଇ କେତେକ ଗୋଶାଳାର ବ୍ୟକ୍ତିଙ୍କୁ ପଚାରିବାରେ, ଗତ ସପ୍ତାହ ସୋମବାର ଗୋଟିଏ ଗାଈର ମୃତ୍ୟୁ ଘଟିଥିବାବେଳେ ଗତ ସୋମବାର ଅନ୍ୟ ଗାଈଟିର ସମାନ ଢଙ୍ଗରେ ମୃତ୍ୟୁ ଘଟିଥିଲା। ଏହାର ଜାଣିବାକୁ ସଂଘ ମଙ୍ଗଳବାର ରାତିରେ ଉଜାଗର ରହି ନଜର ରଖିଥିବାରୁ କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ତେବେ ଗୋରୁଙ୍କ ଏପରି ମୃତ୍ୟୁ ଅଞ୍ଚଳରେ ଚିନ୍ତାର କାରଣ ପାଲଟିଛି। ଏନେଇ ଟାଙ୍ଗୀ ବ୍ଲକ ପ୍ରାଣୀଧନ ଅଧିକାରୀ ଚନ୍ଦ୍ରମଣି ସାହୁଙ୍କୁ ପଚାରିବାରେ, କୌଣସି ପ୍ରକାର ପୋକ ହୋଇଥିବା କାରଣରୁ ମୃତ୍ୟୁ ହୋଇଥାଇ ପାରେ ବୋଲି ସେ ପ୍ରକାଶ କରିଛନ୍ତି।

**ସ୍ନାନମଣ୍ଡପରେ ଅଣସେବାୟତ ଥିଲେ କାର୍ଯ୍ୟାନୁଷ୍ଠାନ**

ପୁରୀ,(ଅଜିତ୍ କୁମାର ମହାନ୍ତି): ସ୍ନାନମଣ୍ଡପରେ ଅଣସେବାୟତ ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି। ଏ ନେଇ ଭିଡିଓ ଚିତ୍ରରେ ଚିହ୍ନଟ କରାଯିବ। ସେହିପରି ଜୁନ୍ ୨୮ରୁ ପୁଣି ରତ୍ନଭଣ୍ଡାର ମରାମତି କରାଯିବ ଯିବ ବୋଲି ପାଢ଼ୀ ସୂଚନା ଦେଇଛନ୍ତି।

# ଠେଲାପେଲାରେ ୩୦ରୁ ଊର୍ଦ୍ଧ୍ୱ ଅସୁସ୍ଥ


ବଡ଼ଦାଣ୍ଡରେ ସଂକୀର୍ତ୍ତନ କରାଯାଉଛି ।


ମହାପ୍ରଭୁଙ୍କ ହାତୀବେଶ ପାଇଁ ସ୍ନାନମଣ୍ଡପକୁ ବେଶ ନିଆଯାଉଛି ।

ପୁରୀ,୧୧।୬( ଅଜିତ୍ କୁମାର ମହାନ୍ତି)

ଚଳିତ ବର୍ଷ ସ୍ନାନଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି। ଆକଳନଠାରୁ ଢ଼େର ଗୁଣରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢ଼ିଛି। ତେବେ ପ୍ରବଳ ଗରମ, ଗୁଳୁଗୁଳି ସାଙ୍ଗକୁ ଠେଲାପେଲାରେ ୩୦ରୁ ଊର୍ଦ୍ଧ୍ୱ ଭକ୍ତ ଅସୁସ୍ଥ ତଥା ଆହତ ହୋଇଥିବା ସୂଚନା ମିଳିଛି। ଆମ୍ବୁଲାନ୍ସ କର୍ମଚାରୀ ଓ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସେମାନଙ୍କୁ ଉଦ୍ଧାର କରାଯାଇ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲ। ସକାଳେ ପାଗ ଭଲ ରହିଥିବା ବେଳେ ମଧ୍ୟାହ୍ନ ପରେ ଖରା ବଢିଥିଲା। ସ୍ନାନଯାତ୍ରା ପୂର୍ବରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲା ଯକ୍ଷ୍ମା, ଛାତି ଓ ସଂକ୍ରମଣ ରୋଗ ଚିକିତ୍ସାଳୟକୁ ଆପାତକାଳୀନ ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ କରି ରଖାଯାଇଥିଲା। ଫଳରେ ଅସୁସ୍ଥ ଓ ଆହତମାନଙ୍କର ଚିକିତ୍ସା କରାଯାଇପାରିଥିଲା।

## ଭିଡ଼ ଭିତରେ ଅସୁରକ୍ଷିତ ଦୀପଦାନ

ସ୍ନାନ ପୂର୍ଣ୍ଣିମା ଭିଡ଼ ଭିତରେ ବିଭିନ୍ନ ସ୍ଥାନରେ ଅସୁରକ୍ଷିତ ଦୀପଦାନ ହେଉଥିବା ଦେଖିବାକୁ ମିଳିଥିଲା। ସିଂହଦ୍ୱାର ନିକଟ ଇଲେକ୍ଟ୍ରି ଟ୍ରାନ୍ସମିଟର ନିକଟରେ ଶ୍ରଦ୍ଧାଳୁମାନେ ଦୀପ ଜାଳୁଥିଲେ। ଭକ୍ତମାନଙ୍କ ଦର୍ଶନ ପାଇଁ ହୋଇଥିବା ଛାମୁଣ୍ଡିଆ ତଳେ ମଧ୍ୟ ଠାକୁ ଠା ଦୀପ ଜଳାଯାଉଥିଲା। ଗହଳି ଠେଲାପେଲାରେ ଭକ୍ତମାନେ ସେଇ ଦୀପପାଖ ଦେଇ ଯା'ଆସ କରୁଥିଲେ। ଏଥର ସ୍ନାନଯାତ୍ରାରେ ମନ୍ଦିର ଆଖପାଖରେ ଅଧିକ ଦୀପ ଦୋକାନୀ ନିଜର ଡାଲା ଧରି ବୁଲୁଥିଲେ। ସମୟେ ସମୟେ ଅଗ୍ନିଶମ ବିଭାଗର କର୍ମଚାରୀ ଏମାନଙ୍କୁ ଉଠାଉଥିଲେ ବି ଦୀପ ବିକାଳିଙ୍କ ସଂଖ୍ୟା ମାତ୍ରାଧିକଥିବାରୁ ଏମାନଙ୍କୁ ନିୟନ୍ତ୍ରଣ କରିବା ପୋଲିସ ପାଇଁ ଅନ୍ୟଏକ ଚାଲେଞ୍ଜ ପାଲଟିଥିଲା।

## ମାଗଣା ପାର୍କିଂରେ ୫୦ ଟଙ୍କା

ସ୍ନାନଯାତ୍ରାରେ ୨ଚକିଆ ଯାନ ପାର୍କିଂରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ମାର୍କେଟ ଛକଠାରୁ ଦୁଇଚକିଆ ଯାନ ପ୍ରବେଶ ନିଷେଧ ଥିଲେ ବି ବଡ଼ଦାଣ୍ଡର ଉଭୟପାର୍ଶ୍ୱ ଅଘୋଷିତ ପାର୍କିଂ ପଏଣ୍ଟ ପାଲଟି ଯାଇଥିଲା। କେତେକ ସ୍ଥାନରେ ବେଆଇନ ଭାବେ ବଡ଼ଦାଣ୍ଡରେ ଗାଡ଼ି ରଖିଥିବା ବ୍ୟକ୍ତିଙ୍କଠାରୁ ୨୦ରୁ ୩୦ ଟଙ୍କା ଲେଖାଏଁ ଆଦାୟ କରାଯାଉଥବା ମଧ୍ୟ ଦେଖିବାକୁ ମିଳିଥିଲା। ଟଙ୍କାଦେଇ ଗାଡ଼ି ରଖିଯାଉଥିଲେ ମଧ୍ୟ ସେମାନଙ୍କୁ କୌଣସି ରସିଦ ପ୍ରଦାନ କରାଯାଉ ନ ଥିଲା। ମାର୍କେଟ ଛକଠାରୁ ନାୟକ ପ୍ଲାଜା ପର୍ଯ୍ୟନ୍ତ ହଜାର ହଜାର ଗାଡ଼ି ପାର୍କିଂ ହୋଇ ରହିଥିବାରୁ ଯାତାୟାତ ପ୍ରବଳ ମାତ୍ରାରେ ପ୍ରଭାବିତ ହୋଇଥିଲା। ବଡ଼ଦାଣ୍ଡ ସଂଲଗ୍ନ ଗଳିଗୁଡ଼ିକୁ ଯିବାକୁ ମଧ୍ୟ ରାସ୍ତା ବନ୍ଦ ହୋଇଯାଇଥିଲା। ସ୍ଥାନୀୟ ବାସିନ୍ଦା ଏହାଦ୍ୱାରା ଖୁବ୍ ପ୍ରଭାବିତ ହୋଇଥିଲେ।

## ପିଏଚ୍‌ସିରେ କେହି ନ ଥିଲେ

ସ୍ନାନଯାତ୍ରାରେ ଶ୍ରଦ୍ଧାଳୁଙ୍କୁ ଚିକିତ୍ସା ସେବା ଯୋଗାଇଦେବାକୁ ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ପ୍ରାଥମିକ ଚିକିତ୍ସା କେନ୍ଦ୍ର (ପିଏଚ୍‌ସି) ଖୋଲାଯାଇଥିଲା। ହେଲେ କେତେକ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଡାକ୍ତର କି କୌଣସି ସ୍ୱାସ୍ଥ୍ୟକର୍ମୀ ନ ଥିଲେ। ଖାଲି ଟେଣ୍ଟରେ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଲେଖାଯାଇଥିଲା। ଟେଣ୍ଟ ଖାଲି ପଡ଼ିଥିବାରୁ ଚାଲି ଚାଲି ଥକି ଯାଉଥିବା ଶ୍ରଦ୍ଧାଳୁ ଏହାଭିତରେ ବସି ବିଶ୍ରାମ ନେଉଥିବା ମଧ୍ୟ ଦେଖିବାକୁ ମିଳିଥିଲା।

## ବ୍ୟାରିକେଡ୍ ପାଇଁ ଅଟକିଲା ବେଶ

ପବିତ୍ର ସ୍ନାନଯାତ୍ରାରେ ଚତୁର୍ଦ୍ଧାବିଗ୍ରହ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ହାତୀବେଶରେ ଦର୍ଶନ ଦେଇଛନ୍ତି। ଶ୍ରୀମନ୍ଦିରକୁ ବେଶ ଆସିବା ସମୟରେ ପ୍ରଶାସନର ଦାୟିତ୍ୱହୀନତା ଯୋଗୁ ଦୀର୍ଘସମୟ ଧରି ବଡ଼ଦାଣ୍ଡରେ ଅଟକି ରହିଥିଲା। ସ୍ନାନଜଳ ସ୍ନାନମଣ୍ଡପକୁ ବିଜେ ହେବାପରେ ବେଶ ନିମନ୍ତେ ସେବାୟତମାନେ ଗୋପାଳତୀର୍ଥ ମଠକୁ ଯାଇଥିଲେ। ସେଠାରୁ ବଡ଼ଠାକୁର ବଳଭଦ୍ରଙ୍କ ନିମନ୍ତେ ବେଶ ଆସିଥିଲା। ବେଶ ଆସି ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ ମଧ୍ୟ ସିଂହଦ୍ୱାର ସମ୍ମୁଖରେ ଥିବା ବ୍ୟାରିକେଡ୍ କଢ଼ାଯାଇ ନ ଥିଲା। ଫଳରେ ଦୀର୍ଘ ୧୦ ମିନିଟ୍‌ରୁ ଅଧିକ ସମୟ ଧରି ବେଶ, ବଡ଼ଦାଣ୍ଡରେ ସେବାୟତ, ବେଶଧାରୀମାନେ ଠିଆହୋଇ ରହିଥିଲେ। ଏହାକୁ ନେଇ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା। ବ୍ୟାରିକେଡ୍ କଢ଼ାଯିବା ପରେ ବେଶ ଶ୍ରୀମନ୍ଦିରକୁ ବିଜେ କରିଥିଲେ।

## ଗରମ, ଗୁଳୁଗୁଳିରେ ଭକ୍ତ ହନ୍ତସନ୍ତ

ପବିତ୍ର ସ୍ନାନଯାତ୍ରା ପାଇଁ ମହାପ୍ରଭୁଙ୍କ ରତ୍ନବେଦିରୁ ସ୍ନାନବେଦିକୁ ଓହ୍ଲାଇ ଆସିଛନ୍ତି। ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ସହ ହାତୀବେଶରେ ଲକ୍ଷାଧିକ ଭକ୍ତଙ୍କୁ ଦର୍ଶନ ଦେବେ। ମହାପ୍ରଭୁଙ୍କ ସ୍ନାନଯାତ୍ରା ସହ ଦୁର୍ଲଭ ହାତୀବେଶ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ପ୍ରବଳ ଜନସମାଗମ ହୋଇଥିଲା। ସକାଳେ ପାଗ ପ୍ରାୟ ଠିକ୍‌ଠାକ ରହିଥିବା ବେଳେ ମଧ୍ୟାହ୍ନରେ ପ୍ରବଳ ଗରମ ଗୁଳୁଗୁଳି ଅନୁଭୂତ ହୋଇଥିଲା। ଫଳରେ ଲକ୍ଷାଧିକ ଭକ୍ତ ଭିଡ଼ ଏବଂ ଗରମ ଗୁଳୁଗୁଳିରେ ଆଉଟୁପାଉଟୁ ହେଉଥିବା ଦେଖିବାକୁ ମିଳିଥିଲା। ଅନେକ ଭକ୍ତ ପ୍ରବଳ ଖରାରୁ ସାମୟିକ ରକ୍ଷା ପାଇବା ପାଇଁ ବିଭିନ୍ନ ଦୋକାନ ସାମ୍ନାରେ ଆଶ୍ରୟସ୍ଥଳ ଖୋଜୁଥିବା ଦେଖିବାକୁ ମିଳିଥିଲା। ଭକ୍ତ ଶ୍ରୀମନ୍ଦିର ବାହାରେ ଏବଂ ଭିତରେ ଅଚେତ ହୋଇ ପଡ଼ି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି।

## ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ

ଚଳିତ ବର୍ଷ ସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଚଳିତବର୍ଷ ପ୍ରବଳ ଗରମ ଏବଂ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଦମକଳ ଗାଡ଼ି ନିୟୋଜିତ ରହିଥିଲା। ଭିଡ଼ ମଧ୍ୟରେ ଭକ୍ତଙ୍କ ସୁବିଧା ପାଇଁ ୮ଟି ଅଗ୍ନିଶମ ଗାଡ଼ି ଦ୍ୱାରା ଅନବରତ ଜଳସିଞ୍ଚନ କରାଯାଇଥିଲା। ସ୍ନାନ ପୂର୍ଣ୍ଣିମାରେ ପୁରୀର ବିଭିନ୍ନ ସ୍ଥାନରେ ୮୩ଜଣ ଆଗ୍ନିକ, ୧୫ଜଣ ଗାଡ଼ିଚାଳକ, ୨୨ଜଣ ଅଗ୍ରଣୀ ଅଗ୍ନିଶମ କର୍ମଚାରୀ, ୧୮ଜଣ ଅଗ୍ନିଶମ ଅଧିକାରୀଙ୍କ ସମେତ ୧୨ଜଣ ଷ୍ଟେଶନ ଅଧିକାରୀ ନିୟୋଜିତ ରହିଥିବା ଜିଲା ସହକାରୀ ଅଗ୍ନିଶମ ଅଧିକାରୀ ପ୍ରଭାତ କୁମାର ରାଉତ ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

### ଔଷଧ ଦୋକାନରେ ଚଢ଼ାଉ

ପୁରୀ,୧୧।୬( ଅଜିତ୍ କୁମାର ମହାନ୍ତି)

ଭେଷଜ ନିରୀକ୍ଷକ ମାମିନା ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଜିଲା ଭେଷଜ ନିରୀକ୍ଷକ ଅଞ୍ଜନ କୁମାର ସାହୁ ଏବଂ ଖୋର୍ଦ୍ଧା ପରିସରର ସହକାରୀ ଭେଷଜ ନିରୀକ୍ଷକ ସୁଶାନ୍ତ କୁମାର ସାଙ୍କ ନେତୃତ୍ୱରେ ପୁରୀ ସହରରେ ଥିବା ବିଭିନ୍ନ ଔଷଧ ଦୋକାନରେ ଚଢ଼ାଉ କରାଯାଇଛି। ବିଶେଷ କରି ବିଭିନ୍ନ ଔଷଧ ଦୋକାନରେ ବେଆଇନ ଭାବେ ଗର୍ଭପାତ ଔଷଧ ଏବଂ ନିଶା ଔଷଧ ବିକ୍ରି ସମ୍ପର୍କରେ ବ୍ୟାପକ ଯାଞ୍ଚ କରାଯାଇଥିଲା।

### ବୃଦ୍ଧାଙ୍କୁ ଶାବଳରେ ଆକ୍ରମଣ

ଯୋଗେଶ୍ୱରପୁର,୧୧।୬(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତ ପାଇକସାହି ଗ୍ରାମର ଜଣେ ଯୁବକ ବୃଦ୍ଧାଙ୍କୁ ଶାବଳରେ ଆକ୍ରମଣ କରିଥିବା ବୁଧବାର ସେ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ପାଇକସାହି ଗ୍ରାମର ସଞ୍ଜୁ ଲେଙ୍କା(୭୦) ତାଙ୍କ ବାଡ଼ିରେ ନଡ଼ିଆ ଗଛ ଲଗାଉଥିଲେ। ସେହିସମୟରେ ଉକ୍ତ ଗ୍ରାମର ଜଣେ ଯୁବକ ପୂର୍ବବିବାଦକୁ କେନ୍ଦ୍ରକରି ଶାବଳରେ ସଞ୍ଜୁଙ୍କ ମୁହଁକୁ ପିଟିଦେବାରୁ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚାରିଛକ ମେଡିକାଲରେ ଭର୍ତ୍ତି କରିଥିଲେ। ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଛି।

### ଅଳିଆ ଆବର୍ଜନାରେ ଭର୍ତ୍ତି କୁଣ୍ଢେଇହାଟ

ଅସ୍ତରଙ୍ଗ,୧୧।୬(ମମତା ଜେନା)

ଅସ୍ତରଙ୍ଗ ଓ କାକଟପୁର ବ୍ଲକର ହଜାର ହଜାର ଲୋକେ ସର୍ବପୁରାତନ କୁଣ୍ଢେଇହାଟ ଉପରେ ନିର୍ଭର କରନ୍ତି। ଏଠାରୁ ବିଭିନ୍ନ ସାମଗ୍ରୀ ରାଜ୍ୟ ତଥା ରାଜ୍ୟ ବାହାରକୁ ପଠା ଯାଇଥାଏ। ଏବେ ଏହି ହାଟର ପରିବେଶ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। କୁଢ଼ କୁଢ଼ ଅଳିଆ ଜମା ହୋଇ ଦୂଷିତ ହେବା ସହ ଦୁର୍ଗନ୍ଧରେ ନାକ ଫାଟିପଡୁଛି। ବର୍ଷାଦିନେ ପାଣି ଜମାହୋଇ ହାଟ ଭିତରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। କୁଣ୍ଢେଇ ପଞ୍ଚାୟତ ପକ୍ଷରୁ ଦୋକାନଗୁଡ଼ିକରୁ ସାପ୍ତାହିକ ଭଡ଼ା ଆଦାୟ କରାଯାଉଥିବା ବେଳେ ଅଳିଆ ଆବର୍ଜନା ସଫା କରାଯାଉ ନ ଥିବା ଜଣାପଡ଼ିଛି। ଏହା ଏକ ଦୁର୍ଭାଗ୍ୟଜନକ ଘଟଣା ବୋଲି ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। ତୁରନ୍ତ ପ୍ରଶାସନ ଦୃଷ୍ଟି ଦେଇ ହାଟ ଭିତର ଓ ଚାରିପଟେ ଥିବା ଅଳିଆ ଆବର୍ଜନା ସଫା କରିବା ପାଇଁ ଆଇନଜୀବୀ ବିରେନ କୁମାର ମହାନ୍ତି, ସାମାଜିକ କର୍ମୀ ଅନଦା କୁମାର ବେହେରା, ଲିଙ୍ଗରାଜ ବେହେରା, ବିଜୟ କୁମାର ମାହାରୀଙ୍କ ସମେତ ହାଟରେ ବସୁଥିବା ବ୍ୟବସାୟୀ ଓ କାକଟପୁର ଦୁର୍ନୀତି ସଂଘର୍ଷ ମଞ୍ଚ ପକ୍ଷରୁ ଦୃଢ଼ ଦାବି ହୋଇଛି।

## ମା' ମଙ୍ଗଳାଙ୍କ ସର୍ବାଙ୍ଗ ଚନ୍ଦନ ବେଶ

କାକଟପୁର/ଅସ୍ତରଙ୍ଗ,୧୧।୬ (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ ଦୀକ୍ଷିତ/ମମତା ଜେନା)

ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ନୀଳାଦ୍ରିନାଥ ମହାପ୍ରଭୁ ଜଗନ୍ନାଥ ଏବଂ ଚତୁର୍ଦ୍ଧାମୂର୍ତ୍ତିଙ୍କ ଆରମ୍ଭ ହୋଇଥାଏ ରଥଯାତ୍ରାର ଆଦ୍ୟପର୍ବ। ସେହି ଅବସରରେ ଦେବସ୍ନାନ ପୂର୍ଣ୍ଣିମାରେ କାକଟପୁର ବାସିନୀ ମା' ମଙ୍ଗଳାଙ୍କ ମନ୍ଦିର ରେ ଆୟୋଜିତ ହୋଇଥାଏ ସତନ୍ତ୍ର ପରମ୍ପରା ଏବଂ ରୀତିନୀତି। ବିଭିନ୍ନ ପର୍ବପର୍ବାଣିରେ ମା'ଙ୍କର ଅନେକ ବେଶ ଆରମ୍ଭ ହେଉଥିବା ବେଳେ ଅନେକ ସମୟରେ ମୁଖ ଚନ୍ଦନ ବେଶରେ ମା' ମଙ୍ଗଳା ଦର୍ଶନ ଦେଇଥାନ୍ତି। ଦେବସ୍ନାନ ପୂର୍ଣ୍ଣିମାରେ ମଙ୍ଗଳା ମନ୍ଦିର ପରମ୍ପରା ଅନୁଯାୟୀ, ମଙ୍ଗଳାଙ୍କ ସର୍ବାଙ୍ଗ ଚନ୍ଦନ ବେଶ ଆୟୋଜନ କରାଯାଇଥିଲା। ଏଥିପାଇଁ ୨୦ କି.ଗ୍ରା.ରୁ ଅଧିକ ଓଜନର ଚନ୍ଦନ


ମା' ମଙ୍ଗଳାଙ୍କ ଚନ୍ଦନ ବେଶ ।

କାଠ ବ୍ୟବହାର କରାଯାଇଥିବା ବେଳେ ସେଥିରେ କର୍ପୁର, ଅଗୁର, ଜାଇଫଳ ଭଳି ଅନେକ ସୁବାସିତ ପଦାର୍ଥ ବି ବ୍ୟବହାର କରାଯାଇଛି। ଏହିସବୁ ସାମଗ୍ରୀ ମଙ୍ଗଳା ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଯୋଗାଇ ଦିଆଯାଇଛି। ବୁଧବାର ଅପରାହ୍ନ ୨ଟାରୁ ମା' ମଙ୍ଗଳାଙ୍କ ସେବକଙ୍କ ଦ୍ୱାରା ଦେବୀ ମଣ୍ଡପଠାରେ ପଥରଶୀଳ ଉପରେ କର୍ପୁର ସହିତ ଚନ୍ଦନ କାଠ ଘୋରା ଆରମ୍ଭ ହୋଇଥିଲା। ସେବାୟତଙ୍କ ଦ୍ୱାରା ଚନ୍ଦନ ଘୋରାଯିବା ପରେ ମା' ମଙ୍ଗଳାଙ୍କ ଭଅଣ୍ଡ ଧୂପ ପରେ ଦିନ ୪ଟାରେ ମା' ମଙ୍ଗଳାଙ୍କୁ ସୁବାସିତ ଜଳରେ ସ୍ନାନ କରାଯାଇ ସର୍ବାଙ୍ଗ ଚନ୍ଦନ ବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶରେ ମା' ମଙ୍ଗଳାଙ୍କ ନିକଟରେ ଧଳାରଙ୍ଗର ସମସ୍ତ ବସ୍ତୁ ଲାଗି କରାଯାଇଥାଏ। ମା' ଧଳା ପାଟବସ୍ତ୍ର ପରିଧାନ କରିବା ସହିତ ଧଳାରଙ୍ଗର ଫୁଲ ମଧ୍ୟ ଲାଗି କରାଯାଇଥିଲା। ମା' ମଙ୍ଗଳାଙ୍କ ଏହି ସର୍ବାଙ୍ଗ ଚନ୍ଦନ ବେଶ ବର୍ଷକୁ ଗୋଟିଏ ଦିନ ତାହା ଆଜିର ଦିନରେ ହିଁ ଦେଖିବାକୁ ମିଳିଥାଏ।

## ମୁଗମଣ୍ଡି ଉଦ୍‌ଘାଟିତ

ପିପିଲି, ୧୧।୬(ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ ଅନ୍ତର୍ଗତ ତେଇଶିପୁର ପ୍ରାଥମିକ ସେବା ସମବାୟ ସମିତିରେ ରବିରରୁ ପାଇଁ ମୁଗ, ବିରି, ଚିନାବାଦାମ, ସୂର୍ଯ୍ୟମୁଖୀ ଓ ସୋରିଷ କ୍ରୟ ପାଇଁ ବୁଧବାର ମଣ୍ଡି ଉଦ୍‌ଘାଟିତ ହୋଇଛି। ଏହି ସେବା ସମବାୟ ସମିତିର ସଭାପତି ତଥା ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେବା ସମବାୟ ସମିତିର ସମ୍ପାଦକ ଅବକାଶ ପରିଡ଼ା, ମାନ ନିର୍ଦ୍ଧାରଣ ଅଧିକାରୀ ଜୟନ୍ତ କୁମାର ବସନ୍ତରାୟ, ସେବା ସମବାୟ ସମିତିର ନିର୍ଦ୍ଦେଶକ ଜିତେନ୍ଦ୍ର ବରାଳ, ନବକିଶୋର ନାୟକ, ବିଜୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସର୍ବନିମ୍ନ ସହାୟକ ସରକାରୀ ମୂଲ୍ୟ ମୁଗ କୁଇଣ୍ଟାଲ ପ୍ରତି ୮,୬୮୨ ଟଙ୍କା ରହିଥିବା ବେଳେ ପ୍ରଥମ ଦିନର ମଣ୍ଡି ଉଦ୍‌ଘାଟନ ଦିବସରେ ମୁଗ ୩୫ କୁଇଣ୍ଟାଲ କ୍ରୟ କରାଯାଇଥିବା ସମ୍ପାଦକ ପରିଡ଼ା ସୂଚନା ଦେଇଛନ୍ତି।

## ସାକ୍ଷୀଗୋପାଳଙ୍କୁ ସ୍ନାନ କରାଇଲେ ନଅଘର ପୁଷ୍ପାଳକ

ସାକ୍ଷୀଗୋପାଳ,୧୧।୬(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସାକ୍ଷୀଗୋପାଳ ମନ୍ଦିରରେ ଠାକୁରଙ୍କ ସ୍ନାନନୀତି ବୁଧବାର ପାଳିତ ହୋଇଯାଇଛି। ସକାଳୁ ସକାଳୁ ମନ୍ଦିର ଦ୍ୱାର ଉନ୍ମୋଚନ, ମଙ୍ଗଳ ଆଳତି, ବେଶ ମଇଲମ, ମର୍ଦ୍ଦନ ଓ ଅବକାଶ ନୀତି ଅନୁଷ୍ଠିତ ହୋଇଥିଲା। ମନ୍ଦିର ପୁରୋହିତ ଓ ପୁରାଣ ପଣ୍ଡିତ ଅଭିମନ୍ତ୍ରିତ ସୁଗନ୍ଧିତ ଜଳ କଳସରେ ନଅଘର ପୁଷ୍ପାଳକ ରତ୍ନସିଂହାସନ ଉପରେ ସାକ୍ଷୀଗୋପାଳ ଠାକୁର ଓ ଶ୍ରୀରାଧାଙ୍କୁ ପୂର୍ଣ୍ଣସ୍ନାନ କରାଇଥିଲେ। ପରେ ପରେ ରାଜବେଶରେ ନୂତନ ବସ୍ତ୍ର, ସୁବର୍ଣ୍ଣ କିରୀଟ, ଚାପସରି, ମକରକୁଣ୍ଡଳ, ବେଙ୍ଗ ପାଟିଆ, ସୁବର୍ଣ୍ଣ ବଂଶୀ, ଅଧରମାଳ, ପାଟିଚନ୍ଦନ ଲାଗି କରାଯାଇଥିଲା। ସେହିପରି ରତ୍ନସିଂହାସନରୁ ପତିତପାବନଙ୍କୁ ଗୋଟି ପହଣ୍ଡିରେ ସ୍ନାନବେଦିକୁ ବିଜେ କରି ସ୍ନାନ ନୀତି, ବେଶ, ଜାତଭୋଗ, ଉପଚାର ଓ ଆଳତୀ କରାଯାଇଥିଲା। ସତ୍ୟବାଦୀ ବକୁଳବନର ଅଧିଶ୍ୱର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅଜାଭାବେ ପରିଚିତ ଠାକୁର ଅଜା ଶ୍ରୀସିଦ୍ଧବଳରାମଙ୍କ ସ୍ନାନ ଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସକାଳୁ ସକାଳୁ ମଙ୍ଗଳ ଆଳତି, ଅବକାଶ, ବାଲଭୋଗ କରାଯାଇଥିଲା। ସ୍ନାନ ମଣ୍ଡପରେ ସଂସ୍କାର ହୋମ କରାଯିବା ପରେ ସେବାୟତ ଦେବରାଜ ପଣ୍ଡା ଓ ବ୍ରଜରାଜ ପଣ୍ଡା ଠାକୁରଙ୍କୁ ପହଣ୍ଡିକରି ସ୍ନାନ ମଣ୍ଡପକୁ ବିଜେ କରାଇଥିଲେ। ସୁଗନ୍ଧିତ ଜଳକଳସରେ ପୂର୍ଣ୍ଣ ସ୍ନାନ, ନୂତନବସ୍ତ୍ର, ଫୁଲହାର, ଟାହିଆ ଲାଗି ଓ ଖେଚୁଡ଼ି ଭୋଗ କରାଯାଇଥିଲା। ସେହିପରି ଅଠେଇଶ ଗ୍ରାମର ପାତାଳୀ ବ୍ରହ୍ମ, ମୂଳ ଅଳସା, ଶୁକଳ ଗ୍ରାମର ତୃତୟା ଓ ଦାରୁ କ୍ଷେତ୍ର ରାୟଚକ୍ରଧରପୁର ଗ୍ରାମରେ ତିନିଠାକୁରଙ୍କ ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା। କାଞ୍ଚିଆ ମେଳଣ ପଡିଆ, ବାଲିସାହି, ଅଳଗୁମ, ସାରଙ୍ଗଯୋଡ଼ିରେ ପତିତପାବନ ଦେବଙ୍କ ସ୍ନାନନୀତି ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ସ୍ନାନମଣ୍ଡପରେ ଦର୍ଶନ ଓ ପୂଜାର୍ଚ୍ଚନା କରିଥିବା ଦେଖାଯାଇଥିଲା।

## ସରକାରଙ୍କ ବର୍ଷକ ସଫଳତାର ପ୍ରଚାର ପ୍ରସାର କରାଯିବ

ଅସ୍ତରଙ୍ଗ,୧୧।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସସ୍ମିତା ବେହେରାଙ୍କ ଅଧକ୍ଷତାରେ 'ବିକାଶ ବାହନ' ରଥ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିଥି ଭାବେ ଜଗତସିଂହପୁର ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ବ୍ଲକ ଉପାଧ୍ୟକ୍ଷ ଦୃଜୟ ମିଶ୍ର, ବ୍ଲକର ବଡ଼ବାବୁ ଭୁବନେଶ୍ୱର ରଥ ପ୍ରମୁଖ ଉପସ୍ଥିତ ଥିଲେ। ଅସ୍ତରଙ୍ଗ ବ୍ଲକର ୧୫ଟି ପଞ୍ଚାୟତରେ ଗଡ଼ିବ ବିକାଶ ବାହନ ରଥ। ପ୍ରତ୍ୟେକ ବିଭାଗ ପକ୍ଷରୁ କେଉଁ ସମସ୍ତ ସେବା ପ୍ରଦାନ କରାଯାଇଛି, ତାହା ଷ୍ଟଲଗୁଡ଼ିକରେ ଦର୍ଶାଯିବ। ମିଶନ ଶକ୍ତି ମା'ମାନଙ୍କ ଦ୍ୱାରା ପିଠା ପ୍ରତିଯୋଗିତା ଓ ପ୍ରଦର୍ଶନୀ ହେବ।

**ବିଭିନ୍ନ ପଞ୍ଚାୟତରେ ୧୨ରୁ ଗଡ଼ିବ 'ବିକାଶ ବାହନ'**



ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସସ୍ମିତା ବେହେରାଙ୍କ ସମେତ ଅନ୍ୟମାନେ ।

ଏହି ବାହନଟି ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଚଳିତ ମାସ ୧୨ରୁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ପଞ୍ଚାୟତ ଭ୍ରମଣକରି ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମର ପ୍ରଚାର ପ୍ରସାର କରିବ। ଏ ନେଇ ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ କହିଛନ୍ତି, କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଲା ସମସ୍ତଙ୍କୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରାଇବା। ଏଥିସହ ବିଭିନ୍ନ ବିଭାଗର ଜନହିତକର ସେବା ମଧ୍ୟ ପ୍ରଦାନ କରାଯିବ। ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ମାତୃ ଯୋଜନା କାର୍ଡର ଆବଣ୍ଟନ ହେବ। ସେହିପରି ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ମେଧାବୀ ଛାତ୍ରୀଛାତ୍ରଙ୍କୁ ବୃତ୍ତି, ଅନୁସୂଚିତ ଜାତି ଓ ଜନଜାତିଙ୍କୁ ପଟ୍ଟା, ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ସୁଭଦ୍ରା ଯୋଜନା, ମମତା ଯୋଜନା, ମିଶନ ଶକ୍ତି ଦ୍ୱାରା ଲକ୍ଷପତି ଦିଦି, ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ପ୍ରେରଣାତ୍ମକ ପଦକ୍ଷେପ 'ମା ପାଇଁ ଗଛଟିଏ' ଭାରତର ନାଗରିକଙ୍କୁ ନିଜ ମା'ଙ୍କ ପାଇଁ ଶ୍ରଦ୍ଧାସ୍ୱରୂପ ବୃକ୍ଷ ରୋପଣ କରିବାକୁ ଆହ୍ୱାନ କରାଯିବ। ପ୍ରତି ପଞ୍ଚାୟତରେ ବ୍ଲକ କଳା ସାଂସ୍କୃତିକ ସଂଘ ଦ୍ୱାରା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବ। ବୈଠକରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଲାଇନ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅମରେଶ


@ ବିଭୁ


@ ପ୍ରଣତି


@ ସୁରକ୍ଷା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ରଥଖଳାରୁ...**

## ପ୍ରଥମ ଭୂଇଁ ଛ' କାଠିରେ କଣ୍ଟାବାଡ଼ିଆ ଶେଷ

ପୁରୀ,୧୧।୬(ଅଜିତ୍ କୁମାର ମହାନ୍ତି):

ରଥଖଳାରେ ବୁଧବାର ଚାରି ନାହାକାରେ ପ୍ରଥମ ଭୂଇଁ ଛ'କାଠିରେ ଚଣାକ କଣ୍ଟା ବାଡ଼ିଆ ଶେଷ ହୋଇଛି। ସେହିପରି ରଥଚାଳିରେ ତିନିରଥର ଦୁଇଟି ଲେଖାଏ ୨୦ ଫୁଟିଆ କତରାର ମୁଖ ଭାଗରେ ହାତୀ ଶୁଣ୍ଢ ଖୋଦେଇ କାର୍ଯ୍ୟ ସରିଛି। ଏଥିସହ କଳସ ପେଣ୍ଡି ନିର୍ମାଣ ଜାରି ରହିଛି। ତିନିରଥ ଦୁଆର ମୁହଁର ନାଟଗୋଡ଼ ଫିଟିଙ୍ଗ ପାଇଁ ୪ଟି ଗାରେଡିରେ ମଗରମୁଖ ଧ୍ୱଜବତା ଫିଟିଂ ସରିଛି। ନାଟ ଗୋଡ଼ରେ କନ୍ଦର୍ପ ରୂପ ବା ରାହୁ ରୂପ ଖୋଦେଇ ଜାରି ରହିଛି। ଅଣସର ତାଟି ଘର ନିର୍ମାଣ ଶେଷ ହୋଇଛି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଦ୍ୱିତୀୟ ଭୂଇଁକଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଦୋଳବେଦିରେ ପାହି ମହାରଣାମାନେ ଅଣସର ପାଇଁ ଆବଶ୍ୟକ କାଠ ନିର୍ମିତ ପୂଜା ସାମଗ୍ରୀ ନିର୍ମାଣ ଶେଷ କରି ଯୋଗାଇ ଦେବା ସହ ଅଣସର ଘର ପାଣି କୁଣ୍ଡ ଘୋଡିଆ ଚକା ପଟା ନିର୍ମାଣ ଶେଷ କରି ତିନିରଥର ବେଶ ସାମଗ୍ରୀ ରଖିବାପାଇଁ ଚାଙ୍ଗଡ଼ା ଷ୍ଟାଣ୍ଡ ଏବଂ ବେଶକାରୀଙ୍କ ପାଇଁ ବେଶ ଘୋଡିଆ ନିର୍ମାଣ ଶେଷ କରିଛନ୍ତି।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ରଥଖଳାରେ ମହାପ୍ରଭୁଙ୍କ ରଥ ନିର୍ମାଣ ଅଗ୍ରଗତି ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ ଅରବିନ୍ଦ ପାଢ଼ୀଙ୍କ ସହ ଆଲୋଚନା କରୁଛନ୍ତି ।

**ଟ୍ରାକ୍ଟର ଓଲଟି ଶ୍ରମିକ ମୃତ**

କଟକ ସଦର,(ସୁଶାନ୍ତ କୁମାର ଜେନା): ୪୨ ମୌଜା ଥାନା ଅନ୍ତର୍ଗତ ମଣିବାଡ ଗ୍ରାମ କାଠଯୋଡି ନଦୀ ବନ୍ଧରେ ବୁଧବାର ଏକ ଟ୍ରାକ୍ଟର ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଫଳରେ ଟ୍ରାକ୍ଟରରେ କାମ କରୁଥିବା ଜଣେ ଶ୍ରମିକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତକ ହେଲେ ସେହି ଗ୍ରାମର ବୁଦ୍ଧଦେବ ମଲ୍ଲିକ (୪୮)। ପୋଲିସ ସୂତ୍ରରୁ ପ୍ରକାଶ ନୂଆ ଟ୍ରାକ୍ଟର ନଦୀ ବନ୍ଧରେ ଯାଉଥିବା ବେଳେ ହଠାତ ଭାରସାମ୍ୟ ହରାଇ ବନ୍ଧ ତଳକୁ ଓଲଟି ପଡିଥିଲା। ଟ୍ରାକ୍ଟର ତଳେ ବୁଦ୍ଧଦେବ ଚାପି ହୋଇ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ମଧ ପୋଲିସ ଜବତ କରିଛି।



ସ୍ନାନପୂର୍ଣ୍ଣିମା ଅବସରରେ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ଗଜାନନ ବେଶ।



ତେଲେଙ୍ଗା ବଜାର ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ଗଜାନନ ବେଶ।

# ଗଜବେଶରେ ଦର୍ଶନ ଦେଲେ ମହାବାହୁ

କଟକ,୧୧।୬(ଶିଳ୍ପା ପ୍ରିୟଦର୍ଶିନୀ)

ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଭକ୍ତିମୟ ବାତାବରଣରେ ପ୍ରକମ୍ପିତ ହୋଇଛି କଟକ ସହର। ମହମହ ଧୂପ ବାସନା ଓ ଘଣ୍ଟ ବାଦନ ପରିବେଶକୁ କରିଥିଲା ମନ୍ତ୍ରମୁଗ୍ଧ। ଖରା ଓ ବର୍ଷା ମିଶ୍ରଣ ପାଗରେ ବୁଧବାର ଦେବସ୍ନାନ ପୂର୍ଣ୍ଣିମା କଟକ ସହରର ବିଭିନ୍ନ ଜଗନ୍ନାଥ ମନ୍ଦିର ସମ୍ପନ୍ନ କରାଯାଇଛି। ସହରରେ ଥିବା ଦୋଳମୁଣ୍ଡାଇ, ରାଣୀହାଟ ଓ ଚାନ୍ଦିନୀଚୌକ ମନ୍ଦିରରେ ସ୍ନାନପିଣ୍ଡିକୁ ମହାପ୍ରଭୁଙ୍କ ପହଣ୍ଡିବିଜେ ଓ ସ୍ନାନଯାତ୍ରା ଦେଖିବା ପାଇଁ ଭକ୍ତଙ୍କ ଗହଳି ଜମିଥିଲା। ସେହିପରି ପୀଠାପୁର ମଦନମୋହନ ଶ୍ରୀଜିଉ ପ୍ରାଙ୍ଗଣରେ ଥିବା ଜଗନ୍ନାଥ ମନ୍ଦିର, ବକ୍ସିବଜାର ପୁଲିସଲେନସ୍ଥିତ ବେଲେଶ୍ୱର ମନ୍ଦିର, ଯୋବ୍ରା ନୂଆସାହି, ମଙ୍ଗଳାବାଗ ନୂଆପାଟଣା, ମହାନଦୀ ବିହାର ଜଗନ୍ନାଥ ସାଂସ୍କୃତିକ ପରିଷଦ, ମାଣିକଘୋଷ ବଜାରସ୍ଥିତ ଭଣ୍ଡାରୀସାହିର ଗୋପୀନାଥଜୀଉ ମନ୍ଦିର, ମହୀଦାସ ବଜାର ତ୍ରିନାଥ ଗଳିର ଦଇତାରି ଭବନରେ ଥିବା ଜଗନ୍ନାଥ ମନ୍ଦିର, ମାନସିଂହ ପାଟଣାର ଜଗନ୍ନାଥ ମନ୍ଦିର ଏବଂ ଜଗନ୍ନାଥ ପୂଜା ପାଉଥିବା ଅନ୍ୟାନ୍ୟ ଦେବାଳୟରେ ମଧ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନ ନୀତିକାନ୍ତି କରାଯାଇଛି।



ମହାନଦୀ ବିହାର ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ଗଜାନନ ବେଶ।

ସମସ୍ତ ମନ୍ଦିରରେ ସକାଳରୁ ଦୁଆରଫିଟା ନୀତି ପରେ ମଙ୍ଗଳାର୍ପଣ ଓ ଅବସରନୀତି କରାଯାଇ ପୂର୍ବାହ୍ନରେ ଖେଚୁଡ଼ିଭୋଗ ଲାଗି ହୋଇଥିଲା। ଏହାପରେ ବନ୍ଦାପନା କରାଯାଇ ଆରମ୍ଭ ହୋଇଥିଲା ପହଣ୍ଡିବିଜେ। ପ୍ରଥମେ ସୁଦର୍ଶନ ପରେ ବଳଭଦ୍ର, ଦେବୀ ସୁଭଦ୍ରା ଓ ଜଗନ୍ନାଥ ମହାପ୍ରଭୁଙ୍କ ପରେ ମଦନମୋହନଙ୍କୁ ପହଣ୍ଡି କରାଇ ସ୍ନାନପିଣ୍ଡିକୁ ନିଆଯାଇଥିଲା। ୧୦୮ କଳସରେ ସ୍ନାନଜଳ ଲାଗି କରାଯାଇଥିଲା। ପରେ ଆଲଟ ଚାମର ସେବା ପରେ ଆଳତି କରାଯାଇ ଛେରାପହଁରା ସମାପନ ହୋଇଥିଲା। ଅପରାହ୍ନରେ ମହାପ୍ରଭୁଙ୍କ ଗଜବେଶ କରାଯାଇଛି। ମହାପ୍ରଭୁଙ୍କ ଗଜବେଶ ଦର୍ଶନ କରିବା ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସେହିପରି ୧୪ଦିନ ପଟିଦିଅଁ ପୂଜା ନୀତି କଟକର କେତୋଟି ପୁରୁଣା ମନ୍ଦିରରେ ପୁରୀ ଶ୍ରୀମନ୍ଦିରର ନୀତି ଅନୁଯାୟୀ ହୋଇଥାଏ ଏବଂ ଦେବସ୍ନାନ ପୂର୍ଣ୍ଣମୀ ପୂର୍ବରାତି (ମଙ୍ଗଳବାର) ସାଢେ ୧୧ଟାରୁ ସେନାପଟା ଲାଗି ଆରମ୍ଭ ହୋଇ ଭୋର ୪ଟା ପର୍ଯ୍ୟନ୍ତ ତାହା ଚାଲିଥିଲା। ବୁଧବାର ରାତି ସାଢେ ୧୧ଟାରେ ଠାକୁର ଅଣସର ଘରକୁ ବିଜେ ହେବା ପରେ ଗୁରୁବାରଠାରୁ ରତ୍ନବେଦୀ ସମ୍ମୁଖ ଦ୍ୱାର ପାର୍ଶ୍ୱରେ ପଟିଦିଅଁ ପୂଜା ପାଇବେ। ନବଯୌବନ ଦର୍ଶନ ପୂର୍ବଦିନ ପର୍ଯ୍ୟନ୍ତ ୧୪ ଦିନ ପଟିଦିଅଁ ପୂଜାର ରୀତିପାଳନ କରାଯିବ।

**ଚୌଦ୍ୱାର,(ଆଶୁତୋଷ ଦାସ):** ଚାରବାଟିଆସ୍ଥିତ ଶ୍ରୀଶ୍ରୀ ମହାପଭୁ ଜଗନ୍ନାଥଙ୍କ ଦେବସ୍ନାନ ପୂର୍ଣ୍ଣିମା ବୁଧବାର ପାଳିତ ହୋଇଯାଇଛି। ସକାଳୁ ମହାପ୍ରଭୁଙ୍କ ଦ୍ୱାରଫିଟାରୁ ଆରମ୍ଭ କରି ମଙ୍ଗଳଆଳତୀ ସରିବା ପରେ ମହାପ୍ରଭୁଙ୍କ ପହଣ୍ଡିବିଜେ ଆରମ୍ଭ ହୋଇଥିଲା। ସେବାୟତମାନେ ମହାପ୍ରଭୁଙ୍କୁ ପହଣ୍ଡି କରି ବାଇଶି ପାହାଚ ଦେଇ ସ୍ନାନମଣ୍ଡପରେ ନିର୍ଘଣ୍ଟ ସମୟରେ ପହଞ୍ଚିଥିଲେ। ପରେ ୧୦୮ଗରା ପାଣିରେ ସ୍ନାନ କରିଥିଲେ। ଠାକୁରରାଜା ତଥା ମହାପ୍ରଭୁଙ୍କ ଆଦ୍ୟ ସେବକ ପ୍ରଭାତ ରଞ୍ଜନ ବିଶ୍ୱାଳ ମହାପ୍ରଭୁଙ୍କ ନୀତିକାନ୍ତି କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ ସାମଲ ପରିଚାଳନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଅନ୍ୱେଷ କର, ମିହିର କୁମାର ଲେଙ୍କା, ସୁଜାତା ସାମନ୍ତରାୟ, ଅର୍ଚ୍ଚନା ମହାନ୍ତି, ମାନସୀ ଛତର, ମମତା ଦାସ, ମନ୍ଦାକିନୀ ସାହୁ, ଲକ୍ଷ୍ମୀଧର ଭୋଳ, ଅନିରୁଦ୍ଧ ମହାନ୍ତି, ମନୋରଞ୍ଜନ ଦାସଙ୍କ ସମେତ ଟ୍ରଷ୍ଟି ଓ ରଥଯାତ୍ରା ପରିଚାଳନା କମିଟି ସଦସ୍ୟ ଓ ଶତାଧିକ ଜଗନ୍ନାଥ ପ୍ରେମୀ ମହାପ୍ରଭୁଙ୍କ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଅନୁରୁପ ଭାବେ ଚୌଦ୍ୱାର ତିନିକୋଣିଆସ୍ଥିତ ଜଗନ୍ନାଥ ମନ୍ଦିର ଓ ଗୁପ୍ତେଶ୍ୱର ସାହିସ୍ଥିତ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି।

**ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା):** ଖୁଣ୍ଟୁଣୀରେ ମହାପଭୁ ଜଗନ୍ନାଥଙ୍କ ଦେବସ୍ନାନ ପୂର୍ଣ୍ଣିମା ସୁରୁଖୁରୁରେ ସମ୍ପନ୍ନ ହୋଇଛି। ସକାଳୁ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସମାପ୍ତ ପରେ ଅପରାହ୍ନ ସାଢେ ୪ଟାରେ ଘଣ୍ଟଘଣ୍ଟା ମୃଦଙ୍ଗ ଓ ଶଙ୍ଖ ଧ୍ୱନି ସହିତ ଜଗନ୍ନାଥ ପ୍ରେମୀ ଭକ୍ତଙ୍କ ହରିବୋଲ ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ ମଣ୍ଡପକୁ ନିଆଯାଇଥିଲା। ପରେ ପୂଜକ ସର୍ବେଶ୍ୱର ପଣ୍ଡା, ଦିପୁ ଦାଶ ପ୍ରମୁଖ ମହାଦେବଙ୍କ କୂଅ ମଧ୍ୟରୁ ୨୧ପୂର୍ଣ୍ଣ କଳସୀ ଜଳ ଆଣି ମହାପ୍ରଭୁଙ୍କୁ ସ୍ନାନ କରାଇଥିଲେ। ବୁଧବାରଠାରୁ ଶ୍ରୀବିଗ୍ରହଙ୍କୁ ଅନବସର ଗୃହରେ ରଖାଯିବ। ଗୁରୁବାରଠାରୁ ମହାପ୍ରଭୁ ଅଲାରନାଥଙ୍କୁ ଭକ୍ତମାନେ ଶ୍ରୀମନ୍ଦିର ଭିତରେ ଦର୍ଶନ କରିବେ। ଏହି ଅନବସର ଘରେ ୧୫ ଦିନ ପର୍ଯ୍ୟନ୍ତ ରହି ସେବା ପୂଜା ପାଇବେ ଶ୍ରୀଜୀଉ। କୁସପଙ୍ଗି, କୁମାରପୁର ଠାରେ ମଧ ଶ୍ରୀଜୀଉଙ୍କ ସ୍ନାନଯାତ୍ରା ସମ୍ପନ୍ନ ହୋଇଯାଇଛି।

## ସଂକ୍ଷେପରେ

### ପିଲାବେଳୁ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ମନମୋହନ'

କଟକ,୧୧।୬(କାର୍ତ୍ତିକ ସାହୁ)

ମନମୋହନ ଚୌଧୁରୀ ପିଲାବେଳୁ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ତାଙ୍କ ବାପା ଗୋପବନ୍ଧୁ ଚୌଧୁରୀ, ମା' ରମାଦେବୀ, ଦାଦା ନବକୃଷ୍ଣ ଚୌଧୁରୀ, ଖୁଡ଼ି ମାଳତୀ ଚୌଧୁରୀଙ୍କ ପ୍ରେରଣା ତଥା ଗାନ୍ଧିଜୀଙ୍କ ଦର୍ଶନରେ ସେ ଉଦ୍‌ବୁଦ୍ଧ ହୋଇଥିଲେ। ଦେଶମାତୃକାର ରକ୍ଷା ପାଇଁ ଭାରତବର୍ଷରେ ଯେଉଁ ଇଂରେଜ ବିରୋଧୀ ଲଢ଼େଇ ଚାଲିଥିଲା ସେଥିରେ ସେ ଯୋଗଦେଇ କାରାବରଣ କରିଥିଲେ। ଦେଶ ସ୍ୱାଧୀନ ହେବା ପରେ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନ ଓ ଜୟପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନରେ ଯୋଗଦେଇ ମଧ ସେ କାରାବରଣ କରିଥିଲେ। ସେ ନିଶାମୁକ୍ତ ଓ ହିଂସାମୁକ୍ତ ଭାରତ ଗଠନ ପାଇଁ ପ୍ରୟାସ କରିଥିଲେ ବୋଲି ସର୍ବୋଦୟ ନେତା ଗାନ୍ଧୀବାଦୀ ସ୍ୱାଧୀନତା ସଂଗ୍ରାମୀ ମନମୋହନ ଚୌଧୁରୀଙ୍କ ୨୨ତମ ଶ୍ରାଦ୍ଧ ବାର୍ଷିକରେ ବକ୍ତାମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି। କଟକ ଜିଲା ସର୍ବୋଦୟ ମଣ୍ଡଳର ସଭାପତି ଡା. ରବିରଞ୍ଜନ ସାହୁଙ୍କ ଅଧକ୍ଷତାରେ ଗୁଣନିଧି ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମ ସର୍ବଧର୍ମ ପ୍ରାର୍ଥନାରୁ ଆରମ୍ଭ ହୋଇଥିଲା। ସ୍ନେହାଂଶୁ ଜେନା ଧନ୍ୟବାଦ ଦେଇଥିଲେ।

### ନିଖୋଜ ୨ ନାବାଳିକା ଉଦ୍ଧାର

କଟକ,୧୧।୬(କାର୍ତ୍ତିକ ସାହୁ)

ସୂତାହାଟ ଅଞ୍ଚଳ ଜଣେ ମହିଳାଙ୍କ ନିଖୋଜ ଦୁଇ ନାବାଳିକାଙ୍କୁ କ୍ୟାଣ୍ଟନମେଣ୍ଟ ଥାନା ପୋଲିସ ବୁଧବାର ଉଦ୍ଧାର କରିଛି। ଦୁହିଁଙ୍କୁ ସେମାନଙ୍କ ମା'ଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାନୁସାରେ, ୧୦ ତାରିଖ ଅପରାହ୍ନ ପ୍ରାୟ ୧ଟାରେ ସୂତାହାଟସ୍ଥିତ ଭଡ଼ାଘରୁ ନାବାଳିକାଦ୍ୱୟ ନିଖୋଜ ହୋଇଥିବା ନେଇ ମା' କ୍ୟାଣ୍ଟନମେଣ୍ଟ ଥାନାରେ ସନ୍ଧ୍ୟା ପ୍ରାୟ ୭.୪୫ରେ ଏତଲା ଦେଇଥିଲେ। ଏତଲା ଆଧାରରେ କେସ୍ ନଂ ୧୩୯/୨୦୨୫ ରୁଜୁ ପରେ ପୋଲିସ ସ୍ପେଶାଲ ସ୍କ୍ୱାଡ୍ ଗଠନ ହୋଇଥିଲା। ଅନ୍ୟ ଥାନା ପୋଲିସ ସହଯୋଗରେ ନାବାଳିକାଙ୍କୁ ଖୋଜିବା କାର୍ଯ୍ୟ ଆରମ୍ଭ ହୋଇଥିଲା। ସହରର ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରି ନାବାଳିକାଦ୍ୱୟ ବିଜୁ ପଟ୍ଟନାୟକ ଛକ ଅଞ୍ଚଳରୁ ଥିବା ଠାବ କରାଯାଇଥିଲା।

## ଚାଷୀଙ୍କଠୁ ଭାରତ ମସଲା କିଣିଲା ୨ଏମ୍‌ଟି ଶୁଖିଲା ଅଦା

ଭୁବନେଶ୍ୱର,୧୧।୬

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ମସଲା ଉଦ୍ୟୋଗ ଭାରତ ମସଲା ନିକଟରେ ଝାରସୁଗୁଡ଼ା ଜିଲାସ୍ଥିତ ଲକ୍ଷଣପୁର ବ୍ଲକ୍‌ର ଚାଷୀମାନଙ୍କଠାରୁ ୨ ମେଟ୍ରିକ ଟନ୍ (ଏମ୍‌ଟି) ଶୁଖିଲା ଅଦା କ୍ରୟ କରିଛି। ଅପରପକ୍ଷରେ କୃଷିଜାତ ଦ୍ରବ୍ୟକୁ ସିଧାସଳଖ କୃଷକମାନଙ୍କଠାରୁ କ୍ରୟକରି କମ୍ପାନୀ ପରୋକ୍ଷରେ ସେମାନଙ୍କୁ ସାହାଯ୍ୟ କରିବା ସହ ପୂର୍ବରୁ ମଧ ପ୍ରୋତ୍ସାହନ ଯୋଗାଇ ଆସୁଛି। ସେହିଭଳି ଚୁକ୍ତିନାମା ଅନୁଯାୟୀ ଭାରତ ମସଲା ଚାଷୀଙ୍କଠାରୁ କୃଷିଜାତ ଦ୍ରବ୍ୟ ସିଧାସଳଖ କ୍ରୟ କରୁଥିଲାବେଳେ ଓର୍‌ମାସ ମଧ ଆବଶ୍ୟକ ସହଯୋଗ ପ୍ରଦାନ କରିଥିଲା। ଉଲ୍ଲେଖଯୋଗ୍ୟ, କୋଇଲି ଗୁଗୁର ଫାର୍ମର ସଂସ୍ଥାକୁ ଏଫ୍‌ପିଓ ମାଧ୍ୟମରେ ବୈଷୟିକ ତାଲିମ ଦେଇ ଉନ୍ନତ ମାନର ଶୁଖିଲା ଅଦା (ଜିଞ୍ଜର ଚିପ୍‌ସ) ଉତ୍ପାଦନ କରିବାରେ ଉଭୟ ଓର୍‌ମାସ ଓ ଭାରତ ମସଲା ଆବଶ୍ୟକ ସହାୟତା ପ୍ରଦାନ କରିଥିଲା। ଫଳରେ ଚାଷୀମାନେ ପୂର୍ବରୁ ବିନା ପ୍ରକ୍ରିୟାରେ ଅଦା କେଜି ମାତ୍ର ୪୦ ଟଙ୍କାରେ ବିକ୍ରି କରୁଥିବାବେଳେ ବର୍ତ୍ତମାନ ନୂତନ ପ୍ରକ୍ରିୟାରେ ବହୁ ଅଧିକ ମୂଲ୍ୟରେ ଭାରତ ମସଲାକୁ ଏହା ବିକ୍ରି କରୁଛନ୍ତି। ଅପରପକ୍ଷରେ ପ୍ରଥମ ଥର ପାଇଁ ଚାଷୀମାନଙ୍କଠାରୁ ଭାରତ ମସଲା ୨ ଏମ୍‌ଟି ଶୁଖିଲା ଅଦା କ୍ରୟ କରିଛି। ତେବେ ଆଗକୁ କମ୍ପାନୀ ୫୦ ଏମ୍‌ଟି ଶୁଖିଲା ଅଦା କ୍ରୟକରିବ ବୋଲି ଆକଳନ କରାଯାଉଥିଲା ବେଳେ ଚାଷୀମାନଙ୍କୁ ଅଧିକ ଅଦାଚାଷ କରିବାକୁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇଦେବ ବୋଲି ଭାରତ ମସଲାର ଏମ୍‌ଡି ସୁଶାନ୍ତ କୁମାର ପଣ୍ଡା ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଭାରତ ମସଲାର ଅଧକ୍ଷ ସୁରେନ୍ଦ୍ର ନାଥ ପଣ୍ଡାଙ୍କ ସମେତ ଓର୍‌ମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ ଓ ଅନ୍ୟମାନେ ଉପସ୍ଥିତ ଥିଲେ।




ଓରମାସ୍‌ର ଅଧିକାରୀଙ୍କ ସମେତ ଭାରତ ମସଲାର ଏମ୍‌ଡି ଏବଂ ଅଧକ୍ଷ ଉପସ୍ଥିତ ଅଛନ୍ତି।

## ୨ ବ୍ରାଉନସୁଗାର ବେପାରୀ ଗିରଫ

କଟକ,୧୧।୬(କାର୍ତ୍ତିକ ସାହୁ)

ମହାନଦୀ କୁଳ ବାଲିଯାତ୍ରା ତଳପଡ଼ିଆରୁ ୨ ବ୍ରାଉନସୁଗାର ବେପାରୀଙ୍କୁ ପୋଲିସ ବୁଧବାର ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସୂତାହାଟର ମହମ୍ମଦ ସରିମ (୨୮) ଓ ବିଡ଼ାନାସୀ ଶ୍ରୀବିହାର କଲୋନୀରେ ରହୁଥିବା ଜ୍ଞାନରଞ୍ଜନ ମୁଦୁଲି(୨୩)। ସେମାନଙ୍କ ନିକଟରୁ ୭.୨୦ ଗ୍ରାମ ବ୍ରାଉନ ସୁଗାର, ଗୋଟିଏ ମୋଟରସାଇକେଲ, ୨ଟି ମୋବାଇଲ ଫୋନ ଓ ନଗଦ ୨୯୫୦ ଟଙ୍କା ଜବତ ହୋଇଛି। କ୍ୟାଣ୍ଟନମେଣ୍ଟ ଥାନାରେ ଏକ ମାମଲା (ନଂ ୧୪୦/୨୦୨୫) ରୁଜୁ ହୋଇଛି। ସୂଚନାନୁସାରେ, ବ୍ରାଉନ ସୁଗାର ବିକ୍ରି କରାଯାଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଟିମ୍ ବାଲିଯାତ୍ରା ତଳପଡ଼ିଆରେ ଚଢ଼ାଉ କରିଥିଲା। ବାଇକ୍‌ରେ ସନ୍ଦେହଜନକ ଭାବେ ବୁଲୁଥିବା ୨ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ମହିଷାଲଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ତାଲା

ମଙ୍ଗୁଳି-ଜଗତପୁର,୧୧।୬ (ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ମହିଷାଲଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ଜଣେ ଠିକାଦାର ଓ ତାଙ୍କ ସହଯୋଗୀ ଅନିର୍ଦ୍ଦିଷ୍ଟକାଳ ପାଇଁ ତାଲା ପକାଇ ରଖିଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଠିକାଦାର ଓ ତାଙ୍କ ସହଯୋଗୀ ୬ଜଣଙ୍କ ନାମରେ ସ୍ଥାନୀୟ ସରପଞ୍ଚ କଲ୍ୟାଣୀ ରାଉତ ଚୌଦ୍ୱାର ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ଏ ନେଇ ବୁଧବାର ସ୍ଥାନୀୟ ଏକ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଖବରଦତା ସମ୍ମିଳନୀରେ ସରପଞ୍ଚ ରାଉତ ସୂଚନା ଦେଇଛନ୍ତି। ଅପରପକ୍ଷେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିବା ୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ହିତାଧିକାରୀ ଗେଟ ସମ୍ମୁଖରେ ବର୍ଷାରେ ଭିଜିବା ସହ ସରପଞ୍ଚଙ୍କ ସହ ଆଲୋଚନା କରି ଶେଷରେ ନିରାଶ ହୋଇ ଫେରି ଯାଇଥିବା ଦେଖିବାକୁ ମିଳିଛି। ସରପଞ୍ଚଙ୍କ ଅଭିଯୋଗ ମୁତାବକ, ଗତ ୬ ତାରିଖ ପୂର୍ବାହ୍ନ ୧୦ଟାରେ କମଙ୍ଗ ଅଞ୍ଚଳର ଚିଉ ସାମଲ ହଠାତ ଆସି ପଞ୍ଚାୟତ କାର୍ଯ୍ୟାଳୟ ପାର୍ଶ୍ୱରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେଉଛି। ଉକ୍ତ ମାର୍କେଟ କମ୍ପ୍ଲେକ୍ସ କାମ ସରିବା ପର୍ଯ୍ୟନ୍ତ ପଞ୍ଚାୟତ



ସରପଞ୍ଚଙ୍କ ସହ ବର୍ଷାରେ ଭିଜି ଆଲୋଚନା କରୁଛନ୍ତି ହିତାଧୀକାରୀ।

କାର୍ଯ୍ୟାଳୟରୁ ପାଣି ଯୋଗାଇବା ପାଇଁ ଠିକାଦାର ପିଇଓଙ୍କୁ ଅନୁମତି ମାଗିଥିଲେ। ପିଇଓ ପାଣି ଦେବାକୁ ମନା କରିଥିଲେ। କିଛି ସମୟ ପରେ କେତେଜଣ ସ୍ଥାନୀୟ ମୁଷ୍ଟିମେୟ ଯୁବକଙ୍କୁ ଧରି ପହଞ୍ଚି ପିଇଓଙ୍କୁ ଗାଳିଗୁଲଜ କରି ତାଙ୍କୁ ତାଲା ପକାଇ ରଖିଥିଲେ। ବିଡିଓଙ୍କ ହସ୍ତକ୍ଷେପ ପରେ ପିଇଓଙ୍କୁ ସେମାନେ ଛାଡି ଥିଲେ। ମଙ୍ଗଳବାର କୌଣସି କାରଣ ନ ଥାଇ କାର୍ଯ୍ୟାଳୟକୁ ପୁଣି ତାଲା ପକାଇବା ସହ ଗାଳିଗୁଲଜ କରିଛନ୍ତି। ଯାହାର ପ୍ରମାଣ ସ୍ୱରୂପ ଭିଡିଓ ଆମ ପାଖରେ ଅଛି। କିନ୍ତୁ ଥାନାରେ ଅଭିଯୋଗ କରିବା ପ୍ରାୟ ୧୨ଘଣ୍ଟା ବିତିଯାଇଥିଲେ ସୁଦ୍ଧା ପୋଲିସ

■ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ବର୍ଷାରେ ଭିଜିଲେ ହିତାଧିକାରୀ

■ଠିକାଦାରଙ୍କ ସମେତ ୬ ସହଯୋଗୀଙ୍କ ନାମରେ ଥାନାରେ ଏତଲା ଦେଲେ ସରପଞ୍ଚ

କୌଣସି ତଦନ୍ତ କରୁନି କିମ୍ବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ତେଣୁ ବାଧ ହୋଇ ଗଣମାଧ୍ୟମର ସହଯୋଗ ଲୋଡିଥିବା ସରପଞ୍ଚ ରାଉତ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। ଯଦି ପୋଲିସ ପ୍ରଶାସନ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନିଏ ବାଧ ହୋଇ ସମିତି ସଭ୍ୟ ଦେବି ପ୍ରାସାଦ ସ୍ୱାଇଁ, ପୂର୍ବତନ ସରପଞ୍ଚ କୁଳମଣି ଦେହୁରୀ, ୱାର୍ଡ ମେମ୍ବର ବିଷୟା ସେଠି, ପ୍ରମିଳା ପ୍ରଧାନ, ସୋନାଲି ଦେଓଗାମ, ସସ୍ମିତା ପିଙ୍ଗୁଆଙ୍କ ପ୍ରମୁଖ ସମେତ ୫୦ଉର୍ଦ୍ଧ୍ୱ ହିତାଧିକାରୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱ ରଞ୍ଜନ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଏବେ ଯାଏ ଏତଲା ରୁଜୁ ହୋଇନି। ବ୍ଲକ ପ୍ରଶାସନର ଦାୟିତ୍ୱ ବିଡିଓଙ୍କ ସହ ଆଲୋଚନା କରୁଛି ଏହାର ସମାଧାନ ବିଡିଓ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବିଡିଓଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅମରେଶ



@ ବିଭୁ



@ ପ୍ରଣତି



@ ସୁରକ୍ଷା।

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଭେଟିଲେ ପୀଡ଼ିତାଙ୍କ ସ୍ୱାମୀ

କଟକ,୧୧।୬(ଶିଳ୍ପା ପ୍ରିୟଦର୍ଶିନୀ)

**ଘରୋଇ ହସ୍ପିଟାଲରେ ମହିଳାଙ୍କ ମଳନଳି କାଟିବା ଘଟଣା**

କଟକର ଏକ ଘରୋଇ ହସ୍ପିଟାଲରେ ମହିଳାଙ୍କ ମଳନଳି କାଟିବା ଘଟଣାର ତଦନ୍ତରେ ନିଷ୍କ୍ରିୟତାର ଅଭିଯୋଗ କରିବା ସହ ବୁଧବାର କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଭେଟିଛନ୍ତି ପୀଡ଼ିତା ଦୀପ୍ତିମୟୀ ବାରିକଙ୍କ ସ୍ୱାମୀ ସମର କୁମାର ସାମଲ। ମାମଲା ଦାଏର ହେବାର ଅନେକ ଦିନ ବିତିଥିଲେ ମଧ୍ୟ ଏଯାଏ ଏପରି ସମ୍ବେଦନଶୀଳ ଘଟଣାର ବିଦ୍ଧିବଧ ଭାବେ କାର୍ଯ୍ୟାନୁଷ୍ଠାନ କିମ୍ବା ଆଖିଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରି କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ତଦନ୍ତ ପାଇଁ ପୀଡିତାଙ୍କ ସ୍ୱାମୀ ଦାବି କରିଛନ୍ତି। ଏ ନେଇ ସମର କହିଛନ୍ତି, ଗତ ୯ ତାରିଖରେ ରୋଗୀ ହସ୍ପିଟାଲରୁ ଡିସଚାର୍ଜ ହୋଇଥିଲେ। କିନ୍ତୁ ହସ୍ପିଟାଲ କର୍ତ୍ତୃପକ୍ଷ ସେହି ସମୟରେ ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କୁ କୌଣସି ପ୍ରକାର ସାର୍ଟିଫିକେଟ ପ୍ରଦାନ କରି ନ ଥିଲେ। କିନ୍ତୁ ନିଜ ଦୋଷ ପଦାରେ ପଡିବା ଆଶଙ୍କା ସୃଷ୍ଟିହେବାରୁ ବ୍ୟାକ୍ ଡେଟରେ ରେଫର ଓ ଡିସଚାର୍ଜ ସାର୍ଟିଫିକେଟ ପ୍ରଦାନ କରି ଡାକ୍ତର ବାହାରକୁ ଚାଲିଯାଇଥିଲେ। ରାଜ୍ୟ ବାହାରେ ଥାଇ ରୋଗୀଙ୍କୁ ଡିସଚାର୍ଜ କରିଥିବା ସାର୍ଟିଫିକେଟ ଦେଇଛନ୍ତି। ମୁଁ ଜଣେ ଯବାନ ଭାବେ କାର୍ଯ୍ୟରତ ମୋର ଛୁଟି ସରିଆସୁଛି, ହେଲେ ଅଭିଯୋଗର ବହୁ ଦିନ ବିତିଥିବାବେଳେ ଏହି ଘଟଣା ଦିଗରେ ତଦନ୍ତ କରାଯାଇ ନାହିଁ, ଦୋଷୀଙ୍କୁ କଠୋର ଦଣ୍ଡ ଦେବା ନେଇ ଦାବି କରୁଛି ବୋଲି ସେ କହିଛନ୍ତି। ଅନ୍ୟପଟେ କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ହୋତା କହିଛନ୍ତି, ଘଟଣାର ତଦନ୍ତ ପାଇଁ ଟିମ୍ ଗଠନ କରାଯାଇଛି। ସେହି ହସ୍ପିଟାଲ ଗର୍ଭପାତ ପାଇଁ ଅନୁମତି ପ୍ରାପ୍ତ କି ନାହିଁ, ଅସ୍ତ୍ରୋପଚାର କରିଥିବା ଡାକ୍ତରଙ୍କ ରେଜିଷ୍ଟ୍ରେଶନ ନମ୍ବର ଅଛି କି ନାହିଁ, ସେମାନେ ସେହି ଅସ୍ତ୍ରୋପଚାର ପାଇଁ ଯୋଗ୍ୟ କି ନୁହେଁ, ପଞ୍ଜୀକରଣ ସମୟରେ ହସ୍ପିଟାଲ କର୍ତ୍ତୃପକ୍ଷ ଡାକ୍ତରଙ୍କ ନାଁ ଉଲ୍ଲେଖ କରିଥିଲେ କି ନାହିଁ, ଏହି ସମସ୍ତ ପ୍ରସଙ୍ଗକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ଆସନ୍ତା ୩ ଦିନ ମଧ୍ୟରେ ତଦନ୍ତ କମିଟି ରିପୋର୍ଟ ପ୍ରଦାନ କରିବ ବୋଲି ହୋତା କହିଛନ୍ତି।

ରାଜ୍ୟରେ ଭାଜପା ସରକାରର ପ୍ରଥମ ବର୍ଷପୂର୍ତ୍ତି ଉତ୍ସବ ଗୁରୁବାର ପାଳନ ହେବାକୁ ଯାଉଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ଗାଁଠାରୁ ଆରମ୍ଭକରି ସହର ତଥା ରାଜଧାନୀର ଜନତା ମଇଦାନ ପର୍ଯ୍ୟନ୍ତ ସବୁଆଡ଼େ ଅଙ୍କା ଚାଲିଛି ବିକାଶର ଚିତ୍ର। ରାଜ୍ୟବାସୀ ୨୪ବର୍ଷର ବିଜେଡି ସରକାରରେ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବାକୁ ଖୋଜି ହେଉଥିଲେ ହେଁ ପାଖରେ ପାଉ ନ ଥିଲେ। ହେଲେ ୨୦୨୪ ଜୁନ୍ ୧୨ରେ ମୁଖ୍ୟମନ୍ତ୍ରୀ ପଦରେ ଅଳଙ୍କୃତ ହେବାପରେ ମୋହନ ଚରଣ ମାଝୀ ଲୋକଙ୍କ ଅତି ନିକଟତର ହୋଇପାରିଛନ୍ତି। କେତେବେଳେ ଗାଁକୁ ଯାଇ ଲୋକଙ୍କ କଥା ଶୁଣୁଛନ୍ତି ତ' ଆଉ କେତେବେଳେ ବିଦେଶ ଗସ୍ତକରି ରାଜ୍ୟ ପାଇଁ ପୁଞ୍ଜି ନିବେଶ ସୁଯୋଗ ସୃଷ୍ଟି କରିବା ଲାଗି ଉଦ୍ୟମ କରୁଛନ୍ତି।



# ବିଶ୍ୱାସର ସରକାର



## ଅନ୍ନଦାତାଙ୍କ ପ୍ରତି ଅଙ୍ଗୀକାରବଦ୍ଧ

ରାଜ୍ୟରେ ଭାଜପା ସରକାର ଅନ୍ନଦାତାଙ୍କ ଆର୍ଥିକ ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେଇଛି। ଯେଉଁଠି ପୂର୍ବର ସରକାର ଚାଷୀଙ୍କୁ ୧୦୦ ଟଙ୍କାର ବୋନସ୍ ଘୋଷଣା କରି ମଧ୍ୟ ଦେଇପାରୁ ନ ଥିଲା, ସେଠାରେ ମୋହନ ସରକାର ସମୃଦ୍ଧ କୃଷକ ଯୋଜନାରେ ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ପ୍ରଦାନ କରିଛନ୍ତି। କେବଳ ଯେ କୃଷକମାନଙ୍କୁ ଇନ୍‌ପୁଟ ସହାୟତା ପ୍ରଦାନ କରିଛନ୍ତି ତାହା ନୁହେଁ, ପ୍ରତି ଉପଖଣ୍ଡରେ ଶୀତଳଭଣ୍ଡାର କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାସହିତ ଅଦିନିଆ ବର୍ଷାରେ ଫସଲ ନଷ୍ଟକୁ ପ୍ରାକୃତିକ ବିପର୍ଯ୍ୟୟରେ ସାମିଲକରି କ୍ଷତିପୂରଣ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୧୫ ଲକ୍ଷରୁ ଅଧିକ ଦୁଗ୍ଧଚାଷୀ ଉପକୃତ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଖରିଫ ଓ ରବି ଫସଲ ପାଇଁ ୩୬.୦୧ ଲକ୍ଷ ଚାଷୀଙ୍କୁ ୧୯ ହଜାର କୋଟିରୁ ଅଧିକ ଟଙ୍କାର ଋଣ ସହାୟତା ପ୍ରଦାନ କରାଯାଇପାରିଛି। 'ସମୃଦ୍ଧ କୃଷି', 'ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି', 'ସିଏମ୍ କିଷାନ' ଏବଂ 'ସୁଭଦ୍ରା' ସହାୟତାକୁ ମିଶାଇଲେ ପ୍ରତି କୃଷି ପରିବାରର ବାର୍ଷିକ ଆୟ ଏବେ ୯୦ ହଜାର ଟଙ୍କାରେ ପହଞ୍ଚିଛି। ପୂର୍ବରୁ ଏହା ୬୦ ହଜାରରୁ କିଛି ଅଧିକ ଟଙ୍କା ଥିଲା। କୃଷକମାନେ କେବଳ ଚାଷୀ ନୁହନ୍ତି, ସେମାନେ ହେଲେ ଅନ୍ନଦାତା। ସେଥିପାଇଁ ଗତ କୃଷି ବଜେଟରେ ରେକର୍ଡ ୩୭ ହଜାର ୮୩୮ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

## ସରକାରଙ୍କ ଆତ୍ମା 'ଅସ୍ମିତା'

ରାଜ୍ୟରେ ୨୪ ବର୍ଷର ବିଜେଡି ସରକାରକୁ ବିତାଡ଼ିତ କରିବାରେ 'ଅସ୍ମିତା' ଥିଲା ଏକ ମୁଖ୍ୟ ପ୍ରସଙ୍ଗ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱଭାର ଗ୍ରହଣ କରିବା ଦିନ ହିଁ ରାଜ୍ୟର ପ୍ରଥମ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ୪ଟି ନିଷ୍ପତ୍ତି ମଧ୍ୟରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚାରିଦ୍ୱାର ଖୋଲିବା ସହିତ ଓଡ଼ିଆ ଅସ୍ମିତା ଲାଗି ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଘୋଷଣା ହୋଇଥିଲା। ମୁଖ୍ୟମନ୍ତ୍ରୀ ଓଡ଼ିଆ ଅସ୍ମିତାକୁ ନେଇ ୨୦୨୪ ଜୁନ୍ ୧୩ରେ ତାଙ୍କ ପୂରା ମନ୍ତ୍ରୀମଣ୍ଡଳ ସହ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ଯାଇଥିଲେ। ସେହିଦିନ ହିଁ ନୂତନ ସରକାରଙ୍କ ପ୍ରଥମ କ୍ୟାବିନେଟ୍ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇଥିଲା। ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲାଯାଇଥିଲା। ସରକାରଙ୍କ ପକ୍ଷରୁ ଓଡ଼ିଆ ଅସ୍ମିତା ନିମନ୍ତେ ୫୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ଘୋଷଣା କରାଯିବା ସହ ଓଡ଼ିଆ ଅସ୍ମିତା ଭବନ, ତାଳପତ୍ର ପୋଥି ସଂଗ୍ରହାଳୟ, ଓଡ଼ିଆ ଅନୁବାଦ ଏକାଡେମୀ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ଚେୟାର ପ୍ରତିଷ୍ଠା ଲାଗି ମଧ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

## ଆହ୍ୱାନ ଭିତରେ ପ୍ରତିଶ୍ରୁତି ପୂରଣ

୨୦୨୪ ସାଧାରଣ ନିର୍ବାଚନରେ ରାଜ୍ୟରେ ଭାଜପାର ବଡ଼ ସଫଳତା ପରେ ମୋହନ ଚରଣ ମାଝୀ ଜୁନ୍ ୧୨ରେ ମୁଖ୍ୟମନ୍ତ୍ରୀ ଗାଦିରେ ବସିଥିଲେ। କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା ଉପମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିବାବେଳେ ୧୩ଜଣ ମନ୍ତ୍ରୀ ଭାବେ ଶପଥ ନେଇଥିଲେ। ମୋଟ ୧୬ଜଣଙ୍କୁ ନେଇ ମୋହନଙ୍କ ମନ୍ତ୍ରିମଣ୍ଡଳ ରାଜ୍ୟବାସୀଙ୍କ ସେବା କରିଆସୁଛନ୍ତି। ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି କିଭଳି ପୂରଣ ହେବ ତାହା ମୁଖ୍ୟମନ୍ତ୍ରୀଙ୍କ ପାଇଁ ଯଦିଓ ଆହ୍ୱାନ ଥିଲା, ସେଥିରୁ ଅର୍ଦ୍ଧାଧିକ ପୂରଣ କରି ରାଜ୍ୟ ତଥା ଦେଶରେ ଏକ ରେକର୍ଡ ସୃଷ୍ଟି କରିଛନ୍ତି। ଲୋକଙ୍କ ପ୍ରତିଶ୍ରୁତି ପୂରଣ କରିବାକୁ ଯାଇ ମୋହନ ସରକାର ଏବେ ଲୋକଙ୍କ ସରକାର ତଥା ମୁଖ୍ୟମନ୍ତ୍ରୀ ଏବେ ଲୋକଙ୍କ ମୁଖ୍ୟମନ୍ତ୍ରୀ ପାଲଟି ଯାଇଛନ୍ତି।



## ସାମାଜିକ ସୁରକ୍ଷାକୁ ଗୁରୁତ୍ୱ

ସାମାଜିକ ସୁରକ୍ଷାକୁ ମୋହନ ସରକାର ପ୍ରାଥମିକତା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱଭାର ଗ୍ରହଣ କରିବା ପରେ ଗତ ମେ'ରେ ଏକ ଐତିହାସିକ ନିଷ୍ପତ୍ତି ନେଇଥିଲେ। ରାଜ୍ୟରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ତଥା ୮୦ପ୍ରତିଶତ ଅକ୍ଷମ ଥିବା ଦିବ୍ୟାଙ୍ଗମାନଙ୍କ ପାଇଁ ମାସିକ ୩୫୦୦ ଟଙ୍କା ପେନ୍‌ସନ ଜୁନ୍‌ରୁ ଲାଗୁ କରିବାକୁ ରାଜ୍ୟ କ୍ୟାବିନେଟରେ ନିଷ୍ପତ୍ତି ହୋଇଥିଲା। ଏହାଦ୍ୱାରା ରାଜ୍ୟର ଲକ୍ଷାଧିକ ବୟସ୍କ ଓ ଦିବ୍ୟାଙ୍ଗ ବିଶେଷ ଭାବେ ଉପକୃତ ହୋଇପାରିଛନ୍ତି। ସେହିପରି ପ୍ରାୟ ୬ ଲକ୍ଷରୁ ଅଧିକ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଛି। ୨୦୩୬ରେ ସରକାରଙ୍କ ବିକଶିତ ଓଡ଼ିଶାର ସଂକଳ୍ପକୁ ପୂରଣ କରିବାରେ ଏହାର ପ୍ରାସଙ୍ଗିକତା ଅଧିକ ରହିଛି।

## ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ପୁନର୍ଜୀବିତ



ପୂର୍ବରୁ ଯେଉଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଖାଁ ଖାଁ ଦିଶୁଥିଲା ଏବଂ ନିର୍ବାଚନ ସମୟରେ କେବଳ ଦଳୀୟ କାର୍ଯ୍ୟାଳୟରେ ପରିଣତ ହୋଇଥିଲା, ଏବେ ସେଠାରେ ଗରିବ, ଅସହାୟ ଏବଂ ଦିବ୍ୟାଙ୍ଗଙ୍କ ସୁଅ ଛୁଟୁଛି। ମୁଖ୍ୟମନ୍ତ୍ରୀଙ୍କୁ ପାଖରେ ପାଇ ଲୋକମାନେ ଆନନ୍ଦିତ ହେବା ସହ ସେମାନଙ୍କ ଗୁହାରି ମଧ୍ୟ ଲାଘବ ହେଉଛି। ଲୋକଙ୍କ ଆଶା ଅସୁମାରୀ ହୋଇଥିଲେ ସୁଦ୍ଧା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ବର୍ଗଙ୍କ ଆଶା ଗୋଟିଏ ପରେ ଗୋଟିଏ ପୂରଣ କରି ଚାଲିଛନ୍ତି। ନିର୍ବାଚନ ପୂର୍ବରୁ ଲୋକଙ୍କୁ ଦେଇଥିବା ୨୧ ପ୍ରତିଶ୍ରୁତି ମଧ୍ୟରୁ ୧୧ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ମୋହର ବାଜି ସାରିଥିବାବେଳେ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ କ୍ୟାବିନେଟ୍‌ରେ ଐତିହାସିକ ନିଷ୍ପତ୍ତି ନିଆଯାଉଛି।

## ଚାକିରି ବୟସସୀମା ୪୨କୁ ବୃଦ୍ଧି

ସରକାରକୁ ଆସିବା ପରେ ବେକାର ଏବଂ ଶିକ୍ଷିତ ଯୁବତୀଯୁବକମାନଙ୍କ ପାଇଁ ବର୍ଷକ ମଧ୍ୟରେ ମୋହନ ସରକାର ବହୁ ବଡ଼ ପଦକ୍ଷେପ ଗ୍ରହଣ କରିସାରିଛନ୍ତି। ସରକାରୀ ଚାକିରି ବୟସସୀମା ୪୨ବର୍ଷକୁ ବୃଦ୍ଧି କରି ମୋହନ ସରକାର ସମସ୍ତଙ୍କ ବିଶ୍ୱାସ ଜିତିପାରିଛନ୍ତି। ଏଥିଲାଗି ବହୁଦିନରୁ ଦାବି ହେଇଆସୁଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରି ରାଜ୍ୟରୁ ବେକାରି ସମସ୍ୟା ଦୂର କରିବା ଲାଗି ମୋହନ ସରକାର କେତେ ଚିନ୍ତିତ ତା'ର ପ୍ରମାଣ ଦେଇଛନ୍ତି। ୫ବର୍ଷରେ ଦେଢ଼ ଲକ୍ଷ ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ମୋହନ ସରକାର ଇତିମଧ୍ୟରେ ୬୫ ହଜାର ପଦବୀ ପୂରଣ ଦିଗରେ ପଦକ୍ଷେପ ନେଇସାରିଛନ୍ତି। ସରକାରୀସ୍ତରରେ ଖାଲି ପଡ଼ିଥିବା ୮୫ ହଜାର ୪୩୪ ସରକାରୀ ପଦବୀ ଭିତରୁ ଏବେ ସୁଦ୍ଧା ୨୭ ହଜାର ୩୮୨ଟି ପଦବୀ ପୂରଣ କରାଯାଇଛି। ବର୍ଷକ ମଧ୍ୟରେ ପ୍ରାୟ ୪୦ ହଜାର ପଦବୀ ପୂରଣ ହେବାକୁ ଯାଉଛି। ସବୁଠାରୁ ବଡ କଥା ହେଉଛି, ୫ ବର୍ଷ ଭିତରେ ଆଇଟିଏସ୍ ଏବଂ ଆଇଟି କ୍ଷେତ୍ରରେ ୫୦ ହଜାର ନିଯୁକ୍ତି ସୁଯୋଗ ଦେବା ପାଇଁ ସରକାର ଆଗକୁ ବଢ଼ିଛନ୍ତି।

## ପଛୁଆବର୍ଗଙ୍କୁ ସଂରକ୍ଷଣ

ରାଜ୍ୟର ଭାଜପା ସରକାରର ପ୍ରଥମବର୍ଷ ପୂର୍ତ୍ତିର କିଛିଦିନ ପୂର୍ବରୁ ଅର୍ଥାତ୍ ଗତ ମେ' ୧୪ରେ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ କ୍ୟାବିନେଟ୍ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲା। ଉଚ୍ଚଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗଙ୍କୁ ୧୧.୨୫% ସଂରକ୍ଷଣ ଦେଇ ମୋହନ ସରକାର ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ଏହି ନୀତି ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରୁ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରଚଳନ କରାଯିବ। ଏହି ସଂରକ୍ଷଣ ବ୍ୟବସ୍ଥା ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସ୍ନାତକ, ସ୍ନାତକୋତ୍ତର, ଶିକ୍ଷକ ଶିକ୍ଷା ଓ ଆଇନ ପାଠ୍ୟକ୍ରମ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉଚ୍ଚମାଧ୍ୟମିକ(+୨), ଶିକ୍ଷକ ଶିକ୍ଷା ଓ ବୃତ୍ତିମୂଳକ ପାଠ୍ୟକ୍ରମ, ଓଡ଼ିଆଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରଦର୍ଶନ କଳାରେ ସ୍ନାତକପାଠ୍ୟକ୍ରମ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ବି.ପି.ଏଡ୍/ଏମ.ପି.ଏଡ୍ ପାଠ୍ୟକ୍ରମରେ ଲାଗୁ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

## ମହିଳା ସଶକ୍ତୀକରଣରେ 'ସୁଭଦ୍ରା'

ଓଡ଼ିଶାରେ ଭାଜପା ସରକାରକୁ ଏକ ବର୍ଷ ପୂରିଛି। ବର୍ଷେ ତଳେ ଯେତେବେଳେ ଭାଜପା ସରକାର ଗଠନ କରିଥିଲା, ସେହି ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମ କ୍ୟାବିନେଟ୍‌ରେ ୪ଟି ବଡ଼ ନିଷ୍ପତ୍ତି ନେଇଥିଲେ। ସେଥିମଧ୍ୟରୁ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ଏକ ବଡ ନିଷ୍ପତ୍ତି ଥିଲା। ଏହି ଯୋଜନା ମାଧ୍ୟମରେ ଏବେ ରାଜ୍ୟ ସରକାର ଓଡ଼ିଶାର ୧କୋଟିରୁ ଅଧିକ ମହିଳାଙ୍କୁ ସୁଭଦ୍ରାର ଦୁଇଟି କିସ୍ତି ବାବଦରେ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରିସାରିଛନ୍ତି। ତୃଣମୂଳସ୍ତରକୁ ଯାଇ ମହିଳାମାନଙ୍କୁ ଯେପରି ଏହି ଯୋଜନାରେ ଯୋଡା ଯାଇପାରିବ ଏହା ଉପରେ ମୋହନ ମାଝୀଙ୍କ ସରକାର କାର୍ଯ୍ୟ କରିଛନ୍ତି। ଅନ୍ୟପଟେ ଲକ୍ଷପତି ଦିଦି ସୃଷ୍ଟି କରିବାରେ ଓଡ଼ିଶା ଦେଶରେ ଏବେ ଶୀର୍ଷ ସ୍ଥାନ ହାସଲ କରିପାରିଛି। ଏବେ ସୁଦ୍ଧା ରାଜ୍ୟରେ ପ୍ରାୟ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରାଯାଇସାରିଥିବା ବେଳେ ଆସନ୍ତା ୨ ବର୍ଷ ମଧ୍ୟରେ ଏହି ସଂଖ୍ୟା ୨୫ ଲକ୍ଷରେ ପହଞ୍ଚିବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ସୁଭଦ୍ରା ଯୋଜନା ମହିଳାମାନଙ୍କ ସଶକ୍ତୀକରଣ ଦିଗରେ ଏକ ବଡ଼ ସଫଳତା ଆଣିଦେବାର ସମ୍ଭାବନା ସୃଷ୍ଟି କରିଛି।



## ଦ୍ରୁତ ଶିଳ୍ପାୟନର ଅନ୍ୟ ନାମ ଓଡ଼ିଶା

'ଦ୍ରୁତ ଶିଳ୍ପାୟନ' କହିଲେ ଏବେ ଓଡ଼ିଶାକୁ ବୁଝାଯାଉଛି। ଯଦିଓ ଓଡ଼ିଶାରେ ଶିଳ୍ପାୟନ ପାଇଁ ସବୁପ୍ରକାର ଅନୁକୂଳ ଉପାଦାନ ରହିଥିଲା, ତଥାପି ପୂର୍ବ ସରକାରଙ୍କ ଆନ୍ତରିକତା ଅଭାବରୁ ତାହା ସମ୍ପୂର୍ଣ୍ଣ ଉପଯୋଗୀ ହୋଇପାରି ନାହିଁ। ମୋହନ ସରକାରଙ୍କ ପ୍ରଥମ ବର୍ଷରେ ଦ୍ରୁତ ଶିଳ୍ପାୟନ ପାଇଁ ଉତ୍କର୍ଷ ଓଡ଼ିଶା ଆୟୋଜନ ହୋଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗ୍ୟାରେଣ୍ଟି ଦେବା ପରେ ଶିଳ୍ପୋଦ୍ୟୋଗୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଫଳରେ ୧୬.୭୩ କୋଟି ଟଙ୍କାର ପୁଞ୍ଜି ନିବେଶ ସୁଯୋଗ ସୃଷ୍ଟି ହୋଇଛି। ଏହି ପୁଞ୍ଜି ନିବେଶହେଲେ ପ୍ରାୟ ୧୩ ଲକ୍ଷରୁ ଊର୍ଦ୍ଧ୍ୱ ରୋଜଗାର ସୃଷ୍ଟିହେବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ପୂର୍ବ ସରକାର କେବଳ ଶିଳ୍ପୋଦ୍ୟୋଗୀଙ୍କ ସହ ବୁଝାମଣାକରି ରହି ଯାଉଥିବାବେଳେ ମୋହନ ସରକାର ଏହି ଅବଧି ମଧ୍ୟରେ ୧ ଲକ୍ଷ ୮୦ ହଜାର କୋଟି ଟଙ୍କାର ୫୬ ଗୋଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।



-ରିପୋର୍ଟ: ରବି ନାରାୟଣ ଜେନା, ସୁନିତ୍ ମିଶ୍ର



ସ୍ନାନମଣ୍ଡପରେ ଦାରୁଦିଅଁଙ୍କ ଦର୍ଶନ ଲାଗି ବଡ଼ଦାଣ୍ଡରେ ଭକ୍ତଙ୍କ ଗହଳି । (-ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ହାତୀବେଶରେ ଦର୍ଶନଦେଲେ ଦାରୁଦିଅଁ



ସ୍ନାନ ପରେ ଦାରୁଦିଅଁଙ୍କ ହାତୀ ବେଶ ।

## ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

ପୁରୀ,୧୧।୬(ଅଜିତ କୁମାର ମହାନ୍ତି)

ପବିତ୍ର ସ୍ନାନଯାତ୍ରା ସହ ରଥଯାତ୍ରାର ଆଦ୍ୟପର୍ବ ଆରମ୍ଭ ହୋଇଛି । ବୁଧବାର ସ୍ନାନପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିର ସ୍ନାନମଣ୍ଡପରେ ଦାରୁଦିଅଁଙ୍କ ସ୍ନାନଯାତ୍ରା ନୀତି ସମ୍ପନ୍ନ ହୋଇଛି । ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ପ୍ରଭୁ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କ ସହିତ ଚକ୍ରରାଜ ସୁଦର୍ଶନ ସ୍ନାନମଣ୍ଡପରେ ପାରମ୍ପରିକ ରୀତିରେ ଅଭିମନ୍ତ୍ରିତ ୧୦୮ ଗଡ୍ଡୁ ଜଳରେ ଦିବ୍ୟସ୍ନାନ କରିଛନ୍ତି । ଏହାପରେ ମହାପ୍ରଭୁ ଦୁର୍ଲଭ ଗଜାନନ ବା ହାତୀବେଶରେ ଦର୍ଶନ ଦେଇଛନ୍ତି । ଶ୍ରୀକ୍ଷେତ୍ରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ବଡ଼ଦାଣ୍ଡରେ ସମାଗମ ହୋଇଥିବା ଲକ୍ଷାଧିକ ଭକ୍ତ ବିଶ୍ୱନିୟନ୍ତାଙ୍କୁ ଦର୍ଶନ କରି ଭାବବିହ୍ୱଳ ହୋଇପଡ଼ିଥିବାବେଳେ ଜୟ ଜଗନ୍ନାଥ ଧ୍ୱନିରେ ଗଗନ ପବନ ମୁଖରିତ ହୋଇଉଠିଥିଲା ।

ସ୍ନାନପୂର୍ଣ୍ଣିମା ଅବସରରେ ରତ୍ନବେଦି ଛାଡ଼ି ସ୍ନାନମଣ୍ଡପକୁ ଓହ୍ଲାଇ ଆସିଛନ୍ତି ଦାରୁବିଗ୍ରହ । ନିର୍ଦ୍ଧାରିତ ନୀତି ନିର୍ଘଣ୍ଟର ପ୍ରାୟ ୧ଘଣ୍ଟା ବିଳମ୍ବରେ ନୀତି ଆରମ୍ଭ ହୋଇଥିଲା । ଭୋର ୫ଟା ୩୦ରେ ମଙ୍ଗଳାର୍ପଣ, ୫ଟା ୩୫ରେ ଡୋରଲାଗି, ପୁଷ୍ପାଞ୍ଜଳି ହୋଇ ୫ଟା ୪୫ଟାରେ ପହଣ୍ଡି ଆରମ୍ଭ ହୋଇଥିଲା । ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନ, ପରେ ବଡ଼ ଠାକୁର ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଧାଡ଼ି ପହଣ୍ଡିରେ ଆସି ସ୍ନାନମଣ୍ଡପରେ ଅଧିଷ୍ଠିତ ହୋଇଥିଲେ । ପରେ ମଦନମୋହନ ସ୍ନାନମଣ୍ଡପକୁ ବିଜେ କରିଥିଲେ । ମଙ୍ଗଳ ଆଳତି ୯ଟା ୩୦, ମଇଲମ୍ ୯ଟା ୩୫, ତଡ଼ପଲାଗି ୯ଟା ୫୦, ଅଧର ପୋଛା ୧୦ଟା ୨୦, ଅବକାଶ ଶେଷ ୧୦ଟା ୨୫, ମଇଲମ ୧୦ଟା ୫୫ରେ ହୋଇ ୧୧ଟା ୨୫ରେ ବେଶ ଶେଷ ହୋଇଥିଲା । ସୂର୍ଯ୍ୟ ପୂଜା ୧୧ଟା ୩୦, ଦ୍ୱାରପାଳ ପୂଜା ୧୧ଟା ୪୫ରେ ସାରି ସ୍ନାନବେଦିରେ ୧ଟାରେ ଜଳ ବିଜେ ହୋଇଥିଲା । ୧୧ଟା ୫୦ରେ ଜଳଲାଗି ହୋଇ ଅପରାହ୍ନ ୧ଟା ୧୦ରେ ସରିଥିଲା । ଶ୍ରୀଜଗନ୍ନାଥଙ୍କୁ ୩୫, ଶ୍ରୀବଳଭଦ୍ରଙ୍କୁ ୩୩, ଦେବୀ ସୁଭଦ୍ରାଙ୍କୁ ୨୨ ଏବଂ ସୁଦର୍ଶନଙ୍କୁ ୧୮ ଗରା ଜଳରେ ସ୍ନାନ କରାଯାଇଥିଲା । ସ୍ନାନନୀତି ସରିବା ପରେ ଅପରାହ୍ନ ୪ଟାରେ ଗଜପତି ମହାରାଜା ଛେରାପହଁରା କରିଥିଲେ । ୪ଟା ୪୦ରେ ଛେରାପହଁରା ସରିଥିଲା । ଏହାପରେ ମହାପ୍ରଭୁଙ୍କୁ ହାତୀବେଶରେ ସଜ୍ଜିତ କରାଯାଇଥିଲା । ହାତୀ ବେଶ ୪ଟା ୪୫ରୁ ଆରମ୍ଭ ହୋଇ ୫ଟା ୪୫ରେ ସମ୍ପୂର୍ଣ୍ଣ ହୋଇଥିଲା । ପରେ ଧୂପ ଭୋଗ ହୋଇଥିଲା । ଭକ୍ତମାନେ ଶ୍ରୀବିଗ୍ରହମାନଙ୍କ ଦୁର୍ଲଭ ହାତୀବେଶ ଦର୍ଶନ କରି ନିଜକୁ ଧନ୍ୟ ମଣିଥିଲେ । ଏହି ସମୟରେ ବଡ଼ଦାଣ୍ଡରେ କିଏ ହନୁମାନ ବେଶରେ ତ ଆଉ କିଏ ଓଡ଼ିଶୀ ନୃତ୍ୟ କରି ଭକ୍ତିଭାବରେ ତଲ୍ଲୀନ ହୋଇପଡୁଥିବା ଦେଖିବାକୁ ମିଳିଥିଲା । ଶ୍ରୀବିଗ୍ରହମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତଙ୍କୁ ସ୍ନାନବେଦିରେ ଦର୍ଶନ ଦେବା ପରେ ଗୋଟି ପହଣ୍ଡିରେ ଅଣସର ପିଣ୍ଡିକୁ ବିଜେ କରିଥିଲେ । ସମସ୍ତ ନୀତି ଶେଷ ହେବା ପରେ ଘଣ୍ଟ, ଛତା ଓ କାହାଳୀ ସହ ଶ୍ରୀମନ୍ଦିରକୁ ପଟିଦିଅଁ ବିଜେ କରିଥିଲେ । ଅନ୍ୟପକ୍ଷରେ ଗୁରୁବାରଠାରୁ ୧୫ ଦିନ ପର୍ଯ୍ୟନ୍ତ ଚତୁର୍ଦ୍ଧାମୂର୍ତ୍ତି ଜ୍ୱରରେ ପୀଡ଼ିତ ହେବେ । ଏହି ସମୟରେ ଭକ୍ତମାନେ ଦାରୁବିଗ୍ରହଙ୍କ ପଟିଦିଅଁ ଦର୍ଶନ କରି କୃତାର୍ଥ ଲାଭ କରିବେ । ସେହିପରି ଏହି ସମୟରେ ପୁରୀର ବ୍ରହ୍ମଗିରିସ୍ଥିତ ଅଲାରନାଥ ଦେବଙ୍କୁ ଦର୍ଶନ କଲେ କୋଟି ପୁଣ୍ୟ ପ୍ରାପ୍ତ ହୁଏ ବୋଲି ବିଶ୍ୱାସ ରହିଛି । ତେଣୁ ଅଲାରନାଥଙ୍କ ମନ୍ଦିରରେ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ଆଜିଠୁ ଅଲାରନାଥ ଦର୍ଶନ

ବ୍ରହ୍ମଗିରି,୧୧।୬(ସ୍ୱାଧୀନ ଚମ୍ପତିରାୟ)



ସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିବେ ମହାପ୍ରଭୁ । ତେଣୁ ଗୁରୁବାରଠାରୁ ୧୫ ଦିନ ଧରି ଅଣସର ଘରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗୁପ୍ତସେବା କରାଯିବ । ଏହି ସମୟରେ ଶ୍ରୀମନ୍ଦିରରେ ମନ୍ତ୍ରୋଚାରଣ ଓ ଅନ୍ୟାନ୍ୟ ନୀତି ବନ୍ଦ ରହିବ । ଭକ୍ତମାନଙ୍କୁ ନିରାଶ ନ କରି ଶ୍ରୀମନ୍ଦିରରେ ପଟିଦିଅଁ ରୂପରେ ଦର୍ଶନ ଦେବେ ମହାପ୍ରଭୁ । ଏହି ସମୟରେ ବ୍ରହ୍ମଗିରିସ୍ଥିତ ମହାପ୍ରଭୁ ଅଲାରନାଥଙ୍କ ପୀଠରେ ଗୁରୁବାରଠାରୁ ଆରମ୍ଭ ହେବ ଅନବସର ଦର୍ଶନ । ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ନ ପାଇ ଭକ୍ତ ବ୍ୟଥିତ ହେଉଥିବା ସମୟରେ ମହାପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରି ଜଗନ୍ନାଥ ଦର୍ଶନର ସମଫଳ ପ୍ରାପ୍ତି ହେବାର ଆଶା ରହିଛି । ଏନେଇ ବ୍ରହ୍ମଗିରି ଦ୍ୱିତୀୟ ଶ୍ରୀକ୍ଷେତ୍ର ପାଲଟିଯାଏ । ମହାପ୍ରଭୁ ଅଲାରନାଥଙ୍କ ପ୍ରିୟ ପ୍ରସାଦ ଖିରୀ ପାଇ ଭକ୍ତ ତୃପ୍ତି ଅନୁଭବ କରେ । ଅନବସର ସମୟରେ ଅଲାରନାଥଙ୍କ ଦର୍ଶନ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ । ଏନେଇ ମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଭୋର ୪ ଟାରୁ ଦ୍ୱାର ଫିଟାଯାଇ ମଇଲମ, ମଙ୍ଗଳ ଆଳତି ଏବଂ ସମସ୍ତ ନୀତିକାନ୍ତି ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ ।

# ଶ୍ରୀମନ୍ଦିରରେ ପଟିଦିଅଁ ପୂଜା



ପୁରୀ,୧୧।୬(ଅଜିତ୍ କୁମାର ମହାନ୍ତି)

ପବିତ୍ର ସ୍ନାନପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଚତୁର୍ଦ୍ଧାବିଗ୍ରହ ଜ୍ୱରରେ ପୀଡ଼ିତ ହୋଇଛନ୍ତି । ଗୁରୁବାରଠାରୁ ଅଣସର ଗୁପ୍ତନୀତି ଆରମ୍ଭ ହେବ । ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସେବକ ଦଇତାପତିମାନେ ଅନ୍ଧାରୀ କୋଠରୀ ଭିତରେ ଶ୍ରୀବିଗ୍ରହମାନଙ୍କ ଗୁପ୍ତ ସେବା ଆରମ୍ଭ କରିବେ । ଅପରପକ୍ଷରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଗୁରୁବାରଠାରୁ ଶ୍ରୀମନ୍ଦିରରେ ଦଶାବତାର ଠାକୁର ଏବଂ ପଟିଦିଅଁଙ୍କ ପୂଜା ଆରମ୍ଭ ହେବ । ଏଥିପାଇଁ ପ୍ରସ୍ତୁତି ସରିଛି । ଅଣସର ସମୟରେ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଅନନ୍ତ ନାରାୟଣ, ଶ୍ରୀବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ଏବଂ ଦେବୀ ସୁଭଦ୍ରାଙ୍କ ସ୍ଥାନରେ ମା' ଭୁବନେଶ୍ୱରୀ ପଟିଦିଅଁ ଭାବେ ପୂଜା ପାଇବେ ।



ସ୍ନାନମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ସାରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମନ୍ଦିରରୁ ବାହାରକୁ ଆସୁଛନ୍ତି ।

## ଅନ୍ୟାନ୍ୟ ଖବର

# କଟକରେ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂ



କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମଙ୍କ ସେଲଟରଛକସ୍ଥିତ ବାସଭବନରେ ରାଜ୍ୟ ସଭା ସଦସ୍ୟ ଦିଗ୍‌ବିଜୟ ସିଂ ଓ ତାଙ୍କ ସ୍ତ୍ରୀ ଅମ୍ରିତା ରାୟ ଆଲୋଚନା କରୁଛନ୍ତି ।

କଟକ,୧୧।୬(ଶିଲ୍ପା ପ୍ରିୟଦର୍ଶିନୀ)

ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସଭା ସଦସ୍ୟ ଦିଗ୍‌ବିଜୟ ସିଂ ଓ ତାଙ୍କ ପତ୍ନୀ ଅମ୍ରିତା ରାୟ ବୁଧବାର କଟକ ଗସ୍ତ କରିଛନ୍ତି । ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମଙ୍କ ସେଲଟରଛକସ୍ଥିତ ବାସଭବନରେ ପହଞ୍ଚି ଓଡ଼ିଶା ଓ ଭାରତ ବର୍ଷରେ ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ସହିତ କଂଗ୍ରେସ ଦଳର ସଙ୍ଗଠନ ଏବଂ ଓଡିଶାର ରାଜନୈତିକ ସ୍ଥିତି ବିଷୟରେ ଆଲୋଚନା କରିଥିଲେ । ବାରବାଟୀ-କଟକ ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇଥିବା ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କୁ ଉଭୟେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଏହା ଏକ ସୌଜନ୍ୟମୂଳକ ସାକ୍ଷାତକାର ଥିବା ମୋକିମ କହିଛନ୍ତି । କଟକ କଂଗ୍ରେସ ପକ୍ଷରୁ ଏମପି ଦିଗ୍‌ବିଜୟ ସିଂ ଓ ତାଙ୍କ ସହଧର୍ମିଣୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ଶୈଳବାଳା ଜେନା, ନିକୁଞ୍ଜ ପସାୟତ, ବିଶ୍ୱଜିତ ଦାସ, କର୍ପୋରେଟର ସନ୍ତୋଷ କୁମାର ଭୋଳ, ଲିଜା ରାଉତ, ଭାନୁ ସେନାପତି, ଶୁଭାଶିଷ ପଟ୍ଟନାୟକ, ଜେ. କାମେଶ୍ୱର ରାଓ, ବଟକୃଷ୍ଣ ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଅମ୍ରିତାଙ୍କୁ 'ଓଡ଼ିଶୀ ନୃତ୍ୟ ରତ୍ନ', ସୌରଭଙ୍କୁ 'ଯୁଗ ଗନ୍ଧର୍ବ ସମ୍ମାନ'

## ଆଦିଗୁରୁ ପଙ୍କଜ ଚରଣ ଦାସଙ୍କ ୨୨ତମ ତିରୋଧାନ ଦିବସ

ଭୁବନେଶ୍ୱର, ୧୧।୬(ସୌମ୍ୟରଞ୍ଜନ ରାଉତ)







ସୌରଭ ଓ ଅମ୍ରିତା ନୃତ୍ୟ ପରିବେଷଣ କରୁଛନ୍ତି ।

ଗୁରୁ ପଙ୍କଜ ଚରଣ ଓଡ଼ିଶୀ ପ୍ରତିଷ୍ଠାନ ପକ୍ଷରୁ ବୁଧବାର ଆଦିଗୁରୁ ପଙ୍କଜ ଚରଣ ଦାସଙ୍କ ୨୨ତମ ତିରୋଧାନ ଦିବସ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଓଡ଼ିଶୀ ନୃତ୍ୟରେ ବିଶେଷ ଅବଦାନ ରଖିଥିବା ନୃତ୍ୟ ଶିଳ୍ପୀ ଅମ୍ରିତା ଦାସଙ୍କୁ 'ଓଡ଼ିଶୀ ନୃତ୍ୟ ରତ୍ନ ସମ୍ମାନ' ଓ ନୃତ୍ୟଶିଳ୍ପୀ ସୌରଭ ମହାନ୍ତିଙ୍କୁ 'ଯୁଗ ଗନ୍ଧର୍ବ ସମ୍ମାନ'ରେ ସମ୍ମାନିତ କାରାଯାଇଥିଲା । ସମ୍ମାନ ବାବଦକୁ ପ୍ରତ୍ୟେକଙ୍କୁ ନଗଦ ୧୦ ହଜାର ଟଙ୍କାର ଅର୍ଥରାଶି ସହ ଅଙ୍ଗବସ୍ତ୍ର ଓ ଫଳକ ପ୍ରଦାନ କରାଯାଇଛିଥିଲା । ପରେ ନୃତ୍ୟ ସମାରୋହରେ ପ୍ରଥମେ ନୃତ୍ୟଶିଳ୍ପୀ ଭାବରେ ଅମ୍ରିତା ନୃତ୍ୟ ଅଭିନୟରେ ପ୍ରସ୍ତୁତି କରିଥିଲେ 'କେତେ ଛନ୍ଦ ଜାଣେ ଲୋ ସହି' । ପରେ ସୌରଭ ଆଦିଗୁରୁଙ୍କ ସଂଯୋଜିତ ଶଙ୍କର ଭରଣ ପଲ୍ଲବି ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା । ଦେବଦାସୀ ଅନୁଷ୍ଠାନର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଆଦି ଗୁରୁଙ୍କ ସଂଯୋଜିତ ମଧୁରଷ୍ଟକ ଦଳଗତ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । କଳିଙ୍ଗାୟନ ତୋର୍ଯ୍ୟତ୍ରିକମ ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ଗଣେଷ ବନ୍ଦନା ଓ ଦଳଗତ ନୃତ୍ୟ ପରିବେଷଣ ହୋଇଥିଲା । ସନ୍ଧ୍ୟାରେ ଅତିଥିଭାବେ ପରିଚୟ ଫାଉଣ୍ଡେଶନର ନିର୍ଦ୍ଦେଶିକା ରୋଜଲିନ ପାଟ୍ଟଶାଣୀ ମିଶ୍ର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶୀ ଗୁରୁ ଆଶିଷ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ । ଅନୁଷ୍ଠାନର ଉପଦେଷ୍ଟା ବଟକୃଷ୍ଣ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ନିର୍ଦ୍ଦେଶକ ଶରତ ଦାସ, ଅଧକ୍ଷା ସୁହାଗ ନଳିନୀ ଦାସ ସହଯୋଗ କରିଥିଲେ । ସ୍ମିତା ଦାସ ମଞ୍ଚ ପରିଚାଳନା କରିଥିଲେ ।

# ନଭେମ୍ବରରେ ହେବ ମନୋଜ ଦାସଙ୍କ ସ୍ମୃତି ସମାରୋହ

ଭୁବନେଶ୍ୱର, ୧୧।୬ (ସୌମ୍ୟରଞ୍ଜନ ରାଉତ)

ସାହିତ୍ୟତ ତଥା କଥାକାର ସ୍ୱର୍ଗତ ମନୋଜ ଦାସଙ୍କ ଉଦ୍ଦେଶ୍ୟରେ 'ମନୋଜ ଦାସ ସ୍ମାରକୀ ସମ୍ମାନ' କେବଳ ଘୋଷଣାରେ ସୀମିତ ରହିଛି । ଏହାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ମନୋଜ ଦାସ ସ୍ମୃତି ସଂସଦର କର୍ମକର୍ତ୍ତା । ଏନେଇ ଓଡିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହିତ ଆଲୋଚନା କରାଯିବ ବୋଲି ସଂସଦ ପକ୍ଷରୁ ବୁଧବାର ଏକ ବୈଠକରେ ସୂଚନା ଦିଆଯାଇଛି । ସଂସଦର ସଭାପତି ତଥା ଗ୍ରନ୍ଥକାର ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଧାୟକ ତଥା ସାଧାରଣ ସମ୍ପାଦକ ଗୌତମବୁଦ୍ଧ ଦାସ ଉପସ୍ଥିତ ରହି ଆସନ୍ତା ନଭେମ୍ବରରେ ମନୋଜଙ୍କ ସ୍ମୃତି ସମାରୋହ ଆୟୋଜନ ହେବ ବୋଲି ସୂଚନା ଦେଇଛନ୍ତି । ସମାରୋହରେ ସ୍ମାରକୀ ବକ୍ତୃତା ଓ କର୍ମଶାଳା ହେବ । ଏଥିପାଇଁ ପ୍ରକାଶକ ତଥା ଲେଖକ ସରୋଜ ବଳଙ୍କୁ କାର୍ଯ୍ୟନିର୍ବାହୀ ସମ୍ପାଦକ ଓ ରକ୍ଷକ ନାୟକଙ୍କୁ ସାଙ୍ଗଠନିକ ସମ୍ପାଦକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ବୈଠକରେ କବି ସୂର୍ଯ୍ୟ ମିଶ୍ର, ହିରଣ୍ମୟୀ ମିଶ୍ର, ବେଣୁଧର ବିଶ୍ୱାଳ, ମାୟାଧର ସାହୁ, ସରୋଜିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଦାବି ପୂରଣ ପାଇଁ ନବନିର୍ମାଣ ଯୁବ ଛାତ୍ର ସଙ୍ଗଠନର ସତ୍ୟାଗ୍ରହ

ଜଟଣୀ,୧୧।୬(ରବୀନ୍ଦ୍ରନାଥ ମହାକୁଡ଼)




ନବନିର୍ମାଣ ଯୁବ ଛାତ୍ର ସଙ୍ଗଠନ ଓଡ଼ିଶା ପକ୍ଷରୁ ୯ଦଫା ଦାବି ନେଇ ଜଟଣୀ ଅରଗୁଳସ୍ଥ ଆଇଆଇଟି ଭୁବନେଶ୍ୱର ସମ୍ମୁଖରେ ବୁଧବାର ଗଣସତ୍ୟାଗ୍ରହ କରାଯାଇଥିଲା। ଆଇଆଇଟି ଭୁବନେଶ୍ୱରରେ କାର୍ଯ୍ୟରତ ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟରୁ ଠିକାରେ କାର୍ଯ୍ୟରତ ଠିକା ସଂସ୍ଥାର କର୍ମଚାରୀଙ୍କୁ ବିନା କାରଣରେ ଛଟେଇ, ୫ ମାସର ବକେୟା ଦରମା ପ୍ରଦାନ, ସୁରକ୍ଷା ଅଧିକାରୀଙ୍କ ଧମକ ଓ ମାନସିକ ନିର୍ଯାତନା ବନ୍ଦ, ସୁରକ୍ଷା ଅଧିକାରୀଙ୍କ ବଦଳି ଆଦି ୯ ଦଫା ଦାବି ଉପସ୍ଥାପନା କରାଯାଇଥିଲା। ଏନେଇ ଗତ ୩ ତାରିଖରେ ଏକ ଖବରଦାତା ସମ୍ମିଳନୀ କରିଥିଲେ ସୂଚନା ଦିଆଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ମନ୍ୱାର ଅଲ୍ଲି ନେତୃତ୍ୱ ନେଇଥିଲେ। ସଙ୍ଗଠନର ରାଜ୍ୟ ମୁଖ୍ୟ ଅକ୍ଷୟ କୁମାର, ଜଟଣୀ କଂଗ୍ରେସ ନେତା ଅଶୋକ ମଙ୍ଗରାଜ, ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ବିଜୟ ଛୋଟରାୟଙ୍କ ସମେତ ବହୁ ବ୍ୟକ୍ତି ଛଟେଇ କର୍ମଚାରୀଏଥିରେ ସାମିଲ ହୋଇଥିଲେ। ସତ୍ୟାଗ୍ରହ ସ୍ଥଳକୁ ଠିକା ସଂସ୍ଥାର ମୁଖ୍ୟ ଏବଂ ପ୍ରବନ୍ଧକ ଆସି ଆଗାମୀ ୧୫ ଦିନ ମଧ୍ୟରେ ଉପୁଜିଥିବା ସମସ୍ୟାର ସମାଧାନ କରିବା ପ୍ରତିଶ୍ରୁତି ଦେବା ପରେ ସତ୍ୟାଗ୍ରହ ବନ୍ଦ ହୋଇଥିଲା। ତେବେ ଆଗାମୀ ୧୫ ଦିନ ମଧ୍ୟରେ ଯଦି ଠିକା ସଂସ୍ଥା ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ ନ କରେ, ତେବେ ଆଗାମୀ ଦିନରେ ୫୦ ହଜାର ଲୋକଙ୍କୁ ନେଇ ଆନ୍ଦୋଳନକୁ ସଂଗଠନ ଉଲ୍ଲାଇବ ବୋଲି ଏମ. ଡି. ମନୱାର କହିଛନ୍ତି। ଆଇନଶୃଙ୍ଖଳା ତଦାରଖ ପାଇଁ ଏସିପି ଜୋନ୍-୩, ତାପସ ପ୍ରଧାନ, ଜଟଣୀ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳଙ୍କ ସମେତ ଅନ୍ୟ ୨ ଥାନାର ଆଇଆଇସି ପ୍ରମୁଖ ଉପସ୍ଥିତ ରହିଥିଲେ।

## ଗଛ ଡାଳ ପଡ଼ି ୨ଟି ଅଟୋ ଭାଙ୍ଗିଲା

ନିରାକାରପୁର,୧୧।୬ (ମାନସଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ଥାନା ଅଧୀନ ଛଣଗିରି ଅଟୋ ଷ୍ଟାଣ୍ଡରେ ଅଟୋ ଛିଡ଼ା ହୋଇଥିବାବେଳେ ବୁଧବାର ପୂର୍ବାହ୍ନରେ ହଠାତ୍ ଷ୍ଟାଣ୍ଡରେ ଥିବା ଅଶ୍ୱତ୍ଥ ଗଛର ଏକ ଡାଳ ଭାଙ୍ଗି ପଡ଼ିବାରୁ ତଳେ ଥିବା ୨ଟି ଅଟୋ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ତେବେ ଡାଳ ପଡିବା ସମୟରେ ଚାଳକମାନେ ଘରକୁ ଖାଇବାକୁ ଯାଇଥିବାରୁ ଅଳ୍ପକେ ରକ୍ଷା ପାଇ ଯାଇଥିଲେ ଜଣାପଡ଼ିଛି।

# ୧୨ରୁ ଜିଲାସ୍ତରୀୟ ବିକାଶ, ପାରମ୍ପରିକ ଖାଦ୍ୟମେଳା

ଖୋର୍ଦ୍ଧା,୧୧।୬(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ସରକାରଙ୍କ ଏକବର୍ଷ ଶାସନ ପୂର୍ତ୍ତି ଉପଲକ୍ଷେ ଜୁନ ୧୨ରୁ ୨୧ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ହାବେଳି ପଡ଼ିଆରେ ବିକାଶ ମେଳା ଓ ପାରମ୍ପରିକ ଖାଦ୍ୟ ମେଳା-୨୦୨୫ ଅନୁଷ୍ଠିତ ହେବ। ଗୁରୁବାର ପୂର୍ବାହ୍ନ ୧୦ଟାରେ ଭୁବନେଶ୍ୱର ମହାତ୍ମାଗାନ୍ଧୀ ମାର୍ଗଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିକାଶ ବାହନଗୁଡ଼ିକର ଶୁଭାରମ୍ଭ କରାଯିବ। ଏହି କ୍ରମରେ ଅପରାହ୍ନ ୫ଟାରେ ଖୋର୍ଦ୍ଧା ହାବେଳି ପଡ଼ିଆରେ ବିକାଶ ମେଳା ଓ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ମେଳାର ଶୁଭ ଉଦ୍‌ଘାଟନ ହେବ। ଯୋଗ୍ୟ ହିତାଧିକାରୀଙ୍କୁ ପେନ୍‌ସନ କାର୍ଡ, ଶ୍ରମ କାର୍ଡ, ରାଶନ କାର୍ଡ ବଣ୍ଟନ କରାଯିବ। ୧୦ଦିନ ବ୍ୟାପୀ ବିଭିନ୍ନ ବିଭାଗୀୟ ସଫଳତା କାର୍ଯ୍ୟକ୍ରମ ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ୧୩ ତାରିଖ ଅପରାହ୍ନ ୪ଟାରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ମହିଳା ପ୍ରତିଯୋଗୀ ଓ ଉତ୍କୃଷ୍ଟ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜୁନ ୧୪, ୧୫ ଓ ୧୬ ତାରିଖ ପୂର୍ବାହ୍ନ ୧୧ଟାରେ ରଜପର୍ବ ପାଳନ ଏବଂ ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ। ୧୭ ତାରିଖ ପୂର୍ବାହ୍ନ ୧୧ଟାରେ ଭୁବନେଶ୍ୱରରେ ବିକଶିତ ଖୋର୍ଦ୍ଧା ବିକଶିତ ଓଡ଼ିଶା ଉପରେ ବୌଦ୍ଧିକ ଆଲୋଚନା, ଅପରାହ୍ନ ୪ଟାରେ ହାବେଳି ପଡ଼ିଆ, ଖୋର୍ଦ୍ଧାରେ ଉତ୍କୃଷ୍ଟ କୃଷକମାନଙ୍କୁ ସମ୍ବର୍ଦ୍ଧନା, କୃଷି ବିଭାଗ ଅଧୀନ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯିବ। ୧୮ ତାରିଖ ଅପରାହ୍ନ ୪ଟାରେ କ୍ରମାନ୍ୱୟରେ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍ ପ୍ରାପ୍ତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ଆଦିବାସୀ ଶକ୍ତି ଦିବସ ପାଳନ (ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ), ଡ୍ରାମା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଜୁନ ୧୯ରେ ଅପରାହ୍ନ ୪ଟା ଏବଂ ଓଡ଼ିଆ ଗୁଣାତ୍ମକ ଚଳଚ୍ଚିତ୍ର ପ୍ରଦର୍ଶନ, ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ନାଟକ ପ୍ରଦର୍ଶନ, ପୁରସ୍କାର ବିତରଣ ଓ ବିକାଶ ମେଳାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ଜୁନ ୨୧ତାରିଖ ସକାଳ ୬ଟାରେ ଅନ୍ତର୍ଜାତୀୟ ଯୋଗ ଦିବସ ତଥା ଯୁବା ଦିବସ ପାଳନ ଓ ସଫଳ ଛାତ୍ରୀଛାତ୍ର ତଥା ଯୁବାମାନଙ୍କୁ ହାବେଳି ପଡ଼ିଆରେ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ଏହି ଜିଲାସ୍ତରୀୟ ବିକଶିତ ମେଳାରେ ସମସ୍ତ ଜନସାଧାରଣ ସାମିଲହେବାକୁ ଜିଲାପାଳ ଚଞ୍ଚଳ ରାଣା ଅନୁରୋଧ କରିଛନ୍ତି।

# ୧୫ରୁ ବରୁଣେଇ ରଜ ମହୋତ୍ସବ

ଖୋର୍ଦ୍ଧା,୧୧।୬(ପ୍ରଭାତ ପାଣିଗ୍ରାହୀ)

**ପଲ୍ଲିଶ୍ରୀ, ଖାଦ୍ୟମେଳା, ମିନାବଜାର ମୁଖ୍ୟ ଆକର୍ଷଣ**

ଖୋର୍ଦ୍ଧାର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ବରୁଣେଇ ପୀଠରେ ୩ଦିନ ବ୍ୟାପୀ ରଜ ମହୋତ୍ସବ ଅନୁଷ୍ଠିତ ହେବ। ଖୋର୍ଦ୍ଧାର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଦିଶାନ୍ତ' ପକ୍ଷରୁ ଆସନ୍ତା ୧୫ ତାରିଖ ରଜ ସଂକ୍ରାନ୍ତିଠାରୁ ୩ଦିନ ବ୍ୟାପୀ ୧୭ତମ ବରୁଣେଇ ରଜ ମହୋତ୍ସବ ପାଳନ କରାଯିବ। ଏଥିରେ ବିଭିନ୍ନ ଜିଲାରୁ ୨୧ଟି ବେସରକାରୀ ସାଂସ୍କୃତିକ ଅନୁଷ୍ଠାନ ଓ ୭ଟି ସରକାରୀ ଅନୁଷ୍ଠାନ ଯୋଗଦେବେ ବୋଲି ବୁଧବାର ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମ ଆବାହକ ସମ୍ବିତ ପଟ୍ଟନାୟକ ସୂଚନା ଦେଇଛନ୍ତି। ଅନୁଷ୍ଠାନ ସମ୍ପାଦକ ଦିଲୀପ ପରିଡ଼ା ମହୋତ୍ସବର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଶୃଙ୍ଖଳିତ ମହୋତ୍ସବ ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି। ମହୋତ୍ସବରେ ପଲ୍ଲିଶ୍ରୀ ମେଳା, ଖାଦ୍ୟମେଳା, ରଜଦୋଳି, ରଜପାନ, ମିନାବଜାର ବ୍ୟବସ୍ଥା ରହିବ। ପିଲାଙ୍କ ମଧ୍ୟରେ ଝୋଟି, ଚିତା, ରଜ ପିଠା ଏବଂ ଅନ୍ୟମାନଙ୍କ ମଧ୍ୟରେ ପଶାଖେଳ, ପ୍ରଭୃତି ପ୍ରତିଯୋଗିତା ଆୟୋଜନ କରାଯିବ। ଖବରଦାତା ସମ୍ମିଳନୀରେ ଦୀନବନ୍ଧୁ ବଳିୟାରସିଂ, ପ୍ରଭାକର ମାଝୀ, ନିରଞ୍ଜନ ଭୋଇ, ସମୀର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


## ପୂର୍ବ ତଟ ରେଳପଥ

ଫାଇଲ୍ ନଂ.DRM/Engg/KUR/25-26/E-Tender/25,ତା.09.06.2025ରିଖ

ଟେଣ୍ଡର ସଂ.e-tender-EASTKUR-55-2025,ତା.28.05.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ରେଳବାଇ ଧାତୁ/GFN ଲାଇନରର ପ୍ରସ୍ତାବିତ ଏଣ୍ଡ କଟିଙ୍ଗ ଏବଂ ଗ୍ରାଇଣ୍ଡିଙ୍ଗ ତଥା ଠିକାଦାରଙ୍କ ସମ୍ପୂର୍ଣ ଉପକରଣ ଏବଂ କାରଖାନା (Plants), ଶ୍ରମିକ, ଉପଭୋଗ୍ୟ ସାମଗ୍ରୀ ଇତ୍ୟାଦି ସହିତ ସେଗୁଡ଼ିକୁ ଡିପୋଗୁଡ଼ିକ ଠାରେ ଉପଲବ୍ଧ କରାଇବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 57.72 ଲକ୍ଷ, EMD (ଟଙ୍କାରେ) : 1,15,500/-, ଶେଷ ହେବା ଅବଧି : 06 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.20.06.2025 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍

PR-221/Q/25-26



## EKLAVYA MODEL RESIDENTIAL SCHOOL
KUCHINDA, DIST.: SAMBALPUR (768222), ODISHA

**SHORT TENDER CALL NOTICE FOR HIRING OF VEHICLE**

Letter No. 281 — Date: 12.06.2025

Sealed tenders are invited in the prescribed format from registered transport agencies/vehicle owners for hiring of vehicles on a monthly/need basis for official use at EMRS Kuchinda, Dist.: Sambalpur Odisha.

**Tender Details:**
- Tender issue Date: 13.06.2025
- Last date for submission: 30.06.2025
- Tender forms and terms & conditions can be obtained from the school website **https://emrskuchinda.com** or office during working hours.
- Date and time of opening of tender documents - Intimated later on.

Interested parties may submit their sealed quotations with all required documents to the Principal, EMRS Kuchinda, Dist.: Sambalpur Odisha by the due date.

Notwithstanding anything contained to the contrary in the tender document, the undersigned reserves the right to cancel/ modify "invitation for bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

**Principal, EMRS Kuchinda, Samablpur**



## DISTRICT PROJECT MANAGEMENT UNIT, (PM-POSHAN), ANGUL
(DISTRICT EDUCATION OFFICE, ANGUL)

No. 3851/MDM/ Date.10.06.2025

**TENDER CALL NOTICE**

**(Engagement of Manpower Service Providing Agency for providing Programmer-cum- Accountant and Data Entry Operators)**

Sealed tenders are invited from Registered Manpower Service Providing Agencies to provide 1no's of Programmer-cum-Accountant and 9 no's of Data Entry Operators (DEOs) for **PM-Poshan Scheme** who are to be engaged at Programmer-cum- Accountant at DPMU and 8 Data Entry Operators at BEO offices at Block HQ & 1 Data Entry Operators at DPMU, **PM- Poshan**, Angul respectively for a period of one year. The interested Bidders shall submit the technical & financial Bid along with tender paper cost of Rs.5,000/- (non-refundable) latest by **05.07.2025 (04.00 P.M.)** at the Office of the District Education Officer, Angul. Tender Papers shall be opened on **10.07.2025 at 03:00 P.M.** the Office Chamber of the Collector & District Magistrate, Angul. For detailed terms & conditions kindly visit district website **https://angul.odisha.gov.in**. The authority reserves the right to reject any or all tenders without assigning any reason thereof.

**By order of the Collector-cum-Chairman (MDM) Angul**

**Sd./- District Education Officer-cum-District Nodal Officer (MDM) Angul**



## जिला दण्डाधिकारी एवं उपायुक्त का कार्यालय, पूर्वी सिंहभूम, जमशेदपुर
(जिला योजना)

### Expression of Interest (EOI)

पूर्वी सिंहभूम जिला अंतर्गत Project Aamdani – Food Cart for Transgender and Women in East Singhbhum District (JNAC, Mango Nagar Nigam and Jugsalai Nagar Parishad) से संबंधित Expression of Interest (EOI) इच्छुक प्रतिष्ठित फर्म / संस्थान से दर आमंत्रित किया जाता है।

इच्छुक प्रतिष्ठित फर्म / संस्थान **दिनांक–25.06.2025 के अपराह्न 01:00 बजे तक** जिला योजना कार्यालय, पूर्वी सिंहभूम (समाहरणालय जमशेदपुर) में Expression of Interest (EOI) जमा कर सकते हैं। इस संबंध में विस्तृत विवरणी पूर्वी सिंहभूम जिला के वेबसाईट https://jamshedpur.nic.in पर देखा जा सकता है।

जिला योजना पदाधिकारी,
पूर्वी सिंहभूम, जमशेदपुर।

PR 354660 (Planning and Development) 25-26 (D)



## EKLAVYA MODEL RESIDENTIAL SCHOOL
KUCHINDA, SAMBALPUR, ODISHA - 768222

**ADVERTISEMENT**

### APPOINTMENT OF TEACHERS ON CONTRACTUAL BASIS FOR 2025-26

A Walk-in-Interview will be conducted on 25.06.2025 in the School premises from 7.30 A.M. to 9.00 A.M. (Certificate Verification) and 9.00 onwards Walk-in-Interview in order to prepare a panel of contractual teachers in the following subjects for the academic session 2025-26 for EMRS, Kuchinda (Sambalpur) & EMRS, Kirmira (Jharsuguda). Interested candidates having the requisite qualification may send their Bio-data along with a set of self attested copies of academic qualification certificate with marksheet, experience certificate (if any) on or before 25.06.2025 to the school postal address or to the mail - **emrskuchinda2018@gmail.com**

**VENUE OF INTERVIEW: AT EMRS, KUCHINDA, SAMBALPUR**

| Sl. No. | Name of Post | Consolidated Pay per Month | Qualification | Age Limit |
|---|---|---|---|---|
| 1. | PGT (History)<br>PGT (Economics)<br>PGT (Geography)<br>For both the Schools | Per Period Rs.320/- & restricted to 45000/- | MA in concerned subject with at least 50% marks from any recognized University/ Institute with B.Ed. or equivalent & proficiency in teaching in Hindi and English. | 62 years |
| 2. | PET (Male)<br>For EMRS Kirmira | Per Period Rs.300/- & restricted to 42000/- | Bachelor's Degree in Physical Education from a recognized institute/university | 62 years |

**NOTE:**
1. Preference will be given to the eligible candidates having knowledge and experience of Computer application.
2. No TA & DA will be paid for attending interview.
3. Remuneration and working hours as per EMRS norms.
4. A set of photo copies of all original certificate and mark sheets should be submitted at the time of interview.
5. Candidates are requested to report for certificate verification and submission of testimonial at 7.30 A.M.

**PRINCIPAL**



ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

सत्यमेव जयते

**Government of India**
**Ministry of Corporate Affairs**
**Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050**
**Email: roc.cpace@mca.gov.in**

### ଫର୍ମ ନଂ. ଏସ୍‌ଟିକେ-୬
## ସର୍ବସାଧାରଣ ବିଜ୍ଞପ୍ତି

*[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]*

**ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୪-୨୫/୫୦୯** **ତାରିଖ:- ୦୩।୦୬।୨୦୨୫**

**ସନ୍ଦର୍ଭ:** (୧) କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୩)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବିୱା୭୮୬୩୩୦ | ୟୁ୦୧୪୦୦ଓଆର୍୨୦୨୧ପିଟିସି୦୩୭୭୦୮ | ମୋ ଚାଷୀ ଭାଇ ଫାର୍ମର୍ସ ପ୍ରଡ୍ୟୁସର୍ କମ୍ପାନୀ ଲିମିଟେଡ୍ |
| ୨ | ଏବିୱା୯୮୫୬୯୬ | ୟୁ୪୫୨୦୧ଓଆର୍୨୦୨୦ପିଟିସି୦୩୪୫୯୬ | ସେଭେନ୍ ନାଇନ୍ ଇନ୍‌ଫ୍ରା ପ୍ରାଇଭେଟ୍ ଲିମିଟେଡ୍ |
| ୩ | ଏବିୱା୭୮୨୪୯୧ | ୟୁ୭୪୯୯୯ଓଆର୍୨୦୧୮ପିଟିସି୦୨୯୭୩୩ | କୋଭେଣ୍ଟ ଗାର୍ଡେନ୍ ମେଣ୍ଟେନାନ୍ସ ପ୍ରାଇଭେଟ୍ ଲିମିଟେଡ୍ |

(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି।

(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି।

(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି।

**ଇର୍କନ ତିର୍କୀ, ସହକାରୀ ନିବନ୍ଧକ**
**ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର**

CBC 07123/11/0241/2526



## HDFC BANK — We understand your world
# AUCTION SALE NOTICE

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 19-Jun-2025 from 2:30 Pm onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1<br>2<br>3<br>4 | 75693369<br>73460498<br>75120655<br>74622028 | RAJANIKANTA MISHRA<br>JAYANTA SAHU<br>RATIKANTA BAIDHANK<br>NAMRATA MOHARANA | 405500<br>130782<br>50000<br>26000 | HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 5<br>6 | 74602375<br>75593090 | MANJEET SINGH<br>TAPAN KUMAR DEHURY | 107100<br>28900 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 7<br>8<br>9<br>10<br>11 | 75702406<br>75139955<br>75540302<br>75421160<br>75251615 | AJIT BHOI<br>SUMITRA GARNAYAK<br>SIMARANI BISWAL<br>DIPAK KUMAR SAHOO<br>SATYANANDA BEHERA | 96100<br>67700<br>32100<br>287400.00<br>284000.00 | HDFC BANK LTD, AT-PANDUA, PO-KOTAGARA, AANLABARENI, DHENKANAL-759026 |
| 12 | 75706569 | ANSUMAN MAITY | 46500 | HDFC BANK LTD, BARBIL JODA HIGHWAY, KEONJHAR, BARBIL-758035 |
| 13 | 74752638 | PRASANT KUMAR NAYK | 26920 | HDFC BANK LTD, BESIDE TAHASIL OFFICE, CHANDINI CHOWK, CUTTACK-753002 |
| 14 | 75286203 | JHUNU PADHI | 32000 | HDFC BANK LTD, BHABA NAGAR SQUARE, BRAHMAPUR, GANJAM-760004 |
| 15<br>16<br><br>17 | 74886060<br>5020004<br>8332481<br>75686859 | AJIT KUMAR SAHU<br>SATYAPRIYA PRADHAN<br><br>MITALI DUTTA | 138500<br>212031.82<br><br>286800.00 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 18<br>19 | 75647572<br>75117096 | MOHAMMAD RIZWAN<br>BANAMBER MOHANTY | 550000<br>73500 | HDFC BANK LTD, C/O-PRITI AUTO COMBINE, GOL BAZAR, SAMBALPUR-768001 |
| 20 | 75467299 | SRIKANTA SWAIN | 42600 | HDFC BANK LTD, CHANDVALI CHOWK, ATHGARH-754029 |
| 21 | 75139527 | DHIREN MOHAPATRA | 100500 | HDFC BANK LTD, DHIPASAHI, STATION ROAD, BARIPADA-757001 |
| 22<br>23<br>24<br>25<br>26<br>27<br>28<br>29<br>30<br>31 | 75423140<br>75629450<br>75218668<br>75389211<br>75448638<br>75839013<br>75760219<br>75235520<br>75808800<br>75601188 | SK AZHAR UDDIN<br>RAJKISHORE PARIDA<br>RAJKISHORE PARIDA<br>RAJKISHORE PARIDA<br>RAJKISHORE PARIDA<br>RATNAKAR MALLICK<br>CHARULATA JENA<br>LINGARAJ RANA<br>CHARULATA JENA<br>MD SAHIL KHAN | 281100<br>178800<br>177400<br>129000<br>108800<br>85200<br>40800<br>35200<br>34300<br>26000 | HDFC BANK LTD, DURGA BAZAR, JAGATSINGHAPUR, ORISSA-754103 |
| 32<br>33<br>34 | 75137526<br>75133359<br>73992698 | DHANANJAYA SAHOO<br>DILESWARI SAHU<br>SOUMYA MOHANTA | 105000.00<br>48300<br>31200 | HDFC BANK LTD, DWIBEDI BHAWAN, BISRA ROAD, ROURKELA-769001 |
| 35 | 75111985 | LITU MUDULI | 29000 | HDFC BANK LTD, GAJANAN TOWERS, UPPER GROUND FLOOR, PLOT NO-60, BUDHA NAGAR, KALPANA SQUARE, BHUBANESWAR-751006 |
| 36<br>37<br>38 | 74534348<br>74553081<br>74464271 | ANIL KUMAR MALLICK<br>MANOJ NAYAK<br>ANIL KUMAR MALLICK | 61200<br>19500<br>14200 | HDFC BANK LTD, GANESH TALKIES SQUARE, NIMAPARA, PURI-752106 |
| 39 | 75436201 | K RAMESH CHOUDHARY | 187800 | HDFC BANK LTD, GANESWARPUR, REMUNA GOLAI, BALASORE-756019 |
| 40 | 75136649 | SUBRAJA KISHOR ROUT | 54900 | HDFC BANK LTD, GHASIPURA, ANANDPUR, KEONJHAR -758015 |
| 41 | 465332758 | NIBA BISHOYI | 846000 | HDFC BANK LTD, GRD. FLOOR, MAIN ROAD, OLD CINEMA HALL CHAKA, NEAR UNION BANK-II, HINJILICUT, GANJAM-761102 |
| 42 | 75136090 | GOLAKHA CH MALIK | 51000 | HDFC BANK LTD, GROUND & 1ST FLOOR, PANCHAYAT SAMITI, DHARMASALA, JARAKA-755008 |
| 43 | 75091216 | SUNIL SAHU | 16500 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 44 | 75593676 | S AJITKUMAR PATRA | 44500 | HDFC BANK LTD, GROUND FLOOR, MAIN ROAD CHIKITI PENTHA, GANJAM-761010 |
| 45 | 75111726 | PRADEEP KUMAR PUJARI | 61600 | HDFC BANK LTD, GROUND FLOOR, NUAGUDA, OPP. FCI-I, ARTS COLLEGE ROAD, MALKANAGIRI-764048 |
| 46 | 74415414 | SRIMANTA MAITY | 49800 | HDFC BANK LTD, GROUND FLOOR, POKHARIAPADA, PATTAMUNDAI, KENDRAPADA-754215 |
| 47 | 74877651 | JYOTIRANJAN PRADHAN | 51000 | HDFC BANK LTD, GROUND FLOOR, RAJENDRA VIHAR APARTMENT, BLOCK- D, FOREST PARK, BHUBANESWAR-751020 |
| 48<br>49 | 75391107<br>75396898 | MANJULA SAHU<br>MANJULA SAHU | 130000<br>80500 | HDFC BANK LTD, GROUND FLOOR, RANIPADA SQUARE, POLASARA MAIN ROAD, GANJAM-761105 |
| 50 | 75120853 | SANTOSH KUMAR MISHRA | 63700 | HDFC BANK LTD, JAGAMARA, BHUBANESWAR, KHURDA-751030 |
| 51<br>52<br>53<br>54<br>55<br>56<br>57<br>58<br>59 | 75033917<br>75111765<br>73473197<br>75823592<br>75090752<br>74890615<br>75322689<br>75660984<br>75081672 | SABIT KUMAR DALIA<br>RAMESH NAIK<br>RAJ KUMAR DAS<br>K J MARGARET<br>BHOLANATH NAYAK<br>GAYATRI BEHERA<br>SUJATA SAHU<br>A KIRANKUMAR REDDY<br>SURAJA KUMAR JENA | 232000<br>123000<br>80620<br>80000<br>64000<br>48000<br>41000<br>41000<br>40000 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 60 | 75705800 | DEEPAK BEHERA | 1116000.00 | HDFC BANK LTD, PLOT NO-6, MAHANADI VIHAR, CUTTACK-753004 |
| 61 | 75564879 | RAJALAXMI SAHOO | 109500 | HDFC BANK LTD, KALINGA NAGAR, DUBURI, JAJPUR-755019 |
| 62<br>63 | 75782112<br>75072518 | SANJAY GOUDA<br>BIDYADHAR BEHERA | 99000<br>96200 | HDFC BANK LTD, KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 64<br>65<br>66<br>67<br>68<br>69<br>70<br>71 | 75093712<br>75837020<br>75130025<br>75603102<br>74211802<br>75125797<br>75121212<br>75137105 | PRAKASH CHANDRA PRAMANIK<br>GOLEKHA CHANDRA ROUT<br>BHAGABAT ROUT<br>RABINDRA BEHERA<br>ANAKAR PALAI<br>ANNADA KUMAR NAYAK<br>BAPUJI MALLIK<br>BABULI RAY | 126000<br>111400<br>96100<br>65800<br>59895<br>50900<br>42700<br>41000 | HDFC BANK LTD, MAHIPAL, KENDRAPARA-754211 |
| 72<br>73 | 75318348<br>75596546 | PATITA RAUTA<br>ASHOK KUMAR SAHU | 200000<br>21000 | HDFC BANK LTD, MAIN ROAD, BALISIRA, GUNTHA PADA, BHANJANAGAR, GANJAM-761115 |
| 74<br>75<br>76 | 75126234<br>75063711<br>75068326 | NUTAN BEHERA<br>JITUN KUMAR NAYAK<br>PRAMILA BISOI | 82100<br>55000<br>53900 | HDFC BANK LTD, MAIN ROAD, BHANJANAGAR, GANJAM-761126 |
| 77<br>78<br>79<br>80<br>81 | 75293259<br>75289199<br>75724705<br>75293259<br>75879454 | S RENUKA<br>D RAJAMANI<br>LITU PATRA<br>S RENUKA<br>PRASANTA PRADHAN | 436900<br>275700<br>1358000.00<br>436900.00<br>257500.00 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 82<br>83<br>84 | 75088758<br>74869751<br>74313379 | PHAKIR NAIK<br>NIRAL ENEM HORO<br>GITANJALI MANGARAJ | 195000<br>92000<br>27300 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 85<br>86<br>87<br>88<br>89<br>90<br>91 | 75702968<br>75686431<br>75273675<br>74340649<br>74453520<br>75238682<br>75331498 | ARUN KUMAR SAHU<br>PRIYANKA PANI<br>PRASHODINI NAIK<br>SRIKANTA KUMAR RANA<br>SRIKANTA KUMAR RANA<br>GUPTA ADAKATIA<br>SANJAY KHORA | 314400<br>262000<br>118400<br>71700<br>66500<br>47100<br>27800 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 92 | 75619989 | RUKUNI DEEP | 125000 | HDFC BANK LTD, NEAR ILA MEDICAL STORE, SHANTIPARA, BOLANGIR-767002 |
| 93<br>94<br>95<br>96<br>97<br>98 | 75078023<br>75426742<br>75825287<br>75137744<br>75084451<br>74803401 | CHINMAYA KISHORE BIDIKA<br>SURYAKANTA NAYAK<br>DEEPAK KUMAR JENA<br>NAKULA KHEMUNDU<br>CHINMAYA KISHORE BIDIKA<br>SADAN GOUDA | 162000<br>143300<br>130400<br>103700<br>91000<br>32000 | HDFC BANK LTD, NEAR R.T.O OFFICE, NH-26, KORAPUT-764020 |
| 99 | 75079251 | SANTOSH BISOYI | 19600 | HDFC BANK LTD, OPPOSITE TOWN POLICE STATION, PURI-752001 |
| 100 | 75559598 | SANTOSH KUMAR BERIHA | 32600 | HDFC BANK LTD, PARIJAT PALACE COMPLEX, N.A.C. CHHAK, BAUDHGARH, BOUDH-762014 |
| 101 | 75723309 | JAMUNA REDDY | 100400 | HDFC BANK LTD, PATRAPADA, BHUBANESWAR, KHURDA-751019 |
| 102<br>103<br>104<br>105<br>106<br>107<br>108<br>109<br>110<br>111<br>112 | 75447412<br>75458723<br>74502237<br>75660213<br>73457181<br>75356625<br>4000079703<br>75657788<br>75273660<br>75100615<br>75359542 | CH BADAL PRUSTY<br>CH BADAL PRUSTY<br>PRADYUMNA KUMAR SARANGI<br>SASMITA SAHOO<br>MANI SHANKAR DUTTA<br>SANJAY PRADHAN<br>SANJAY PRADHAN<br>ARCHIT GHARAI<br>ARCHIT GHARAI<br>PRAMODANADA MALLIA<br>CHINMAYEE MANGARAJ | 297500<br>250000<br>204000<br>193000<br>120000<br>111000<br>110000<br>41000<br>40000<br>31000<br>18300 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 113 | 74726069 | SK MANSOOR | 62800 | HDFC BANK LTD, PLOT NO 344, CHANDI CHHAK, CUTTACK-753001 |
| 114 | 75277267 | ANADI CHARAN DALAI | 169300 | HDFC BANK LTD, PLOT NO- 447, BHAGWAN TRADE CENTER , NEAR IFFCO SQUARE, ATHARBANKI, PARADEEP-754142 |
| 115<br><br>116 | 502000<br>29556381<br>463233237 | PRADEEP KUMAR SUTAR<br><br>AMBIKA NAYAK | 683468.14<br><br>361800.00 | HDFC BANK LTD, PLOT NO 484/1908, MADHUSUDAN NAGAR, BHUBANESWAR-751012 |
| 117<br>118<br>119<br>120 | 75702017<br>74652740<br>75266673<br>75574046 | PRALINA MUDULI<br>RANJIT KUMAR JENA<br>AMARJIT DAS<br>NIRANJAN ROUT | 470100<br>379000<br>76100<br>54000 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 121 | 75584785 | BIDYADHARA MOHARANA | 66000 | HDFC BANK LTD, PLOT NO-2187, S.N. COLONY ROAD, CHANDABALI, BHADRAK, ODISHA-756133 |
| 122 | 75409431 | RAJ KISHOR JAGDEV | 63000 | HDFC BANK LTD, PLOT NO-323/1000, INFRONT OF NEW BUS STAND, PO-PALLAHATA, KHURDA-762056 |
| 123<br>124 | 75064749<br>75072873 | PURSTAM PRADHAN<br>SULOCHANA KANHAR | 20000<br>15900 | HDFC BANK LTD, PLOT NO-758/3631/4648, GANDHI CHOWK, ATHMALLIK, ANGUL, ODISHA-759125 |
| 125 | 75697103 | KUNTI BEHERA | 80000 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 126 | 74518632 | KOUTUKA SAHU | 40000 | HDFC BANK LTD, RAJIV GANDHI CHOWK, KESINGA, KALAHANDI-766012 |
| 127 | 75844293 | MOHAMMAD JEET | 300100 | HDFC BANK LTD, S. N. PLAZA, NH - 5, NEULPUR, CHANDIKHOL-755024 |
| 128<br>129<br>130<br> | 75250964<br>75248117<br>75257992<br>75725321 | ABHIRAM DAS<br>MANOJ KUMAR SAMAL<br>MANOJ KUMAR SAMAL<br>ANIQUA BEGUM | 110700<br>56900<br>38600<br>110700.00 | HDFC BANK LTD, SALEPUR MAIN ROAD, SALEPUR, CUTTACK-754202 |
| 131<br>132<br>133<br>134 | 75288033<br>75723039<br>75276301<br>75356345 | SUNITA KUMARI BEHERA<br>SUBHASISH NAYAK<br>RAMA CHANDRA BEHERA<br>KAILASH CHANDRA SAHU | 774700<br>407600<br>336400<br>294400 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |
| 135<br>136 | 75136300<br>75779717 | GYANA PRAKASH ROUT<br>PRADEEPTA DAS | 96000<br>52000 | HDFC BANK LTD, VIP PLAZA, VIP ROAD, PURI-752001 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 12/06/2025,**
**Place : ODISHA**

**Sd/- Authorized Officer, HDFC BANK LTD.**

# ଚାଷୀଙ୍କଠୁ ଭାରତ ମସଲା କିଣିଲା ୨ଏମ୍‌ଟି ଶୁଖିଲାଅଦା




**ଭୁବନେଶ୍ୱର,୧୧।୬**

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ମସଲା ଉଦ୍ୟୋଗ ଭାରତ ମସଲା ନିକଟରେ ଝାରସୁଗୁଡ଼ା ଜିଲାସ୍ଥିତ ଲକ୍ଷଣପୁର ବ୍ଲକ୍‌ର ଚାଷୀମାନଙ୍କଠାରୁ ୨ ମେଟ୍ରିକ ଟନ୍ (ଏମ୍‌ଟି) ଶୁଖିଲା ଅଦା କ୍ରୟ କରିଛି। ଅପରପକ୍ଷରେ କୃଷିଜାତ ଦ୍ରବ୍ୟକୁ ସିଧାସଳଖ କୃଷକମାନଙ୍କଠାରୁ କ୍ରୟକରି କମ୍ପାନୀ ପରୋକ୍ଷରେ ସେମାନଙ୍କୁ ସାହାଯ୍ୟ କରିବା ସହ ପୂର୍ବରୁ ମଧ୍ୟ ପ୍ରୋତ୍ସାହନ ଯୋଗାଇ ଆସୁଛି। ସେହିଭଳି ଚୁକ୍ତିନାମା ଅନୁଯାୟୀ ଭାରତ ମସଲା ଚାଷୀଙ୍କଠାରୁ କୃଷିଜାତ ଦ୍ରବ୍ୟ ସିଧାସଳଖ କ୍ରୟ କରୁଥିଲାବେଳେ ଓର୍ମାସ ମଧ୍ୟ ଆବଶ୍ୟକ ସହଯୋଗ ପ୍ରଦାନ କରିଥିଲା। ଉଲ୍ଲେଖଯୋଗ୍ୟ, କୋଇଲି ଗୁଗୁର ଫାର୍ମର ସଂସ୍ଥାକୁ ଏଫ୍‌ପିଓ ମାଧ୍ୟମରେ ବୈଷୟିକ ତାଲିମ ଦେଇ ଉନ୍ନତ ମାନର ଶୁଖିଲା ଅଦା (ଜିଞ୍ଜର ଚିପ୍‌ସ) ଉତ୍ପାଦନ କରିବାରେ ଉଭୟ ଓର୍ମାସ ଓ ଭାରତ ମସଲା ଆବଶ୍ୟକ ସହାୟତା ପ୍ରଦାନ କରିଥିଲା। ଫଳରେ ଚାଷୀମାନେ ପୂର୍ବରୁ ବିନା ପ୍ରକ୍ରିୟାରେ ଅଦା କେଜି ମାତ୍ର ୪୦ ଟଙ୍କାରେ ବିକ୍ରି କରୁଥିବାବେଳେ ବର୍ତ୍ତମାନ ନୂତନ ପ୍ରକ୍ରିୟାରେ ବହୁ ଅଧିକ ମୂଲ୍ୟରେ ଭାରତ ମସଲାକୁ ଏହା ବିକ୍ରି କରୁଛନ୍ତି। ଅପରପକ୍ଷରେ ପ୍ରଥମ ଥର ପାଇଁ ଚାଷୀମାନଙ୍କଠାରୁ ଭାରତ ମସଲା ୨ ଏମ୍‌ଟି ଶୁଖିଲା ଅଦା କ୍ରୟ କରିଛି। ତେବେ ଆଗକୁ କମ୍ପାନୀ ୫୦ ଏମ୍‌ଟି ଶୁଖିଲା ଅଦା କ୍ରୟକରିବ ବୋଲି ଆକଳନ କରାଯାଉଥିଲା ବେଳେ ଚାଷୀମାନଙ୍କୁ ଅଧିକ ଅଦାଚାଷ କରିବାକୁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇଦେବ ବୋଲି ଭାରତ ମସଲାର ଏମ୍‌ଡି ସୁଶାନ୍ତ କୁମାର ପଣ୍ଡା ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିପରି କମ୍ପାନୀ ପୂର୍ବରୁ ବାମଡ଼ା, କୁଚିଣ୍ଡା, ଦେବଗଡ଼ ଏବଂ ଗଞ୍ଜାମ ଭଳି କୃଷିଭିତ୍ତିକ ଅଞ୍ଚଳରୁ ଶୁଖିଲା ଲଙ୍କା ସଂଗ୍ରହ କରିଛି। ଏପରିକି ଭାରତ ମସଲା ମଧ୍ୟ ବିଭିନ୍ନ ଜିଲାରୁ ଟମାଟୋ ସଂଗ୍ରହକରି ଚାଷୀମାନଙ୍କୁ ମିଡିଲ ମ୍ୟାନମାନଙ୍କ ଶୋଷଣରୁ ରକ୍ଷାକରିବା ସହ ପରୋକ୍ଷରେ କମ୍ପାନୀ ଅନେକ ପ୍ରକାର ସହଯୋଗ କରିଆସୁଛି। ଏହି ପରିପ୍ରେକ୍ଷୀରେ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡାଙ୍କ ସମେତ ଓର୍ମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଉଠା ଫଳଦୋକାନ ଉଚ୍ଛେଦକୁ ବିରୋଧ

**ଭୁବନେଶ୍ୱର,୧୧।୬(ଅନୁରାଧା ମହାରଣା)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ରାଜମହଲରୁ ଏଜି ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଥିବା ଉଠାଦୋକାନ ଉଚ୍ଛେଦକୁ ବିରୋଧ କରାଯାଇଛି। ୫୦ରୁ ଊର୍ଦ୍ଧ୍ୱ ଉଠାଦୋକାନୀ ରାଜମହଲ-ଏଜି ମୁଖ୍ୟ ରାସ୍ତାରେ ଧାରଣା ଦେଇ ପ୍ରତିବାଦ କରିଛନ୍ତି। ବିଏମ୍‌ସି ବିନା ନୋଟିସ୍‌ରେ ଉଚ୍ଛେଦ କରୁଥିବା ଉଠାଦୋକାନୀମାନେ ଅଭିଯୋଗ କରିଥିଲେ।

ବିଏମ୍‌ସି ଉଚ୍ଛେଦକାରୀ ଦଳ ଓ ଉଠାଦୋକାନୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଦେଖାଦେଇଥିଲା। ପୋଲିସର ହସ୍ତକ୍ଷେପ ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ବିଏମ୍‌ସି ଅଧିକାରୀମାନେ ଉଠାଦୋକାନୀଙ୍କ ସହ ଆଲୋଚନା ପରେ ରାସ୍ତା ଅବରୋଧ ହଟିଥିଲା ଓ ଯାତାୟାତ ସ୍ୱାଭାବିକ ହୋଇଥିଲା।



ଉଠା ଦୋକାନୀମାନେ ରାସ୍ତା ଅବରୋଧ କରିଛନ୍ତି। ଆନ୍ଦୋଳନ ଯୋଗୁ ଗାଡ଼ି ଅଟକି ରହିଛି।

ଉଠାଦୋକାନୀ ମହାସଂଘ ସଭାପତି ପ୍ରତାପ ସାହୁ କହିଛନ୍ତି, ସମ୍ପୃକ୍ତ ଅଞ୍ଚଳରେ ଉଚ୍ଛେଦ କରାଯିବ ନାହିଁ ଓ ବିଏମ୍‌ସିର କୌଣସି ସ୍କ୍ୱାଡ୍ ଲାଞ୍ଚ ମାଗିଲେ ଉଠାଦୋକାନୀମାନେ ଦେବେ ନାହିଁ ବୋଲି ଉଠାଦୋକାନୀ ଓ ବିଏମ୍‌ସି ମଧ୍ୟରେ ଗତ ୨୪ ତାରିଖରେ ହୋଇଥିବା ବୈଠକରେ ନିଷ୍ପତ୍ତି ହୋଇଥିଲା। ବିଏମ୍‌ସି ନିୟମିତ ଉଠାଦୋକାନୀଙ୍କଠାରୁ ରାଜସ୍ୱ ନେବ ବୋଲି ମଧ୍ୟ କୁହାଯାଇଥିଲା। ବିଏମ୍‌ସି ରାଜସ୍ୱ ବିଭାଗ ଡେପୁଟି କମିଶନରଙ୍କ ସହ ମଧ୍ୟ ଏନେଇ ଆଲୋଚନା କରାଯାଇଥିଲା। କିଛିଦିନ ତଳେ ବିଏମ୍‌ସିର ସ୍କ୍ୱାଡ୍ ଉଠାଦୋକାନୀଙ୍କୁ ମାଗଣାରେ ଫଳ ମାଗିଥିଲେ। ଉଠାଦୋକାନୀ ଫଳ ଦେବାକୁ ମନା କରିଦେବାରୁ ଆକ୍ରୋଶମୂଳକ ଭାବେ ଉଚ୍ଛେଦ କରାଯାଉଥିବା ସେ ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ବିଏମ୍‌ସି ଅଧିକାରୀ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ନିୟମିତ ବିଏମ୍‌ସି ଟିମ ରାସ୍ତା ଉପରକୁ ମାଡ଼ି ଆସିଥିବା ଉଠାଦୋକାନଗୁଡ଼ିକୁ ଉଚ୍ଛେଦ କରାଯାଉଥିବା କୁହାଯାଇଛି।


## ପୂର୍ବ ତଟ ରେଳପଥ

ଫାଇଲ୍ ନଂ.DRM/Engg/KUR/25-26/E-Tender/25,ତା.09.06.2025ରିଖ

ଟେଣ୍ଡର ସଂ.e-tender-EASTKUR-55-2025,ତା.28.05.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ରେଳବାଇ ଧାତୁ/GFN ଲାଇନରେ ପ୍ରସ୍ତାବିତ ଏଣ୍ଡ୍ କଟିଙ୍ଗ୍ ଏବଂ ଗ୍ରାଉଣ୍ଡିଙ୍ଗ୍ ତଥା ଠିକାଦାରଙ୍କ ସମ୍ପୂର୍ଣ୍ଣ ଉପକରଣ ଏବଂ କାରଖାନା (Plants), ଶ୍ରମିକ, ଉପଭୋଗ୍ୟ ସାମଗ୍ରୀ ଇତ୍ୟାଦି ସହିତ ସେଗୁଡ଼ିକୁ ଜଏଣ୍ଟଗୁଡ଼ିକ ଠାରେ ଉପଲବ୍ଧ କରାଇବା।

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 12/06/2025,**
**Place : ODISHA**

**Sd/- Authorized Officer, HDFC BANK LTD.**

# ହାତୀବେଶରେ ଦର୍ଶନଦେଲେ ଚତୁର୍ଦ୍ଧାମୂର୍ତ୍ତି



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୧୧।୬।୨୦୨୫

| | |
|---|---|
| ୩,୭୩,୪୧୦ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

କାକଟପୁର/ଅସ୍ତରଙ୍ଗ/ପିପିଲି/କୋଣାର୍କ, ୧୧।୬ (ଶୁଭଦର୍ଶନ ମିଶ୍ର/ପ୍ରଦୀପ କୁମାର ବାରିକ/ଦୁର୍ଗାମାଧବ ମିଶ୍ର/ପ୍ରଭାତ ମହାପାତ୍ର/ଜ୍ୟୋତିରାଜ ମହାନ୍ତି)

ଦେବସ୍ନାନ ପୂର୍ଣ୍ଣିମାରେ ଅସ୍ତରଙ୍ଗ ବ୍ଲକ ବଣ୍ଡିଲୋଠାରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉମାନଙ୍କ ସ୍ନାନନୀତି ଶେଷହୋଇ ପ୍ରଭୁ ହାତୀବେଶରେ ଦର୍ଶନ ଦେଇଛନ୍ତି। ପ୍ରାତଃ ସମୟରେ ମନ୍ଦିରରେ ମଙ୍ଗଳଆଳତି ସହ ହୋମ, ପୁଷ୍ପାଞ୍ଜଳି କରାଯାଇ ପରେ ଦ୍ୱାରଫିଟା, ଖେଚୁଡ଼ି ଭୋଗ, ପୁଷ୍ପାଞ୍ଜଳି ଦିଆଯାଇଥିଲା। ଗୋଲୁ ସ୍ନାନମଣ୍ଡପ ଶୋଧ କରାଯାଇ ପ୍ରତିଷ୍ଠା କରାଯାଇଥିଲା। ସେବାୟତମାନେ ଗୋଟିପହଣ୍ଡିରେ ପ୍ରଥମେ ଶ୍ରୀସୁଦର୍ଶନ, ପ୍ରଭୁ ବଳଭଦ୍ର, ମା' ସୁଭଦ୍ରା ଓ ଶେଷରେ ଜଗନ୍ନାଥଙ୍କୁ ଆଣି ସ୍ନାନମଣ୍ଡପରେ ବିଜେ କରାଯାଇଥିଲା। ଏହି ସମୟରେ ତ୍ରାସ୍, ଛତ୍ରୀ, ଚାମର ବିଞ୍ଚଣା, ଶଙ୍ଖ, କାହାଳି ବାଦନରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ରୀତିନୀତି ଅନୁଯାୟୀ ବିଗ୍ରହମାନଙ୍କ ଉପରେ ଶ୍ୱେତସୋରିଷ, ଯବଧାନ, ରକ୍ତଚନ୍ଦନ, ମହୁ, କ୍ଷୀର, ହଳଦୀ ମିଶାଯାଇ ପ୍ରଲେପ କରାଯାଇଥିଲା। ପରେ ଗଜମୌଷଧି, ସର୍ବମୌଷଧି ଶ୍ରୀଅଙ୍ଗରେ ଲାଗି କରାଯିବା ପରେ ବଳଭଦ୍ର, ମା' ସୁଭଦ୍ରା, ଶ୍ରୀଜଗନ୍ନାଥ ଓ ସୁଦର୍ଶନଙ୍କୁ କଳସରେ ଥିବା ଅଭିମନ୍ତ୍ରିତ ଜଳରେ ସେବାୟତମାନେ ସ୍ନାନ କରାଇଥିଲେ। ଏହାପରେ ଠାକୁରମାନଙ୍କୁ ନୂତନ ବସ୍ତ୍ର, ଚନ୍ଦନ, ତୁଳସୀ ଆଦି ଲାଗିପରେ ଚାହିଁଆ ଲଗାଯାଇଥିଲା। ତା'ପରେ ନୈବେଦ୍ୟ, ଆଳତି ଓ ଉପଚାର ନୀତି କରାଯାଇଥିଲା। ଅପରାହ୍ନରେ ଶ୍ରୀଜୀଉମାନଙ୍କର ହାତୀବେଶ କରାଯାଇଥିଲା। ପରେ ବିଭିନ୍ନ ନୀତି କରାଯାଇ ଅଣସର ଗୃହକୁ ପଠାଯାଇଥିଲା। କାର୍ଯ୍ୟକ୍ରମରେ ମନ୍ଦିର ବରିଷ୍ଠ ବେଲାଖସନ ପାଢ଼ୀ, ଅଜୟ ଦୀକ୍ଷିତ, ସୁକଳ ପାଢ଼ୀ, ଶ୍ୟାମସୁନ୍ଦର ପାଢ଼ୀଙ୍କ ସମେତ ମନ୍ଦିର ଟ୍ରଷ୍ଟର କର୍ମକର୍ତ୍ତାଙ୍କ ସହଯୋଗ କରିଥିଲେ। ସେହିପରି ପିପିଲି ବ୍ଲକ ଅନ୍ତର୍ଗତ ରୂପଦେଉପୁର ଗ୍ରାମର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମା' ସୁଭଦ୍ରା ଓ ଶ୍ରୀସୁଦର୍ଶନ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସ୍ନାନଯାତ୍ରା ବହୁ ଆଡ଼ମ୍ବରରେ ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ସହ ଓଡ଼ିଶୀ, ଗୋଟିପୁଅ, ଭଜନ ସମାରୋହ ବ୍ୟବସ୍ଥା କରାଯାଇଥିଲା। ବିଭିନ୍ନ ପ୍ରହରରେ ପୂଜା ପରେ ବହୁ ପ୍ରସିଦ୍ଧ ନାଗାରୀମାନଙ୍କ ଆରତ୍ର ସେବା ସହ ନାଗାପାତ୍ର ଗୁରୁବାର ଓ ଶୁକ୍ରବାର ହେବ ବୋଲି ଶ୍ରୀମନ୍ଦିରର ମୁଖପାତ୍ର ଆଇନଜୀବୀ ଡ. ସୂର୍ଯ୍ୟ ପ୍ରକାଶ ମିଶ୍ର ସୂଚନା ଦେଇଛନ୍ତି। କୋଣାର୍କସ୍ଥିତ ରାଜାରାମ ମଠ ପରିସରରେ ଥିବା ଶ୍ରୀଜଗନ୍ନାଥ ଟ୍ରଷ୍ଟ ପକ୍ଷରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପବିତ୍ର ଦେବସ୍ନାନ ନୀତି ଧାର୍ମିକ ପରମ୍ପରା ଓ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ପରେ ସ୍ନାନମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ହାତୀବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସନ୍ଧ୍ୟାରେ ଯୁବ ଗାୟିକା ଜୟଦେବ ମିଶ୍ର ଓ ସାଥୀ କଳାକାରଙ୍କ ଦ୍ୱାରା ଆଧ୍ୟାତ୍ମିକ ଓ ଚେତନାଧର୍ମୀ ଭଜନମାନ ପରିବେଷଣ କରାଯାଇଥିଲା।


କୋଣାର୍କସ୍ଥିତ ରାଜାରାମ ମଠ ପରିସରରେ ଚତୁର୍ଦ୍ଧା ବିଗ୍ରହଙ୍କ ହାତୀବେଶ ।

## ଶ୍ରୀମନ୍ଦିର ଉପରେ ପୁଣି ଉଡ଼ିଲା ଡ୍ରୋନ୍

ପୁରୀ,୧୧।୬(ଅଜିତ କୁମାର ମହାନ୍ତି)

ଶ୍ରୀମନ୍ଦିର ଏବଂ ଏହାର ଆଖପାଖ ଅଞ୍ଚଳରେ ଡ୍ରୋନ ଉଡ଼ାଇବା ପରେ କଟକଣା ରହିଛି। ଏହାସତ୍ତ୍ୱେ ବୁଧବାର ସ୍ନାନଯାତ୍ରା ଅବସରରେ ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ିଛି। ଆଣ୍ଟି ଟେରୋରିଷ୍ଟ ସ୍କ୍ୱାଡ୍ ନିୟୋଜିତ ଥାଇ ମଧ୍ୟ ଭକ୍ତଙ୍କ ମୁଣ୍ଡ ଉପରେ ଏବଂ ନୀଳଚକ୍ର ପାଖରେ ଏକ ଡ୍ରୋନ ଚକ୍କର କାଟିଥିଲା। ଦୀର୍ଘ ସମୟ ଧରି ଏହି ଡ୍ରୋନ ସ୍ନାନବେଦିର ଫଟୋ ଉତ୍ତୋଳନ କରିଥିଲା। ପରେ ଏହା ନୀଳଚକ୍ରର ଅତି ନିକଟକୁ ଯାଇ ଚିତ୍ର ଉତ୍ତୋଳନ କରିଥିଲା। ନୋ ଫ୍ଲାଇଂ ଜୋନ୍ ଘୋଷଣା ହୋଇଥିବାରୁ ଡ୍ରୋନ୍ ଉଡ଼ାଇବା ଉପରେ କଟକଣା ଲାଗୁହୋଇଥିବା ବେଳେ ଡ୍ରୋନ ଉଡ଼ିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଏସ୍‌ପି ବିନିତ ଅଗ୍ରୱାଲ କହିଛନ୍ତି, ଯେଉଁ ଡ୍ରୋନ ଉଡୁଥିଲା, ତାହା ପ୍ରଶାସନର ଅନୁମତି ନେଇଥିଲା ।

## ଶ୍ରୀ ପତିତପାବନ ଦେବଙ୍କ ଗଜାନନ ବେଶ

ନିମାପଡ଼ା,୧୧।୬(ବିଚିତ୍ରାନନ୍ଦ ସାହୁ)

ଦେବସ୍ନାନ ପୂର୍ଣ୍ଣିମା ଅବସରରେ ନିମାପଡ଼ା ଅଞ୍ଚଳର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ପତିତପାବନ ଦେବଙ୍କ ଦେବସ୍ନାନ ପୁରୀ ଶ୍ରୀମନ୍ଦିର ନୀତିକାନ୍ତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ବୁଧବାର ପ୍ରାତଃରେ ଠାକୁରଙ୍କ ଦ୍ୱାରଫିଟା ନୀତି ପରେ ମନ୍ଦିର ବେଢ଼ାରେ ଥିବା କୁଅରୁ ୧୦୮ ଗରା ସୁବାସିତ ଜଳରେ ପ୍ରଭୁ ଶ୍ରୀ ପତିତପାବନ ଦେବଙ୍କ ମହାସ୍ନାନ କରାଯାଇଥିଲା। ପରେ ମଙ୍ଗଳ ଆଳତି ନୀତି ପରେ ପାଣି, ବାଳଭୋଗ ସହ ମଧ୍ୟାହ୍ନରେ ଅବଢ଼ା ଭୋଗ ହୋଇଥିଲା। ସନ୍ଧ୍ୟାରେ ଆଳତି ହୋଇଥିଲା। ଅପରାହ୍ନ ୪ଟାରେ ପ୍ରଭୁଙ୍କ ହାତୀ ବେଶ କରାଯାଇଥିଲା। ପ୍ରଭୁଙ୍କ ଏହି ବେଶକୁ ଦେଖିବାକୁ ମନ୍ଦିରରେ ବହୁ ଲୋକଙ୍କ ଭିଡ଼ ଜମିଥିବା ଠାକୁରଙ୍କ ପୂଜକ ଲକ୍ଷ୍ମୀଧର ଦାଶ ଓ ଚିତ୍ତରଞ୍ଜନ ଦାଶ କହିଛନ୍ତି।

## ସ୍ନାନମଣ୍ଡପରେ ଠାକୁରଙ୍କୁ ଛୁଇଁଲେ ଭକ୍ତ

ପୁରୀ ୧୧।୬( ଅଜିତ କୁମାର ମହାନ୍ତି)

ସ୍ନାନମଣ୍ଡପ ଉପରେ ସାହାଣମେଲା ସମୟରେ ଭକ୍ତମାନେ ଶ୍ରୀବିଗ୍ରହଙ୍କ ସ୍ପର୍ଶ ନ କରିବାକୁ ନିର୍ଦ୍ଦେଶ ରହିଥିବାବେଳେ ତାହାର ଉଲ୍ଲଂଘନ ଦେଖିବାକୁ ମିଳିଛି। ଯାହାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ସୂଚନାଯୋଗ୍ୟ, କିଛି ବର୍ଷ ହେବ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସ୍ପର୍ଶ ନ କରି ଦୂରରୁ ମହାପ୍ରଭୁଙ୍କ ଦର୍ଶନ କରିବାକୁ ନିର୍ଦ୍ଦେଶ ରହିଛି। ମାତ୍ର ନିର୍ଦ୍ଦେଶକୁ ବେଖାତିର କରି ଅନେକ ଭକ୍ତ ସ୍ନାନ ମଣ୍ଡପକୁ ଯାଇ ଶ୍ରୀବିଗ୍ରହଙ୍କୁ ସ୍ପର୍ଶ କରି ଦର୍ଶନ କରିଥିବା ଦେଖିବାକୁ ମିଳିଛି। ଏହି ଗହଳି ମଧ୍ୟରେ ଠାକୁରଙ୍କୁ ଛୁଇଁବା ପାଇଁ ଭକ୍ତଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗିବା ଭଳି ପ୍ରତ୍ୟୟମାନ ହୋଇଥିଲା।

**ପୂର୍ବ ତଟ ରେଳପଥ**

ଫାଇଲ ନଂ.DRM/Engg/KUR/25-26/E-Tender/25,ତା.09.06.2025ରିଖ

ଟେଣ୍ଡର ନଂ.e-tender-EASTKUR-55-2025,ତା.28.05.2025ରିଖ

ବିବରଣୀ : ... 57.72 ଲକ୍ଷ, EMD : 1,15,500/-, ... 06 ମାସ। ... 20.06.2025 ... 1500 ...

... www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍

PR-221/Q/25-26

**EKLAVYA MODEL RESIDENTIAL SCHOOL**
KUCHINDA, DIST.: SAMBALPUR (768222), ODISHA

**SHORT TENDER CALL NOTICE FOR HIRING OF VEHICLE**

Letter No. 281 Date: 12.06.2025

Sealed tenders are invited in the prescribed format from registered transport agencies/vehicle owners for hiring of vehicles on a monthly/need basis for official use at EMRS Kuchinda, Dist.: Sambalpur Odisha.

**Tender Details:**
- Tender issue Date: 13.06.2025
- Last date for submission: 30.06.2025
- Tender forms and terms & conditions can be obtained from the school website **https://emrskuchinda.com** or office during working hours.
- Date and time of opening of tender documents - Intimated later on.

Interested parties may submit their sealed quotations with all required documents to the Principal, EMRS Kuchinda, Dist.: Sambalpur Odisha by the due date.

Notwithstanding anything contained to the contrary in the tender document, the undersigned reserves the right to cancel/ modify "invitation for bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

Principal, EMRS Kuchinda, Samablpur

**DISTRICT PROJECT MANAGEMENT UNIT, (PM-POSHAN), ANGUL**
(DISTRICT EDUCATION OFFICE, ANGUL)
No. 3851/MDM/ Date.10.06.2025

**TENDER CALL NOTICE**

(Engagement of Manpower Service Providing Agency for providing Programmer-cum- Accountant and Data Entry Operators)

Sealed tenders are invited from Registered Manpower Service Providing Agencies to provide 1no's of Programmer-cum-Accountant and 9 no's of Data Entry Operators (DEOs) for **PM-Poshan Scheme** who are to be engaged at Programmer-cum- Accountant at DPMU and 8 Data Entry Operators at BEO offices at Block HQ & 1 Data Entry Operators at DPMU, **PM- Poshan**, Angul respectively for a period of one year. The interested Bidders shall submit the technical & financial Bid along with tender paper cost of Rs.5,000/- (non-refundable) latest by **05.07.2025 (04.00 P.M.)** at the Office of the District Education Officer, Angul. Tender Papers shall be opened on **10.07.2025 at 03:00 P.M.** the Office Chamber of the Collector & District Magistrate, Angul. For detailed terms & conditions kindly visit district website **https://angul.odisha.gov.in**. The authority reserves the right to reject any or all tenders without assigning any reason thereof.

By order of the Collector-cum-Chairman (MDM) Angul

Sd./- District Education Officer-cum-District Nodal Officer (MDM) Angul

**जिला दण्डाधिकारी एवं उपायुक्त का कार्यालय, पूर्वी सिंहभूम, जमशेदपुर**
(जिला योजना)

**Expression of Interest (EOI)**

पूर्वी सिंहभूम जिला अंतर्गत Project Aamdani – Food Cart for Transgender and Women in East Singhbhum District (JNAC, Mango Nagar Nigam and Jugsalai Nagar Parishad) से संबंधित Expression of Interest (EOI) इच्छुक प्रतिष्ठित फर्म / संस्थान से दर आमंत्रित किया जाता है।

इच्छुक प्रतिष्ठित फर्म / संस्थान **दिनांक–25.06.2025 के अपराह्न 01:00 बजे तक** जिला योजना कार्यालय, पूर्वी सिंहभूम (समाहरणालय जमशेदपुर) में Expression of Interest (EOI) जमा कर सकते हैं। इस संबंध में विस्तृत विवरणी पूर्वी सिंहभूम जिला के वेबसाईट https://jamshedpur.nic.in पर देखा जा सकता है।

जिला योजना पदाधिकारी,
पूर्वी सिंहभूम, जमशेदपुर।

PR 354660 (Planning and Development) 25-26 (D)

**EKLAVYA MODEL RESIDENTIAL SCHOOL**
KUCHINDA, SAMBALPUR, ODISHA - 768222

**ADVERTISEMENT**

**APPOINTMENT OF TEACHERS ON CONTRACTUAL BASIS FOR 2025-26**

A Walk-in-Interview will be conducted on 25.06.2025 in the School premises from 7.30 A.M. to 9.00 A.M. (Certificate Verification) and 9.00 onwards Walk-in-Interview in order to prepare a panel of contractual teachers in the following subjects for the academic session 2025-26 for EMRS, Kuchinda (Sambalpur) & EMRS, Kirmira (Jharsuguda). Interested candidates having the requisite qualification may send their Bio-data along with a set of self attested copies of academic qualification certificate with marksheet, experience certificate (if any) on or before 25.06.2025 to the school postal address or to the mail - **emrskuchinda2018@gmail.com**

**VENUE OF INTERVIEW: AT EMRS, KUCHINDA, SAMBALPUR**

| Sl. No. | Name of Post | Consolidated Pay per Month | Qualification | Age Limit |
|---|---|---|---|---|
| 1. | PGT (History)<br>PGT (Economics)<br>PGT (Geography)<br>For both the Schools | Per Period Rs.320/- & restricted to 45000/- | MA in concerned subject with at least 50% marks from any recognized University/ Institute with B.Ed. or equivalent & proficiency in teaching in Hindi and English. | 62 years |
| 2. | PET (Male)<br>For EMRS Kirmira | Per Period Rs.300/- & restricted to 42000/- | Bachelor's Degree in Physical Education from a recognized institute/university | 62 years |

**NOTE:**
1. Preference will be given to the eligible candidates having knowledge and experience of Computer application.
2. No TA & DA will be paid for attending interview.
3. Remuneration and working hours as per EMRS norms.
4. A set of photo copies of all original certificate and mark sheets should be submitted at the time of interview.
5. Candidates are requested to report for certificate verification and submission of testimonial at 7.30 A.M.

PRINCIPAL

ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

सत्यमेव जयते

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬

**ସର୍ବସାଧାରଣ ବିଜ୍ଞପ୍ତି**

*[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]*

ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୪-୨୫/୫୦୯ ତାରିଖ:- ୦୩।୦୬।୨୦୨୫

ସନ୍ଦର୍ଭ: (୧) କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୩)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବିଏ୩୭୮୬୩୩୦ | ୟୁ୦୧୪୦୦ଓଆର୍୨୦୨୧ପିଟିସି୦୩୭୭୦୮ | ମୋ ଚାଷୀ ଭାଇ ଫାର୍ମର୍ସ ପ୍ରଡ୍ୟୁସର୍ କମ୍ପାନୀ ଲିମିଟେଡ୍ |
| ୨ | ଏବିଏ୩୯୮୫୬୯୬ | ୟୁ୪୫୨୦୧ଓଆର୍୨୦୨୦ପିଟିସି୦୩୪୫୯୬ | ସେଭେନ୍ ନାଇନ୍ ଇନ୍‌ଫ୍ରା ପ୍ରାଇଭେଟ୍ ଲିମିଟେଡ୍ |
| ୩ | ଏବିଏ୩୭୮୨୪୯୧ | ୟୁ୭୪୯୯୯ଓଆର୍୨୦୧୮ପିଟିସି୦୨୯୭୩୩ | କୋଭେଣ୍ଟ ଗାର୍ଡେନ୍ ମେଣ୍ଟେନାନ୍ସ ପ୍ରାଇଭେଟ୍ ଲିମିଟେଡ୍ |

(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।
(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।
(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।

ଇର୍କନ ତିର୍କୀ, ସହକାରୀ ନିବନ୍ଧକ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର

CBC 07123/11/0241/2526

HDFC BANK
We understand your world

**AUCTION SALE NOTICE**

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 19-Jun-2025 from 2:30 Pm onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 75693369 | RAJANIKANTA MISHRA | 405500 | HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 2 | 73460498 | JAYANTA SAHU | 130782 | |
| 3 | 75120655 | RATIKANTA BAIDHANK | 50000 | |
| 4 | 74622028 | NAMRATA MOHARANA | 26000 | |
| 5 | 74602375 | MANJEET SINGH | 107100 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 6 | 75593090 | TAPAN KUMAR DEHURY | 28900 | |
| 7 | 75702406 | AJIT BHOI | 96100 | HDFC BANK LTD, AT-PANDUA, PO-KOTAGARA, AANLABARENI, DHENKANAL-759026 |
| 8 | 75139955 | SUMITRA GARNAYAK | 67700 | |
| 9 | 75540302 | SIMARANI BISWAL | 32100 | |
| 10 | 75421160 | DIPAK KUMAR SAHOO | 287400.00 | |
| 11 | 75251615 | SATYANANDA BEHERA | 284000.00 | |
| 12 | 75706569 | ANSUMAN MAITY | 46500 | HDFC BANK LTD, BARBIL JODA HIGHWAY, KEONJHAR, BARBIL-758035 |
| 13 | 74752638 | PRASANT KUMAR NAYK | 26920 | HDFC BANK LTD, BESIDE TAHASIL OFFICE, CHANDINI CHOWK, CUTTACK-753002 |
| 14 | 75286203 | JHUNU PADHI | 32000 | HDFC BANK LTD, BHABA NAGAR SQUARE, BRAHMAPUR, GANJAM-760004 |
| 15 | 74886060 | AJIT KUMAR SAHU | 138500 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 16 | 5020004 8332481 | SATYAPRIYA PRADHAN | 212031.82 | |
| 17 | 75686859 | MITALI DUTTA | 286800.00 | |
| 18 | 75647572 | MOHAMMAD RIZWAN | 550000 | HDFC BANK LTD, C/O-PRITI AUTO COMBINE, GOL BAZAR, SAMBALPUR-768001 |
| 19 | 75117096 | BANAMBER MOHANTY | 73500 | |
| 20 | 75467299 | SRIKANTA SWAIN | 42600 | HDFC BANK LTD, CHANDVALI CHOWK, ATHGARH-754029 |
| 21 | 75139527 | DHIREN MOHAPATRA | 100500 | HDFC BANK LTD, DHIPASAHI, STATION ROAD, BARIPADA-757001 |
| 22 | 75423140 | SK AZHAR UDDIN | 281100 | HDFC BANK LTD, DURGA BAZAR, JAGATSINGHAPUR, ORISSA-754103 |
| 23 | 75629450 | RAJKISHORE PARIDA | 178800 | |
| 24 | 75218668 | RAJKISHORE PARIDA | 177400 | |
| 25 | 75389211 | RAJKISHORE PARIDA | 129000 | |
| 26 | 75448638 | RAJKISHORE PARIDA | 108800 | |
| 27 | 75839013 | RATNAKAR MALLICK | 85200 | |
| 28 | 75760219 | CHARULATA JENA | 40800 | |
| 29 | 75235520 | LINGARAJ RANA | 35200 | |
| 30 | 75808800 | CHARULATA JENA | 34300 | |
| 31 | 75601188 | MD SAHIL KHAN | 26000 | |
| 32 | 75137526 | DHANANJAYA SAHOO | 105000.00 | HDFC BANK LTD, DWIBEDI BHAWAN, BISRA ROAD, ROURKELA-769001 |
| 33 | 75133359 | DILESWARI SAHU | 48300 | |
| 34 | 73992698 | SOUMYA MOHANTA | 31200 | |
| 35 | 75111985 | LITU MUDULI | 29000 | HDFC BANK LTD, GAJANAN TOWERS, UPPER GROUND FLOOR, PLOT NO-60, BUDHA NAGAR, KALPANA SQUARE, BHUBANESWAR-751006 |
| 36 | 74534348 | ANIL KUMAR MALLICK | 61200 | HDFC BANK LTD, GANESH TALKIES SQUARE, NIMAPARA, PURI-752106 |
| 37 | 74553081 | MANOJ NAYAK | 19500 | |
| 38 | 74464271 | ANIL KUMAR MALLICK | 14200 | |
| 39 | 75436201 | K RAMESH CHOUDHARY | 187800 | HDFC BANK LTD, GANESWARPUR, REMUNA GOLAI, BALASORE-756019 |
| 40 | 75136649 | SUBRAJA KISHOR ROUT | 54900 | HDFC BANK LTD, GHASIPURA, ANANDPUR, KEONJHAR -758015 |
| 41 | 465332758 | NIBA BISHOYI | 846000 | HDFC BANK LTD, GRD. FLOOR, MAIN ROAD, OLD CINEMA HALL CHAKA, NEAR UNION BANK-II, HINJILICUT, GANJAM-761102 |
| 42 | 75136090 | GOLAKHA CH MALIK | 51000 | HDFC BANK LTD, GROUND & 1ST FLOOR, PANCHAYAT SAMITI, DHARMASALA, JARAKA-755008 |
| 43 | 75091216 | SUNIL SAHU | 16500 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 44 | 75593676 | S AJITKUMAR PATRA | 44500 | HDFC BANK LTD, GROUND FLOOR, MAIN ROAD CHIKITI PENTHA, GANJAM-761010 |
| 45 | 75111726 | PRADEEP KUMAR PUJARI | 61600 | HDFC BANK LTD, GROUND FLOOR, NUAGUDA, OPP. FCI-I, ARTS COLLEGE ROAD, MALKANAGIRI-764048 |
| 46 | 74415414 | SRIMANTA MAITY | 49800 | HDFC BANK LTD, GROUND FLOOR, POKHARIAPADA, PATTAMUNDAI, KENDRAPADA-754215 |
| 47 | 74877651 | JYOTIRANJAN PRADHAN | 51000 | HDFC BANK LTD, GROUND FLOOR, RAJENDRA VIHAR APARTMENT, BLOCK- D, FOREST PARK, BHUBANESWAR-751020 |
| 48 | 75391107 | MANJULA SAHU | 130000 | HDFC BANK LTD, GROUND FLOOR, RANIPADA SQUARE, POLASARA MAIN ROAD, GANJAM-761105 |
| 49 | 75396898 | MANJULA SAHU | 80500 | |
| 50 | 75120853 | SANTOSH KUMAR MISHRA | 63700 | HDFC BANK LTD, JAGAMARA, BHUBANESWAR, KHURDA-751030 |
| 51 | 75033917 | SABIT KUMAR DALIA | 232000 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 52 | 75111765 | RAMESH NAIK | 123000 | |
| 53 | 73473197 | RAJ KUMAR DAS | 80620 | |
| 54 | 75823592 | K J MARGARET | 80000 | |
| 55 | 75090752 | BHOLANATH NAYAK | 64000 | |
| 56 | 74890615 | GAYATRI BEHERA | 48000 | |
| 57 | 75322689 | SUJATA SAHU | 41000 | |
| 58 | 75660984 | A KIRANKUMAR REDDY | 41000 | |
| 59 | 75081672 | SURAJA KUMAR JENA | 40000 | |
| 60 | 75705800 | DEEPAK BEHERA | 1116000.00 | HDFC BANK LTD, PLOT NO-6, MAHANADI VIHAR, CUTTACK-753004 |
| 61 | 75564879 | RAJALAXMI SAHOO | 109500 | HDFC BANK LTD, KALINGA NAGAR, DUBURI, JAJPUR-755019 |
| 62 | 75782112 | SANJAY GOUDA | 99000 | HDFC BANK LTD, KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 63 | 75072518 | BIDYADHAR BEHERA | 96200 | |
| 64 | 75093712 | PRAKASH CHANDRA PRAMANIK | 126000 | HDFC BANK LTD, MAHIPAL, KENDRAPARA-754211 |
| 65 | 75837020 | GOLEKHA CHANDRA ROUT | 111400 | |
| 66 | 75130025 | BHAGABAT ROUT | 96100 | |
| 67 | 75603102 | RABINDRA BEHERA | 65800 | |
| 68 | 74211802 | ANAKAR PALAI | 59895 | |
| 69 | 75125797 | ANNADA KUMAR NAYAK | 50900 | |
| 70 | 75121212 | BAPUJI MALLIK | 42700 | |
| 71 | 75137105 | BABULI RAY | 41000 | |
| 72 | 75318348 | PATITA RAUTA | 200000 | HDFC BANK LTD, MAIN ROAD, BALISIRA, GUNTHA PADA, BHANJANAGAR, GANJAM-761115 |
| 73 | 75596546 | ASHOK KUMAR SAHU | 21000 | |
| 74 | 75126234 | NUTAN BEHERA | 82100 | HDFC BANK LTD, MAIN ROAD, BHANJANAGAR, GANJAM-761126 |
| 75 | 75063711 | JITUN KUMAR NAYAK | 55000 | |
| 76 | 75068326 | PRAMILA BISOI | 53900 | |
| 77 | 75293259 | S RENUKA | 436900 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 78 | 75289199 | D RAJAMANI | 275700 | |
| 79 | 75724705 | LITU PATRA | 1358000.00 | |
| 80 | 75293259 | S RENUKA | 436900.00 | |
| 81 | 75879454 | PRASANTA PRADHAN | 257500.00 | |
| 82 | 75088758 | PHAKIR NAIK | 195000 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 83 | 74869751 | NIRAL ENEM HORO | 92000 | |
| 84 | 74313379 | GITANJALI MANGARAJ | 27300 | |
| 85 | 75702968 | ARUN KUMAR SAHU | 314400 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 86 | 75686431 | PRIYANKA PANI | 262000 | |
| 87 | 75273675 | PRASHODINI NAIK | 118400 | |
| 88 | 74340649 | SRIKANTA KUMAR RANA | 71700 | |
| 89 | 74453520 | SRIKANTA KUMAR RANA | 66500 | |
| 90 | 75238682 | GUPTA ADAKATIA | 47100 | |
| 91 | 75331498 | SANJAY KHORA | 27800 | |
| 92 | 75619989 | RUKUNI DEEP | 125000 | HDFC BANK LTD, NEAR ILA MEDICAL STORE, SHANTIPARA, BOLANGIR-767002 |
| 93 | 75078023 | CHINMAYA KISHORE BIDIKA | 162000 | HDFC BANK LTD, NEAR R.T.O OFFICE, NH-26, KORAPUT-764020 |
| 94 | 75426742 | SURYAKANTA NAYAK | 143300 | |
| 95 | 75825287 | DEEPAK KUMAR JENA | 130400 | |
| 96 | 75137744 | NAKULA KHEMUNDU | 103700 | |
| 97 | 75084451 | CHINMAYA KISHORE BIDIKA | 91000 | |
| 98 | 74803401 | SADAN GOUDA | 32000 | |
| 99 | 75079251 | SANTOSH BISOYI | 19600 | HDFC BANK LTD, OPPOSITE TOWN POLICE STATION, PURI-752001 |
| 100 | 75559598 | SANTOSH KUMAR BERIHA | 32600 | HDFC BANK LTD, PARIJAT PALACE COMPLEX, N.A.C. CHHAK, BAUDHGARH, BOUDH-762014 |
| 101 | 75723309 | JAMUNA REDDY | 100400 | HDFC BANK LTD, PATRAPADA, BHUBANESWAR, KHURDA-751019 |
| 102 | 75447412 | CH BADAL PRUSTY | 297500 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 103 | 75458723 | CH BADAL PRUSTY | 250000 | |
| 104 | 74502237 | PRADYUMNA KUMAR SARANGI | 204000 | |
| 105 | 75660213 | SASMITA SAHOO | 193000 | |
| 106 | 73457181 | MANI SHANKAR DUTTA | 120000 | |
| 107 | 75356625 | SANJAY PRADHAN | 111000 | |
| 108 | 4000079703 | SANJAY PRADHAN | 110000 | |
| 109 | 75657788 | ARCHIT GHARAI | 41000 | |
| 110 | 75273660 | ARCHIT GHARAI | 40000 | |
| 111 | 75100615 | PRAMODANADA MALLIA | 31000 | |
| 112 | 75359542 | CHINMAYEE MANGARAJ | 18300 | |
| 113 | 74726069 | SK MANSOOR | 62800 | HDFC BANK LTD, PLOT NO 344, CHANDI CHHAK, CUTTACK-753001 |
| 114 | 75277267 | ANADI CHARAN DALAI | 169300 | HDFC BANK LTD, PLOT NO- 447, BHAGWAN TRADE CENTER , NEAR IFFCO SQUARE, ATHARBANKI, PARADEEP-754142 |
| 115 | 502000 29556381 | PRADEEP KUMAR SUTAR | 683468.14 | HDFC BANK LTD, PLOT NO 484/1908, MADHUSUDAN NAGAR, BHUBANESWAR-751012 |
| 116 | 463233237 | AMBIKA NAYAK | 361800.00 | |
| 117 | 75702017 | PRALINA MUDULI | 470100 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 118 | 74652740 | RANJIT KUMAR JENA | 379000 | |
| 119 | 75266673 | AMARJIT DAS | 76100 | |
| 120 | 75574046 | NIRANJAN ROUT | 54000 | |
| 121 | 75584785 | BIDYADHARA MOHARANA | 66000 | HDFC BANK LTD, PLOT NO-2187, S.N. COLONY ROAD, CHANDABALI, BHADRAK, ODISHA-756133 |
| 122 | 75409431 | RAJ KISHOR JAGDEV | 63000 | HDFC BANK LTD, PLOT NO-323/1000, INFRONT OF NEW BUS STAND, PO-PALLAHATA, KHURDA-762056 |
| 123 | 75064749 | PURSTAM PRADHAN | 20000 | HDFC BANK LTD, PLOT NO-758/3631/4648, GANDHI CHOWK, ATHMALLIK, ANGUL, ODISHA-759125 |
| 124 | 75072873 | SULOCHANA KANHAR | 15900 | |
| 125 | 75697103 | KUNTI BEHERA | 80000 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 126 | 74518632 | KOUTUKA SAHU | 40000 | HDFC BANK LTD, RAJIV GANDHI CHOWK, KESINGA, KALAHANDI-766012 |
| 127 | 75844293 | MOHAMMAD JEET | 300100 | HDFC BANK LTD, S. N. PLAZA, NH - 5, NEULPUR, CHANDIKHOL-755024 |
| 128 | 75250964 | ABHIRAM DAS | 110700 | HDFC BANK LTD, SALEPUR MAIN ROAD, SALEPUR, CUTTACK-754202 |
| 129 | 75248117 | MANOJ KUMAR SAMAL | 56900 | |
| 130 | 75257992 | MANOJ KUMAR SAMAL | 38600 | |
| | 75725321 | ANIQUA BEGUM | 110700.00 | |
| 131 | 75288033 | SUNITA KUMARI BEHERA | 774700 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |
| 132 | 75723039 | SUBHASISH NAYAK | 407600 | |
| 133 | 75276301 | RAMA CHANDRA BEHERA | 336400 | |
| 134 | 75356345 | KAILASH CHANDRA SAHU | 294400 | |
| 135 | 75136300 | GYANA PRAKASH ROUT | 96000 | HDFC BANK LTD, VIP PLAZA, VIP ROAD, PURI-752001 |
| 136 | 75779717 | PRADEEPTA DAS | 52000 | |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

Date : 12/06/2025,
Place : ODISHA

Sd/- Authorized Officer,
HDFC BANK LTD.

## ଜ୍ୟୋତି ମାଲହୋତ୍ରାଙ୍କ ଜାମିନ ନାମଞ୍ଜୁର

ପାକିସ୍ତାନ ପାଇଁ ଗୁପ୍ତଚର ବୃତ୍ତି ଅଭିଯୋଗରେ ଜେଲରେ ଥିବା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ଜାମିନ ଆବେଦନକୁ ବୁଧବାର ହରିୟାଣାର ହିସାରସ୍ଥିତ ଏକ ସ୍ଥାନୀୟ କୋର୍ଟ ଖାରଜ କରିଦେଇଛନ୍ତି। ସେ ଗତ ମାସ ୧୬ ତାରିଖରେ ଗିରଫ ହୋଇଥିଲେ। ଶୁଣାଣି ସମୟରେ ଜ୍ୟୋତିଙ୍କ ଏହି ଜାମିନ ଆବେଦନକୁ ପୋଲିସ ବିରୋଧ କରିଥିଲା।

# ଲସ୍‌ଏଞ୍ଜେଲ୍ସରେ ଅରାଜକତା, କର୍ଫ୍ୟୁ



ଲସ୍‌ଏଞ୍ଜେଲ୍ସରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆପ୍ରବାସନ ନୀତି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ।

## ଟ୍ରମ୍ପଙ୍କ ଆପ୍ରବାସନ ନୀତି ବିରୋଧୀ ବିକ୍ଷୋଭ ବେଳେ ଶତାଧିକ ଗିରଫ

ଲସ୍‌ଏଞ୍ଜେଲ୍ସ,୧୧।୬

ଆମେରିକାର ଅନେକ ଧନୀ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଘର ଥିବା କାଲିଫର୍ନିଆର ଲସ୍‌ଏଞ୍ଜେଲ୍ସ କାଉଣ୍ଟି ଏବେ ଅରାଜକତା ଦେଇ ଗତି କରୁଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଠୋର ଆପ୍ରବାସନ ଓ ସୀମା ପ୍ରବର୍ତ୍ତନ (ଆଇସିଇ) ଏବଂ ପ୍ରତ୍ୟର୍ପଣ ନୀତିକୁ ବିରୋଧ କରି ଜୁନ୍ ୬ରେ ମୁଣ୍ଡ ଟେକିଥିବା ବିକ୍ଷୋଭର ନିଆଁ ବ୍ୟାପିବାରେ ଲାଗିଛି। ସହରରେ ଟ୍ରମ୍ପ ନ୍ୟାଶନାଲ ଗାର୍ଡଙ୍କୁ ମୁତୟନ କରିବା ପରେ ବିକ୍ଷୋଭକାରୀ ଓ ସୁରକ୍ଷା ବଳ ମୁହାଁମୁହିଁ ହୋଇଥିବାବେଳେ ବିକ୍ଷୋଭର ପଞ୍ଚମ ଦିନ ବୁଧବାର କର୍ଫ୍ୟୁ ଜାରି କରାଯାଇଛି। ବହୁ ସଂଖ୍ୟକ ବିକ୍ଷୋଭକାରୀଙ୍କୁ ଗିରଫ କରାଯାଇଥିବା ଲସ୍‌ଏଞ୍ଜେଲ୍ସ ପୋଲିସ ସୂଚନା ଦେଇଛି। ଲସ୍‌ଏଞ୍ଜେଲ୍ସ ମେୟର କରେନ୍ ବାସ୍ କହିଛନ୍ତି, ଅନେକ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନରୁ ଲୁଟ୍ କରାଯିବା ପରେ ସେଗୁଡ଼ିକରେ ଭଙ୍ଗାରୁଜା ଓ ଜଳାପୋଡ଼ାକୁ ଦୃଷ୍ଟିରେ ରଖି ସହର ଉପକଣ୍ଠ ଅଞ୍ଚଳରେ ମଙ୍ଗଳବାର ରାତିରେ କର୍ଫ୍ୟୁ ଅର୍ଡର ଦିଆଯାଇଛି। ଅନ୍ୟ ସମସ୍ତ ସ୍ଥାନରେ ଇମିଗ୍ରେଶନ୍ ରେଡ୍ସ ଯୋଗୁ ବିକ୍ଷୋଭ ଜାରି ରହିଛି। ନ୍ୟାଶନାଲ ଗାର୍ଡ ଟ୍ରୁପ୍ ଏବେ ସୀମା ନିୟନ୍ତ୍ରଣ ଏଜେଣ୍ଟମାନଙ୍କୁ ସୁରକ୍ଷା ଦେଉଛନ୍ତି। ଇତିମଧ୍ୟରେ ରିପବ୍ଲିକାନ୍ ରାଷ୍ଟ୍ରପତି ଟ୍ରମ୍ପ ସହରକୁ ମୁକ୍ତ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। କିନ୍ତୁ ୨୦୨୮ରେ ଡେମୋକ୍ରାଟିକ୍ ପାର୍ଟିରୁ ରାଷ୍ଟ୍ରପତି ପ୍ରାର୍ଥୀ ହେବାକୁ ଆଶାୟୀ ଥିବା କାଲିଫର୍ନିଆ ଗଭର୍ନର ଗଭିନ୍ ନ୍ୟୁସୋମ୍ ଏହାକୁ ଗଣତନ୍ତ୍ର ଉପରେ ଟ୍ରମ୍ପଙ୍କ ଆକ୍ରମଣ ବୋଲି ଅଭିହିତ କରିଛନ୍ତି। ଏଥିସହ ଟ୍ରମ୍ପ ଆଗକୁ ଅନ୍ୟ ରାଜ୍ୟଗୁଡ଼ିକୁ ମଧ୍ୟ ଟାର୍ଗେଟ କରିପାରନ୍ତି ବୋଲି ନ୍ୟୁସୋମ୍ ସତର୍କ କରାଇଛନ୍ତି।

ସେପଟେ ଲସ୍‌ଏଞ୍ଜେଲ୍ସକୁ ୪,୦୦୦ ନ୍ୟାଶନାଲ ଗାର୍ଡ ଟ୍ରୁପ୍ ଓ ୭୦୦ ମରିନ୍ସଙ୍କୁ ପଠାଇଥିବା ଟ୍ରମ୍ପ ନିଜ ନିଷ୍ପତ୍ତିକୁ ଯଥାର୍ଥ ବୋଲି ଦର୍ଶାଇଛନ୍ତି। ଟ୍ରମ୍ପ କହିଛନ୍ତି, ଏକ ବିଦେଶୀ ଶତ୍ରୁ ଦ୍ୱାରା ସହର ଦଖଲ ଉଦ୍ୟମ ଏଡ଼ାଇବା ପାଇଁ ଏପରି ପଦକ୍ଷେପ ନିଆଯାଇଛି। ଉଲ୍ଲେଖଯୋଗ୍ୟ, ୪,୦୦୦ ବର୍ଗ କି.ମି. ଅଞ୍ଚଳରେ ପରିବ୍ୟାପ୍ତ ଲସ୍‌ଏଞ୍ଜେଲ୍ସ କାଉଣ୍ଟିରେ ଲସ୍‌ଏଞ୍ଜେଲ୍ସ ସହର ଓ ବେଭେର୍ଲି ହିଲ୍ସ, ହଲିଉଡ୍, ଲଙ୍ଗ୍ ବିଚ୍, ମାଲିବୁ, ପାସାଡେନା, ସାଣ୍ଟା ମୋନିକା ରହିଛି। ଏଠାରେ ବସବାସ କରୁଥିବା ପ୍ରାୟ ୧୦ ନିୟୁତ ଅର୍ଥାତ୍ କାଲିଫର୍ନିଆ ଜନସଂଖ୍ୟାର ୨୭% ଲୋକ ହେଉଛନ୍ତି ଆପ୍ରବାସୀ। ସେମାନଙ୍କ ମଧ୍ୟରୁ ୯ ଲକ୍ଷ ଲୋକ ବେଆଇନ ଭାବେ ବିନା କୌଣସି ଦସ୍ତାବିଜରେ ରହୁଛନ୍ତି। ସେମାନଙ୍କୁ ଚିହ୍ନଟ କରି ବିଦା କରିବା ପାଇଁ ଟ୍ରମ୍ପ ଯୋଜନା କରିଥିବାବେଳେ ଗଭର୍ନର ନ୍ୟୁସୋମ୍‌ଙ୍କ ସହ ମୁହାଁମୁହିଁ ହୋଇଛନ୍ତି। ଇତିମଧ୍ୟରେ ଶତାଧିକ ଲୋକଙ୍କୁ ଗିରଫ କରାଗଲାଣି।

## ସଂକ୍ଷେପରେ

### ନାବାଳିକା ଝିଅଙ୍କୁ ବଳାତ୍କାର: ପୂର୍ବତନ ଜଜ୍‌ଙ୍କୁ ମିଳିଲାନି ସୁପ୍ରିମକୋର୍ଟ ଆଶ୍ୱସ୍ତି

ନୂଆଦିଲ୍ଲୀ, ୧୧।୬ (ପି.ଟି.)

ନିଜ ନାବାଳିକା ଝିଅଙ୍କୁ ବଳାତ୍କାର କରିଥିବା ମାମଲାରେ ଜଣେ ପୂର୍ବତନ ନ୍ୟାୟିକ ଅଧିକାରୀଙ୍କ ବିରୋଧରେ ଚାଲିଥିବା ଆପରାଧିକ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବାକୁ ବୁଧବାର ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଶୁଣାଣି ସମୟରେ ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ରା ଏବଂ ଜଷ୍ଟିସ୍ ମନମୋହନଙ୍କ ଖଣ୍ଡପୀଠ କହିଛନ୍ତି, ଏହି ମାମଲାରେ ପୂର୍ବତନ ନ୍ୟାୟିକ ଅଧିକାରୀଙ୍କ ଝିଅ ନିଜେ ଅଭିଯୋଗ କରିଛନ୍ତି। ତେଣୁ ଏହା ଏକ ଆଶ୍ଚର୍ଯ୍ୟକର ମାମଲା। ଏହି ମାମଲାରେ ଗତ ଏପ୍ରିଲ ୧୫ ତାରିଖରେ ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜକରି ଅଭିଯୁକ୍ତ ପୂର୍ବତନ ଜଜ୍‌ଙ୍କ ପକ୍ଷରୁ ଦାଖଲ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି। ୨୦୧୯ ଜାନୁଆରୀ ୨୧ରେ ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ମହାରାଷ୍ଟ୍ରର ଭଣ୍ଡାରାରେ ତାଙ୍କ ବାପା ତଥା ଅଭିଯୁକ୍ତ ପୂର୍ବତନ ଜଜ୍‌ଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ ହୋଇଥିଲା। ୨୦୧୪ରୁ ୨୦୧୮ ମଧ୍ୟରେ ସେ ଅନେକ ଥର ବଳାତ୍କାରର ଶିକାର ହୋଇଥିବା ନେଇ ପୀଡ଼ିତା ଜଣକ ନିଜ ଅଭିଯୋଗରେ କହିଥିଲେ।

### ଆମେରିକା-ଚାଇନା ଡିଲ୍ ହେଲା: ଟ୍ରମ୍ପ



ୱାଶିଂଟନ୍,୧୧।୬

ଲଣ୍ଡନରେ ୨ ଦିନ ଧରି ଚାଇନା ସହ ଡିଲ୍ ଆଲୋଚନା ପରେ ଏହା ଚୂଡ଼ାନ୍ତ ହୋଇଥିବା ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି। ବିଶ୍ୱର ସବୁଠୁ ୨ ବୃହତ୍ ଅର୍ଥନୀତି ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଲାଗିଥିବାବେଳେ ଚାଇନା ସହିତ ଆମେରିକାର ଡିଲ୍ ସମ୍ପନ୍ନ ହୋଇଛି। ତେବେ ଚାଇନା ରାଷ୍ଟ୍ରପତି ଓ ତାଙ୍କ ଚୂଡ଼ାନ୍ତ ଅନୁମୋଦନ ବାକି ରହିଥିବା ଟ୍ରମ୍ପ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ପୋଷ୍ଟ କରିଛନ୍ତି।

### କଂଗ୍ରେସରୁ ଦିଗ୍‌ବିଜୟଙ୍କ ଭାଇ ଲକ୍ଷ୍ମଣ ସିଂ ବହିଷ୍କୃତ

ନୂଆଦିଲ୍ଲୀ, ୧୧।୬

ରାଜ୍ୟ ସଭା ସଦସ୍ୟ ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂଙ୍କ ଭାଇ ଲକ୍ଷ୍ମଣ ସିଂଙ୍କୁ ବୁଧବାର କଂଗ୍ରେସ ୬ ବର୍ଷ ପାଇଁ ଦଳର ପ୍ରାଥମିକ ସଦସ୍ୟତାରୁ ବହିଷ୍କୃତ କରିଛି। ଦଳ ବିରୋଧୀ କାର୍ଯ୍ୟକଳାପ ଯୋଗୁ ଲକ୍ଷ୍ମଣଙ୍କୁ ବହିଷ୍କୃତ କରାଯାଇଥିବା ନେଇ ଅଲ୍ ଇଣ୍ଡିଆ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ କୁହାଯାଇଛି। କିଛିଦିନ ତଳେ ଲକ୍ଷ୍ମଣ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସ୍ୱାମୀ ରୋବର୍ଟ ଭଦ୍ରାଙ୍କ ପରିପକ୍ୱତାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଲକ୍ଷ୍ମଣ ୪ ଥର ଲୋକ ସଭାକୁ ଏବଂ ୩ ଥର ମଧ୍ୟପ୍ରଦେଶ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି।

## 'ନିର୍ଦ୍ଦିଷ୍ଟ ତଥ୍ୟ ମିଡିଆକୁ ଦିଆଯାଉ'

- ଦୁର୍ନୀତି ଅଭିଯୋଗ ନିର୍ଦ୍ଧାରିତ ଫର୍ମାଟରେ ନ ଆସିଲେ ଗ୍ରହଣୀୟ ହେବ ନାହିଁ
- ରାୟ, ଫଇସଲା ତୁରନ୍ତ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯିବ




ନୂଆଦିଲ୍ଲୀ,୧୧।୬(ପି.ଟି.)

ଦୁର୍ନୀତି ଅଭିଯୋଗ ସମ୍ପର୍କିତ ଆବେଦନଗୁଡ଼ିକ ନିର୍ଦ୍ଧାରିତ ଫର୍ମାଟରେ ଆସିବା ଜରୁରୀ। ଅନ୍ୟଥା ସେଗୁଡ଼ିକ ଗ୍ରହଣୀୟ ହେବ ନାହିଁ ବୋଲି ଦୁର୍ନୀତି ନିରୋଧୀ ଓମ୍ବୁଡ୍ସମ୍ୟାନ୍ ଲୋକପାଳ କହିଛନ୍ତି। ସେହିପରି ଲୋକପାଳ ଅଧ୍ୟକ୍ଷଙ୍କ ବିନା ଅନୁମତିରେ ଅଭିଯୋଗ ସମ୍ପର୍କିତ ସୂଚନା କୌଣସି ପ୍ରେସ୍ କିମ୍ବା ଅନ୍ୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରଦାନ କରାଯିବ ନାହିଁ। ତେବେ ଲୋକପାଳଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ଅଧିକୃତ ମୁଖପାତ୍ର ତାଙ୍କୁ ଯେତିକି ତଥ୍ୟ ପ୍ରଦାନ ପାଇଁ କ୍ଷମତା ଦିଆଯାଇଥିବ, ସେତେକି ହିଁ ମିଡିଆ ସହ ଶେୟାର କରିପାରିବେ ବୋଲି ଲୋକପାଳ ସ୍ପଷ୍ଟ କରିଛନ୍ତି।

ଭାରତର ଲୋକପାଳଙ୍କ ଅଫିସରେ ଦୁର୍ନୀତି ଅଭିଯୋଗପତ୍ର ବ୍ୟକ୍ତିଗତ ଭାବେ ଦାଖଲ କରାଯାଇପାରିବ। ଅଫିସ ରିସେପ୍ସନ/ରେଜେଷ୍ଟ୍ରିଙ୍କ ନିକଟରେ ହାତକୁ ହାତ ଦିଆଯାଇପାରିବ। ଏପରି କି ଡାକ ଯୋଗେ କିମ୍ବା ଅନ୍‌ଲାଇନ୍ (https://lokpalonline.gov.in/lokpalonline) ଜରିଆରେ ମଧ୍ୟ ଅଭିଯୋଗ ଦାଖଲ କରାଯାଇପାରିବ। ଏହି ଫର୍ମାଟଗୁଡ଼ିକରେ ଗ୍ରହଣ ହୋଇ ନ ଥିବା ଅଭିଯୋଗଗୁଡ଼ିକ କୌଣସି ସ୍ତରରେ ଗୃହୀତ ହେବ ନାହିଁ। ଲୋକପାଳ ମାମଲା ଗ୍ରହଣର ପ୍ରକ୍ରିୟା ନେଇ ଜାରି କରିଥିବା ଏକ ସର୍କୁଲାରରେ ଏହା ଉଲ୍ଲେଖ କରିଛନ୍ତି। ଏଥିରେ ଆହୁରି ଉଲ୍ଲେଖ କରାଯାଇଛି, ଲୋକପାଳ ଅଭିଯୋଗ ଗ୍ରହଣ କରିବା ପରେ ତାଙ୍କ ନିକଟରେ ୨ଟି ବିକଳ୍ପ ରହିଥାଏ। ପ୍ରଥମରେ ଲୋକପାଳ ଅଭିଯୋଗର ବିଷୟବସ୍ତୁ ଉପରେ ପ୍ରାରମ୍ଭିକ ତଦନ୍ତ ନିର୍ଦ୍ଦେଶ ଦେବେ କିମ୍ବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ତଦନ୍ତ ନିର୍ଦ୍ଦେଶ ଦେବେ। ତଦନ୍ତକାରୀ ଅଧିକାରୀ, ଏଜେନ୍ସି ଏବଂ ସମ୍ପୃକ୍ତ ବିଭାଗ ରାୟ ନ ଆସିବା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଗୋପନୀୟତା ବଜାୟ ରଖିବେ। ଯେଉଁ ବ୍ୟକ୍ତି ଲୋକପାଳଙ୍କ ମୁଖପାତ୍ର ଭାବେ ନିଯୁକ୍ତି ପାଇଥିବେ, ସେ ନିର୍ଦ୍ଧାରିତ ସୀମିତ ସୂଚନା ଗଣମାଧ୍ୟମକୁ ଦେଇପାରିବେ।

ଅନ୍ୟପକ୍ଷେ ଲୋକପାଳ ଓ ଲୋକାୟୁକ୍ତ ଆଇନ ୨୦୧୩ ଅନୁସାରେ ନିଜ ରାୟର ସମୀକ୍ଷା କରିବା କ୍ଷମତା ଲୋକପାଳଙ୍କର ନାହିଁ। ତେବେ ଦିଆଯାଇଥିବା ଚୂଡ଼ାନ୍ତ ରାୟ, ପଞ୍ଜୀକୃତ ଅଭିଯୋଗର ଫଇସଲା ଆଦି ତୁରନ୍ତ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯିବ।

## 'ଆମେ ଅଲଗା କେବେ ଥିଲୁ'

**ପାଇଲଟଙ୍କ ସହ ସମ୍ପର୍କକୁ ନେଇ ଗେହଲଟ୍‌ଙ୍କ ପ୍ରତିକ୍ରିୟା**

ଦୌସା, ୧୧।୬

ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଏବଂ ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ସଚିନ ପାଇଲଟଙ୍କ ମଧ୍ୟରେ ମତ ପାର୍ଥକ୍ୟ ଥିବା ନେଇ ଗଣମାଧ୍ୟମରେ ଅନେକବାର ରିପୋର୍ଟ ପ୍ରକାଶ ପାଇଛି। ବୁଧବାର ବରିଷ୍ଠ କଂଗ୍ରେସ ନେତା ରାଜେଶ ପାଇଲଟଙ୍କ ଶ୍ରାଦ୍ଧବାର୍ଷିକୀରେ ଦୁହିଁଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ଗଣମାଧ୍ୟମ ପ୍ରତିନିଧିଙ୍କୁ ଗେହଲଟ୍ କହିଥିଲେ, ସେ ଏବଂ ପାଇଲଟ ଅଲଗା କେବେ ଥିଲେ। ପାଇଲଟଙ୍କ ସହ ସେ ସବୁବେଳେ ଏକାଠି ରହିଛନ୍ତି ଏବଂ କଂଗ୍ରେସକୁ ସୁଦୃଢ଼ କରିବା ପାଇଁ ପ୍ରୟାସ କରିଛନ୍ତି। ପାଇଲଟଙ୍କ ସହ ମତପାର୍ଥକ୍ୟ ଥିବା ନେଇ ମିଡିଆରେ ପ୍ରକାଶ ପାଉଥିବା ରିପୋର୍ଟଗୁଡ଼ିକୁ ସେ ମନଗଢ଼ା କାହାଣୀ ବୋଲି କହିଥିଲେ। ଅନ୍ୟପକ୍ଷରେ ପାଇଲଟ କହିଥିଲେ, ପୁରୁଣା କଥାକୁ ଏବେ ମନେପକାଇବା ଉଚିତ ନହେଁ।

## 'ଆକ୍ସିଓମ୍-୪' ମିଶନ ପୁଣି ସ୍ଥଗିତ

ଫ୍ଲୋରିଡା, ୧୧।୬

ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ତଥା ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ଏବଂ ୩ ଅନ୍ୟ ଅଷ୍ଟ୍ରୋନଟଙ୍କୁ ଧରି ମହାକାଶ ଯିବାକୁ ଥିବା ଆକ୍ସିଓମ୍-୪ ମିଶନକୁ ପୁନର୍ବାର ସ୍ଥଗିତ ରଖାଯାଇଛି। ଏନେଇ ଆମେରିକୀୟ ସ୍ପେସ୍ ଟେକ୍ନୋଲୋଜି କମ୍ପାନୀ ସ୍ପେସଏକ୍ସ' ପକ୍ଷରୁ ଏକ୍ସ'ରେ ସୂଚନା ଦିଆଯାଇଛି। ପୋଷ୍ଟ ଷ୍ଟାଟିକ୍ ଫାୟାର ବୁଷ୍ଟର ଇନ୍‌ସ୍ପେକ୍ସନ ସମୟରେ ଫାଲ୍‌କନ୍ ୯ ରକେଟରେ ଲିକ୍ୱିଡ୍ ଅକ୍ସିଜେନ୍ ଲିକ୍ ଚିହ୍ନଟ ହୋଇଥିଲା। ଲିକ୍ ମରାମତି ପାଇଁ ସ୍ପେସଏକ୍ସ'ର ଇଞ୍ଜିନିୟରଙ୍କୁ କିଛି ଅତିରିକ୍ତ ସମୟ ଆବଶ୍ୟକ ବୋଲି ଏକ ଖବରଦାତା ସମ୍ମିଳନୀ କରି ସ୍ପେସଏକ୍ସ'ର ଭାଇସ୍ ପ୍ରେସିଡେଣ୍ଟ ୱିଲିୟମ୍ ଗେର୍ଷ୍ଟେନ୍‌ମାୟର କହିଛନ୍ତି। ମରାମତି କାର୍ଯ୍ୟ ଶେଷହେଲେ ନୂତନ ଲଞ୍ଚ ତାରିଖ ଘୋଷଣା କରାଯିବ ବୋଲି ସେ କହିଛନ୍ତି। ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ), ନାସା, ସ୍ପେସ୍‌ଏକ୍ସ' ଏବଂ ଆକ୍ସିଓମ୍ ସ୍ପେସ୍‌ର ଏହି ମିଳିତ ମିଶନର ଲଞ୍ଚ ବୁଧବାର ଭାରତୀୟ ସମୟ ସନ୍ଧ୍ୟା ୫.୩୦ରେ ଆମେରିକାର ଫ୍ଲୋରିଡାସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ହେବ ବୋଲି ସ୍ଥିର ହୋଇଥିଲା। ଏହି ମିଶନ ସହ ଶୁଭାଂଶୁ ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ପହଞ୍ଚିବେ।

## ଦକ୍ଷିଣ ଆଫ୍ରିକାରେ ବନ୍ୟା: ୪୯ ମୃତ

ଜୋହନସ୍‌ବର୍ଗ, ୧୧।୬

ଦକ୍ଷିଣ ଆଫ୍ରିକାର ଇଷ୍ଟର୍ନ କେପ୍ ପ୍ରଦେଶର କିଛି ଅଞ୍ଚଳରେ ପ୍ରବଳ ଥଣ୍ଡା ପ୍ରଭାବରେ ଲଗାଣ ବର୍ଷା ଏବଂ ତୁଷାରପାତ ଜାରି ରହିଛି। ଲଗାଣ ବର୍ଷା ଯୋଗୁ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବା ବେଳେ ବୁଧବାର ସୁଦ୍ଧା ୪୯ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ଇଷ୍ଟର୍ନ କେପ୍ ପ୍ରିମିୟର ଓସ୍କାର ମାବୁୟାନେ କହିଛନ୍ତି। ନିଖୋଜ ବ୍ୟକ୍ତିମାନଙ୍କୁ ଖୋଜିବା ପାଇଁ ପ୍ରଶାସନ ପ୍ରୟାସ ଚଳାଇଥିବାବେଳେ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ସେ ଆଶଙ୍କା କରିଛନ୍ତି। ମଙ୍ଗଳବାର ବନ୍ୟାପାଣିରେ ଏକ ସ୍କୁଲ ବସ୍ ଫସିଥିବା ସମୟରେ ୬ ଜଣ ସ୍କୁଲ ଛାତ୍ରୀଛାତ୍ର ଭାସିଯାଇଛନ୍ତି। ସେହିପରି ବସ୍‌ରେ ଥିବା ୪ ଛାତ୍ରୀଛାତ୍ର ନିଖୋଜ ରହିଛନ୍ତି। ବୁଧବାର ଉକ୍ତ ସ୍କୁଲ ବସ୍ ମଧ୍ୟରୁ ୩ ଜଣଙ୍କୁ ଉଦ୍ଧାର କରାଯାଇଛି। ଇଷ୍ଟର୍ନ କେପ୍ ପ୍ରଦେଶ ଏବଂ ଏହାର ପାର୍ଶ୍ୱବର୍ତ୍ତୀ କ୍ୱାଜୁଲୁ-ନାଟାଲ ପ୍ରଦେଶରେ ବିପର୍ଯ୍ୟୟ ପରିଚାଳନା ଦଳଗୁଡ଼ିକୁ ସକ୍ରିୟ କରାଯାଇଛି। ଲଗାଣ ବର୍ଷାଜନିତ ବିଜୁଳି ବିଭ୍ରାଟ ଯୋଗୁ ଇଷ୍ଟର୍ନ କେପ୍ ପ୍ରଦେଶର ଅନେକ ହଜାର ଘର ପ୍ରଭାବିତ ହୋଇଥିବା ନେଇ ସ୍ଥାନୀୟ ଅଧିକାରୀ ସୂଚନା ଦେଇଛନ୍ତି।

## ପାକିସ୍ତାନକୁ ଆମେରିକା ଜେନେରାଲଙ୍କ ପ୍ରଶଂସା

**ଉଭୟ ଇସ୍‌ଲାମାବାଦ ଓ ନୂଆଦିଲ୍ଲୀକୁ ସହଯୋଗୀ କହିଲେ**

ୱାଶିଂଟନ୍/ନୂଆଦିଲ୍ଲୀ,୧୧।୬

ୱାଶିଂଟନ୍ ପାଇଁ ପାକିସ୍ତାନ ଓ ଭାରତ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ବୋଲି ବୁଧବାର ଆମେରିକାର ଜଣେ ବରିଷ୍ଠ ଜେନେରାଲ କହିଛନ୍ତି। ଶପଥ ଅନୁସାରେ ଦେଇଥିବା ମନ୍ତବ୍ୟରେ ସେଣ୍ଟ୍ରାଲ କମାଣ୍ଡ ମୁଖ୍ୟ ଜେନେରାଲ ମାଇକେଲ କୁରିଲା କହିଛନ୍ତି, ଆମେରିକା ଉଭୟ ନୂଆଦିଲ୍ଲୀ ଓ ଇସ୍‌ଲାବାଦାଦ/ରାୱଲପିଣ୍ଡି ସହ ଦୃଢ଼ ସମ୍ପର୍କ ଚାହେଁ। ଏହା ସମୟର ଆବଶ୍ୟକତା। ଆତଙ୍କବାଦ ବିରୋଧରେ ଆମେରିକା ପାକିସ୍ତାନକୁ ସହଯୋଗୀ ହିସାବରେ ଦେଖେ। ହାଉସ୍ କମାଣ୍ଡ ସର୍ଭିସ୍ କମିଟି ସମ୍ମୁଖରେ କୁରିଲା ବକ୍ତବ୍ୟ ରଖିଛନ୍ତି ଯେ ଆଇଏସ୍‌ଆଇଏସ୍-ଖୁରାସାନ ବିରୋଧରେ


ଜେନେରାଲ ମାଇକେଲ କୁରିଲା

ଆତଙ୍କବାଦ ନିରୋଧୀ ସକ୍ରିୟ ଲଢ଼େଇରେ ପାକିସ୍ତାନର ସହଯୋଗୀ ଭୂମିକା ଗୁରୁତ୍ୱପୂର୍ଣ୍ଣ। ୱାଶିଂଟନ୍ ଯଦି ନୂଆଦିଲ୍ଲୀ ସହ ସମ୍ପର୍କ ରଖିପାରୁଛି, ତେବେ ଇସ୍‌ଲାମାବାଦ ସହ ସମ୍ପର୍କ ରଖିବାରେ ଅସୁବିଧା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାକୁ କେନ୍ଦ୍ରର ମୋଦି ସରକାରଙ୍କ କୂଟନୈତିକ ବିଫଳତା ବୋଲି କଂଗ୍ରେସ କହିଛି।

## ଜାତୀୟ ସୁରକ୍ଷାକୁ ନେଇ ସଂସଦରେ ବିତର୍କ ପାଇଁ ପ୍ରଧାନମନ୍ତ୍ରୀ ରାଜି ହେବେ କି: କଂଗ୍ରେସ

ନୂଆଦିଲ୍ଲୀ, ୧୧।୬

କଂଗ୍ରେସ ବୁଧବାର ପୁଣିଥରେ ଦେଶର ସୁରକ୍ଷାକୁ ନେଇ ସଂସଦରେ ବିତର୍କ ପାଇଁ ଦାବି କରିଛି। ଅପରେଶନ ସିନ୍ଦୂରକୁ ନେଇ ବିଦେଶ ଗସ୍ତକରି ଫେରିଥିବା ବିଭିନ୍ନ ବହୁଦଳୀୟ ପ୍ରତିନିଧି ମଣ୍ଡଳୀର ସଦସ୍ୟଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭେଟିଥିଲେ। ତେଣୁ ସଂସଦର ଆଗାମୀ ମୌସୁମୀ ଅଧିବେଶନରେ ପହଲ୍‌ଗାମ୍ ଆକ୍ରମଣ ପରେ ଦେଶର ସୁରକ୍ଷା ଏବଂ ବୈଦେଶିକ ନୀତି ସମ୍ମୁଖୀନ ହେଉଥିବା ବିଭିନ୍ନ ଚ୍ୟାଲେଞ୍ଜ ଉପରେ ପୂର୍ଣ୍ଣ ବିତର୍କ ପାଇଁ ପ୍ରଧାନମନ୍ତ୍ରୀ ମୋଦି ରାଜି ହେବେ କି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ପ୍ରଶ୍ନ କରିଛନ୍ତି। ମୌସୁମୀ ଅଧିବେଶନ ଜୁଲାଇ ୨୧ରୁ ଆରମ୍ଭ ହେବ।

## ରବୀନ୍ଦ୍ରନାଥ ଟାଗୋରଙ୍କ ପୈତୃକ ଘରେ ଭଙ୍ଗାରୁଜା

ଢାକା, ୧୧।୬

ବାଂଲାଦେଶର ସିରାଜଗଞ୍ଜ ଜିଲାରେ ନୋବେଲ ପୁରସ୍କାର ବିଜେତା ରବୀନ୍ଦ୍ରନାଥ ଟାଗୋରଙ୍କ ପୈତୃକ ଘରେ ଭଙ୍ଗାରୁଜା ଘଟଣା ସାମ୍ନାକୁ ଆସିଛି। ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, କେତେଜଣ ଲୋକଙ୍କ ଭିଡ଼ ଟାଗୋରଙ୍କ ପୈତୃକ ଘରକୁ ଆକ୍ରମଣ କରିବା ସହ ଏହାକୁ ଭଙ୍ଗାରୁଜା କରିଥିଲେ। ଗତ ରବିବାର ଜଣେ ପରିଦର୍ଶକ ନିଜ ପରିବାର ସହ ରବୀନ୍ଦ୍ରନାଥଙ୍କ ପୈତୃକ ଘର 'କଛାରିବାରି' ତଥା ରବୀନ୍ଦ୍ର ମେମୋରିଆଲ



ମ୍ୟୁଜିୟମକୁ ଯାଇଥିଲେ। ସେଠାରେ ମୋଟରସାଇକେଲ ପାର୍କିଂ ଫି'କୁ ନେଇ ମ୍ୟୁଜିୟମର କର୍ମଚାରୀଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଉକ୍ତ ପରିଦର୍ଶକଙ୍କୁ ଏକ ଅଫିସ କୋଠରି ମଧ୍ୟରେ ବନ୍ଦ ରଖି ତାଙ୍କୁ ଶାରୀରିକ ଆକ୍ରମଣ କରାଯାଇଥିବା ନେଇ ସେ ଅଭିଯୋଗ କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ମଙ୍ଗଳବାର କେତେଜଣ ଉତ୍ତ୍ୟକ୍ତ ସ୍ଥାନୀୟ ଲୋକ ଆସି କଛାରିବାରିକୁ ଭଙ୍ଗାରୁଜା କରିବା ସହ ମ୍ୟୁଜିୟମର ଡାଇରେକ୍ଟରଙ୍କୁ ମାଡ଼ ମାରିଥିଲେ। ଦେଶର ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଏକ ୩ ସଦସ୍ୟ ବିଶିଷ୍ଟ କମିଟି ଗଠନ କରାଯାଇଛି।

## ଶ୍ରମିକ ଆତ୍ମହତ୍ୟା କରି ୪ ପୁଅଙ୍କୁ ମରଣମୁହଁକୁ ଠେଲିଦେଲେ

ଗୁରୁଗ୍ରାମ,୧୧।୬



**ପାର୍କ ବୁଲାଇବାକୁ କହି ରେଳ ଲାଇନ୍‌କୁ ନେଇଯାଇଥିଲେ**

ଜଣେ ଶ୍ରମିକଙ୍କ ହାତରେ ଚିପ୍ସ ଓ କୋଲା ଥାଏ। ସେ ନିଜ ୪ ପୁଅଙ୍କୁ ରେଳ ଟ୍ରାକ୍‌ରେ ଧରି ଯାଉଥାଆନ୍ତି ଟ୍ରେନ୍ ଆସିବା ଯାଏ। ଶେଷରେ ଏକ୍ସପ୍ରେସ୍ ଟ୍ରେନ୍ ଆସି ସେମାନଙ୍କୁ ଧକ୍କାଦେଲା। ଏଥିରେ ୫ ଜଣ ଯାକ ପ୍ରାଣ ହରାଇଛନ୍ତି। ହରିୟାଣାର ଫରିଦାବାଦସ୍ଥିତ ବଲ୍ଲଭଗଡ଼ରେ ମଙ୍ଗଳବାର ଅପରାହ୍ଣରେ ଏହି ଘଟଣା ଘଟିଛି।

ନିଜ ୪ ପୁଅଙ୍କୁ ଧରି ରେଳ ଲାଇନ୍ ଉପରେ ଆତ୍ମହତ୍ୟା କରିଥିବା ବ୍ୟକ୍ତି ମନୋଜ ମେହତୋ ଏବଂ ତାଙ୍କ ଘର ବିହାର ବୋଲି ମୃତଦେହ ନିକଟରୁ ମିଳିଥିବା ତାଙ୍କ ଆଧାର କାର୍ଡରୁ ପୋଲିସ ଜାଣିବାକୁ ପାଇଛି। ୩୬ ବର୍ଷୀୟ ଦିନ ମଜୁରିଆ ମନୋଜଙ୍କ ପକେଟରେ ଏକ କାଗଜ ଚିଠା ରହିଥିଲା। ସେଥିରେ ତାଙ୍କ ସ୍ତ୍ରୀ ପ୍ରିୟାଙ୍କ ମୋବାଇଲ ନମ୍ବର ଲେଖାହୋଇଥିଲା। ପିଲାମାନଙ୍କ ବୟସ ୩ ରୁ ୯ ବର୍ଷ ମଧ୍ୟରେ ହେବ। ମନୋଜ ପୁଅମାନଙ୍କୁ ନିକଟସ୍ଥ ଏକ ପାର୍କକୁ ଖେଳାଇ ନେବାକୁ କହି ମଧ୍ୟାହ୍ନ ୧୨ଟା ୧୫ରେ ସୁଭାଷ କଲୋନିସ୍ଥିତ ଘରୁ ବାହାରିଥିଲେ। କିନ୍ତୁ ପାର୍କକୁ ବୁଲାଇ ନେବା ପରିବର୍ତ୍ତେ ଏଲ୍‌ସନ୍ ଛକ ଫ୍ଲାଏଓଭର ତଳକୁ ନେଇ ଯାଇଥିଲେ। ସେମାନଙ୍କ ହାତକୁ ଜୋର୍‌ରେ ଜାବୁଡ଼ି ଧରି ଘଣ୍ଟାଏ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ଟ୍ରାକ୍ ଉପରେ ଗୋଲ୍ଡେନ୍ ଟେମ୍ପଲ ଏକ୍ସପ୍ରେସ୍ ଆସିବା ଯାଏ ସେଠାରେ ରହିଥିଲେ। ଏପରି କି ସେ ପିଲାଙ୍କ ପାଇଁ ଚିପ୍ସ ଓ ସଫ୍ଟ ଡ୍ରିଙ୍କ୍ସ ମଧ୍ୟ କିଣିଦେଇଥିଲେ। ୪ ପୁଅ ଛାଡ଼ିଦେବାକୁ ବାପା ଆଗରେ ଯେତେ ନେହୁରା ହୋଇଥିଲେ ମଧ୍ୟ ସେ କାହା କଥା ଶୁଣି ନ ଥିଲେ। ମୁମ୍ବାଇରୁ ଆସୁଥିବା ଏହି ଟ୍ରେନ୍ ଚକ ତଳେ ମଙ୍ଗଳବାର ଅପରାହ୍ଣ ୧ଟା ୧୦ରେ ୫ ଜଣଙ୍କ ଜୀବନ ଚାଲିଗଲା। ମନୋଜ ନିଜେ ଆତ୍ମହତ୍ୟା କରି ୪ ପିଲାଙ୍କୁ ମରଣ ମୁହଁକୁ କାହିଁକି ଠେଲିଦେଲେ ସେନେଇ ତଦନ୍ତ ଜାରି ରହିଛି।

# ଦୋଷ ମାନିଲେ ସୋନମ

**ମେଘାଳୟ ହନିମୁନ ମର୍ଡର**

**ପ୍ରମାଣିତ ହେଲେ ଫାଶୀ ଦିଆଯାଉ: ସୋନମଙ୍କ ଭାଇ**

ଶିଲଂ/ଇନ୍ଦୋର,୧୧।୬

ବିବାହ ପରେ ହନିମୁନ୍ ପାଇଁ ମେଘାଳୟର ଶିଲଂକୁ ଯାଇଥିବାବେଳେ ସ୍ୱାମୀ ରାଜା ରଘୁବଂଶୀଙ୍କୁ ହତ୍ୟା କରିବା ଲାଗି ପୂର୍ବରୁ ଷଡ଼ଯନ୍ତ୍ର ରଚିଥିବା ବିଷୟ ୨ ସପ୍ତାହ ପରେ ପୋଲିସ ଆଗରେ ଜେରା ବେଳେ ସ୍ତ୍ରୀ ସୋନମ ସ୍ୱୀକାର କରିଛନ୍ତି। ସୋନମଙ୍କ ଭାଇ ଗୋବିନ୍ଦ ବୁଧବାର ଅପରାହ୍ଣରେ ରାଜାଙ୍କ ଘରକୁ ଯାଇ ପରିବାର ସଦସ୍ୟଙ୍କୁ ଭେଟି ଭଉଣୀଙ୍କ ଦୋଷ ପାଇଁ କ୍ଷମା ମାଗିଛନ୍ତି। ଭଉଣୀଙ୍କୁ ଯେପରି ଦଣ୍ଡ ମିଳିବ ତାହା ସୁନିଶ୍ଚିତ କରିବେ ବୋଲି ଗୋବିନ୍ଦ କହିଛନ୍ତି।

ମେ' ୧୧ରେ ମଧ୍ୟପ୍ରଦେଶ ଇନ୍ଦୋର ବ୍ୟବସାୟୀ ରାଜା ରଘୁବଂଶୀ ଓ ସୋନମ ବିବାହ କରିଥିଲେ। ୨୦ ତାରିଖରେ ନବଦମ୍ପତି ମେଘାଳୟକୁ ହନିମୁନ୍ ପାଇଁ ଯାଇଥିଲେ। କିନ୍ତୁ ୨୩ରେ ଉଭୟେ ନିଖୋଜ ହୋଇଯାଇଥିଲେ। ଜୁନ୍ ୨ରେ



ଏନ୍‌ଡିଆର୍‌ଏଫ୍ ଡ୍ରୋନ୍ ୱେଇ ସଡୋଙ୍ଗ୍ ଫଲ୍ସରେ ରାଜାଙ୍କ ମୃତଦେହ ଠାବ କରିଥିଲା। ମେଘାଳୟ ପୋଲିସ ରକ୍ତରଞ୍ଜିତ ଦାଆ ଓ ରାଜାଙ୍କ ଦ୍ୱାରା ବ୍ୟବହୃତ କିଛି ସାମଗ୍ରୀ ଯଥା-ସ୍ମାର୍ଟୱାଚ୍, ରେନ୍‌କୋଟ୍, ଶାର୍ଟ, ଫୋନ୍ ଫ୍ରାଗ୍‌ମେଣ୍ଟ ଜବତ କରିଥିଲା। ୯ରେ ସୋନମ ଉତ୍ତର ପ୍ରଦେଶର ଗାଜିପୁରରେ ଆତ୍ମସମର୍ପଣ କରିବା ପରେ ପୋଲିସ ତାଙ୍କୁ ଗିରଫ କରି ରିମାଣ୍ଡରେ ନେଇଛି। ଇତିମଧ୍ୟରେ ଏହି ଅପରାଧର ସହଅଭିଯୁକ୍ତ ଆକାଶ ରାଜପୁତ (ଲଳିତପୁର, ୟୁପି), ବିଶାଲ ସିଂ ଚୌହାନ ଓ ରାଜ ସିଂ କୁଶୱାହ (ଇନ୍ଦୋର, ଏମ୍‌ପି), ଆନନ୍ଦ କୁର୍ମି (ସାଗର, ଏମ୍‌ପି) ଗିରଫ ମଧ୍ୟ ହୋଇଛନ୍ତି। ଏହି ବହୁଚର୍ଚ୍ଚିତ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସୋନମ ଜେରା ବେଳେ କହିଛନ୍ତି, ସେ ଉକ୍ତ ବିବାହକୁ ନେଇ ଖୁସି ନ ଥିଲେ। ତାଙ୍କ ବାପାଙ୍କ କର୍ମଚାରୀ ରାଜ କୁଶୱାହଙ୍କୁ ବିବାହ କରିବାକୁ ଚାହୁଁଥିବାରୁ ରାଜାଙ୍କୁ ରାସ୍ତାରୁ ହଟାଇବା ପାଇଁ ଇନ୍ଦୋରରେ ଯୋଜନା କରିଥିଲେ। ଏଥିଲାଗି ରାଜ ୩ ଜଣ(ଆକାଶ, ଆନନ୍ଦ ଓ ବିଶାଳ)ଙ୍କୁ ନିୟୋଜିତ କରିଥିଲେ। ମେ' ୨୩ରେ ରାଜାଙ୍କୁ ହତ୍ୟା କରିବା ପାଇଁ ସେମାନେ ଏକତ୍ରିତ ହୋଇଥିଲେ। ସୋନମଙ୍କ ନିର୍ଦ୍ଦେଶକ୍ରମେ ଆକାଶ, ଆନନ୍ଦ ଓ ବିଶାଲ ଧାରୁଆ ଅସ୍ତ୍ରରେ ଆଘାତ ଦେଇ ରାଜାଙ୍କୁ ହତ୍ୟା କରି ତାଙ୍କ ମୃତଦେହକୁ ଏକ ଖାଇକୁ ଫିଙ୍ଗି ଦେଇଥିଲେ। ପରେ ସେମାନେ ଏକ ଟ୍ୟାକ୍ସିରେ ଗୁଆହାଟୀକୁ ଫେରାର ହୋଇଯାଇଥିଲେ। ୩ ଅଭିଯୁକ୍ତ ପୃଥକ୍ ଭାବେ ଟ୍ରେନ୍‌ରେ ଇନ୍ଦୋର ଯାଇଥିଲେ ବୋଲି ସୋନମ କହିଛନ୍ତି। ମେଘାଳୟ ପୋଲିସର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ୫ ଅଭିଯୁକ୍ତଙ୍କୁ ୮ ଦିନିଆ ରିମାଣ୍ଡରେ ନେଇ ଅଧିକ ପଚରାଉଚରା କରୁଛି। ଇତିମଧ୍ୟରେ ସୋନମଙ୍କ ଭାଇ ଗୋବିନ୍ଦ କହିଛନ୍ତି, ରାଜାଙ୍କୁ ଭଉଣୀ ହିଁ ହତ୍ୟା କରାଇଛନ୍ତି। ତେଣୁ ଦୋଷ ପ୍ରମାଣିତ ହେଲେ ସୋନମଙ୍କୁ ଫାଶୀ ଦିଆଯିବା ଉଚିତ। ତାଙ୍କୁ ଦଣ୍ଡିତ କରାଇବାରେ ସେ ସହଯୋଗ କରିବେ ବୋଲି ଗୋବିନ୍ଦ କହିଛନ୍ତି।

# ବଦଳିଲେ ୫୧ ଓଏଏସ୍ ଅଧିକାରୀ

ଭୁବନେଶ୍ୱର,୧୧।୬ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ବୁଧବାର ପୁଣି ଏକ ବଡ଼ଧରଣର ଓଏଏସ୍ ଅଧିକାରୀସ୍ତରରେ ଅଦଳବଦଳ କରାଯାଇଛି। ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ୫୧ଜଣ ଓଏଏସ୍ ଅଧିକାରୀଙ୍କ ବଦଳି ହୋଇଛି। ସେଥିମଧ୍ୟରେ ନାରାୟଣ ପାଟଣା ତହସିଲଦାର ଦେବବ୍ରତ ମହାରଣାଙ୍କୁ ନନ୍ଦପୁର ବଦଳି କରାଯାଇଥିବାବେଳେ ନନ୍ଦପୁରର ତହସିଲଦାର ପ୍ରଭାତୀ ଖୋଡିଆଙ୍କୁ ନାରାୟଣପାଟଣାରେ ଅବସ୍ଥାପିତ କରାଯାଇଛି। ସେହିପରି ତପସ୍ୱିନୀ ହାଁସଦାଙ୍କୁ ଦଶପଲ୍ଲା ତହସିଲଦାର ଭାବେ ବଦଳି କରାଯାଇଥିବାବେଳେ ଅବଶିଷ୍ଟ ୪୮ ଓଏଏସ୍ ଅଧିକାରୀଙ୍କୁ ବିଭିନ୍ନ ଜିଲାର ତହସିଲଦାର, ବିଡିଓ ଏବଂ ସରକାରଙ୍କ ଅନୁସଚିବ ଭାବେ ବଦଳି କରାଯାଇଛି।

# ଟ୍ରିପଲ୍ ଆଇଟିରେ ହେବ ସେମିକଣ୍ଡକ୍ଟର ଉତ୍କର୍ଷ କେନ୍ଦ୍ର

- ସବୁ ବିଭାଗ 'ଏଆଇ' ଆପଣାଇବାକୁ ମୁଖ୍ୟ ସଚିବଙ୍କ ଗୁରୁତ୍ୱ
- ଦକ୍ଷିଣ-ପଶ୍ଚିମ ଓଡ଼ିଶାକୁ ସଂଯୋଗ କରିବ 'ନମୋ ଏକ୍ସପ୍ରେସ୍ ୱେ'

ଭୁବନେଶ୍ୱର,୧୧।୬ (ରବିନାରାୟଣ ଜେନା)

ମୋହନ ସରକାରର ଗୁରୁବାର ଏକବର୍ଷ ପୂର୍ତ୍ତି ହେବ। ଏହି ବର୍ଷକ ମଧ୍ୟରେ ଭାଜପା ଦେଇଥିବା ୧୧ଟି ପ୍ରତିଶ୍ରୁତି ପୂରଣ ହୋଇଥିବାବେଳେ ଆଉ କେତେକ ପ୍ରକ୍ରିୟା ଭିତରେ ରହିଛି। ଏହାବାଦ୍ ଆଉ କିଛି ଉନ୍ନତିମୂଳକ କାର୍ଯ୍ୟ କରାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ନିକଟରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ୧୧ଟି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା ହୋଇଛି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ସଂପୃକ୍ତ ବିଭାଗୀୟ ମୁଖ୍ୟଙ୍କୁ ପତ୍ର ଜରିଆରେ ଅବଗତ କରାଯାଇଛି। ସବୁ ବିଭାଗରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ବ୍ୟବହାରକୁ ଅଧିକ ଫଳପ୍ରଦ ଓ ସଂଗଠିତ କରିବାକୁ ବୈଠକରେ ମୁଖ୍ୟ ସଚିବ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ପ୍ରତ୍ୟେକ ବିଭାଗରେ ଜଣେ ଲେଖାଏ 'ଏଆଇ ଅଫିସର' ନିଯୁକ୍ତ ହେବେ ଓ ତାଙ୍କୁ ସହଯୋଗ କରିବାକୁ ପ୍ରଯୁକ୍ତି ବିଦ୍ୟା ଜ୍ଞାନକୌଶଳସମ୍ପନ୍ନ ଦୁଇଜଣ ଏସ୍ଓ କିମ୍ବା ଏଏସ୍ଓଙ୍କୁ ନିୟୋଜନ କରାଯିବ । ଏହି ଏଆଇ ଅଫିସରମାନେ ମିଳିତ ଭାବେ 'ଏଆଇ ପ୍ରଯୁକ୍ତି ବିଦ୍ୟାର ଅଧ୍ୟୟନ' ଓ ବିଭାଗୀୟ କାର୍ଯ୍ୟରେ ଏହାର ପ୍ରୟୋଗ ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବେ। କେବଳ ସେତିକି ନୁହେଁ, 'ଓସ୍ୱାସ୍' ସିଷ୍ଟମରେ ଏଆଇକୁ ସାମିଲ କରାଯିବ ଓ ତଥ୍ୟ ସମ୍ପୃକ୍ତ ବିଭାଗସ୍ତରରେ ରହିବ। ସେହିପରି ରାଜ୍ୟ ସରକାରଙ୍କ 'ଦି ସେଣ୍ଟର ଫର୍ ମଡର୍ନାଇଜିଂ ଗଭର୍ନମେଣ୍ଟ ଇନିସିଏଟିଭ୍(ସିଏମ୍‌ଜିଆଇ)ରେ ଏଆଇର ପ୍ରୟୋଗକୁ ପ୍ରୋତ୍ସାହିତ କରିବା ନିମନ୍ତେ ପ୍ରଯୁକ୍ତିବିଦ୍ୟା ଜ୍ଞାନସମ୍ପନ୍ନ ୬ ଜଣ କର୍ମଚାରୀଙ୍କୁ ନିୟୋଜନ ନିମନ୍ତେ କୁହାଯାଇଛି। ଏହି ସମସ୍ତ କାର୍ଯ୍ୟ ଜୁନ୍ ୧୬ ସୁଦ୍ଧା ଆରମ୍ଭ କରିବାକୁ ମୁଖ୍ୟ ସଚିବ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ଟ୍ରିପଲ ଆଇଟିରେ ସେମିକଣ୍ଡକ୍ଟର ଉତ୍କର୍ଷ କେନ୍ଦ୍ର ଖୋଲାଯିବା ଏବଂ ଦକ୍ଷିଣ-ପଶ୍ଚିମ ଓଡ଼ିଶାକୁ ସଂଯୋଗ କରିବା ପାଇଁ 'ନମୋ ଏକ୍ସପ୍ରେସ୍ ୱେ' ନିର୍ମାଣ କରିବା ପାଇଁ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଏହାବାଦ୍ ପୁରୀ ସମୁଦ୍ରକୂଳରେ ମେରାଇନ୍ ଆକ୍ୱାରିୟମ ଓ 'ଅଣ୍ଡରୱାଟର ଜୁ' ନିର୍ମାଣ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏନେଇ ଖସଡ଼ା ପ୍ରସ୍ତୁତ କରିବାକୁ ମତ୍ସ୍ୟ ଓ ପଶୁପାଳନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ସେହିପରି ରାଜ୍ୟ ସରକାର ଖୁବ୍‌ଶୀଘ୍ର ଓଡ଼ିଶା ଇମିଗ୍ରେଶନ ପଲିସି ଆଣିବାକୁ ଯାଉଥିବା ବେଳେ ୟୁପିଏସ୍‌ସି ପରୀକ୍ଷା ପାଇଁ ମାଗଣା କୋଚିଂ ବ୍ୟବସ୍ଥା ଲାଗୁ କରିବାକୁ ଉଚ୍ଚଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଆରଏଡିପିଏଫ୍‌ଆଇ, ୟୁଆରଡିପିଏଫ୍‌ଆଇ ଓ ରୁର୍ବାନ ମିଶନ ଓଡ଼ିଶାରେ କାର୍ଯ୍ୟକାରୀ କରିବା ସମ୍ପର୍କରେ ଗୃହ ଓ ନଗର ଉନ୍ନୟନ ବିଭାଗକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି।

# ଆଜି ରାଇଘରରେ କଳା ଦିବସ ପାଳିବ ବିଜେଡି

ଭୁବନେଶ୍ୱର, ୧୧।୬(ସୁନିତ୍ ମିଶ୍ର)

ଅବିଭକ୍ତ କୋରାପୁଟ ଜିଲାରେ ୩୪୪ ଜଣ ଚାଷୀଙ୍କୁ ଧାନ ବିକ୍ରି ଟଙ୍କା ୪ମାସ ପରେ ମଧ୍ୟ ମିଳି ନ ଥିବାରୁ ଚାଷୀ ସମାଜରେ ପ୍ରବଳ ଅସନ୍ତୋଷ ସୃଷ୍ଟିହୋଇଛି। ଚାଷୀମାନଙ୍କୁ ତୁରନ୍ତ ତାଙ୍କ ପ୍ରାପ୍ୟ ପ୍ରଦାନ ଦାବିରେ ଚାଷୀ ସଙ୍ଗଠନ ତରଫରୁ ଗୁରୁବାର ରାଇଘରରେ ୧୨ ଘଣ୍ଟିଆ ବନ୍ଦ ସହ କଳା ଦିବସ ପାଳନ ପାଇଁ ଡାକରା ଦିଆଯାଇଛି। ଚାଷୀମାନଙ୍କ ଦ୍ୱାରା ଦିଆଯାଇଥିବା ଏହି ଡାକରାକୁ ବିଜେଡି ସମର୍ଥନ ଘୋଷଣା କରିଛି।

ଶଙ୍ଖ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ଉପସଭାପତି ରବି ନାରାୟଣ ନନ୍ଦ କହିଛନ୍ତି, ସରକାରଙ୍କ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବାପରେ ରାଇଘର ଅଞ୍ଚଳରେ ୩୪୪ ଜଣ ଚାଷୀଙ୍କୁ ଗତ ୧୫ ଫେବୃଆରୀରୁ ୧୬ ମାର୍ଚ୍ଚ ଭିତରେ ଧାନ ବିକ୍ରି କରିବା ପାଇଁ କୁହାଯାଇଥିଲା। ସେହି ହିସାବରେ ଏହି ଚାଷୀମାନେ ୧୪,୨୫୨ କୁଇଣ୍ଟାଲ ଧାନ ମଣ୍ଡିରେ ଦେଇଥିଲେ। ଏହି ଧାନର ପରିମାଣ ହିସାବରେ ଚାଷୀମାନେ ପ୍ରାୟ ସାଢ଼େ ୪ କୋଟି ଟଙ୍କା ପାଇବା କଥା। ନିୟମ ଅନୁଯାୟୀ ୨୪ରୁ ୪୮ଘଣ୍ଟା ଭିତରେ ଧାନ ବିକ୍ରି ଅର୍ଥ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିବା କଥା। କିନ୍ତୁ ପ୍ରାୟ ୪ ମାସ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଧାନ ଟଙ୍କା ମିଳି ନ ଥିବାରୁ ୧୨ ଘଣ୍ଟିଆ ବନ୍ଦ ସହ କଳା ଦିବସ ପାଳନ ହେବ ବୋଲି ନନ୍ଦ କହିଛନ୍ତି।

# କଷଟି ଗାଁରେ ଉତ୍ତେଜନା

- ଗୋରୁ ବେପାରୀଙ୍କ ଆକ୍ରମଣରେ ଗୁରୁତର ଯୁବକଙ୍କ ମୃତ୍ୟୁ
- ୧୦ ଲକ୍ଷ ଟଙ୍କା ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ତିହିଡି,୧୧।୬(ସଞ୍ଜିତ ବଳ)

ଗୋରୁ ବେପାରୀଙ୍କ ଆକ୍ରମଣରେ ଗୁରୁତର ହୋଇଥିବା ଭଦ୍ରକ ଜିଲା ତିହିଡି ଥାନା କୁବେରା ପଞ୍ଚାୟତ ଅଧୀନ କଷଟି ଗ୍ରାମର ସନ୍ତୋଷ ପରିଡ଼ା(୪୦)ଙ୍କ ବୁଧବାର ମୃତ୍ୟୁ ଘଟିଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ସନ୍ତୋଷଙ୍କ ମୃତ୍ୟୁ ଖବର ପହଞ୍ଚିବା ପରେ କଷଟି ଗାଁରେ ଉତ୍ତେଜନା ବୃଦ୍ଧି ପାଇଛି। ଗ୍ରାମରେ ପୋଲିସ ଫୋର୍ସ ମୁତୟନ ରହିଥିବା ବେଳେ ନୂତନ ଏସ୍‌ପି ମନୋଜ କୁମାର ରାଉତ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଘଟଣାରେ ପୂର୍ବରୁ ପୋଲିସ ୧୦ ଜଣଙ୍କୁ ଗିରଫ କରିଥିବା ବେଳେ ମଙ୍ଗଳବାର ରାତିରେ ଆଉ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗୁଜିଦରଡ଼ା ଗ୍ରାମର ଶେଖ ସମିରୁଦ୍ଦିନ ଓ ବିଷ୍ଣୁପୁର ଗ୍ରାମର ଶେଖ ଅବଦୁଲ୍ଲା।

# ଟ୍ରାକ୍ ନିର୍ମାଣ ସହ ଜାତୀୟ ଏକତା ସୃଷ୍ଟିକରେ ଭାରତୀୟ ରେଳ

ଭୁବନେଶ୍ୱର,୧୧।୬ (ଅନୁରାଧା ମହାରଣା)


ଜୟା ବର୍ମା ସିହ୍ନା



ଚଳିତ ମାସରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଶ୍ରୀ ମାତା ବୈଷ୍ଣୋଦେବୀ କଟରାରୁ ଶ୍ରୀନଗର ପର୍ଯ୍ୟନ୍ତ ପ୍ରଥମ ଯାତ୍ରା ଆରମ୍ଭ କରିଥିଲା। ଏକ ହାଇସ୍ପିଡ୍ ଟ୍ରେନ୍‌ର ଚଳାଚଳ ସହ ଶତାବ୍ଦୀର ସ୍ୱପ୍ନ ପୂରଣ ହୋଇଛି। ଅତ୍ୟାଧୁନିକ ଯାତ୍ରା ଅଭିଜ୍ଞତା ସହିତ କଶ୍ମୀରକୁ ଯାଉଥିବା ଟ୍ରେନ୍‌ଟି ଆମ ଇଞ୍ଜିନିୟରଙ୍କ ଉନ୍ନତ କାର୍ଯ୍ୟଶୈଳୀକୁ ବଖାଣୁଛି ବୋଲି ରେଲୱେ ବୋର୍ଡ ଚେୟାରମ୍ୟାନ୍ ଜୟା ବର୍ମା ସିହ୍ନା କହିଛନ୍ତି। ହାଇସ୍ପିଡ୍ ବନ୍ଦେ ଭାରତ ଟ୍ରେନ୍‌ଗୁଡ଼ିକ ଦିନକୁ ୨ଥର, ସପ୍ତାହରେ ୬ ଥର ଉଭୟ ପାର୍ଶ୍ୱରେ ଚାଲୁଛି। ଏହା ଯାତ୍ରା ସମୟକୁ ଅନେକମାତ୍ରାରେ ହ୍ରାସ କରିବା ସହ ସ୍ଥାନୀୟ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରି ସାରାଦେଶର ପର୍ଯ୍ୟଟକଙ୍କ ପାଇଁ ବରଦାନ ସଦୃଶ ହୋଇଛି। ସଡ଼କ ପଥରେ ଯାତ୍ରା କରିବାକୁ ୬ରୁ ୭ ଘଣ୍ଟା ସମୟ ଲାଗୁଥିବାବେଳେ ଏହି ଟ୍ରେନ୍‌ରେ ୩ ଘଣ୍ଟାରୁ କମ୍ ସମୟ ମଧ୍ୟରେ ଅତ୍ୟାଧୁନିକ ସୁବିଧା ଯାତ୍ରା ସମ୍ଭବ ହେଉଛି। ଭାରତୀୟ ରେଳ କେବଳ ଟ୍ରାକ୍ ନିର୍ମାଣ କରେନାହିଁ, ବରଂ ଏହା ଜାତୀୟ ଏକତା ମଧ୍ୟ ସୃଷ୍ଟି କରିଥାଏ। କଶ୍ମୀରକୁ ଏକ ବିଚ୍ଛିନ୍ନାଞ୍ଚଳ ଭାବେ ବିବେଚନା କରାଯାଉଥିବାବେଳେ ବର୍ତ୍ତମାନ ଭାରତୀୟ ରେଳ ଏହାକୁ ସଂଯୋଗ ସ୍ଥାପନ କରିଛି। ଏଠାକାର ରାସ୍ତାଗୁଡ଼ିକ ପ୍ରାୟତଃ ବିପଦପୂର୍ଣ୍ଣ ଥିଲା, ବିମାନଯାତ୍ରା ସୀମିତ ଥିଲା ଏବଂ ପୂର୍ଣ୍ଣ ରେଳ ସଂଯୋଗ ସହଜ ନ ଥିଲା। ଜଟିଳ ଭୂ-ରାଜନୈତିକ ଚ୍ୟାଲେଞ୍ଜ ଦ୍ୱାରା ବାଧାପ୍ରାପ୍ତ ହୋଇ ବ୍ରିଟିଶ ଯୁଗର କଶ୍ମୀର ରେଳ ସଂଯୋଗ ପ୍ରସ୍ତାବ ଦଶନ୍ଧି ଧରି ଡ୍ରଇଂ ବୋର୍ଡରେ ସୀମିତ ରହିଥିଲା। ବାରମ୍ବାର ଆଲୋଚନା, ଅଧ୍ୟୟନ, ବୈଷୟିକ ମୂଲ୍ୟାଙ୍କନ, ଘରୋଇ ଏବଂ ଅନ୍ତର୍ଜାତୀୟ ବିଶେଷଜ୍ଞଙ୍କ ସହିତ ପରାମର୍ଶ ପରେ ଉଧମପୁର-ଶ୍ରୀନଗର-ବାରାମୁଲ୍ଲା ରେଳ ଲିଙ୍କ୍(ୟୁଏସ୍‌ବିଆର୍‌ଏଲ) ୧୯୯୪ ମସିହାରେ ଅନୁମୋଦିତ ହୋଇଥିଲା। କେନ୍ଦ୍ରୀୟ ଅଂଶ କଟରାରୁ ବାନିହାଲ ପର୍ଯ୍ୟନ୍ତ ହିମାଳୟ ଅନୁପାତର ଏକ ଇଞ୍ଜିନିୟରିଂ ଏବଂ ସୁରକ୍ଷା ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ଦୃଢ଼ ନିଷ୍ଠା ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ମିଳିତ ଭାବରେ କାମ କରିବା ସହିତ ପ୍ରକଳ୍ପଟି ଶେଷ ହୋଇଥିଲା। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହା କେବଳ ଏକ ପରିବହନ ପଦକ୍ଷେପ ନୁହେଁ, ବରଂ ଏହା ଏକ ରାଷ୍ଟ୍ର ନିର୍ମାଣର ପ୍ରୟାସ ଥିଲା। ୟୁଏସ୍‌ବିଆରଏଲ୍ ପ୍ରକଳ୍ପରେ ଉଧମପୁର ଏବଂ ବାରାମୁଲା ମଧ୍ୟରେ ୨୭୨ କିଲୋମିଟର ଲମ୍ବର ୪୦ଟି ସୁଡ଼ଙ୍ଗ ଏବଂ ୯୦୦ରୁ ଅଧିକ ସେତୁ ରହିଛି। ଏହାର କେନ୍ଦ୍ରରେ ବିଶ୍ୱର ସର୍ବୋଚ୍ଚ ଚେନାବ ରେଳସେତୁ ରହିଛି (ନଦୀଶଯ୍ୟାଠାରୁ ୩୫୯ ମିଟର ଉଚ୍ଚ)। ଇଞ୍ଜିନିୟରିଂର ଏହି ଚମତ୍କାର ପ୍ରତି ଘଣ୍ଟା ୨୬୦ କି.ମି. ବେଗରେ ଏବଂ ଭୂକମ୍ପୀୟ ଜୋନ୍-ଭି କମ୍ପନକୁ ସହ୍ୟ କରିବାରେ ସକ୍ଷମ। ଏହା ପାଖରେ ଅଛି ଅଞ୍ଜିଖଡ଼ ସେତୁ, ଭାରତର ପ୍ରଥମ କେବୁଲ-ଷ୍ଟେଡ୍ ରେଳ ସେତୁ। ଗୋଟିଏ ପାଇଲନ ଦ୍ୱାରା ବନ୍ଧା ହୋଇଛି ଏବଂ ୯୬ଟି କେବୁଲ ଦ୍ୱାରା ସମର୍ଥିତ। ପିର୍ ପଞ୍ଜାଲ ପର୍ବତମାଳା ମଧ୍ୟ ଦେଇ ୧୧ କି.ମି. ଲମ୍ବ ଟି-୮୦ (ବାନିହାଲ-କାଜିଗୁଣ୍ଡ) ସୁଡ଼ଙ୍ଗ ନିର୍ମିତ ହୋଇଛି। ୧୯୦ କି.ମି.ରୁ ଅଧିକ ସୁଡ଼ଙ୍ଗ ଓ ହଜାର ହଜାର ଟନ୍ ଇସ୍ପାତ ବିନିଯୋଗରେ ଲାଇନ୍‌ଟି ସମ୍ପୂର୍ଣ୍ଣ ହୋଇଛି।

# ଲିଙ୍ଗଗତ ବୈଷମ୍ୟ ଦୂର ନିଜ ଘରୁ ଆରମ୍ଭ କର: ଭକ୍ତ

ଭୁବନେଶ୍ୱର,୧୧।୬ (ରବିନାରାୟଣ ଜେନା)


'ନାରୀ ନ୍ୟାୟ ବାହିନୀ' ପକ୍ଷରୁ ଆୟୋଜିତ ଜାତୀୟ ଆଲୋଚନାଚକ୍ରରେ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଅନ୍ୟମାନେ ।

ସମସ୍ତେ ଲିଙ୍ଗଗତ ବୈଷମ୍ୟ କଥା କହୁଛନ୍ତି, ଅଥଚ ନିଜ ଘରେ ପାରିବାରିକ ହିଂସାର ଶିକାର ହେଉଛନ୍ତି। ଲିଙ୍ଗଗତ ବୈଷମ୍ୟ ଆଗ ନିଜ ଘରୁ ଦୂର କରିବାକୁ ହେବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ମହିଳାମାନଙ୍କୁ ସମ୍ବୋଧନ କରି କହିଛନ୍ତି। ବୁଧବାର ଓଡ଼ିଶା ଭବନର ସମ୍ମେଳନ କକ୍ଷରେ 'ନାରୀ ନ୍ୟାୟ ବାହିନୀ' ପକ୍ଷରୁ ଆୟୋଜିତ ଜାତୀୟ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭକ୍ତ କହିଛନ୍ତି, ମହିଳା ପ୍ରଥମେ ନିଜ ଘରେ ମା'ଭଉଣୀଙ୍କଠାରୁ ବାପାଭାଇଙ୍କର ଥିବା ଅଧିକ ଗୁରୁତ୍ୱକୁ ଦୂର କରିବାକୁ ହେବ। ଆଗ ଘର ସଜାଡ଼ିଲେ ସମାଜକୁ ସଜାଡ଼ିବା ସହଜ ହେବ। ଘରେ କନିଷ୍ଠ ମହିଳାମାନେ ବୟସ୍କ ପୁରୁଷମାନଙ୍କୁ ସମ୍ମାନ ଜଣାଇବେ, କିନ୍ତୁ ପୁରୁଷମାନେ ଲିଙ୍ଗଗତ ଭେଦଭାବ କଲେ ସେମାନଙ୍କୁ ନମ୍ରତାର ସହ ମା'ଭଉଣୀମାନେ ବିରୋଧ କରିବାକୁ ହେବ। ପ୍ରଥମେ ୧୦୦ ବିପ୍ଳବୀ ମହିଳାଙ୍କୁ ନେଇ ଏକ ଟିମ୍ ଗଠନ ହେବ। ସେଥିରୁ ୨୭ ଜଣଙ୍କ ନାମ ଘୋଷଣା କରାଯାଇଥିଲା। ସମ୍ବଲପୁର, ବଲାଙ୍ଗୀର, ବ୍ରହ୍ମପୁର, ଜୟପୁର ଓ ବାଲେଶ୍ୱରରେ ଅନୁରୂପ ୫ ଗୋଟି ମହିଳା ସମାବେଶରୁ ଅବଶିଷ୍ଟ ମହିଳା ଚୟନ ହେବେ। ପରବର୍ତ୍ତୀ ସମୟରେ ଜିଲାୱାରି ଶହେ ଲେଖାଏ ବିପ୍ଳବୀ ମହିଳାଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ଦାସ ସୂଚନା ଦେଇଛନ୍ତି। 'ନାରୀ ନ୍ୟାୟ ବାହିନୀ' ପକ୍ଷରୁ ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମାବେଶରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍‌କେସିଜି ମେଡିକାଲ: ୩୬ ବର୍ଷ ପରେ ହେଲା ଓପନ୍ ହାର୍ଟ ସର୍ଜରି

ବ୍ରହ୍ମପୁର,୧୧।୬ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଦୀର୍ଘ ୩୬ ବର୍ଷ ପରେ ଓପନ୍ ହାର୍ଟ ସର୍ଜରି ହୋଇଛି। ମେଡିକାଲ କଲେଜ ଓ ହସ୍ପିଟାଲର ସିଟିଭିଏସ୍ (କାର୍ଡିଓ ଥୋରାସିସ ଓ ଭାସକୁଲାର ସର୍ଜରି) ବିଭାଗରେ ବୁଧବାର ଜଣେ ୨୬ ବର୍ଷୀୟା ମହିଳାଙ୍କ ଓପନ୍ ହାର୍ଟ ସର୍ଜରି ସଫଳତାର ସହ ହୋଇଛି। ଏମ୍‌କେସିଜିର ସିଟିଭିଏସ୍ ବିଭାଗର ଡାକ୍ତରଙ୍କ ସମେତ କଟକ ଏସ୍‌ସିବି ମେଡିକାଲର ଡାକ୍ତରୀ ଦଳ ମିଳିତ ଭାବେ ଏହି ଅପରେଶନ କରିଛନ୍ତି। ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ସ୍ଥିର ରହିଛି। ତାଙ୍କୁ ଆଇସିୟୁରେ ରଖାଯାଇଛି। ଅପରେଶନ କରିଥିବା ଡାକ୍ତରୀ ଦଳ ନିୟମିତ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରୁଛନ୍ତି।

ସୂଚନାଯୋଗ୍ୟ, ଗଞ୍ଜାମ ଜିଲାର ୨୬ ବର୍ଷୀୟା ମହିଳା ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ କିଛି ଦିନ ତଳେ ଏମ୍‌କେସିଜି ମେଡିକାଲକୁ ଆସିଥିଲେ। ହୃଦ୍‌ରୋଗ ବିଭାଗ ଡାକ୍ତରମାନେ ତାଙ୍କର ପରୀକ୍ଷା ନିରୀକ୍ଷା କରିବା ପରେ ତାଙ୍କ ହାର୍ଟରେ ଏକ ଛିଦ୍ର ରହିଥିବା ଜଣାପଡିଥିଲା। ଏଥିପାଇଁ ଓପନ ହାର୍ଟ ସର୍ଜରି କରିବାକୁ ପଡ଼ିବ ବୋଲି ଡାକ୍ତର ପରାମର୍ଶ ଦେଇଥିଲେ। ଏହାପରେ ଏମକେସିଜିର ସିଟିଭିଏସ ବିଭାଗର ଡାକ୍ତରମାନେ ତାଙ୍କର ଅପରେଶନ ପାଇଁ ଯୋଜନା କରିଥିଲେ। ବୁଧବାର ସିଟିଭିଏସ ବିଭାଗର ଅସ୍ତ୍ରୋପଚାର ଗୃହରେ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୪ଟା ଯାଏ ଅପରେଶନ ଚାଲିଥିଲା। ସୂଚନାଥାଉକି, ୧୯୯୦ରେ ଏମକେସିଜିରେ ଓପନ ହାର୍ଟ ସର୍ଜରି ହୋଇଥିଲା। ଏହାପରେ ବିଭିନ୍ନ କାରଣରୁ ଏହି ସର୍ଜରି ବନ୍ଦ ହୋଇଯାଇଥିଲା।

# ଦିନମଜୁରିଆ ନୁହେଁ, ଡିଜେ ଅପରେଟର ହେବାକୁ ଇଚ୍ଛା

## ଆଜି ଅନ୍ତର୍ଜାତୀୟ ଶିଶୁ ଶ୍ରମିକ ନିରୋଧ ଦିବସ

**ଆଜିର ଶିଶୁ କାଲିର ନାଗରିକ। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ପିଲାଙ୍କ ପାଠପଢ଼ା ପାଇଁ ବଡ ବଡ ଯୋଜନା କରାଯାଉଛି। ମାତ୍ର ବିଡମ୍ବନାର ବିଷୟ, ସମସ୍ତେ ଏହି ଯୋଜନାର ଉପକୃତ ହୋଇପାରୁନାହାନ୍ତି। ତେବେ ଅନ୍ତର୍ଜାତୀୟ ଶ୍ରମ ସଂଗଠନ(ଆଇଏଲ୍‌ଓ) ପ୍ରଥମେ ଶିଶୁ ଶ୍ରମିକ ପ୍ରଥା ରୋକିବା ପ୍ରସଙ୍ଗ ଉଠାଇଥିଲେ। ୨୦୦୨ରେ ଏନେଇ ସର୍ବସମ୍ମତି କ୍ରମେ ଏକ ଆଇନ ପାରିତ ହେଲା। ଯେଉଁଥିରେ ୧୪ ବର୍ଷରୁ କମ ପିଲାଙ୍କୁ ଶିଶୁ ଶ୍ରମ ଏକ ଅପରାଧ ବୋଲି କୁହାଯାଇଥିଲା। ମାତ୍ର ଏବେ ବି ପିଲାମାନେ ହୋଟେଲ, ଇଟାଭାଟି, ଫ୍ୟାକ୍ଟ୍ରି ରେ କାମ କରୁଥିବା ଦେଖିବାକୁ ମିଳୁଛି। ଏହି ଶିଶୁ ଶ୍ରମିକ ଧାରା ବନ୍ଦ କରିବା ପାଇଁ ସଚେତନତା ସୃଷ୍ଟି ସକାଶେ ୨୦୦୨ରୁ ଜୁନ ୧୨କୁ ଅନ୍ତର୍ଜାତୀୟ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ କରାଯାଉଛି। ଶିଶୁ ଶ୍ରମିକ ପ୍ରଥା ହଟାଇବା ପାଇଁ ରାଜ୍ୟରେ ବହୁ ସଂସ୍ଥା କାର୍ଯ୍ୟ କରୁଛନ୍ତି। ସେମାନଙ୍କ ସହଯୋଗରେ ରାଜ୍ୟରେ ଶିଶୁ ଶ୍ରମିକ ସଂଖ୍ୟା ହ୍ରାସ ପାଇଥିବା ଜଣାପଡ଼ିଛି। ଶିଶୁ ଶ୍ରମିକ ଅବସ୍ଥାରୁ ନିଜକୁ ବାହାର କରି ସାଧାରଣ ପିଲାଙ୍କ ଭଳି ପାଠ ପଢ଼ିବା ଲାଗି ସେମାନେ ମଧ୍ୟ ସ୍ୱପ୍ନ ଦେଖୁଛନ୍ତି।**



କେନ୍ଦୁଝର ଜିଲାର ବବ୍‌ଲୁ ଲାଗୁରି। ବବୁଲର ପରିବାର କହିଲେ ବାପା, ମାଆ, ଭାଇଭଉଣୀଙ୍କୁ ବୁଝାଏ। ସେମାନେ ଭୁବନେଶ୍ୱରସ୍ଥିତ ହାଇଟେକ ମୁଣ୍ଡାସାହି ବସ୍ତିରେ ରହୁଛନ୍ତି। ବାପା, ମାଆ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରନ୍ତି। ଆର୍ଥିକ ଅଭାବ ଓ ଦାରିଦ୍ର୍ୟ କାରଣରୁ ପରିବାର ଲୋକ ପିଲାଙ୍କୁ ପାଠପଢ଼ାଇବାକୁ ସମର୍ଥ ହେଉନଥିଲେ। ସେଥିପାଇଁ ବାପା ମାଆଙ୍କ ସହିତ କାମ କରିବାକୁ ବାହାରି ପଡ଼ିଥିଲେ ବବ୍‌ଲୁ। ଯେଉଁ ବୟସରେ ପାଠପଢ଼ିବା ଓ ଖେଳକୁଦ କରିବା କଥା ସେହି ବୟସରେ ସେ ବାଲି ସିମେଣ୍ଟ ବୁହା କାମ କରୁଥିଲେ। ଦିନମଜୁରିଆ ଭାବେ କାମ କରି ସେ ଦିନକୁ ୫୦ରୁ ୧୦୦ ଟଙ୍କା ରୋଜଗାର କରୁଥିଲେ। ଏଭଳି ଅବସ୍ଥାରେ ୨୦୧୮ ମସିହାରେ ଆଭେକ୍ଷା ଟ୍ରଷ୍ଟ ତାଙ୍କୁ ଉଦ୍ଧାର କରିଥିଲା। ସେତେବେଳକୁ ବବ୍‌ଲୁଙ୍କୁ ବୟସ ମାତ୍ର ୧୦ ବର୍ଷ। ଉଦ୍ଧାର ପରେ ଟ୍ରଷ୍ଟ ପକ୍ଷରୁ ତାଙ୍କୁ ପାଠ ପଢ଼ାଇବା ପାଇଁ ରାଜି କରାଯାଇଥିଲା। ସେ ହଂସପାଳ ହାଇସ୍କୁଲରେ ପାଠପଢ଼ିବା ଆରମ୍ଭ କରିଥିଲେ। ନିଷ୍ଠା ଓ ପରିଶ୍ରମ ବଳରେ ସେ ଦଶମ ଶ୍ରେଣୀ ପାସ କରିଛନ୍ତି। ତେବେ ଆଗକୁ ଜଣେ ଡିଜେ ଅପରେଟର ଭାବେ କାର୍ଯ୍ୟ କରିବାକୁ ବବ୍‌ଲୁ ଲକ୍ଷ୍ୟ ରଖିଛନ୍ତି।

-ରିପୋର୍ଟ: **ସୁଚିସ୍ମିତା ସାହୁ**, ଭୁବନେଶ୍ୱର

### ଏମାନଙ୍କ ମତରେ

**ସବୁ ବିଭାଗର ମିଳିତ ସହଯୋଗ ଜରୁରୀ**

ଶିଶୁ ଶ୍ରମିକ ଉଦ୍ଧାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁ ଯୋଜନା କରାଯାଉଛି। ତଥାପି ବିଭିନ୍ନ ଉପାନ୍ତ ଅଞ୍ଚଳରେ ଶିଶୁମାନେ ଶ୍ରମିକ ଭାବେ କାମ କରୁଥିବା ନଜରକୁ ଆସୁଛି। ରାଜ୍ୟ ସରକାରଙ୍କ ସବୁ ବିଭାଗର ମିଳିତ ସହଯୋଗରେ ଏକ କ୍ୟାମ୍ପେନିଂ କରାଯାଉ। ସରକାରୀ ଯୋଜନା ଗୁଡିକୁ କ୍ଷିପ୍ରଗତିରେ ଚାଲୁକରିବା ଦରକାର। ତା'ପରେ ଶିଶୁ ଶ୍ରମିକକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇପାରିବ।

- ଭାସ୍କର ପ୍ରଧାନ, ସାମାଜିକ କର୍ମୀ

**୧୮ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ଶିକ୍ଷା ଅଧିକାର ଆଇନରେ ସାମିଲ କରାଯାଉ**

ଭାରତରେ ବହୁ ଶିଶୁ ଅଛନ୍ତି ଯେଉଁମାନେ ଶ୍ରମିକ ଭାବେ କାମ କରୁଛନ୍ତି। ୧୮ ବର୍ଷରୁ କମ ପିଲାମାନଙ୍କୁ ଉଦ୍ଧାର କରି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଉ। ଶିକ୍ଷା ଅଧିକାର ଆଇନ ମାଧ୍ୟମରେ ସବୁ ପିଲାଙ୍କୁ ପାଠପଢ଼ାଯାଉ। ୧୮ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ଶିକ୍ଷା ଅଧିକାର ଆଇନରେ ସାମିଲ କରିବାକୁ ରାଜ୍ୟ ସରକାରଙ୍କୁ ଦାବି କରୁଛୁ। ଯଦି ପିଲାମାନେ ଶିକ୍ଷାରେ ଜଡିତ ରହିବେ ତେବେ ଶିଶୁ ଶ୍ରମିକ ଏବଂ ବାଲ୍ୟ ବିବାହ ମୁକ୍ତ ଓଡିଶା ହୋଇପାରିବ।

- ବେଣୁଧର ସେନାପତି, ଶିଶୁ ସୁରକ୍ଷା ଅଧିକାରୀ

Repco Home Finance

ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍

କର୍ପୋରେଟ୍ କାର୍ଯ୍ୟାଳୟ: ଆଲେକ୍ଜାଣ୍ଡର ସ୍କୋୟାର୍, ନଂ.୨ (ପୁରୁଣା ନଂ. ୩୪ ଓ ୩୫), ୩ୟ ମହଲା, ସର୍ଦ୍ଦାର ପଟେଲ ରୋଡ୍, ଗୁଇଣ୍ଡି, ଚେନ୍ନାଇ - ୬୦୦ ୦୩୨

ଇ - ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ରେପକୋ ହୋମ୍ ଫାଇନାନ୍ସ ଲିଃକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ

ଯେହେତୁ, ନିମ୍ନଲିଖିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାମାନେ **ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ନିମ୍ନଲିଖିତ ଶାଖା**ରୁ ଟଙ୍କା ଧାର କରିଥିଲେ ଏବଂ ସେମାନଙ୍କର ଦେୟତାର ବିବରଣୀ ତଳେ ଦର୍ଶାଯାଇଛି । ଯେହେତୁ, କମ୍ପାନୀ ସରଫାଏସି ଅଧିନିୟମ ଅଧୀନରେ ନୋଟିସ ଜାରି କରିଥିଲା ଏବଂ ପ୍ରାଧିକୃତ ଅଧିକାରୀ ବନ୍ଧକ ସମ୍ପତ୍ତିଗୁଡ଼ିକର ଦଖଲ ଗ୍ରହଣ କରିଛନ୍ତି ଏବଂ ନିମ୍ନଦର୍ଶିତ ତାରିଖରେ ନୋଟିସ ଜାରି କରିଛନ୍ତି ଏବଂ ବର୍ତ୍ତମାନ କମ୍ପାନୀ ସମ୍ପତ୍ତିଗୁଡ଼ିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୮ ଓ ୯ ଅଧୀନରେ **''ଯେପରି ଅଛି ଯେଉଁଠି ଅଛି ସ୍ଥିତିରେ''** ଏବଂ **''ଯେମିତି ଅଛି ଯାହା ଅଛି ସ୍ଥିତିରେ''** ବିକ୍ରୟ କରିବା ଲାଗି ନିଷ୍ପତ୍ତି ନେଇଛି ।

**ଇ-ନିଲାମର ତାରିଖ ଓ ସମୟ: ୧୫.୦୭.୨୦୨୫, ପୂର୍ବାହ୍ନ ୧୧.୦୦ - ମଧ୍ୟାହ୍ନ ୧୨.୦୦ ଘଟିକା (୫ ମିନିଟର ଅସୀମିତ ସ୍ୱତଃସ୍ଫୂର୍ତ୍ତ ସମୟବୃଦ୍ଧି ସହିତ)**

**ଇ-ଟେଣ୍ଡର ଦାଖଲ କରାଯିବାର ଶେଷ ତାରିଖ ଓ ସମୟ: ୧୪.୦୭.୨୦୨୫, ଅପରାହ୍ନ ୪.୦୦ ଘଟିକା**

**ଭୁବନେଶ୍ୱର ଶାଖା - ଫୋନ୍: ୦୬୭୪ - ୨୩୬୦୧୬୬ ଏବଂ ମୋ.: ୯୪୩୭୪ ୯୬୯୯୮**

**କ୍ର.ସଂ. ୧: ଋଣଗ୍ରହୀତା: ଶ୍ରୀ ଆଲୋକ ଆଚାର୍ଯ୍ୟ,** ପିତା: ଶ୍ରୀ ଶ୍ରୀଧର ଆଚାର୍ଯ୍ୟ, **ସହ-ଋଣଗ୍ରହୀତା: ଶ୍ରୀମତୀ ସାଗରିକା ଆଚାର୍ଯ୍ୟ,** ସ୍ୱାମୀ: ଆଲୋକ ଆଚାର୍ଯ୍ୟ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ସମ୍ବିତ ସ୍ୱାଇଁ,** ପିତା: ମଞ୍ଜରାଜ ସ୍ୱାଇଁ; ଡିମାଣ୍ଡ ନୋଟିସ ତାରିଖ: **୨୬.୦୭.୨୦୨୧**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୭୧୦୦୦୪୫୪ ଏବଂ ୧୬୮୧୮୬୦୦୦୦୬୨୫**) ହେଉଛି **ତା୨୦.୦୭.୨୦୨୧ରିଖ ସୁଦ୍ଧା ₹୧୫,୩୯,୮୨୩/- ଏବଂ ₹୧୩,୦୯,୫୭୧/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୧.୦୧.୨୦୨୨;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୬.୦୫.୨୦୨୫ରିଖ ସୁଦ୍ଧା ₹୨୬,୧୨,୯୧୨/- ଏବଂ ₹୨୨,୮୩,୯୮୫/-।**

**ସମ୍ପତ୍ତିର ବର୍ଣ୍ଣନା: କଟକ ଜିଲ୍ଲା, କଟକ ତହସିଲ, ଭାଣପୁର ମୌଜା**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖାତା ନଂ. ୧୧୬୨/୨୦୫୨, **ପ୍ଲଟ୍ ନଂ.୧୧୦୦/୬୧୧୮, ରକବା: ଏ୦.୦୨୧ ଡିସିମିଲ** । ମୋଟ କ୍ରୟ ରକବା ଏ.୦.୦୨୦.୮ ଡିସିମିଲ । ଜମିର କିସମ: ଘରବାରି (ହୋମଷ୍ଟିଡ୍) ଏବଂ ଚଉହଦୀ ନିମ୍ନ ଅନୁଯାୟୀ ଅଟେ: ଉତ୍ତର: ପ୍ଲଟ୍ ନଂ. ୧୧୦୮, ଦକ୍ଷିଣ: ଇଜିମାଇଲି ରୋଡ୍, ପୂର୍ବ: ପ୍ଲଟ୍ ନଂ. ୧୧୩୦, ପଶ୍ଚିମ: ଅଶୋକ କୁମାର ସ୍ୱାଇଁ ଓ ଅନ୍ୟମାନେ ।

[illegible]

ଉପରେ ନିର୍ମିତ ଭବନ ଏବଂ ଚଉହଦୀ ନିମ୍ନ ଅନୁଯାୟୀ ଅଟେ: ଉତ୍ତର: ରଘୁ ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ଯଶୋବନ୍ତ ମିଶ୍ର, ପଶ୍ଚିମ: ପ୍ରମୋଦ ସାହୁ ।

| ସଂରକ୍ଷିତ ମୂଲ୍ୟ | ₹୪୦,୧୧,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୪,୦୧,୧୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୯: ଋଣଗ୍ରହୀତା: ଶ୍ରୀ ରାକେଶ ଦାସ,** ପିତା: ଶ୍ରୀ ବ୍ରଜ ମୋହନ ଦାସ, **ସହ-ଋଣଗ୍ରହୀତା: ୧. ଶ୍ରୀ ବ୍ରଜ ମୋହନ ଦାସ,** ପିତା: ଶ୍ରୀ ରାଜକିଶୋର ଦାସ, **୨. ଶ୍ରୀମତୀ ଜୟନ୍ତୀ ଦାସ,** ସ୍ୱାମୀ: ଶ୍ରୀ ବ୍ରଜ ମୋହନ ଦାସ, **ଗ୍ୟାରେଣ୍ଟିଦାତା: ଶ୍ରୀ ଦେବାଶିଷ ଦାସ,** ପିତା: ଶ୍ରୀ ଦୁର୍ଗା ଚରଣ ଦାସ; ଡିମାଣ୍ଡ ନୋଟିସ ତାରିଖ: **୨୩.୦୮.୨୦୨୧**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୨୩୦୧୮୭୨୦୦୦୦୮୩ ଏବଂ ୨୩୦୧୮୨୦୦୦୦୧୯୯**) ହେଉଛି **ତା୧୮.୦୮.୨୦୨୧ରିଖ ସୁଦ୍ଧା** ଯଥାକ୍ରମେ **₹୧୧,୨୬,୨୦୪/- ଏବଂ ₹୨,୩୬,୧୦୭/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୯.୦୧.୨୦୨୨;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୨.୦୫.୨୦୨୫ରିଖ ସୁଦ୍ଧା** ଯଥାକ୍ରମେ **₹୧୮,୫୩,୫୨୧/- ଏବଂ ₹୪,୪୩,୦୯୩/-।**

**ସମ୍ପତ୍ତିର ବର୍ଣ୍ଣନା: କଟକ ଜିଲ୍ଲା, ତିଗିରିଆ ତହସିଲ, ପାଞ୍ଚଗାଁ ମୌଜା**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ.୯୦୯/୧୭, **ପ୍ଲଟ୍ ନଂ. ୩୮୫୨/୭୧୪୭,** ରକବା: **ଏ.୦.୦୮୦ ଡିସିମିଲ** । ପ୍ଲଟ୍‌ର କିସମ ହେଉଛି ହୋମଷ୍ଟିଡ୍ ଏବଂ ତାହା ରକବା ଏ.୦.୧୦୦ ଡିସିମିଲରେ ଆବଦ୍ଧ । ଉତ୍ତର: ସନାତନ ବାରିକ, ଦକ୍ଷିଣ: ମୁଖ୍ୟ ରାସ୍ତା, ପୂର୍ବ: ଅଲିମନ ବିବି, ପଶ୍ଚିମ: ରାସ୍ତା ।

| ସଂରକ୍ଷିତ ମୂଲ୍ୟ | ₹୨୧,୩୬,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୨,୧୩,୬୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୧୦: ଋଣଗ୍ରହୀତା: ଶ୍ରୀ ସ୍ମୃତି ରଞ୍ଜନ ମହାନ୍ତି,** ପିତା: ଶ୍ରୀ ପୀତବାସ ମହାନ୍ତି, **ସହ-ଋଣଗ୍ରହୀତା: ୧. ଶ୍ରୀ ରଶ୍ମୀ ରଞ୍ଜନ ମହାନ୍ତି, ୨. ଶ୍ରୀମତୀ ଉର୍ମିଳା ମହାନ୍ତି, ୩. ଶ୍ରୀ ପୀତବାସ ମହାନ୍ତି,** ପିତା: ଶ୍ରୀ କୃଷ୍ଣ ଚନ୍ଦ୍ର ମହାନ୍ତି; ଡିମାଣ୍ଡ ନୋଟିସ ତାରିଖ: **୨୯.୦୭.୨୦୨୨**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୨୩୦୧୮୬୦୦୦୦୧୪୫**) ହେଉଛି **ତା୨୮.୦୭.୨୦୨୨ରିଖ ସୁଦ୍ଧା ₹୧୬,୯୩,୨୫୪/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୧୮.୦୨.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୨୮.୦୫.୨୦୨୫ରିଖ ସୁଦ୍ଧା ₹୨୪,୬୫,୫୭୦/-।**

**ସମ୍ପତ୍ତିର ବର୍ଣ୍ଣନା:** ଜିଲ୍ଲା: କଟକ, ତହସିଲ: ଆଠଗଡ଼, ମୌଜା: ଖୁଣ୍ଟକଟାଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଆର୍‌ଓଆର୍: ୩୭୪/୫୯୫, **ପ୍ଲଟ୍ ନଂ. ୧୪୨୮,** ରକବା: **ଏ.୦.୦୮୦ ଡିସିମିଲ,** ପ୍ଲଟ୍‌ର କିସମ ହେଉଛି ହୋମଷ୍ଟିଡ୍ (ଘରବାରି) ଦ୍ରଷ୍ଟବ୍ୟ ଓଏଲ୍‌ଆର୍ ଧାରା ୮ (ଏ) ଅଧୀନରେ ମାମଲା ସଂ. ୭୭୭/୨୦୧୭, ଚଉହଦୀ: ଉତ୍ତର: ନୀଳମଣି ନାୟକ, ଦକ୍ଷିଣ: ଦମୟନ୍ତୀ ବେହେରା, ପୂର୍ବ: ରାସ୍ତା, ପଶ୍ଚିମ: ଚକ୍ରଧର ନାୟକ ।

| ସଂରକ୍ଷିତ ମୂଲ୍ୟ | ₹୨୦,୩୯,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୨,୦୩,୯୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

ଇ-ନିଲାମ ପଦ୍ଧତି ପାଇଁ, ଦୟାକରି ମେସର୍ସ ସି୧ ଇଣ୍ଡିଆ ପ୍ରା. ଲିଃ, ଶ୍ରୀ ପ୍ରଭାକରନ - ୭୪୧୮୨୮୧୭୦୯ଙ୍କ ସହ ଯୋଗାଯୋଗ କରନ୍ତୁ ।

ସମ୍ପତ୍ତିର ନିରୀକ୍ଷଣ ପାଇଁ ଆଗ୍ରହୀ ବିଡରମାନେ ଶାଖା ମୁଖ୍ୟ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ସମ୍ପୃକ୍ତ ଶାଖା ସହ ସମସ୍ତ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରିପାରନ୍ତି ।

**ତାରିଖ: ୩୧.୦୫.୨୦୨୫ ପ୍ରାଧିକୃତ ଅଧିକାରୀ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍**

## କିସ୍ତି ଶୁଝି ନ ପାରି ଟ୍ରକ୍ ମାଲିକଙ୍କ ଆତ୍ମହତ୍ୟା

କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ):ଅସହ୍ୟ ହେଲା ଋଣ ଭାର। ଆଗଭଳି ଟ୍ରକ୍ ଚାଲୁ ନ ଥିବାରୁ ଋଣ ଶୁଝିପାରିଲେ ନାହିଁ। ଫଳରେ କମ୍ପାନୀ ଟ୍ରକ୍ ଟାଣି ନେଇଗଲା। ଏଭଳି କ୍ଷେତ୍ରରେ ଟ୍ରକ୍ ମାଲିକ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ କେନ୍ଦୁଝର ଜିଲା ସଦର ବ୍ଲକ୍ ଗୋବର୍ଦ୍ଧନ ଗ୍ରାମର ଯୁବ ଟ୍ରକ୍ ମାଲିକ ଲୋକନାଥ ଦେଓ (୩୧)। ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଏଭଳି ସମ୍ବେଦନଶୀଳ ଘଟଣା ସମଗ୍ର ଜିଲାରେ ଆଲୋଡ଼ନ ସୃଷ୍ଟି କରିଛି।

# ଆଉ ୫ ଜଣଙ୍କୁ ଗିରଫ କଲା କ୍ରାଇମ୍‌ବ୍ରାଞ୍ଚ

### ଜାଲ୍ ସାର୍ଟିଫିକେଟରେ ଗ୍ରାମୀଣ ଡାକସେବକ ନିଯୁକ୍ତି ଦୁର୍ନୀତି ମାମଲା



ଭୁବନେଶ୍ୱର,୧୧।୬(ସତ୍ୟଜିତ୍ ରାଉତ)

ଜାଲ୍ ସାର୍ଟିଫିକେଟ୍ ଦେଇ ଡାକ ବିଭାଗରେ ଗ୍ରାମୀଣ ଡାକସେବକ ନିଯୁକ୍ତିରେ ଦୁର୍ନୀତି ମାମଲାରେ କ୍ରାଇମ୍‌ବ୍ରାଞ୍ଚ ଆଉ ୫ ଜଣଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ବଲାଙ୍ଗୀର ମୁରିବାହାଲର କୁଳମଣି ରାଣା(୨୪), ସଦର ଥାନା ଅଞ୍ଚଳର ଆଜାଉଦ୍ଦିନ୍ କୁମ୍ଭାର(୨୮), ଜଗନ୍ନାଥପଡ଼ାର ରଜତ କୁମାର ନାଏକ(୩୨), ବୁଡ଼ାମୁଣ୍ଡାର ସୁଧିର ଭୁଇ(୨୭) ଓ ସୁବର୍ଣ୍ଣପୁରର ତୋଫାନ ବାଗ୍(୪୫)। ଗିରଫ ଅଭିଯୁକ୍ତମାନଙ୍କୁ ବଲାଙ୍ଗୀର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯିବା ପରେ ଜେଲକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପ୍ରତିଷ୍ଠାନର ଫେକ୍ ସାର୍ଟିଫିକେଟ୍ ଦାଖଲ କରି ଚାକିରି ପାଇଥିଲେ। ତେବେ ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ଅଭିଜିତ୍ କୁମାର ଭକତଙ୍କ ସମେତ ୧୭ ଜଣଙ୍କୁ ଗିରଫ କରାଯାଇଥିବା କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ୨୦୨୩ ଜାନୁଆରୀ ୨୭ରେ ଗ୍ରାମୀଣ ଡାକସେବକ(ଡିଡିଏସ୍) ପଦବୀ ଅନ୍ତର୍ଗତ ବିପିଏମ୍, ଏବିପିଏମ୍ ଓ ଡାକସେବକ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାଟ୍ରିକ୍ ମାର୍କ ଆଧାରରେ ପଦବୀ ପୂରଣ ପାଇଁ ବିଜ୍ଞପ୍ତିରେ ଦର୍ଶାଯାଇଥିଲା। ଏହାର ଫାଇଦା ନେଇ ଅଭିଯୁକ୍ତମାନେ ଜାଲ୍ ସାର୍ଟିଫିକେଟ୍ ଦେଇ ଆବେଦନ କରିଥିଲେ। ବଲାଙ୍ଗୀରରେ ଚୁକ୍ତିନାମା ଲେଖିବାବେଳେ ସେମାନେ ଠିକ୍‌ରେ ଇଂଲିଶ ଲେଖି ପଢ଼ି ପାରି ନ ଥିଲେ। ସନ୍ଦେହ ହେବାରୁ ୨୦୨୩ ମାର୍ଚ୍ଚରେ ବଲାଙ୍ଗୀର ଡାକ ଅଧୀକ୍ଷକଙ୍କ ପକ୍ଷରୁ ବଲାଙ୍ଗୀର ଟାଉନ ଥାନାରେ ଏତଲାକ୍ରମେ ପୋଲିସ ତଦନ୍ତ କରିଥିଲା। ମାର୍ଚ୍ଚ ୩୧ରେ ଡିଜିପିଙ୍କ ନିର୍ଦ୍ଦେଶକ୍ରମେ କ୍ରାଇମ୍‌ବ୍ରାଞ୍ଚ ମାମଲା ରୁଜୁ କରି ତଦନ୍ତ କରିଥିଲା। ପରେ ଏହାର ତଦନ୍ତ ପାଇଁ ମହାଡାକପାଳ ସିବିଆଇକୁ ଚିଠି ଲେଖିଥିଲେ। ସିବିଆଇ ମାମଲା ରୁଜୁକରି ତଦନ୍ତ କରିଥିଲା। ୨୦୨୪ ଜୁନ୍ ୧୩ରେ ସିବିଆଇ ରାଜ୍ୟର ୬୭ଟି ସ୍ଥାନ ଏବଂ ଚଳିତବର୍ଷ ଏପ୍ରିଲ ୨୩ରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଉଲ୍ଲେଖଯୋଗ୍ୟ, ଏହି ମାମଲାରେ ୩ ଜଣ ମିଡଲ୍ ମ୍ୟାନ୍ ଓ ୫୫ ଜଣ ପରୀକ୍ଷାର୍ଥୀଙ୍କ ବିରୋଧରେ ସିବିଆଇ ଗତ ଡିସେମ୍ବର ୩୦ରେ ଭୁବନେଶ୍ୱରସ୍ଥିତ ଏସ୍‌ଡିଜେଏମ୍ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲା।

# ୭.୮୦ ଲକ୍ଷର ବ୍ରାଉନସୁଗାର ଜବତ: ୫ ଗିରଫ

### ୧୨,୧୦୦ ଟଙ୍କା, ୩ ମୋବାଇଲ, ୪ ବାଇକ୍ ଜବତ

ଖୋର୍ଦ୍ଧା,୧୧।୬(ପ୍ରଭାତ ପାଣିଗ୍ରାହୀ)

ନିଶାମୁକ୍ତ ରାଜ୍ୟ ଗଠନ ପାଇଁ ସରକାର 'ଆମ ସଂକଳ୍ପ ନିଶା ନୁହେଁ ଜୀବନ' ବାର୍ତ୍ତା ଦେଇଛନ୍ତି। ଏହି କ୍ରମରେ ଖୋର୍ଦ୍ଧା ଜିଲାକୁ ନିଶାମୁକ୍ତ କରିବା ପାଇଁ ପୋଲିସ ପକ୍ଷରୁ ନାର୍କୋଟିକ୍ସ ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ର ଅଭିଯାନ ଜାରି ରହିଛି। ବୁଧବାର ଆଦର୍ଶ ଥାନା, ସଦର ଥାନା ଓ ଶିଳ୍ପାଞ୍ଚଳ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୭୮.୬୮ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏହାର ମୂଲ୍ୟ ୭ଲକ୍ଷ ୮୦ହଜାର ହେବ। ଏହି ଘଟଣାରେ ୨ଜଣ ମହିଳାଙ୍କ ସମେତ ୫ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନୟାଗଡ ଜିଲା ଖଣ୍ଡପଡ଼ା ଥାନା ଅଧୀନ ବସନ୍ତପୁର ତଥା ଖୋର୍ଦ୍ଧା ଜବରଦସ୍ତପୁର ସ୍ୱପ୍ନେଶ୍ୱର ସାହିରେ ରହୁଥିବା ମନୋରମା ନାୟକ (୪୫), ଭାଲିଆବାଡ଼ିର ନିବାସିନୀ ସାହୁ ଓରଫ ଆସେଇ (୩୬), ତାଙ୍କ ସ୍ୱାମୀ ସତ୍ୟନାରାୟଣ ସାହୁ (୩୯), ତରତୁଆସ୍‌ର କରିମ୍ ଖାନ୍ (୨୯) ଏବଂ ଭାଲିଆବାଡ଼ି ହାତିଆଗୁଣି ସାହିର ଅତନୁ ଖାନ୍ (୨୩)। ଏମାନଙ୍କଠାରୁ ନଗଦ ୧୨,୧୦୦ ଟଙ୍କା, ୩ଟି ମୋବାଇଲ ଓ ୪ଟି ମୋଟରସାଇକେଲ ଜବତ ହୋଇଛି।

ସୂଚନା ଅନୁଯାୟୀ, ଶିଳ୍ପାଞ୍ଚଳ ଥାନା ପୋଲିସ ଗଡ଼ଖୋର୍ଦ୍ଧା କୁଞ୍ଜବିହାରୀ ମନ୍ଦିର ସମ୍ମୁଖରେ ମନୋରମା ବେପାର କରୁଥିବା ବିଶେଷ ସୂତ୍ରରୁ ଖବର ପାଇଥିଲା। ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଜୟସିଂଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢାଉ କରି ମନୋରମାଙ୍କ ଠାରୁ ୩୫.୨୫ଗ୍ରାମ ବ୍ରାଉନସୁଗର ସମେତ ୭୨ଶହ ଟଙ୍କା ଜବତ କରିଥିଲା। ଏନେଇ ଏସ୍‌ଆଇ ପ୍ରମୋଦ କୁମାର ନାୟକଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ. ୧୪୨/୨୫) ରୁଜୁ ହୋଇଛି। ସେହିପରି ସଦର ଥାନା ଅନ୍ତର୍ଗତ ଗଡଗୁଡୁମ ପାଣିଟାଙ୍କି ନିକଟରେ ପୋଲିସ ଚଢଉ କରି ଅତନୁଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨୩.୪୩ ଗ୍ରାମ୍ ବ୍ରାଉନସୁଗାର ଓ ୧୫ଶହ ଟଙ୍କା ଜବତ କରିଛି। ଆଦର୍ଶ ଥାନା ପୋଲିସ ଭାଲିଆବାଡ଼ି ଅଞ୍ଚଳରେ ଚଢାଉ କରି ଦମ୍ପତି ନିବାସିନୀ ଓ ତାଙ୍କ ସ୍ୱାମୀ ସତ୍ୟନାରାୟଣଙ୍କ ସମେତ କରିମ୍‌ଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୨୦ଗ୍ରାମ ବ୍ରାଉନସୁଗାର ସମେତ ୩୪ ଶହ ଟଙ୍କା, ୩ଟି ମୋବାଇଲ ଓ ୪ଟି ମୋଟରସାଇକେଲ ଜବତ କରିଛି। ପୋଲିସ ୩ ପୃଥକ ମାମଲାରେ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଘରେ ପଶି ଟଙ୍କା, ସୁନା ଲୁଟିନେଲେ

ଭଦ୍ରକ,୧୧।୬(ସନାତନ ରାଉତ)

ଭଦ୍ରକ ସାମରାଇପୁର– ଆରଡ଼ି ଛକ କେନାଲରୋଡ୍ ସ୍ଥିତ ଏକ ଭଡ଼ାଘରୁ ମଙ୍ଗଳବାର ରାତିରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଆଇନଜୀବୀ ସଞ୍ଜୟ ପ୍ରକାଶ ତ୍ରିପାଠୀ ତାଙ୍କ ପରିବାର ସହ କେନାଲ ରୋଡ୍‌ରେ ଭଡ଼ାଘରେ ରହୁଥିବା ବେଳେ ତାଙ୍କ ଶାଳୀ ମଧ ପରିବାର ସହ ଆଉ ଏକ ଭଡ଼ାଘରେ ରହୁଥିଲେ। ମଙ୍ଗଳବାର ରାତିରେ ଉଭୟ ପରିବାର ଘରେ ନ ଥିବା ବେଳେ ଏହି ସୁଯୋଗରେ ଘରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ସୁନା ଅଳଙ୍କାର ଓ ଟଙ୍କା ଲୁଟି ନେଇଛନ୍ତି। ବୁଧବାର ସକାଳେ ଘରର କବାଟ ଖୋଲାଥିବା ଦେଖି ଘର ମାଲିକ ତାଙ୍କୁ ଫୋନ ଯୋଗେ ଜଣାଇଥିଲେ। ସେମାନେ ପହଞ୍ଚି ଦେଖିବା ବେଳକୁ ଘରେ ଥିବା ସୁନା, ଟଙ୍କା ଲୁଟ୍ ହୋଇଯାଇଛି। ସଞ୍ଜୟଙ୍କର ୨୫ ଭରି ସୁନା ଅଳଙ୍କାର ଓ ୨୫ ହଜାର ନଗଦ ଟଙ୍କା ଲୁଟ୍ ହୋଇଥିବା ବେଳେ ତାଙ୍କ ଶାଳୀଙ୍କର ୭୦ ଭରିରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର ସହ ୬୦ ହଜାର ନଗଦ ଟଙ୍କା ଚୋରି ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଗ୍ରାମାଞ୍ଚଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଆରଡ଼ି ଛକ ଅଞ୍ଚଳରେ ଲଗାତର ଲୁଟ୍ ଓ ଚୋରି ବଢୁଥିବା ବେଳେ ପୋଲିସ ପ୍ରଶାସନର ଢିଲାପଣ ଯୋଗୁ ଏପରି ଘଟୁଥିବା ସଞ୍ଜୟ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି।

## ଜିଏସ୍‌ଟି ଚଢ଼ାଉ, ଭ୍ୟାନ୍ ସହ ଗୁଟ୍‌ଖା ତିଆରି ସାମଗ୍ରୀ ଜବତ



ଗୁଟ୍‌ଖା ତିଆରି ସାମଗ୍ରୀ ସହ ଜବତ ହୋଇଥିବା ଭ୍ୟାନ୍।

ରାୟଗଡ଼ା,୧୧।୬(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଏସ୍‌ଟି ମୋବାଇଲ ୟୁନିଟ୍ ପକ୍ଷରୁ ବୁଧବାର ଚଢ଼ାଉ କରାଯାଇ ଏକ ପିକ୍‌ଅପ୍ ଭ୍ୟାନ୍ ସହ ଗୁଟ୍‌ଖା ତିଆରି ସାମଗ୍ରୀ ଜବତ କରାଯାଇଛି। ବ୍ରହ୍ମପୁରରୁ କୋରାପୁଟ ଅଭିମୁଖେ ଯାଉଥିବା ପିକ୍‌ଅପ୍ ଭ୍ୟାନ୍‌କୁ ବୁଧବାର ସକାଳ ୬ଟାରେ ଜେକେପୁରସ୍ଥିତ ନାଗାବଳୀ ପୋଲ ଉପରେ ଜିଏସ୍‌ଟି ଅଧିକାରୀ ସନ୍ଦେହରେ ଅଟକାଇଥିଲେ। ଯାଞ୍ଚ ପରେ ସେଥିରେ ପ୍ରାୟ ୩୦ ବସ୍ତା ପାନମହୁରୀ, ଗୁଆ, ଚୂନ ଏବଂ ଜର୍ଦା ଥିବା ଜଣାପଡ଼ିଥିଲା। ଏହାପରେ ତାହାର ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲେ। ଏହି ଗୁଟ୍‌ଖା ତିଆରି ସାମଗ୍ରୀ ନକଲି ବିଲ୍ ଜରିଆରେ ଚାଲାଣ ହେଉଥିବା ଧରାପଡ଼ିଥିଲା। ତେବେ ବିଲ୍‌ଠାରୁ ପ୍ରାୟ ୫ଗୁଣ ଅଧିକ ମାଲ ବୋଝେଇ କରି ଚାଲାଣ ହେଉଥିବା ନେଇ ବିଭାଗର ତଦନ୍ତରୁ ଜଣାପଡିଛି । ତେବେ ଜବତ ହୋଇଥିବା ଗୁଟ୍‌ଖା ସାମଗ୍ରୀ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହୋଇପାରେ ବୋଲି ଜିଏସ୍‌ଟି ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଗୁରୁବାର ଜରିମାନା ଫିକ୍ସ ହେବା ନେଇ ସହକାରୀ କମିଶନର ନିହାରିକା ଝଙ୍କାର ସୂଚନା ଦେଇଛନ୍ତି।

## ୫୦ ମହିଳାଙ୍କ ନାଁରେ ମାମଲା ରୁଜୁ

### ପୋଲିସକୁ ଆକ୍ରମଣ, ଥାନା ଭଙ୍ଗାରୁଜା ଘଟଣା

ଭୁବନେଶ୍ୱର,୧୧।୬ (ସତ୍ୟଜିତ୍ ରାଉତ)

ଇନ୍‌ଫୋସିଟି ଥାନାରେ ଭଙ୍ଗାରୁଜା ଓ ମହିଳା ପୋଲିସକୁ ଆକ୍ରମଣ ମାମଲାରେ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଥାନା ପକ୍ଷରୁ ମହିମାନଗର ଅଞ୍ଚଳରେ ଆନ୍ଦୋଳନକାରୀ ପ୍ରାୟ ୫୦ଜଣ ମହିଳାଙ୍କ ନାଁରେ ବୁଧବାର ମାମଲା (ନଂ.୨୬୪/୨୦୨୫) ରୁଜୁ କରାଯାଇଛି। ଆକ୍ରମଣର ଶିକାର ଏସ୍‌ଆଇ ପ୍ରତିଭା ଭୋଇଙ୍କ ଏତଲା ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ମାମଲାରେ ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ ମହେନ୍ଦ୍ର କୁମାର ସାହୁ କହିଛନ୍ତି।

ସୂଚନାଯୋଗ୍ୟ, ମହିମାନଗର ଅଞ୍ଚଳରେ ମହିଳାମାନଙ୍କୁ ଗ୍ରୁପ୍ କରି ୧୦ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ପୋଲିସ ଅଜୟ କୁମାର ମହାନ୍ତି ନାମକ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଥିଲା। ମାତ୍ର ଅଜୟଙ୍କଠାରୁ ଠକେଇ ଟଙ୍କା ଆଦାୟ କରିବା ଦାବିରେ ମହିଳାମାନେ ରାସ୍ତାକୁ ଓହ୍ଲାଇବା ସହ ପୋଲିସ ବିରୋଧରେ ପ୍ରତିବାଦ କରିଥିଲେ। ହୋହଲ୍ଲା କରି ଥାନା ଭିତରକୁ ଉତ୍ତ୍ୟକ୍ତ ମହିଳାମାନେ ଧସେଇ ପସିଥିଲେ। ମହିଳା ପୋଲିସଙ୍କୁ ଠେଲାପେଲା କରିବା ସହ ମାଡ଼ ମାରିଥିଲେ। ଏଥିସହ ଆନ୍ଦୋଳନରତ ଲୋକମାନେ ଥାନାର ଫୁଲକୁଣ୍ଡ ଆଦି ଭଙ୍ଗାରୁଜା କରିଥିଲେ।

## ଜେଲ ଗଲେ ଗ୍ରାମ ସଭାପତିଙ୍କ ସମେତ ୩

### ଯବାନଙ୍କୁ ମାଡ଼ମାରି ଖୁଣ୍ଟରେ ବାନ୍ଧିବା ମହଙ୍ଗା ପଡ଼ିଲା

ନୟାଗଡ଼/ ରଣପୁର, ୧୧।୬ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ଥାନା ଅଡାଲ ଗାଁରେ କଙ୍ଗାରୁ କୋର୍ଟ ଚାଲିଥିବା ସମୟରେ ସିଆର୍‌ପିଏଫ୍ ଯବାନଙ୍କୁ ମାଡମାରି ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧିବା ଘଟଣା ମହଙ୍ଗା ପଡିଛି । ଏହି ଘଟଣାରେ ରଣପୁର ଥାନା ପୋଲିସ ଅଡାଲ ଗାଁ ସଭାପତି ଦିଗାମ୍ବର ସାମନ୍ତରାୟ(୮୦), ଦାଶରଥୀ ବେହୁରା(୭୧), ବାସୁଦେବ ଖୁଣ୍ଟିଆ(୬୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ପରେ ୩ ଅଭିଯୁକ୍ତଙ୍କୁ ବୁଧବାର ରଣପୁର ଉପକାରଗାରକୁ ପଠାଇ ଦିଆଯାଇଛି ।

ଅଭିଯୋଗ ଅନୁଯାୟୀ, ଅଡାଲ ଗାଁରେ କଙ୍ଗାରୁ କୋର୍ଟ ଚାଲୁଥିବାବେଳେ ସେହି ବାଟ ଦେଇ ବାଇକ୍‌ରେ ଯାଉଥିବା ସିଆର୍‌ପିଏଫ୍ ଯବାନ ଦେବେନ୍ଦ୍ର କୁମାର ରଣା (୩୦)ଙ୍କୁ ଆକ୍ରମଣର ଶିକାର ହେବାକୁ ପଡିଥିଲା। ଯବାନଙ୍କୁ କଙ୍ଗାରୁ କୋର୍ଟରେ ଉପସ୍ଥିତ ଥିବା ଗ୍ରାମର ୨୦ରୁ ୨୫ଜଣ ଯୁବକ ମାଡ଼ ମାରିବା ସହ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ପକାଇଥିଲେ। ଖବର ପାଇ ରଣପୁର ଥାନା ପୋଲିସ ଯବାନଙ୍କୁ ଉଦ୍ଧାର କରି ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଯବାନଙ୍କ ଅଭିଯୋଗ କ୍ରମେ ପୋଲିସ ବିଏନ୍‌ଏସ୍ ଦଫା ୧୨୬(୨), ୨୯୬, ୧୧୫(୨), ୩୦୩(୨), ୩୫୧(୨), ୩(୫)ରେ ଏକ ମାମଲା (ନଂ.୧୬୮/୨୫) ରୁଜୁ କରିଥିଲା। ସେହିପରି ଗ୍ରାମବାସୀଙ୍କ ଅଭିଯୋଗକୁ ନେଇ ପୋଲିସ ଅନ୍ୟ ଏକ ମାମଲା (ନଂ.୧୬୯/୨୫) ରୁଜୁ କର ତଦନ୍ତ କରୁଛି। ବୁଧବାର ରଣପୁର ଥାନା ଆଇଆଇସି ଆଶିଷ କୁମାର ସାହୁ, ସୁନାଖଳା ଫାଣ୍ଡି ଅଧିକାରୀ ପ୍ରୀତି ପ୍ରକାଶ ମହାନ୍ତ ପୋଲିସ ଫୋର୍ସଙ୍କ ସହିତ ଅଡାଲ ଗ୍ରାମରେ ଚଢ଼ାଉ କରି ଗାଁ ସଭାପତିଙ୍କ ସମେତ ୩ଜଣଙ୍କୁ ଗିରଫ କରିଥିଲେ ।

BUSINESS

# ୨୦ତମ ପିଜିଡିଏସ୍‌ରେ ୬ ମେଧାବୀ ସମ୍ବର୍ଦ୍ଧିତ

### ବିଆଇପିଏଫ୍ ପକ୍ଷରୁ ଆର୍ଥିକ ସହାୟତା

ଭୁବନେଶ୍ୱର,୧୧।୬

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଉଚ୍ଚଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ହାସଲ କରିଥିବା୬ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ୨୦ତମ ପ୍ରଫେସର ଘନଶ୍ୟାମ ଦାଶ ସ୍କୋଲାରଶିପ(ପିଜିଡିଏସ୍) ପ୍ରଦାନ କରାଯାଇଛି। ଅପରପକ୍ଷରେ ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେଶନ (ବିଆଇପିଏଫ୍) ପକ୍ଷରୁ ବୁଧବାର ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ପ୍ରଫେସର ଘନଶ୍ୟାମ ଦାଶ ସ୍କୋଲାରଶିପ ଫର୍ ହାୟର ଏଜୁକେଶନର ୬ ବିଜେତା (ମେଧାବୀ)ଙ୍କୁ ଆର୍ଥିକ ସହାୟତା ସହ ସମ୍ବର୍ଦ୍ଧିତ କରାଯାଇଛି। ବିଶେଷକରି




ସମ୍ବର୍ଦ୍ଧିତ ଛାତ୍ରଙ୍କ ସମେତ ଇମ୍ଫା ଏବଂ ବିଆଇପିଏଫ୍‌ର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଏହି ଛାତ୍ରବୃତ୍ତି ଇଞ୍ଜିନିୟରିଂ, ମେଡିସିନ, ଏସ୍‌ଟିଇଏମ୍ (ଷ୍ଟେମ୍/ ସାଇନ୍ସ, ଟେକ୍ନୋଲଜି, ଇଞ୍ଜିନିୟରିଂ ଏବଂ ମ୍ୟାଥ୍‌ମେଟିକ୍ସ) ଏବଂ ଲିବରାଲ ଆର୍ଟସ୍‌ରେ ବୃତ୍ତିଗତ ଡିଗ୍ରୀ ହାସଲ କରୁଥିବା ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କର ୪ବର୍ଷର ଡିଗ୍ରୀ ପାଇଁ ୯୦% ଶିକ୍ଷାଗତ ଫିସ୍ ଏବଂ ଯୋଗ୍ୟ ଖର୍ଚ୍ଚକୁ ବହନ କରିବ। ଏହା ପ୍ରତ୍ୟେକ ବୃତ୍ତିଧାରୀଙ୍କ ପାଇଁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ପ୍ରଦାନ କରାଯାଇଛି। ସେହିଭଳି ୨୦୨୪–୨୫ ଶିକ୍ଷାବର୍ଷ ପାଇଁ ୬ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଏହି ବୃତ୍ତି ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ ୨ଜଣ ଛାତ୍ର ଆଇଆଇଟିରେ ଇଞ୍ଜିନିୟରିଂ ପଢୁଥିଲାବେଳେ ବାକି ୪ ଜଣ ମେଡିକାଲ (ଏମ୍‌ବିବିଏସ୍)ର ଛାତ୍ର ଭାବେ ଅଧ୍ୟୟନ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ସନ୍ଦୀପ ଶୁଭ୍ରଜିତ ସାହୁ ଆଇଆଇଟି–ହାଇଦ୍ରାବାଦ ଏବଂ ତାରିଣୀ ପ୍ରସାଦ ମିଶ୍ର ଆଇଆଇଟି–ବିଏଚ୍‌ୟୁ ବାରାଣସୀରେ ପଢୁଛନ୍ତି ଏବଂ ସତ୍ୟଜିତ ପରିଡ଼ା ଓ ଆଲୋକ କୁମାର ସାହୁ ଏମ୍ସ ଭୁବନେଶ୍ୱରରେ ଏମ୍‌ବିବିଏସ୍ କରୁଥିଲାବେଳେ ଦିବ୍ୟଜ୍ୟୋତି ଜେନା କଟକର ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଏବଂ ଆରିୟାନ ସାହୁ ବାଲେଶ୍ୱରର ଏଫ୍‌ଏମ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ମେଡିକାଲ ପାଠ ପଢୁଛନ୍ତି। ଏ ସମ୍ପର୍କରେ ଇମ୍ଫାର ଏମ୍‌ଡି ତଥା ବିଆଇପିଏଫ୍‌ର ଟ୍ରଷ୍ଟି ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି, ଶିକ୍ଷା ସାମାଜିକ ପରିବର୍ତ୍ତନ ଏବଂ ଆର୍ଥିକ ପ୍ରଗତି ପାଇଁ ଏକ ଶକ୍ତିଶାଳୀ ଉତ୍ପ୍ରେରକ ହୋଇଥିଲାବେଳେ ପ୍ରଫେସର ଘନଶ୍ୟାମ ଦାଶ ସ୍କୋଲାରଶିପ୍ ବା ପିଜିଡିଏସ୍ ମାଧ୍ୟମରେ ଆମେ ଭବିଷ୍ୟତର ନେତୃତ୍ୱମାନଙ୍କ ଉପରେ ବିନିଯୋଗ କରିଥାଉ।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୧୧।୬: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୨୩ (୧୨୩.୪୨) ପଏଣ୍ଟ ବୃଦ୍ଧି ଘଟି ୮୨,୫୧୫ (୮୨,୫୧୫.୧୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି–୫୦ ରେ ମଧ ୩୭ (୩୭.୧୫) ପଏଣ୍ଟ ବଢି ୨୫,୧୪୧ (୨୫,୧୪୧.୪୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ ପରିବର୍ତ୍ତନ ହୋଇଛି।

## ଅଭୟ ନାଲ୍‌କୋର ନୂତନ ନିର୍ଦ୍ଦେଶକ



ଅଭୟ କୁମାର ବେହୁରିଆ

ଭୁବନେଶ୍ୱର,୧୧।୬(ଅଭୟ ଦାଶ)

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ନୂତନ ନିର୍ଦ୍ଦେଶକ (ଅର୍ଥ) ଭାବେ ଅଭୟ କୁମାର ବେହୁରିଆ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ନାଲ୍‌କୋରେ ଯୋଗଦେବା ପୂର୍ବରୁ ଅଭୟ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍)ରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଅର୍ଥ ଏବଂ ଆକାଉଣ୍ଟସ୍) ଭାବେ କାର୍ଯ୍ୟରତ ଥିଲେ। ଏପରିକି ତାଙ୍କର ଦକ୍ଷତା ଏବଂ ନେତୃତ୍ୱ ଯୋଗୁ କମ୍ପାନୀ ଏକ ଚ୍ୟାଲେଞ୍ଜିଂ ବଜାର ପରିସ୍ଥିତି ମଧ୍ୟରେ ରେକର୍ଡ ଆର୍ଥିକ ଫଳାଫଳ ହାସଲ କରିଥିଲା। ସେହିଭଳି ଆର୍ଥିକ ପରିଚାଳନା, ରଣନୈତିକ ଯୋଜନା ଏବଂ ଡିଜିଟାଲ୍ ରୂପାନ୍ତରଣ କ୍ଷେତ୍ରରେ ବେହୁରିଆଙ୍କର ୩ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟର ଅଭିଜ୍ଞତା ରହିଛି। ନିର୍ଦ୍ଦେଶକ (ଅର୍ଥ) ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ବେହୁରିଆଙ୍କୁ ଅଭିନନ୍ଦନ ଜଣାଇ ନାଲ୍‌କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଥିଲେ,ଆର୍ଥିକ ପରିଚାଳନା, ରଣନୈତିକ ଯୋଜନା ଏବଂ ଡିଜିଟାଲ ରୂପାନ୍ତରଣରେ ବେହୁରିଆଙ୍କର ବ୍ୟାପକ ଅଭିଜ୍ଞତା ନାଲ୍‌କୋର ବିଭିନ୍ନ ପ୍ରକଳ୍ପ ଏବଂ ପରିଚାଳନା ପଦକ୍ଷେପଗୁଡ଼ିକ ନିମନ୍ତେ ସହାୟତା ପ୍ରଦାନକରିବା ସହ ଅନେକ କ୍ଷେତ୍ରରେ ଉତ୍କର୍ଷ ଏବଂ ନବସୃଜନ ଆଣିବ। ନିର୍ଦ୍ଦେଶକ (ଅର୍ଥ) ଭାବେ ତାଙ୍କର ଯୋଗଦାନ ନାଲ୍‌କୋ ବୋର୍ଡକୁ ଆହୁରି ଦୃଢ଼ୀଭୂତ କରିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି।

## ସ୍ଥାୟୀ ଜଳ ପରିଚାଳନାରେ ବେଦାନ୍ତ ଚାମ୍ପିୟନ୍ସ

ଭୁବନେଶ୍ୱର,୧୧।୬

୨୧ ଶତାବ୍ଦୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ମଧ୍ୟରୁ ଜଳ ଗୋଟିଏ ଅତ୍ୟାବଶ୍ୟକ ବସ୍ତୁ ହୋଇଯାଇଛି। ଏପରିକି ଦ୍ରୁତଗତିରେ ଜଳବାୟୁର ପରିବର୍ତ୍ତନ ଚିନ୍ତାର କାରଣ ପାଲଟିଛି। ଆଜି ଦେଶର ଇଣ୍ଡଷ୍ଟ୍ରି ଲିଡରମାନେ କେବଳ ଜଳର ବ୍ୟବହାର ହ୍ରାସ କରିବା ପାଇଁ ନୁହେଁ ବରଂ ସେମାନେ କାର୍ଯ୍ୟ କରୁଥିବା ଇକୋସିଷ୍ଟମରେ ମଧ ଜଳର ସକାରାତ୍ମକ ଯୋଗଦାନ ଦେବା ପାଇଁ ସକ୍ରିୟ ଭାବେ ଉପାୟ ଅନୁସନ୍ଧାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମ ସ୍ଥାୟୀ ଜଳ ପରିଚାଳନାରେ ଚାମ୍ପିୟନ ହୋଇ ଶିଳ୍ପରେ ଏକ ପ୍ରମୁଖ ନେତା ଭାବେ ଉଭା ହୋଇଛି। ୨୦୩୦ ସୁଦ୍ଧା ଜଳ ସକାରାତ୍ମକ ହେବାର ଦୃଷ୍ଟିକୋଣ ସହ କମ୍ପାନୀ କିପରି ବ୍ୟବସାୟିକ ଅଭିବୃଦ୍ଧି ପରିବେଶଗତ ଦାୟିତ୍ୱ ସହିତ ଘନିଷ୍ଠ ଭାବେ ସମନ୍ୱିତ ହୋଇପାରିବ ତାହା ପୁନଃ ପରିଭାଷିତ କରୁଛି। ସେହିଭଳି ଭାରତର ଆଧୁନିକ ଶିଳ୍ପ ଦୃଶ୍ୟପଟରେ କମ୍ପାନୀ ସବୁଠାରୁ ପ୍ରଭାବଶାଳୀ ଜଳ ପରିଚାଳନା କାର୍ଯ୍ୟକ୍ରମ ମଧ୍ୟରେ ନିୟୋଜିତ କରିଛି। ଜଳ ପରିଚାଳନାକୁ ଏହାର ସ୍ଥାୟିତ୍ୱ ଯାତ୍ରାର ମୂଳ ପଥ କରିଛି, କେବଳ ଗତ ଆର୍ଥିକ ବର୍ଷରେ କମ୍ପାନୀ କାର୍ଯ୍ୟରେ ୧୬ ବିଲିୟନ ଲିଟରରୁ ଅଧିକ ପାଣିର ପୁନଶ୍ଚକ୍ରଣ ଦ୍ୱାରା ପ୍ରଦର୍ଶିତ ହୋଇଛି। ଏହାକୁ ଦୃଷ୍ଟିକୋଣରେ ରଖିବା ପାଇଁ କମ୍ପାନୀ ପ୍ରାୟ ୬,୪୦୦ ଅଲିମ୍ପିକ୍–ଆକାରର ସୁଇମିଂ ପୁଲ୍‌ର ପରିମାଣ ଜଳ ସଂରକ୍ଷଣ ସହ ପୁନଃ ବ୍ୟବହାରର ଏହି ସ୍ତର ହାସଲ କରିବା ଛୋଟ ସଫଳତା ନୁହେଁ ଏବଂ ସମ୍ବଳ ପରିଚାଳନା ପାଇଁ ଏକ ଅତ୍ୟନ୍ତ ଶୃଙ୍ଖଳିତ ଆଭିମୁଖ୍ୟକୁ ପ୍ରତିଫଳିତ କରିଛି, ଯେଉଁଠାରେ ପ୍ରତ୍ୟେକ ବୁନ୍ଦାର ହିସାବ କରାଯାଏ। ୧୫%ର ପୁନଃ ବ୍ୟବହାର ହାର ସହିତ ବେଦାନ୍ତ ଦୀର୍ଘକାଳୀନ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଅଭିନବ ପ୍ରଯୁକ୍ତିବିଦ୍ୟା ଏବଂ ପ୍ରକ୍ରିୟାଗୁଡ଼ିକୁ ନିୟୋଜିତ କରି ଜଳ ଦକ୍ଷତାରେ ନୂତନ ମାନଦଣ୍ଡ ସ୍ଥାପନ କରୁଛି। ସେହିପରି କମ୍ପାନୀର ରଣନୀତି ୪ଟି ସ୍ତମ୍ଭ ଉପରେ ନିର୍ଭର କରିଥାଏ। କଠୋର ଜଳ ନିରୀକ୍ଷଣ, ସର୍ବାଧିକ ପୁନଃ ବ୍ୟବହାର, ସମ୍ପ୍ରଦାୟ ପ୍ରବେଶ ଏବଂ ଶୂନ୍ୟ ନିର୍ଗମନ ସହ କମ୍ପାନୀର କାର୍ଯ୍ୟ ମଧ୍ୟରେ ଜଳ ସୁରକ୍ଷା ପ୍ରତି ପ୍ରତିବଦ୍ଧତା ସ୍କେଲ୍ ଏବଂ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଭାଷିତ ହୋଇଛି।

## ଡିଅନ୍ ଗ୍ରୁପ୍‌ର ନୂତନ ହାଉସିଂ ପ୍ରକଳ୍ପକୁ ଏସ୍‌ବିଆଇର ଅନୁମୋଦନ

ଭୁବନେଶ୍ୱର,୧୧।୬

ରାଜ୍ୟ ପ୍ରମୁଖ ଘରୋଇ ସଂସ୍ଥା ତଥା ଡିଅନ୍ ଗ୍ରୁପ୍‌ର ବହୁ ପ୍ରତୀକ୍ଷିତ ନୂତନ ହାଉସିଂ ପ୍ରକଳ୍ପ 'ନ୍ୟୁ ଟାଉନ ଇଣ୍ଟିଗ୍ରେଟେଡ୍ ରିଭରସାଇଡ୍ ଟାଉନଶିପ୍ ପ୍ରୋଜେକ୍ଟ'କୁ ନିକଟରେ ଅନୁମୋଦନ ମିଳିଛି। ଏପରିକି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ ଡିଅନ୍ ଗ୍ରୁପ୍‌ର ଇଣ୍ଟିଗ୍ରେଟେଡ୍ ରିଭରସାଇଡ୍ ଟାଉନଶିପ୍ ପ୍ରକଳ୍ପକୁ ଆନୁଷ୍ଠାନିକ ଭାବେ ଅନୁମୋଦନ ମିଳିଛି। ସେହିଭଳି ଏହି ପ୍ରକଳ୍ପରେ ହସ୍ପିଟାଲ, ମଲ୍, ମଲ୍ଟିପ୍ଲେକ୍ସ, ଷ୍ଟାର୍ ହୋଟେଲ ଭଳି ଅତ୍ୟାଧୁନିକ ସୁବିଧାକୁ ବିଶେଷ ଭାବେ ଗୁରୁତ୍ୱ ଦିଆଯାଇଛି। ଏହି ଅନୁମୋଦନ ଡିଅନ୍ ଗ୍ରୁପ୍‌ର ଆର୍ଥିକ ସୁଦୃଢ଼ତା, ଯୋଜନା ଗଠନର ଗୁଣମାନ ଏବଂ ଗୁଣାତ୍ମକ ବିକାଶ ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର ୟୁନିଟ୍–୧ ସ୍ଥିତ ଏସ୍‌ବିଆଇ ହୋମ୍ ଲୋନ୍‌ର ସେଲ୍‌ସ ଟିମ୍‌ଙ୍କ ସମେତ ଡିଜିଏମ୍ ପ୍ରଶାନ୍ତ କୁମାର ଏବଂ ଏଜିଏମ୍ ସରୋଜ ରାଉତରାୟଙ୍କ ଉପସ୍ଥିତିରେ ଡିଅନ୍ ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ମନୋଜ କୁମାର




ଏସ୍‌ବିଆଇ ଅଧିକାରୀଙ୍କ ଠାରୁ ମନୋଜ କୁମାର ସାହୁ ଅନୁମୋଦନ ପତ୍ର ଗ୍ରହଣ କରୁଛନ୍ତି।

ସାହୁଙ୍କୁ ଏହି ଅନୁମୋଦନ ପତ୍ର ପ୍ରଦାନ କରାଯାଇଥିଲା। ଏହାଦ୍ୱାରା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ସହ ଏହି ପ୍ରକଳ୍ପର ବିଶ୍ୱସନୀୟତା ମଧ ବଢ଼ିଛି। ଏ ନେଇ ଏସ୍‌ବିଆଇର ଡିଜିଏମ୍ ପ୍ରଶାନ୍ତ କୁମାର କହିଥିଲେ, କଟକର ତ୍ରିଶୂଳିଆଠାରେ ଅବସ୍ଥିତ ଏହି ନୂତନ ପ୍ରକଳ୍ପ ଏକ ନୂତନ ବାସସ୍ଥାନର ଦୃଢ଼ ଉଦାହରଣ ପାଲଟିଛି, ଯେଉଁଠି ଆବାସ, ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟ, ଅବସର ଓ ଦୈନନ୍ଦିନ ଜୀବନର ସମସ୍ତ ସୁବିଧା ଉପଲବ୍ଧ। ଏସ୍‌ବିଆଇର ଏହି ଅନୁମୋଦନ ଘର କ୍ରେତାମାନଙ୍କୁ ସୁରକ୍ଷିତ ଏବଂ ଆକର୍ଷଣୀୟ ଗୃହଋଣ ବିକଳ୍ପ ପ୍ରଦାନ କରିବା ସହ ଘର ମାଲିକାନାକୁ ଅଧିକ ସୁବିଧାଜନକ କରିବ। ଓଡ଼ିଶାର ଅନ୍ୟତମ ଅଗ୍ରଣୀ ଟାଉନସିପ୍ ପ୍ରକଳ୍ପ ଭାବେ ନ୍ୟୁଟାଉନ ଓଡ଼ିଶା ଜୀବନଶୈଳୀ, କାର୍ଯ୍ୟଶୈଳୀ ଏବଂ ଯୋଗାଯୋଗରେ ପରିବର୍ତ୍ତନ ଆଣିବା ସହ ଏକ ନୂତନ ମାନଦଣ୍ଡ ସ୍ଥାପନ କରିବ ବୋଲି ଡିଅନ୍ ଗ୍ରୁପ୍‌ର ନିର୍ଦ୍ଦେଶକ ସାହୁ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ତନେଇରାର ଫେଷ୍ଟିଭ ଅଫର

### ଶାଢ଼ି ସମ୍ଭାର ଉପରେ ୪୦% ପର୍ଯ୍ୟନ୍ତ ରିହାତି

ଭୁବନେଶ୍ୱର,୧୧।୬

ତନେଇରାର ବହୁ ପ୍ରତୀକ୍ଷିତ ଫେଷ୍ଟିଭ ଅଫର 'ରଜ ଓ ରଥଯାତ୍ରା'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ତନେଇରାର ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଣ୍ଟିନ ଷ୍ଟୋର ପକ୍ଷରୁ ବୁଧବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ତନେଇରାର ଆଞ୍ଚଳିକ ଅଧିକାରୀ ଆୟୁସ୍ମିତା ସେନ୍‌ଙ୍କ ସମେତ ବିଜ୍‌ନେସ୍ ଆସୋସିଏଟ୍ ମାଣିକ ହଂସ ଏବଂ ବିବେକ ହଂସ ପ୍ରମୁଖ ଯୋଗଦେଇ ସମ୍ମିଳନୀର ଆଭିମୁଖ୍ୟ ଓ ଅଫର ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ। ସେହିଭଳି ଗ୍ରାହକ ଏହି ଅଫରକୁ ଉଭୟ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ୍ ଏବଂ କଟକର ସିଡିଏ ଷ୍ଟୋରରେ ପାଇପାରିବେ। ଏପରିକି ତନେଇରାର ସମସ୍ତ ଶାଢ଼ି ସଂଗ୍ରହର କ୍ରୟ ଉପରେ ୪୦% ପର୍ଯ୍ୟନ୍ତ ରିହାତି ଦିଆଯାଉଛି ବୋଲି ଆୟୁସ୍ମିତା ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ସେହିପରି ରେଡି–ଟୁ–ୱେର ପୋଷାକ, ଅନ୍–ଷ୍ଟିଚ୍‌ଡ କୁର୍ତ୍ତା ସେଟ୍ ଏବଂ ଫେଷ୍ଟିଭ ଲେହେଙ୍ଗା ଓ ବିଭିନ୍ନ ବ୍ରାଣ୍ଡର ଶାଢ଼ି ଭଳିବ୍ୟାପକ ଉତ୍ପାଦ (ପ୍ରଡକ୍ଟରେଞ୍ଜ)ଗୁଡ଼ିକୁ ଗ୍ରାହକ ଅତୁଳନୀୟ ମୂଲ୍ୟରେ ପାଇପାରିବେ ବୋଲି ବିବେକ କହିଥିଲେ। ଅପରପକ୍ଷରେ ତନେଇରାର ବିଜ୍‌ନେସ୍ ଆସୋସିଏଟ୍ ମାଣିକ ହଂସ କହିଥିଲେ, ପ୍ରଥମ ଥର ପାଇଁ ଆମେ ବ୍ୟାପକ ରେଞ୍ଜ ପ୍ରଡକ୍ଟଗୁଡ଼ିକ ଉପରେ ୪୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛୁ। ଏହି ଅଫର ତନେଇରାର ସମୃଦ୍ଧି ଏବଂ ଶୁଦ୍ଧତାକୁ ଅନୁଭବ କରିବାର ଏକ ଅତିରିକ୍ତ ଲାଭ ବୋଲି କୁହାଯାଉଛି। ଏହା ମଧ ପ୍ରାମାଣିକ ଉତ୍ସରୁ ସଂଗୃହୀତ ବ୍ୟାପକ ହାତ ତିଆରି ପ୍ରଡକ୍ଟ ଏବଂ ପ୍ରତିଟି ପୋଷାକରେ ଶୁଦ୍ଧତା ଓ ମାନ ନେଇ ବ୍ରାଣ୍ଡର ପ୍ରତିବଦ୍ଧତା ସହ ତନେଇରା ଗ୍ରାହକଙ୍କ ପାଇଁ ଏହି ଅନୁଭୂତିକୁ ବାସ୍ତବିକ ଭାବେ ସ୍ୱତନ୍ତ୍ର କରିବାକୁ ଲକ୍ଷ୍ୟ ରଖିଛି। ଉଲ୍ଲେଖଯୋଗ୍ୟ, ୨୦୨୪–୨୫ ଆର୍ଥିକ ବର୍ଷରେ ଟାଟା ପ୍ରଡକ୍ଟ ତନେଇରା ୩୦% ଅଭିବୃଦ୍ଧି ହାସଲ କରିଛି। ଏପରିକି ଏକ ମଜଭୁତ ବିବାହ ସଫି ଭାବନା ସହ ଏହା ୨୦୨୫–୨୬ ଆର୍ଥିକ ବର୍ଷରେ ପାଦ ଥାପିଛି।

# ଚଞ୍ଚକତାକରି କମ୍ପାନୀରୁ ୪୧.୩୧ ଲକ୍ଷ ହଡ଼ପ, ମ୍ୟାନେଜର ଗିରଫ

ଭୁବନେଶ୍ୱର,୧୧।୬ (ସତ୍ୟଜିତ୍ ରାଉତ)

ଚଞ୍ଚକତା କରି କମ୍ପାନୀରୁ ୪୧.୩୧ ଲକ୍ଷ ହଡ଼ପ କରିବା ଅଭିଯୋଗରେ ସମ୍ପୃକ୍ତ ମ୍ୟାନେଜରଙ୍କୁ ଶ୍ରୀଲିଙ୍ଗରାଜ ଥାନା ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ଶହୀଦନଗର ଥାନା ଅଞ୍ଚଳରେ ରହୁଥିବା ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗଜପତିନଗରର ଗୌରୀଶଙ୍କର ସ୍ୱାଇଁ (୪୫)। ତାଙ୍କଠାରୁ ଗୋଟିଏ ଲାପଟପ୍, ଗୋଟିଏ ମୋବାଇଲ ଫୋନ୍, ଦୁଇ ସିମ୍‌କାର୍ଡ, କାଲ୍ ଦସ୍ତାବିଜ୍ ଆଦି ଜବତ ହୋଇଛି। କୋର୍ଟଚାଲାଣ ପରେ ଗୌରୀଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସାମନ୍ତରାପୁର ଅଞ୍ଚଳରେ ଥିବା ଜେନିସିସ୍ ଇନ୍ଫୋଟେକ୍ କମ୍ପାନୀର ମାଲିକ ଅଶୋକ କୁମାର ସାମଲଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ଗୌରୀ ପ୍ରାୟ ୩ବର୍ଷ ହେବ ଅଶୋକଙ୍କ କମ୍ପାନୀରେ ମ୍ୟାନେଜର ଭାବେ କାମ କରୁଥିଲେ। କମ୍ପାନୀ ଦ୍ୱାରା ଅଶୋକ ବିଭିନ୍ନ ସଂସ୍ଥାରୁ ଟେଣ୍ଡର ଆଣି ସିସିଟିଭି ଲଗାନ୍ତି। ଅଶୋକଙ୍କ ଅଜାଣତରେ ତାଙ୍କ ଫାର୍ମ ନାଁରେ ଗୌରୀ ଠକେଇ କରିଥିଲେ। ଅଭିଯୁକ୍ତ ଗୌରୀଙ୍କର ପୂର୍ବରୁ ସିଦ୍ଧାର୍ଥ ଇନ୍ଫୋସିସ୍ ନାଁରେ ଏକ କମ୍ପାନୀ ଥିଲା, ଯାହା ପରବର୍ତ୍ତୀ ସମୟରେ ବନ୍ଦ ହୋଇଯାଇଥିଲା। ତେବେ ଜେନିସସ୍‌ରେ ଚାକିରି ବେଳେ ଗୌରୀ ଆପରାଧିକ ଯୋଜନା କରିଥିଲେ। ପୂର୍ବ କମ୍ପାନୀ ସିଦ୍ଧାର୍ଥ ଇନ୍ଫୋସିସ୍‌ରେ ସେ ଜେନିସସ୍ ଇନଫୋଟେକ୍ ନାଁରେ ଏକ କମ୍ପାନୀ କରି ଆଡିଶନ୍ କରିଦେବା ସହ ଏକ ଆକାଉଣ୍ଟ ମଧ୍ୟ ଖୋଲିଥିଲେ। ଅଶୋକ ତାଙ୍କ କ୍ଲାଏଣ୍ଟଙ୍କୁ ଗୌରୀଙ୍କ ଦ୍ୱାରା ବିଲ୍ ଇନ୍‌ଭଏସ୍ ପଠାଉଥିଲେ। ହେଲେ ଗୌରୀ ଫେକ୍ ଇନଭଏସ୍ କରି ନିଜ ଆକାଉଣ୍ଟ ନମ୍ବରକୁ ସେଥିରେ ଯୋଡିଥିଲେ। ଜିଏମ୍‌ଆର୍ କମଳାଙ୍ଗ ଏନର୍ଜି ଲିଃ, ଜିଏମ୍‌ଆର୍ ହାଇଦ୍ରାବାଦ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ଲିଃ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ, ଓଡ଼ିଶା ମାଇନିଂ କର୍ପୋରେସନ୍ ଲିଃ ଆଦି କ୍ଲାଏଣ୍ଟ ପଠାଉଥିବା ଟଙ୍କା ଗୌରୀଙ୍କ ଆକାଉଣ୍ଟରେ ଜମା ହୋଇଥିଲା। ଗୌରୀ ଏଭଳି ମୋଟ୍ ୪୧ ଲକ୍ଷ ୩୧ ହଜାର ୪୬୦ ଟଙ୍କା ହଡ଼ପ କରିଥିବା ଜଣାପଡିବା ପରେ ମାଲିକ ଅଶୋକ ଲିଙ୍ଗରାଜ ଥାନାରେ ଏତଲା ଦେଇଥିଲେ। ଜୁନ ୮ରେ ପୋଲିସ ମାମଲା (ନଂ.୧୬୭/୨୦୨୫) ରୁଜୁ କରି ତଦନ୍ତ କରିଥିଲା।


ଗୌରୀଶଙ୍କର ସ୍ୱାଇଁ

# ଶେଷରଜ ସୋମବାର ଖୋଲାରହିବ ନନ୍ଦନକାନନ

ବାରଙ୍ଗ,୧୧।୬(ଲିଙ୍ଗରାଜ ରାଉତ)

ସାଧାରଣତଃ ରଜ ୩ ଦିନ ପାଳନ ହେଉଥିବାବେଳେ ଏଥର ଶେଷରଜ ସୋମବାର ପଡୁଛି। ନନ୍ଦନକାନନ ସୋମବାର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହୁଥିବାବେଳେ ଚଳିତ ବର୍ଷ ଶେଷରଜ ଅର୍ଥାତ୍ ୧୬ ତାରିଖରେ ନନ୍ଦନକାନନ ଓ ବଟାନିକାଲ୍ ଗାର୍ଡେନ ଖୋଲା ରହିବ। ଏହା ପରିବର୍ତ୍ତେ ପରଦିନ ଅର୍ଥାତ୍ ମଙ୍ଗଳବାର ନନ୍ଦନକାନନ ବନ୍ଦ ରହିବ ବୋଲି ନନ୍ଦନକାନନ ଉପ-ନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି। ସରକାରୀ ନିର୍ଦ୍ଦେଶନାମା ୩୮୧୨/୨୨.୭.୯୧ ଆଧାରରେ ଚିଠି ନଂ. ୧୬୫୩/୪.୩.୯୧ ଓ ନିର୍ଦ୍ଦେଶଫଳ ଚିଠି ନଂ. ୧୨୭୫/୬.୩.୯୧ ଅନୁଯାୟୀ ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ, ବଡ଼ଦିନ, ନୂଆବର୍ଷ, ଦଶହରା, ରଜ ସୋମବାର ପଡୁଥିଲେ, ସେଦିନ ଖୋଲାରହି ପରଦିନ ଅର୍ଥାତ୍ ମଙ୍ଗଳବାର ବନ୍ଦ ରହିବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି।


Contact No. - 0680-2281903
E.mail - IDpdws.ganjam@gmail.com

## TENDER NOTICE

**No.L-19** : Sealed tenders in plain papers are invited from intending persons for collection of Green Coconut from the Shelter Belt cashew plantations located at **Kirtipur / Markandi-I** Sections of Soil Conservation Range Golabandha under the Project Director Watersheds Ganjam, Berhampur during the year **2025-26 (i.e from 01.07.2025 to 30.06.2026)** Tender papers along with the Terms and conditions can be obtained from office of the Project Director Watersheds Ganjam, Berhampur.

The sealed tenders are to be received in the office of the Project Director Watersheds Ganjam, Berhampur up to **05.00 P.M. of 24.06.2025** by speed post or **Registered / speed post /Courier** services (No tender paper will be received by hand). The tender papers will be **opened on 25.06.2025 at 11.30 A.M. onwards** in presence of the tenderers or their authorised representatives who ever present in the office of the Project Director Watersheds, Ganjam, Berhampur .

The cover should be duly captioned **"Tender for Green Coconut"**. An amount not less the 10% of the quoted value in shape of Bank Draft towards the earnest money drawn in favour of the Project Director Watersheds, Ganjam, Berhampur payable at S.B.I Main Branch Berhampur is to be enclosed. The tender value should be quoted for all the Coconut plantation as per the terms and conditions which can be seen in this office on any working day. The intending tenderer may inspect the Coconut plantation if they desire before offering the tender. The successful tenderer shall have to execute an agreement in prescribed form and deposit full amount of tender value along with the GST as applicable on the same day. In addition he has to pay 10% of Bid value as S.D which will be refunded at the time of leaving the plantation. On receipt of the order amount in full the work order will be issued. In the event of failure to deposit the above amount the tender will be liable for cancellation and the entire amount deposited will be forfeited to the Government. The successful tender shall be bound by the tender Term and conditions of the department. No complain for Loss due to natural calamities or otherwise will be entertained. The competent authority reserves the right to accept or reject any or all tenders and cancel or postponed the tender without assigning any reason thereof.

Sd./- Project Director, Watersheds
Ganjam, Berhampur

OIPR-01432/11/0004/2526



## OFFICE OF THE BARIPADA MUNICIPAL COUNCIL, BARIPADA

Phone:-06792-252703, Fax:06792-252703
Email:baripadam.hud@nic.in, Website:www.baripadamunicipality.in
No.851 Date:10.06.2025

**Tender Reference No. BPDM 3 of 2025-26**
**CORRIGENDUM DETAILS**

**No.C-510:**In partial to this Office "e" Procurement Tender Reference No.BPDM 3 of 2025/26 the following are incorporated in addition to the said Tender Call Notice.
1. The Last date of received of "e" Procurement vide Tender Reference No. BPDM 3 of 2025/26 will be upto 5.00 PM on Dt.16.06.2025.
2. The Opening of the above Bids will be at 11.30 A.M. onwards on Dt.17.06.2025.

All other Terms and Conditions of the "e" Procurement Tender Reference No.BPDM 3 of 2025-26 will remain unchanged.
Further details may also be seen from the procurement portal i.e. www.tendersorissa.gov.in.

Sd./- Executive Officer
Baripada Municipality

OIPR-13078/11/0046/2526



## GOVERNMENT OF ODISHA
## OFFICE OF THE DIVISIONAL FOREST OFFICER: REDHAKHOL DIVISION

Near Block Office, Redhakhol Post, Sambalpur District, Odisha, Pin-768106
Email ID:- dfo.redhakhol@odisha.gov.in

**CANCELLATION OF WALK-IN-INTERVIEW FOR GIS EXPERT**

**No.MM-83:**Walk-In-Interview for engagement of "One GIS Expert" for the establishment of Divisional Forest Officer, Redhakhol vide Tender Call Notice No.03, dated 27.05.2025 to be held on Dt.13.06.2025 is hereby cancelled.

Sd./- Divisional Forest Officer
Redhakhol Forest Division

OIPR-08146/11/0021/2526



## OFFICE OF THE DIVISIONAL FOREST OFFICER NABARANGPUR FOREST DIVISION

Phone No.06858-223314 (OFFICE/FAX), Cell No.09437094840
Email-dfo.nabarangpur@odisha.gov.in
Office Order No.139/ 1F(Acct.), Date:11th June, 2025

**ADVERTISEMENT CANCELLATION NOTICE**

**No.MM-84:**The Advertisement vide Notice No.02 of 2025-26, Dated 03.06.2025 published by Divisional Forest Officer, Nabarangpur Forest Division for Tender Call Notice for **"Engagement of Manpower Through Service Provider"** is hereby **Cancelled** due to unavoidable circumstances.

Sd./- Divisional Forest Officer
Nabarangpur Forest Division

OIPR-08158/11/0004/2526



## GOVERNMENT OF ODISHA
## OFFICE OF THE ENGINEER-IN-CHIEF
## RURAL WATER SUPPLY & SANITATION, BHUBANESWAR

Jal O Parimal Bhawan, Unit-V, Bhubaneswar-751001,
Tel : 0674-2395734, Fax No.0674-2394946, Email : cerwssodisha@gmail.com

**Request for Proposal (RFP) Notice**
No.7426/Dated 10.06.2025
(BID. No. EIC/RWS&S/06/2025-26)

**SELECTION OF AGENCY/FIRMS FOR ESTABLISHMENT AND OPERATION OF GRIEVANCE MANAGEMENT SYSTEM THROUGH CALL CENTRE**

**No.O-274** : The Engineer-in-Chief, RWSS, on behalf of Panchayati Raj & Drinking Water Department, Government of Odisha invites Request for Proposal (RFP) from interested Agency / Firms to Establish and Operate Call Centre (both Inbound & Outbound mode) for Operational of Grievance Management System on outsourced model for Rural Drinking Water schemes of Odisha.
The eligibility criteria for selection of Agency/Firms are provided below:
1) A company incorporated under Indian Companies Act, 1956 or a Firm registered under Partnership Act, 1932 or Sole Proprietorship.
2) The applicant company/firm must have been in providing services of similar work at least 3 years prior to the due date of submission of the RFP. Relevant experience certificate or proof of operating call centre 3 years prior to the due date of RFP must be furnished.
3) The Average Annual Turnover **(from Operation of Call Centre)** of the applicant during last 3 financial years shall be more than **Rs. 3.00 Crores**. A certificate from Chartered Accountant specifying the total turnover of the company and turnover from similar works must be attached in the Proposal.
4) The applicant must have a registered agency / firm by any Government Organisation in India. A copy of the Registration Certificate to be furnished in the RFP proposal

Interested Agency/ Firms may download the RFP document from Government of Odisha website i.e. https://panchayat.odisha.gov.in from **05:00 P.M. of 16.06.2025 to 05:00 P.M. of 01.07.2025**. The last date for submission of bid document is **04.07.2025 at 5:00 P.M**.
A pre-bid meeting shall be conducted on **11:30** hours of **dt. 23.06.2025** at Office of the Engineer- In-Chief, Rural Water Supply & Sanitation, Jal O Parimal Bhawan, Unit-V, Bhubaneswar- 751001, Odisha. Interested bidders may send their queries to cerwssodisha@gmail.com and attend the said pre-bid meeting
The RFP documents should be delivered in a sealed envelope super scribed as **"Proposal for Establishment and Operation of Grievance Management System through Call Centre"** addressed to **The Engineer-in-Chief, Rural Water Supply & Sanitation,** Jal O Parimal Bhawan, Unit - V, Bhubaneswar-751001, Phone No.0674-2395734, Fax No.0674-2394946. The Authority reserves the right to accept or reject any/all RFP without assigning any reason thereof.

Sd./- Engineer-In-Chief,
RWS&S(O)

OIPR-25003/11/0023/2526



## ODISHA HYDRO POWER CORPORATION LTD

CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No. CAD-739

No.-CHEP/TW-112 (Part File)/2142 Date: 11.06.2025

**TENDER CALL NOTICE NO.-CHEP-19/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Authorized Dealers / Authorized Distributors / Reputed Suppliers meeting eligibility criteria only for procurement of the following materials;

| Description | Cost of Tender Paper (Non-Refundable) | EMD in Rs. (Refundable) |
|---|---|---|
| Repair & Replacement of damaged Roller Bearing of Gate No.1,3 & 4 of Head Regulator, CHEP, Chiplima | Rs.2,360.00 (Rs.2,000.00 + GST@18%) | Rs.2,00,943.00 / EMD = Rs.2,010.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.13.06.2025 up to 12:30 PM of dtd.26.06.2025.

OIPR-04006/11/0090/2526 Sd/- C & P Head, CHEP, Chiplima



## ODISHA PUBLIC SERVICE COMMISSION

19, DR. P. K. PARIJA ROAD, CUTTACK-753001

**NOTICE**

No. 3981/P.S.C., Dt. 11.06.2025
(DR-IV)(2PM-01-2024-25)

**Recruitment to the post of Assistant Industries Officer**
**(Advertisement No. 08 of 2024-25)**

**No.D-108** : It is for information of all concerned that, the Written Examination for recruitment to the post of **Assistant Industries Officer**, pursuant to Advertisement No. 08 of 2024-25 will be conducted on **29.06.2025 (Sunday)** as per the programme detailed below.

| Date | Time | Paper / Subject | Subject Code to be filled up in the OMR Answer Sheet |
|---|---|---|---|
| 29.06.2025 (Sunday) | 09.30 A.M. to 11.30 A.M. | Paper-I (General English, General Awareness and General Aptitude) | 01 |
| | 01.30 P.M. to 04.30 P.M. | Paper-II (Basic Engineering) | 02 |

The PwD candiadtes will be given 20 minutes extra per hour in each session (i.e. 09.30 A.M. to 12.10 P.M. in 1st session & 01.30 P.M. to 05.30 P.M. in 2nd session).

The admitted candidates are required to download their **"Admission Certificates" and "Instructions to candidates"** from website of the Commission at www.opsc.gov.in from **24.06.2025 onwards.**

OIPR-12002/11/0248/2526 Sd./- Additional Secretary



## ODISHA PUBLIC SERVICE COMMISSION, CUTTACK

**NOTICE**

No.D-109

No. 3967/P.S.C., Dt. 10.06.2025
(IR-25-2024-25, DR-V)

**ADDENDUM TO ADVERTISEMENT NO.35 OF 2023-24 FOR RECRUITMENT TO THE POST OF ASSISTANT PROFESSORS IN DIFFERENT DISCIPLINES OF GOVT. ENGINEERING COLLEGES**

It is for information of all concerned that, the following **provisions are included beneath sub-para (h) of the para 5 relating to "Method of Selection"**.

**(I) The Written Test for Engineering/Technology Disciplines will consist of one Paper with questions from (i) General Aptitude (ii) Engineering Mathematics and (iii) Concerned subjects of GATE syllabus. The Question Paper for the Written Test will be set following the pattern of GATE.**

**(II) In respect of Basic Science and Humanities/ Management/ MCA Disciplines, the Written Test will consist of one Paper with questions from (a) Teaching/Research Aptitude & General Aptitude/Awareness of Paper-I syllabus of NET and (b) Concerned Subject syllabus of NET and the distribution of questions will be 33% & 67% respectively.**

**(III) However, any slight variation in the number of questions of different components in the Written Test will not prejudice the examination process.**

**(IV)** As no syllabus is available in respect of subject of **Automobile Engineering** in the GATE, the syllabus of the same is uploaded in the Commission's website (www.opsc.gov.in). The candidates are advised to visit the website for detailed information.

2. All other terms and conditions of the Advertisement shall remain unchanged.

OIPR-12002/11/0245/2526 Sd./- Secretary



See Career Appointment on every Wednesday & Saturday



## OFFICE OF THE SUPERINTENDING ENGINEER
## R.W.S.&S DIVISION, NUAPADA

**Govt. of Odisha "e" Procurement Notice**
E-mail: eerwssnpd@rediffmail.com
**Bid Identification No. RWS&S_05/2025-26**

No. O-271: The Superintending Engineer, R.W.S.&S Division, Nuapada on behalf of Governor of Odisha invites bids through e-procurement in double cover system in conformity with the terms & conditions of the Detailed Tender Call Notice (DTCN) from the contractor registered with the Odisha State Govt. & Contractors of equivalent grade/class registered with Central Govt./ any other State Govt./MES/Railway & Reputed Engineering firms having valid & uptodate contractors registration certificate, GST Clearance Certificate & PAN Card and possessing compatible Digital Signature Certificate as given in the DTCN to be eventually drawn up in the standard Percentage Rates (P1) contract form.

| | | |
|---|---|---|
| Nature of Work | : | Construction of additional over head tank for different PWS under Nuapada dist. |
| No. of Tender | : | 03 (Three) Nos. |
| Approx. Estimated Cost | : | Rs.58.14 and 70.64 lakhs |
| Period of Completion | : | 6 (Six) Months |
| Tender Paper Cost | : | Rs.10000/- |
| Class of Contractor | : | Class B |
| Date and time of availability of bid document in the portal | : | 19.06.2025 at 10.00 A.M. |
| Last date/time for receipt of bids in the portal | : | 30.06.2025 upto 5.00 P.M. |
| Date of Opening of bid | : | 01.07.2025 at 11.00 A.M. |

The bidders have to participate in online bidding only. Further details can be seen from the website **http://tendersorissa.gov.in**.

Sd./- (Er. P. Sahu)
Superintending Engineer,
RWSS Division, Nuapada

OIPR-25043/11/0004/2526



## OFFICE OF THE PRINCIPAL
## DHENKANAL AUTONOMOUS COLLEGE, DHENKANAL

No.DACD-EST-2025, 2134/DACD, Dated: 10.06.2025

**ADVERTISEMENT FOR EMPANELMENT OF GUEST FACULTY**

**No.CAD-737:**A walk-in-interview for empanelment of Guest Faculties in different Subjects for UG & PG wing of this College for the session 2025-26 will be held in the respective Departments as per the following schedule and Govt. Guidelines vide Letter No.26445/ HE, Dated 23.05.2025

| Sl.No. | Date | Reporting Time | Subjects |
|---|---|---|---|
| 1 | 20.06.2025 (Friday) | 10.00 AM | English, Odia, Economics, Political Science, History, Philosophy, Sanskrit, Psychology, Education & Bio-Technology |
| 2 | 21.06.2025 (Saturday) | 10.00 AM | Physics, Chemistry, Botany, Zoology, Mathematics, Computer Science, Commerce, Hindi & Sociology |

N.B.: For details please visit the College website: www.dhenkanalcollege.ac.in.

Sd./- Principal
Dhenkanal Auto. College, Dhenkanal

OIPR-11026/11/0012/2526



## OFFICE OF THE BLOCK DEVELOPMENT OFFICER, TIHIDI

INVITATION FOR BIDS (IFB)
BID IDENTIFICATION NO.01/2025-26

